(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୫/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 25/2022 Page 20 ₹ 7.00 ★★★★★★

୪୯ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 32 ମୂଲ୍ୟ₹୭/-







# ଚିନ୍ତା ବଢ଼ାଇଛି ପ୍ଲାଷ୍ଟିକ୍ ବର୍ଜ୍ୟ

## ପୌରାଞ୍ଚଳରୁ ବର୍ଷକୁ ବାହାରୁଛି ୪୫,୩୩୯.୪୦ ଟନ୍ ପ୍ଲାଷ୍ଟିକ୍

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

▪ **ସହରରେ ପଲିଥିନ୍ ହାଉଯାଉ**
▪ **ସିଏଜିଙ୍କ ଉଦ୍‌ବେଗ**

ରାଜ୍ୟରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଚିନ୍ତା ବଢ଼ାଇଲାଣି। ଯୁଆଡ଼େ ଦେଖିବ କୁଢ଼ କୁଢ଼ ପଲିଥିନ ଓ ଭଙ୍ଗା, ଫଟା ବ୍ୟବହୃତ ପ୍ଲାଷ୍ଟିକ୍। ବାହାଘର ଓ ବିଭିନ୍ନ ପର୍ବପର୍ବାଣିରେ ପ୍ଲାଷ୍ଟିକ୍, ଥର୍ମୋକୁଲର ଅତିମାତ୍ରାରେ ବ୍ୟବହାର କେବଳ ସହର ନୁହେଁ, ଗ୍ରାମାଞ୍ଚଳକୁ ମଧ୍ୟ ଆବର୍ଜନାମୟ କରିପକାଇଛି। କେବଳ ପଲିଥିନ ନୁହେଁ, ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଓ ଗୁଟ୍‌ଖା ଭର୍ତ୍ତି ହୋଇ ଆସୁଥିବା ଜରି ମଧ୍ୟ ବୋଝ ହେବାରେ ଲାଗିଛି। ରାଜ୍ୟ ସରକାର ୨୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ଉପରେ କଟକଣା ଲଗାଇଛନ୍ତି। ମାତ୍ର ଏହାକୁ କେହି ମାନୁନାହାନ୍ତି। ଆଇନ କାର୍ଯ୍ୟକାରୀ ପାଇଁ ପ୍ରଶାସନ ଡାଳେ ଡାଳେ ଗଲେ ବ୍ୟବସାୟୀ ପତ୍ରେ ପତ୍ରେ ଯାଉଛନ୍ତି। ସହରରେ ଚଢ଼ଉ ହେଲେ ଗାଁ ଗହଳିକୁ ପଲିଥିନ ପଠାଇ ଦେଉଛନ୍ତି। ଚଢ଼ଉ କମିଲେ ପୁଣି ସହରରେ ବହୁ ବ୍ୟବହାର ହେଉଛି।

ରାଜ୍ୟର ବିଭିନ୍ନ ସହରାଞ୍ଚଳରୁ ବାହାରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ଓ ଏହାର ବିଘଟନକୁ ନେଇ କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ମଧ୍ୟ ତାଙ୍କ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଥିବା ୧୧୪ ପୌରସଂସ୍ଥାରୁ ଦୈନିକ ୨୨୦୮.୬୦ ଟନ୍ (ଟିପିଡି) ବର୍ଜ୍ୟବସ୍ତୁ ବାହାରୁଛି। ସେଥିରୁ ବାର୍ଷିକ ୪୫,୩୩୯.୪୦ ଟନ୍ ପ୍ଲାଷ୍ଟିକ୍ ବାହାରୁଛି। କେବଳ ସ୍ମାର୍ଟସିଟିରୁ ୨୦୧୮-୧୯ରେ ବାର୍ଷିକ ୧୫,୨୯୨ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବାହାରୁଥିବାବେଳେ ୨୦୧୯-୨୦ରେ ତାହା ୧୭,୫୨୦ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ତେବେ କୌଣସି ପୌର ସଂସ୍ଥା ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟବେକ୍ଷଣକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା କଥା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଉଦ୍‌ବେଗର ବିଷୟ ହେଉଛି ଯେ ଏହି ପ୍ଲାଷ୍ଟିକ୍ ବର୍ଜ୍ୟକୁ ନଷ୍ଟ କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହାକୁ ମାଟିରେ ପକାଇ ଦିଆଯାଉଛି।

ଥରେ ବ୍ୟବହୃତ ପ୍ଲାଷ୍ଟିକ୍ ହଟାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମ କରିଛନ୍ତି। ଏଥିପାଇଁ ବଡ଼ ବଡ଼ କାର୍ଯ୍ୟକ୍ରମ ଆୟୋଜନ ☞ପୃଷ୍ଠା-୪



# ଭୂତଳ ଜଳ ୧.୨ ବିଲିୟନ ବର୍ଷ ପୁରୁଣା

**ଟରଣ୍ଟୋ, ୨୪।୧୨**

ମାଟି ତଳେ ରହୁଥିବା ଜୀବମାନଙ୍କ ପାଇଁ ଭୂତଳ ଜଳ ଏକ ଜରୁରୀ ଉପାଦାନ। ୱାଟର ସାଇକେଲ୍ ବା ଜଳଚକ୍ର ଦ୍ୱାରା ଏହି ଭୂତଳ ଜଳ (ଗ୍ରାଉଣ୍ଡ ୱାଟର)ର କିଛି ଭାଗ ଜଳାଶୟ ଏବଂ ଆଉ କିଛି ଭାଗ ବାୟୁ ମଣ୍ଡଳରେ ମିଶିଥାଏ । ମାଟି ତଳର ଏହି ଜଳ ଅତିବେଶିରେ କେତେଦିନ ପର୍ଯ୍ୟନ୍ତ ଜଳଚକ୍ରରେ ସାମିଲ ନ ହୋଇ ମାଟି ତଳେ ସଂରକ୍ଷିତ ଭାବେ ରହିପାରିବ ସେ ନେଇ ବିଶେଷଜ୍ଞଙ୍କ ପାଖରେ ଉତ୍ତର ନ ଥିବାବେଳେ ଦକ୍ଷିଣ ଆଫ୍ରିକାର ଏକ ଗୋଲ୍ଡ-ୟୁରାନିୟମ୍ ଖଣିରୁ ୧.୨ ବିଲିୟନ୍ ବର୍ଷ ପୁରୁଣା ଭୂତଳ ଜଳ ଠାବ କରାଯାଇଛି।

ନେଚର କମ୍ୟୁନିକେଶନ୍ ଜର୍ନାଲ୍‌ରେ ପ୍ରକାଶିତ ରିପୋର୍ଟ ମୁତାବକ ସାଉଥ୍ ଆଫ୍ରିକାର ମୋବ ଖୋଟସୋଙ୍ଗରେ ଥିବା ଗୋଲ୍ଡ-ୟୁରାନିୟମ୍ ଖଣିରୁ ଗବେଷକମାନେ ୧.୨ ବିଲିୟନ୍ ବର୍ଷର ପୁରୁଣା ଗ୍ରାଉଣ୍ଡ ୱାଟର ଆବିଷ୍କାର କରିଛନ୍ତି। ମାଟି ତଳେ ୨.୯ କି.ମି. ଗଭୀରରେ ଏହି ଜଳ ଥିବା ଦେଖାଯାଇଥିଲା। ଟରଣ୍ଟୋ ୟୁନିଭର୍ସିଟିର ଆର୍ଥ ସାଇନ୍ସ ବିଭାଗ ପ୍ରଫେସରଙ୍କ ଦ୍ୱାରା ଏହି ଅଧ୍ୟୟନ କରାଯାଇଛି। କାନାଡାରୁ ୧୦ ବର୍ଷ ପୂର୍ବେ ୧ ବିଲିୟନ୍ ବର୍ଷ ପୁରୁଣା ଭୂତଳ ଜଳ ଠାବ କରାଯାଇଥିବା ଗବେଷକ ବାରବାରା ଶେରଉଡ୍ ଲୋଲ୍ଲାର କହିଛନ୍ତି।

ୟୁରାନିୟମ୍, ଥୋରିୟମ୍, ପୋଟାସିୟମ୍ ଭଳି ରେଡିଓଆକ୍ଟିଭ୍ ଉପାଦାନଗୁଡ଼ିକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଭାରତର ଗୁପ୍ତଚର ଓ କଶ୍ମୀର**















ନୂପୁର ଶର୍ମା



# ନିଆଁ ଲଗାଇଲେ ନୂପୁର

ମେ' ୨୨ରେ ଭାଜପାର ତତ୍କାଳୀନ ରାଷ୍ଟ୍ରୀୟ ମୁଖପାତ୍ର ନୂପୁର ଶର୍ମା ଏକ ଟିଭି ଚ୍ୟାନେଲରେ ଜ୍ଞାନବାପି ମସ୍‌ଜିଦ ବିବାଦ ସମ୍ପର୍କିତ ବିତର୍କ କାର୍ଯ୍ୟକ୍ରମରେ ଭାଗନେଇ ପ୍ରଫେଟ୍ ମହମ୍ମଦଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଦିଲ୍ଲୀ ଭାଜପା ମୁଖପାତ୍ର ନବୀନ କୁମାର ଜିନ୍ଦଲ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିଲେ। ଦୁହିଙ୍କ ମନ୍ତବ୍ୟ ବିରୋଧରେ ଦେଶବ୍ୟାପୀ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ଦିଲ୍ଲୀ, ରାଞ୍ଚି ସମେତ ଉତ୍ତର ପ୍ରଦେଶର ଶାହରନପୁର, ମୋରଦାବାଦ, ପ୍ରୟାଗରାଜ, ଫିରୋଜାବାଦ, ଦେଓବନ୍ଦର ମସ୍‌ଜିଦଗୁଡ଼ିକରେ ନମାଜ ପାଠ କରିବାକୁ ଆସିଥିବା ମୁସଲମାନମାନେ ଭାଜପା ବିରୋଧୀ ସ୍ଲୋଗାନ ଦେଇଥିଲେ। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ନୂପୁର ଓ ନବୀନଙ୍କୁ ଗିରଫ କରିବା ପାଇଁ ସାରା ଦେଶର ମୁସଲମାନମାନେ ଦାବି କରୁଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ନାମକୁମାତ୍ର ମାମଲା ରୁଜୁ କରିଥିଲା। ଏହାର ପ୍ରତିବାଦରେ ନୂପୁରଙ୍କୁ ଫାଶୀ ଦେବାକୁ ଦାବି ହୋଇଥିଲା। ଭାରତରେ ଇସ୍‌ଲାମୋଫୋବିଆ(ଇସ୍‌ଲାମ ପ୍ରତି ଭୟ), ଘୃଣା ମନ୍ତବ୍ୟ ଓ ସଂଖ୍ୟାଲଘୁଙ୍କ ଉପରେ ବଢୁଥିବା ବର୍ବରତାକୁ ଦେଶବ୍ୟାପୀ ବିରୋଧ କରାଯାଇଥିଲା। ଫଳରେ ଭାଜପା ଦୁହିଙ୍କୁ ନିଲମ୍ବନ କରିବାକୁ ବାଧ୍ୟ ହୋଇଥିଲା। ଏହି କାର୍ଯ୍ୟାନୁଷ୍ଠାନକୁ ଲୋକଦେଖାଣିଆ କହି ମୁସଲମାନ ସମ୍ପ୍ରଦାୟ ଅସନ୍ତୋଷ ବ୍ୟକ୍ତ କରିଥିଲା। ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକ ନିଲମ୍ବନ ପର୍ଯ୍ୟାପ୍ତ ନୁହେଁ ବୋଲି ଦର୍ଶାଇ ଭାରତ ସରକାରଙ୍କଠାରୁ କ୍ଷମା ଦାବି କରିଥିଲେ। ଏଥିସହ ଭାରତୀୟ ସାମଗ୍ରୀଗୁଡ଼ିକୁ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ। ନୂପୁର ଓ ନବୀନଙ୍କ ପ୍ରଫେଟ୍ ମହମ୍ମଦ ବିରୋଧୀ ମନ୍ତବ୍ୟକୁ ନେଇ ୟୁଏଇ, ସାଉଦି ଆରବ, କାତାର, କୁଏଟ୍, ଓମାନ, ବାହାରିନ, ଇରାକ୍, ଇରାନ, ପାକିସ୍ତାନ, ଆଫଗାନିସ୍ତାନ ଆପତ୍ତି ଉଠାଇ ଭାରତ ଉପରେ ଚାପ ସୃଷ୍ଟି କରିଥିଲେ। ଭାଜପା ଯୋଗୁ ବିଶ୍ୱରେ ଭାରତର ଛବି କଳଙ୍କିତ ହୋଇଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମରେ ନୂପୁରଙ୍କ ସମର୍ଥନରେ ପୋଷ୍ଟ କରିଥିବା ମହାରାଷ୍ଟ୍ର ଅମରାବତୀର ଫାର୍ମାସିଷ୍ଟ ଉମେଶ କୋହଲେଙ୍କୁ ଜୁନ୍ ୨୧ରେ ହତ୍ୟା କରାଯାଇଥିଲା। ଏହାର ସପ୍ତାହେ ପରେ ରାଜସ୍ଥାନର ଧାନମଣ୍ଡି ଅଞ୍ଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଦୁଇଜଣ ବ୍ୟକ୍ତି ଟେଲର କହ୍ନେୟା ଲାଲ ତେଲିଙ୍କ ଦୋକାନକୁ ଯାଇ ତାଙ୍କ ବେକ କାଟିଦେଇଥିଲେ। କହ୍ନେୟାଙ୍କ ୮ ବର୍ଷୀୟ ପୁଅ ନୂପୁରଙ୍କ ସମର୍ଥନରେ ପୋଷ୍ଟ କରିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା।

> ବିଦାୟୀ ବର୍ଷରେ ଦେଶରେ ସର୍ବାଧିକ ବିବାଦ ସୃଷ୍ଟି ହୋଇଥିଲା ନୂପୁର ଶର୍ମାଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ। ପ୍ରୋଫେଟ୍ ମହମ୍ମଦଙ୍କ ଉପରେ ନୂପୁରଙ୍କ ଟିପ୍ପଣୀ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରି ଲୋକଙ୍କ ପ୍ରାଣହାନିର କାରଣ ହୋଇଥିଲା। ସେନାରେ ଠିକା ନିଯୁକ୍ତି ଏବଂ ଆର୍‌ଆର୍‌ବି ପରୀକ୍ଷା ନୀତି ପ୍ରତିବାଦରେ ଆଶାୟୀ ଛାତ୍ର ଟ୍ରେନ୍‌ରେ ନିଆଁ ଲଗାଇବାକୁ ପଛାଇ ନ ଥିଲେ। ସେହିପରି ବିହାର ଓ ଗୁଜରାଟ ମଦମୃତ୍ୟୁ ସାଙ୍ଗକୁ ମୋର୍‌ବି ଝୁଲାପୋଲ ଭୁଶୁଡ଼ିବା ଘଟଣାରେ ଶତାଧିକ ଲୋକଙ୍କ ଜୀବନ ଯିବା ପରେ ଜାତୀୟ ରାଜନୀତି ସରଗରମ ହୋଇଥିଲା। ସେଣ୍ଟ୍ରାଲ ଭିଷ୍ଟାର ଅଶୋକ ସ୍ତମ୍ଭରେ କ୍ରୋଧିତ ସିଂହ ଥିଲା ୨୦୨୨ର ଅନ୍ୟତମ ଚର୍ଚ୍ଚିତ ବିଷୟ, ଯାହାକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିଥିଲେ ବିରୋଧୀ।

## ଡ୍ରାଏ ଷ୍ଟେଟ୍‌ରେ ମଦମୃତ୍ୟୁ



ନୀତୀଶ କୁମାରଙ୍କ ବିହାର ଏବଂ ଭାଜପା ଶାସିତ ଗୁଜରାଟରେ ବିଷାକ୍ତ ମଦମୃତ୍ୟୁ ବିଦାୟୀ ବର୍ଷରେ ଥିଲା ଅନ୍ୟତମ ବିବାଦୀୟ ପ୍ରସଙ୍ଗ। ୨୦୧୫ରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଚାର ପାଇଁ ଯାଇଥିବାବେଳେ ମହିଳାମାନେ ରାଜ୍ୟରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଥିଲେ। ଜେଡିୟୁ-ଆର୍‌ଜେଡି ମହାମେଣ୍ଟ କ୍ଷମତାକୁ ଆସିଲେ ମଦ ବିକ୍ରି ଉପରେ ରୋକ ଲଗାଯିବ ବୋଲି ନୀତୀଶ ପ୍ରତିଶ୍ରୁତି ଦେଇଥିଲେ। ୨୦୧୬ ଏପ୍ରିଲରୁ ରାଜ୍ୟରେ ମଦ ବିକ୍ରିକୁ ନିଷିଦ୍ଧ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବାରେ ପୋଲିସ ପ୍ରଶାସନର ବିଫଳତା ଯୋଗୁ ୨୦୨୨ ଡିସେମ୍ବର ଶେଷ ଆଡ଼କୁ ସରନ, ସିୱାନ ଓ ବେଗୁସରାଇ ଜିଲାରେ ଶତାଧିକ ଲୋକ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିଲେ। ଏହା ପୂର୍ବରୁ ଜୁଲାଇ ୨୫ରେ ଡ୍ରାଏ ଷ୍ଟେଟ୍ ଗୁଜରାଟର ଅହମଦାବାଦ, ବୋଟାଡ୍ ଓ ସୁରେନ୍ଦ୍ରନଗର ଜିଲାରେ ମଧ୍ୟ ବିଷାକ୍ତ ମଦ ୪୨ ଜଣଙ୍କ ଜୀବନ ନେଇଥିଲା।

## ଅଗ୍ନିପଥ: ସେନାରେ ଠିକା ନିଯୁକ୍ତିକୁ ବିରୋଧ

ଭାରତୀୟ ସେନାର ୩ ବାହିନୀରେ ଠିକା ନିଯୁକ୍ତି ଲାଗି ଜୁନ୍ ୧୫ରେ କେନ୍ଦ୍ର ସରକାର 'ଅଗ୍ନିପଥ' ନାମରେ ଆଣିଥିବା ଯୋଜନାକୁ ଦେଶର ବିଭିନ୍ନ ଭାଗରେ ବିରୋଧ କରାଯାଇଥିଲା। ନିଯୁକ୍ତି ଆଶାୟୀ ଯୁବଗୋଷ୍ଠୀଙ୍କୁ ସରକାର ବୋକା ବନାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ୪ ବର୍ଷ ସେନାରେ ନିଯୁକ୍ତି ପରେ ସେମାନେ କ'ଣ କରିବେ ବୋଲି ଆଶାୟୀମାନେ ପ୍ରଶ୍ନ କରିଥିଲେ। ବିହାର, ଉତ୍ତର ପ୍ରଦେଶ ସମେତ ଦେଶର ବିଭିନ୍ନ ଭାଗରେ ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବିକ୍ଷୋଭକାରୀ ବହୁ ସ୍ଥାନରେ ଟ୍ରେନ୍ ପୋଡ଼ି, ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳିଥିଲା। ବିରୋଧୀ ଦଳଗୁଡ଼ିକ ଏହାକୁ କୁହାଳିଆ ନେତାଙ୍କ ଭୁଆଁବୁଲା ଯୋଜନା ଆଖ୍ୟା ଦେଇଥିଲେ।



## ଅଶୋକ ସ୍ତମ୍ଭରେ କ୍ରୋଧିତ ସିଂହ



ଜୁଲାଇ ୧୨ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ସେଣ୍ଟ୍ରାଲ ଭିଷ୍ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଶୋକ ସ୍ତମ୍ଭ ଅନାବରଣ କରିଥିଲେ। ଉକ୍ତ ସ୍ତମ୍ଭରେ ଥିବା ସିଂହ କ୍ରୋଧିତ ଦେଖାଯାଉଥିବାରୁ ଭାଜପା ସରକାର ଜାତୀୟ ପ୍ରତୀକକୁ ବିକୃତ କରିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ସିଂହର ଚିତ୍ର ଓ ଚରିତ୍ରରେ ଏଭଳି ମୌଳିକ ପରିବର୍ତ୍ତନକୁ କଂଗ୍ରେସ ସମଗ୍ର ଦେଶ ପ୍ରତି ଅପମାନ ବୋଲି କହିଥିଲା।

## ମହାମାରୀ ବେଳେ ବିଶ୍ୱଶର୍ମାଙ୍କ ଦୁର୍ନୀତି



କୋଭିଡ୍-୧୯ ମହାମାରୀ ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ (ପିପିଇ) କିଟ୍ସ ଯୋଗାଣ ପାଇଁ ମୋଟ ୪ଟି କମ୍ପାନୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଡର ଦିଆଯାଇଥିଲା। ସେଥିରୁ ୩ କମ୍ପାନୀ ସହ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ଶର୍ମାଙ୍କ ସମ୍ପର୍କ ଥିବା ଅଭିଯୋଗ ହୋଇଥିଲା। ବିଶ୍ୱଶର୍ମାଙ୍କ ପ୍ରଭାବ ଓ ହସ୍ତକ୍ଷେପ ଯୋଗୁ ଆସାମର ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍)କୁ ଏହି ୩ କମ୍ପାନୀ ବଜାର ମୂଲ୍ୟଠାରୁ ଚଢ଼ା ଦରରେ ଡାକ୍ତରୀ ଉପକରଣ ଯୋଗାଇଦେଇଥିଲେ ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଆଧାରରେ ଏକ ନ୍ୟୁଜ୍ ୱେବ୍‌ସାଇଟ୍‌ରେ ରିପୋର୍ଟ ପ୍ରକାଶ ପାଇଥିଲା। ଜୁନ୍ ୩ରେ ଏହି ଦୁର୍ନୀତି ପଦାକୁ ଆସିବା ପରେ ଆସାମ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିଲା।

## ପିଏଫ୍‌ଆଇ ନିଷିଦ୍ଧ

କଠୋରପନ୍ଥୀ ସଙ୍ଗଠନ ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)କୁ କେନ୍ଦ୍ର ସରକାର ସେପ୍ଟେମ୍ବର ୨୮ରେ ୫ ବର୍ଷ ପାଇଁ ନିଷିଦ୍ଧ ଘୋଷଣା କରିଥିଲେ। ଦେଶବ୍ୟାପୀ ଚଢ଼ାଉ କରି ୨୭୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଭଳି ବୈଶ୍ୱିକ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ କରାଯିବାର ଦିନକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ପିଏଫ୍‌ଆଇ ସମେତ ଏହାର ସହଯୋଗୀ ସଙ୍ଗଠନ ରିହାବ୍ ଇଣ୍ଡିଆ ଫାଉଣ୍ଡେଶନ ଏବଂ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆକୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ବ୍ୟାନ୍ କରାଯିବା ପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ୧୬ ବର୍ଷ ପୁରୁଣା ଏହି ସଙ୍ଗଠନକୁ ପିଏଫ୍‌ଆଇ ନିଜ ଆଡୁ ଭଙ୍ଗ କରିଥିଲା।




## ମୋର୍‌ବି ଝୁଲାପୋଲ ଭୁଶୁଡ଼ି ୧୩୫ ମୃତ



ଅକ୍ଟୋବର ୩୦ରେ ଗୁଜରାଟର ମୋର୍‌ବିସ୍ଥିତ ମାଛୁ ନଦୀରେ ଶତାଧିକ ବର୍ଷ ପୁରୁଣା ସସ୍ପେନ୍‌ସନ ବ୍ରିଜ୍ ଭୁଶୁଡ଼ିପଡ଼ିଥିଲା। ଏଥିଯୋଗୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଲୋକ ଆହତ ହୋଇଥିଲେ। ବ୍ରିଟିଶ ଅମଳର ଜୁଲ୍‌ଟୋ ବ୍ରିଜ୍ ଦୁର୍ବଳ ହୋଇଯିବାରୁ ଏହାର ମରାମତି କରାଯାଇଥିଲା। ପୁନଃ ନିର୍ମାଣ ପରେ ଅକ୍ଟୋବର ୨୬ରେ ଏହାକୁ ପୁନର୍ବାର ଖୋଲାଯାଇଥିଲା। ବ୍ରିଜ୍ ଭୁଶୁଡ଼ିବା ପରେ ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରିଥିଲେ।

## ଟେକ୍ ଫଗ୍: ଭାଜପାର ଘୃଣା ବିସ୍ତାର ଅସ୍ତ୍ର

ଜାନୁୟାରୀ ୭ରେ ଭାଜପା ଆଇଟି ସେଲ୍ ବିରୋଧରେ ଆସିଥିଲା ସାଂଘାତିକ ଅଭିଯୋଗ। ଆଇଟି ସେଲ୍ ଦଳର କୃତ୍ରିମ ଲୋକପ୍ରିୟତା ବୃଦ୍ଧି ଓ ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ 'ଟେକ୍ ଫଗ୍' ନାମରେ ଏକ ସ୍ୱତନ୍ତ୍ର ଆପ୍ଲିକେଶନ ବିକଶିତ କରି ଏହା ଜରିଆରେ ଫେସ୍‌ବୁକ୍ ଓ ଟୁଇଟର ସମେତ ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ଉଦ୍ୟମ କରିଥିଲା। ଭାଜପାକୁ ସମାଲୋଚନା କରୁଥିବା ୟୁଜର୍ସ ବିଶେଷକରି ମହିଳା ଖବରଦାତାଙ୍କୁ ଧମକ ଦେଇ ହଇରାଣ କରିବା ପାଇଁ ଟେକ୍ ଫଗ୍ ଏକ ଅସ୍ତ୍ର ପାଲଟିଥିଲା।




## ଟ୍ରେନ୍ ପୋଡ଼ିଲେ ଉତ୍ତ୍ୟକ୍ତ ଛାତ୍ର

ଜାନୁୟାରୀ ୨୬ରେ ସାରା ଦେଶ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ରେଲୱେ ରିକ୍ରୁ୍ୟଇଟ୍‌ମେଣ୍ଟ ବୋର୍ଡ (ଆର୍‌ଆର୍‌ବି)ର ଦୁଇ-ପରୀକ୍ଷା ନୀତିକୁ ନେଇ ବିହାରରେ ତୁମୁଳକାଣ୍ଡ ଭିଆଇଥିଲେ ଉତ୍ତ୍ୟକ୍ତ ଛାତ୍ର। ବିକ୍ଷୋଭ ବେଳେ ଗୟାରେ ସେମାନେ ଏକ ଟ୍ରେନ୍‌ରେ ନିଆଁ ଲଗାଇଦେଇଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଜଳାପୋଡ଼ା ଓ ଭଙ୍ଗାରୁଜା କରି ଅଚଳାବସ୍ଥା ସୃଷ୍ଟି କରିଥିଲେ। ପୋଲିସ ଯାହାକୁ ପାରିଲା ତାହାକୁ ଲାଠିମାଡ଼ କରି ଗିରଫ କଲା। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଆଇଏସ୍‌ଏ) ଏବଂ ଅନ୍ୟ ଛାତ୍ର ସଙ୍ଗଠନଗୁଡ଼ିକ ଏହାକୁ କେନ୍ଦ୍ରର ଚକ୍ରାନ୍ତ କହି ବିହାର ବନ୍ଦ ପାଇଁ ଡାକରା ଦେଇଥିଲେ।




MARUTI SUZUKI ARENA
Exchange OFFER
ଅପଗ୍ରେଡ୍ କରନ୍ତୁ
ଆରାମର ସହିତ। ଯାତ୍ରା କରନ୍ତୁ ଥାଟର ସହିତ।
ଆକର୍ଷଣୀୟ ଅଫର୍‌ର ଲାଭ ଉଠାନ୍ତୁ ଏବଂ ଆପଣଙ୍କ ପୁରୁଣା କାର ବଦଳରେ ଗୋଟିଏ
ନୂତନ ମାରୁତି ସୁଜୁକୀ ଏରିନା କାର ଘରକୁ ନେଇ ଆସନ୍ତୁ ।
7 DAYS TO GO
BIG SAVINGS
ALTO ₹72 000* S-PRESSO ₹80 100* WAGONR ₹67 000*
CELERIO ₹65 100* ALTO K10 ₹82 000*
FINANCE OFFERS
100%^ ON-ROAD FUNDING AVAILABLE
EMI STARTING FROM ₹799^ –PER LAKH–
UPGRADE from 2 WHEELER to 4 WHEELER*
LIMITED STOCK ONLY
BEAT THE PRICE HIKE
ALTO S-PRESSO WAGONR CELERIO ALTO K10
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in
TUSHI MOTORS
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.
ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.
JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.
NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.
PURI HIGHWAY PIPILI: 9583022013.
SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.
*Offer includes consumer offer, exchange bonus, institutional offer or rural offer, 2 ka 4 wheeler offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2022.

**ଆଜିର ମନ୍ତବ୍ୟ**

"ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ପ୍ରତ୍ୟେକ ଦେଶ ମିଳିତ ଭାବେ ଉଦ୍ୟମ କରିବା ଜରୁରୀ।
- ଜଗଦୀପ ଧନ୍‌କର, ଉପରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ଭାଇ ସେତେ ଘର
ଯେତେ କନିଆ ସେତେ ବର ।**

ବଂଶ ବୃଦ୍ଧି ହେଲେ ପରିବାର ବୃଦ୍ଧି ହୁଏ। ଯାହାର ଯେତେ ସନ୍ତାନ ତା' ପାଇଁ ସେତେ ଘର ଲୋଡ଼ା। ପିଲାଦିନର ଭାଇ ଭାଇ ସମ୍ପର୍କ ହୁଏତ ବଡ଼ବେଳକୁ ରହି ନ ପାରେ। ସମ୍ପତ୍ତିବାଡ଼ିକୁ ନେଇ ମତପାର୍ଥକ୍ୟ ଦେଖାଦେଇପାରେ, ଫଳସ୍ୱରୂପ ଭିନ୍ନ ଘରର ଆବଶ୍ୟକତା ଦେଖାଦେଇଥାଏ। ସେହିପରି ଝିଅଟିଏକୁ ବାପା ମା' କାଖେଇ କୋଳେଇ ବଡ଼ କରନ୍ତି। ଶେଷରେ ସେ ବୋହୂ ହୋଇଯାଏ ଆଉ ଗୋଟିଏ ଘରକୁ। ପ୍ରତ୍ୟେକ ନାରୀ ପାଇଁ ଜଣେ ପୁରୁଷ ଖଞ୍ଜାହୋଇ ରହିବା ସଂସାର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯହିଁ ନ ଥିବ ରକତ ମିଶା
ତହିଁ ନ ଥିବ ସାଇପଡ଼ିଶା ।**

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜ ଭିତରେ ଚଳିବାକୁ ହେଲେ ତାକୁ ନିଜ ଜ୍ଞାତି କୁଟୁମ୍ବ ତଥା ସାଇପଡ଼ିଶାଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ନିଜ ସୁଖ ଦୁଃଖରେ ଏହି ଆତ୍ମୀୟମାନେ ହିଁ ପାଖରେ ଛିଡ଼ା ହୁଅନ୍ତି ଓ ସାହା ଭରସା ହୋଇଥାନ୍ତି। ତେବେ ଯେଉଁ ଗ୍ରାମରେ ବା ଅଞ୍ଚଳରେ ଆପଣାର କୁଟୁମ୍ବ ନ ଥାନ୍ତି ସେଠାକାର ପଡ଼ୋଶୀମାନେ କେବେ ନିଜର ହୋଇପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବର୍ଷକରେ ୧୩୩ଙ୍କୁ ଗିରଫ କରିଛି ଏସ୍‌ଟିଏଫ୍

### ନିଶା କାରବାର, ବନ୍ୟପ୍ରାଣୀ ଚାଲାଣ, ଜାଲ୍ ନୋଟ୍ ରାକେଟ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ରାଜ୍ୟରେ ନିଶା କାରବାର, ବନ୍ୟପ୍ରାଣୀ ଚୋରା ଚାଲାଣ, ଜାଲ୍ ନୋଟ୍ ରାକେଟ ରୋକିବାକୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଚଳିତ ବର୍ଷ ଏସ୍‌ଟିଏଫ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩୩ ଅପରାଧୀଙ୍କୁ ଗିରଫ କରିଛି। ୭୫ଟି ଆପରାଧିକ ମାମଲାରେ ଗିରଫ ଏହି ଅପରାଧୀଙ୍କ ଘର ଓଡ଼ିଶା ସମେତ ରାଜସ୍ଥାନ, ବିହାର, ମହାରାଷ୍ଟ୍ର ଆଦି ରାଜ୍ୟରେ ବୋଲି କ୍ରାଇମବ୍ରାଞ୍ଚ ଏସଟିଏଫ୍‌ର ବାର୍ଷିକ ରିପୋର୍ଟରୁ ଜଣାପଡିଛି। ୨୨ କେଜି ବ୍ରାଉନସୁଗାର (ଆନୁମାନିକ ମୂଲ୍ୟ ୨୨ କୋଟିରୁ ଅଧିକ), ୨୫୨୪ କେଜି ଗଞ୍ଜେଇର (ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ), ୨୦୨ ଗ୍ରାମ କୋକେନ, ୫୧୭ ଗ୍ରାମ ଅଫିମ ଓ ନଗଦ ୬୫ ଲକ୍ଷ ଟଙ୍କା ଜବତ ହୋଇଥିବାବେଳେ ନିଶା ବେପାରୀଙ୍କ ୧୨ କୋଟି ୮୫ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। ଅନ୍ୟପଟେ ୨୨ କେଜି ବ୍ରାଉନସୁଗାର, ୩୮ କୁଇଣ୍ଟାଲ ଗଞ୍ଜେଇ ନଷ୍ଟ କରିଛି ଏସ୍‌ଟିଏଫ୍। ସେହିଭଳି ୧୪ କଲରାପତରିଆ ବାଘ ଛାଲ, ଗୋଟିଏ ମହାବଳ ବାଘ ଛାଲ, ୯ଟି ଜୀବନ୍ତ ବଜ୍ରକାପ୍ତା, ୨୨ କେଜି ବଜ୍ରକାପ୍ତା କାତି, ୧୪ଟି ହାତୀ ଦାନ୍ତ, ୨ଟି ବାଘ ଦାନ୍ତ, ୨୯ଟି ବାଘ ନଖ, ୧୮୯ ଗାଈ, ୧୯୨୦ ବୋତଲ କପ୍‌ସିରଫ ଜବତ ହୋଇଛି। ଏହାସହ ୧୪ଟି ଚୋରା ବନ୍ଧୁକ, ୬୦ଟି ଗୁଳି ଓ ୮ ଟି ମାଗାଜିନ ସହ ୪୭ ଲକ୍ଷ ୪୩ ହଜାର ଟଙ୍କାର ନକଲି ନୋଟ୍, ୩୩୮ ଟନ୍ କଠିନ ପୋଡା କୋଇଲା, ୭୩୦ ଟନ୍ କ୍ରୋମାଇଟ, ୭୨ ଟନ୍ କୋଇଲା , ୩୧ ଟନ୍ ଅଷ୍ଟ୍ରେଲିଆନ କୋଇଲା ଜବତ କରିବାରେ ସକ୍ଷମ ହୋଇଛି ଏସ୍‌ଟିଏଫ୍।

ଅପରପକ୍ଷରେ ଓଡିଶା ପୋଲିସ ୧୧୬୨ କୁଇଣ୍ଟାଲ ଗଞ୍ଜେଇ, ୪୭ କେଜି ବ୍ରାଉନସୁଗାର ଓ ୪୦ ହଜାର କପ୍ ସିରଫ ବୋତଲ ଜବତ କରିଛି। ସେହିପରି ୩୩ କୋଟିର ସମ୍ପତ୍ତି ବାଜ୍ୟାପ୍ତ କରିଛି। ଏହାସହ ୬୫୮ କୁଇଣ୍ଟାଲ ଗଞ୍ଜେଇ ଓ ୨୭ କେଜି ବ୍ରାଉନସୁଗାର ନଷ୍ଟ କରାଯାଇଛି। ସେହିଭଳି ୨୩ ହଜାର ୭୨୪ ଏକର ଜମିରେ ବେଆଇନ ଗଞ୍ଜେଇ ଚାଷକୁ ପୋଡି ନଷ୍ଟ କରାଯାଇଥିବା ଏସ୍‌ଟିଏଫ ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

# 'ରାଉରକେଲାର ସମସ୍ୟା ସମାଧାନ ନ ହେବା ଯାଏ ଲଢ଼େଇ ଜାରି ରହିବ'

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ହୋର୍ଡିଂ ଉପରେ ଚଢି ଆତ୍ମହତ୍ୟା ଉଦ୍ୟମ ପରେ ଚିକିତ୍ସିତ ହେଉଥିବା ସାମାଜିକ କର୍ମୀ ରାଉରକେଲାର ମୁକ୍ତିକାନ୍ତ ବିଶ୍ୱାଳ ଶନିବାର କ୍ୟାପିଟାଲ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ମାନସିକ ସ୍ଥିତି ଠିକ ନ ଥିବାରୁ ତାଙ୍କୁ ହସ୍ପିଟାଲରୁ ସିଧା ଟ୍ରେନ ଯୋଗେ ନିଜ ଘର ରାଉରକେଲାକୁ ନିଆଯାଉଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୁକ୍ତିକାନ୍ତଙ୍କ ସହ ତାଙ୍କ ଭାଇ ଓ ୨ ଜଣ ପୋଲିସ କର୍ମଚାରୀ ରହିଛନ୍ତି। ତାଙ୍କୁ ଘରେ ଛାଡ଼ିବା ପରେ ପୋଲିସ କର୍ମଚାରୀମାନେ ଭୁବନେଶ୍ୱର ଫେରିଆସିବେ। ତେବେ ଡିସଚାର୍ଜ ପରେ ମୁକ୍ତିକାନ୍ତ କହିଛନ୍ତି, ରାଉରକେଲାବାସୀଙ୍କ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଲଢେଇ ଜାରି ରହିବ। ଦରକାର ପଡିଲେ ଭୁବନେଶ୍ୱର ଆଉଥରେ ଆସିବାକୁ ପଡିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ରେ ରାଉରକେଲା ଗସ୍ତରେ ଯାଇଥିବାବେଳେ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରି ନ ଥିବାରୁ ସେ ସଂପର୍କରେ ମନେ ପକାଇ ଦେବାକୁ ମୁକ୍ତିକାନ୍ତ ପଦଯାତ୍ରାରେ ଭୁବନେଶ୍ୱର ଆସିଥିଲେ। ସେ ରାଉରକେଲାରୁ ସମ୍ପୂର୍ଣ୍ଣ ହୋଇ ନ ଥିବା ପ୍ରକଳ୍ପର ମଡ଼େଲକୁ କାନ୍ଧରେ ବୋହି ଚାଲି ଚାଲି ଏଠାରେ ପହଞ୍ଚିବା ପରେ ନବୀନ ନିବାସ ଅଭିମୁଖେ ବାହାରିଥିଲେ। ହେଲେ ଶିଶୁ ଭବନ ଛକରେ ତାଙ୍କୁ ପୋଲିସ ଅଟକାଇବାରୁ ସେ ସେଠାରେ ଧାରଣାରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ୭ ଦିନ ଅପେକ୍ଷା କରିବା ପରେ ଅନୁମତି ନ ମିଳିବାରୁ ଶେଷରେ ନିରାଶ ହୋଇ ମୁକ୍ତିକାନ୍ତ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶିଶୁ ଭବନ ଛକ ନିକଟରେ ଥିବା ଏକ ୫୦ଫୁଟ ଉଚ୍ଚର ହୋର୍ଡିଂ ଉପରକୁ ଚଢିଯାଇଥିଲେ। ଦେହରେ ଡିଜେଲ ଢାଳି ଆତ୍ମାହୁତି ଉଦ୍ୟମ ଦେବା ସହ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ତେବେ ଦୀର୍ଘ ସାଢେ ୪ ଘଣ୍ଟାର କସରତ ପରେ ଅଗ୍ନିଶମ ବାହିନୀ ଓ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଥିଲା।

**ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ମୁକ୍ତିକାନ୍ତ, ଘରକୁ ଗଲେ**



# ୩ ମୃତ ବିଦେଶୀ ପକ୍ଷୀ ଜବତ, ନାବାଳକ ଧରାପଡ଼ିଲେ

ଟାଙ୍ଗୀ(ଖୋର୍ଦ୍ଧା),୨୪।୧୨(ଡି.ଏନ୍.ଏ.)

ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ନିମୁନା ଗ୍ରାମରେ ଶନିବାର ବିଭାଗୀୟ କର୍ମଚାରୀ ଚଢ଼ାଉ କରି ୩ଟି ମୃତ ବିଦେଶୀ ପକ୍ଷୀ ଜବତ କରିଛନ୍ତି। ପକ୍ଷୀ ଶିକାରରେ ସମ୍ପୃକ୍ତି ଥିବା ନେଇ +୨ ରେ ପଢୁଥିବା ଜଣେ ନାବାଳକ ଧରାପଡ଼ିଛନ୍ତି। ସୂଚନା ମୁତାବକ, ନାବାଳକ ଜଣଙ୍କ ଚିଲିକାରେ ଫାଶ ବସାଇ ପକ୍ଷୀ ଶିକାର କରିବା ସହ ବିକ୍ରି କରି ଅର୍ଥ ରୋଜଗାର କରିଥାନ୍ତି। ତେବେ ଶନିବାର ସମ୍ପୃକ୍ତ ନାବାଳକ ପକ୍ଷୀଗୁଡ଼ିକୁ ବିକ୍ରି କରିବା ପାଇଁ ଯାଉଥିବା ବେଳେ ବନ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ।

**ପ୍ରଥମ ପୃଷ୍ଠାରୁ...**

### ଚିନ୍ତା ବଢ଼ାଇଛି ....

ହୋଇ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ଏହାର ପ୍ରଭାବ ଲକ୍ଷ୍ୟ କରାଯାଉନାହିଁ। ପୌର ସଂସ୍ଥାଗୁଡ଼ିକ କଟକଣାକୁ ଠିକ୍ ଭାବେ ପାଳନ କରୁ ନ ଥିବାରୁ ଏବେ ସମସ୍ତଙ୍କ ହାତରେ ପଲିଥିନ ଦେଖିବାକୁ ମିଳୁଛି। ସେହିଭଳି ପ୍ଲାଷ୍ଟିକ୍ ପାଣି ବୋତଲ, ବିଭିନ୍ନ କ୍ଷୀର ପ୍ୟାକେଟ ଜରି ସହରାଞ୍ଚଳରେ ଏଣେତେଣେ ପଡୁଛି। କିଛିଦିନ ତଳେ ବିଏମ୍‌ସି କର୍ତ୍ତୃପକ୍ଷ କ୍ଷୀର ଜରିକୁ ଘରକୁ ଘର ବୁଲି ସଂଗ୍ରହ ପାଇଁ ଘୋଷଣା କରିଥିଲେ। ହେଲେ ସେହି ଘୋଷଣା ବି ଘୋଷଣାରେ ହିଁ ରହିଗଲା।

ସହରାଞ୍ଚଳରୁ ବାହାରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ନାଳନର୍ଦ୍ଦମା ଜାମ୍ ହେବା ସହିତ ମୃତ୍ତିକା ପ୍ରଦୂଷିତ ହେବାରେ ଲାଗିଛି। ଏହାକୁ ଖାଇ ଗୋରୁ ବି ମୃତ୍ୟୁମୁଖରେ ପଡୁଛନ୍ତି। ଯେପର୍ଯ୍ୟନ୍ତ ନିମ୍ନମାନର ପ୍ଲାଷ୍ଟିକ ଉତ୍ପାଦନ ବନ୍ଦ ନ ହୋଇଛି ସେପର୍ଯ୍ୟନ୍ତ ପ୍ଲାଷ୍ଟିକକୁ ରୋକିବା ସହଜ ହେବ ନାହିଁ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି।

ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ରେ ୫ ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସହିତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷେଧ ଘୋଷଣା କରିଥିଲେ। ଏହାର ଠିକ୍ ବର୍ଷେ ପରେ ୨୦୧୯ ଅକ୍ଟୋବର ୨ରୁ ରାଜ୍ୟର ସମସ୍ତ ୧୧୪ ସହରାଞ୍ଚଳରେ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ସହିତ ୨୦୦ ମିଲିଲିଟରରୁ କମ୍ ପାଣି ବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ୍ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟ୍‌ଡୋର୍ କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମ କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେହି ଅଧିକାରୀମାନେ ପରିବେଶ(ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡବିଧାନ କରିପାରିବେ। କଟକଣା ଲାଗୁ ହେବାର କିଛି ମାସ ମଧ୍ୟରେ ଧରପଗଡ଼ ଜୋରଦାର ହୋଇଥିଲା। ବ୍ୟବସାୟୀମାନେ ଜରିମାନା ଭୟରେ ପଲିଥିନ ବ୍ୟବହାର ବନ୍ଦ କରି ଦେଇଥିଲେ। ଜନସାଧାରଣ ପଲିଥିନ ବଦଳରେ ବ୍ୟାଗ୍ ନେବାକୁ ପସନ୍ଦ କରୁଥିଲେ। କରୋନା ମହାମାରୀ ସଂକ୍ରମଣକୁ ଦେଖି ରାଜ୍ୟରେ ଲକ୍‌ଡାଉନ ଓ ଶଟଡାଉନ ଜାରି ହେଲା। ଏହା ପରେ ପଲିଥିନ ବ୍ୟବହାର ବହୁପରିମାଣରେ ବଢ଼ିଯାଇଛି। ଭୁବନେଶ୍ୱରର ବ୍ୟବସାୟୀ ରଘୁନାଥ ସାହୁ କହିଛନ୍ତି, ଗ୍ରାହକମାନେ ସାମଗ୍ରୀ ନେବାକୁ ପଲିଥିନ ମାଗୁଛନ୍ତି। ପଲିଥିନ ନ ଦେଲେ ଅନ୍ୟ ଦୋକାନକୁ ଚାଲି ଯାଉଛନ୍ତି। ପଲିଥିନ ଉତ୍ପାଦନ ହେଉଥିବାରୁ ବଜାରରେ ମିଳୁଛି। ଆମେ ବାଧ୍ୟ ହୋଇ ଆଣୁଛୁ। ପଲିଥିନ ଉତ୍ପାଦନ ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଗ୍ରାହକ ଚୈତନ୍ୟ ପ୍ରଧାନ କହିଛନ୍ତି, ହଠାତ୍ ବାହାରୁ ଜିନିଷ ନେବାକୁ ପଡୁଥିବାରୁ ପଲିଥିନ ବ୍ୟବହାର ବଢ଼ିଛି। ଆଗରୁ ଧରପଗଡ଼ ହେଉଥିବାରୁ ବ୍ୟବସାୟୀ ପଲିଥିନ ଦେବାକୁ ମନା କରୁଥିଲେ। ଆମେ ବ୍ୟାଗ୍ ନେଉଥିଲୁ। ଏବେ ସବୁଆଡ଼େ ପଲିଥିନରେ ଲୋକମାନେ ଜିନିଷପତ୍ର ନେଉଛନ୍ତି। ଏପରି କି ଖାଦ୍ୟ ପଦାର୍ଥ ମଧ୍ୟ ପଲିଥିନରେ ଯାଉଛି। ପରିବେଶ ପାଇଁ ବିପଦ ଥିବାରୁ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। କଡ଼ା କାର୍ଯ୍ୟାନୁଷ୍ଠାନ ନ ହେଲେ ପଲିଥିନ ବ୍ୟବହାର ବନ୍ଦ ହେବ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି, ଲୋକମାନେ ପଲିଥିନର ପ୍ରତିକୂଳ ପ୍ରଭାବ ବିଷୟରେ ସଚେତନ ହେବା ଦରକାର। ଏହାକୁ କଡ଼ାକଡ଼ି ଲାଗୁ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ କୁହାଯାଇଛି।

### ଭୂତଳ ଜଳ ୧.୨ ...

ଯେତେବେଳେ ତରଳ ପଦାର୍ଥ ବା ପଥରରେ ରହିଥାନ୍ତି ସେ ସମୟରେ ସେମାନଙ୍କଠାରୁ ବାହାରୁଥିବା ଆଲ୍‌ଫା, ବିଟା ଏବଂ ଗାମା ରଶ୍ମି ପରସ୍ପରକୁ ରେପେଲ (ଠେଲାପେଲା) କରନ୍ତି, ଯାହାକୁ ରେଡିଓଜେନିକ୍ ରିଆକ୍ସନ କୁହାଯାଏ। ତେବେ ମୋଆବ ଖୋଟସୋଙ୍ଗ ଖଣିରୁ ବିଶେଷଜ୍ଞମାନେ ପ୍ରଚୁର ପରିମାଣର ରେଡିଓଜେନିକ୍ ଉପାଦାନ ହିଲିୟମ୍, ନିଅନ, ଆର୍ଗନ୍ ଓ ଜେନନ ମିଳିଥିଲା। ଏହି କଣିକା ସବୁ ଭୂତଳଜଳ ଜଳ କଣିକାକୁ ଭାଙ୍ଗି ବହୁଳମାତ୍ରାରେ ହାଇଡ୍ରୋଜେନ୍ ବାହାର କରିଥିବା ଗବେଷକମାନେ ଲକ୍ଷ୍ୟ କରିଥିଲେ। ଏହାପରେ ମାଟି ତଳେ ଜଳର ଆଶଙ୍କା କରି ଗବେଷକମାନେ ଏ ନେଇ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଦେଲେ। ଏହାପରେ ସେମାନଙ୍କୁ ଖଣି ତଳୁ ଜଳର ସନ୍ଧାନ ମିଳିଥିଲା।

# କମିଲା ଶୀତ: ୨୬ରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଓଡ଼ିଶା ଉପକୂଳରେ ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ରାଜ୍ୟକୁ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଏବଂ ୨୬ ତାରିଖରେ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ରାତ୍ରିର ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ବଢ଼ିବା ସମ୍ଭାବନା ରହିଛି। ଗୁରୁଚାପ ପ୍ରଭାବରେ ରାଜ୍ୟରେ ଶୀତ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଶନିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୮, ଦାରିଙ୍ଗବାଡ଼ି ୯.୫, ଅନୁଗୋଳ ୧୦.୬, ନବରଙ୍ଗପୁର ୧୧, ଭବାନୀପାଟଣା ୧୦.୨, ଝାରସୁଗୁଡ଼ା ୧୧.୪, କେନ୍ଦୁଝର ୧୧.୩, ସୁନ୍ଦରଗଡ଼ ୧୧.୫ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୧.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁରପୁରୀ, ଖୋର୍ଦ୍ଧା, ଭଦ୍ରକ, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡା, ଗଞ୍ଜାମ, କନ୍ଧମାଳ ଜିଲାର କେତେକ ସ୍ଥାନରେ କୁହୁଡି ହେବାର ସମ୍ଭାବନା ରହିଛି ।

**୧୧ଡିଗ୍ରୀ ତଳେ ୧୦ ସହର**

# ଧର୍ମ ପରିବର୍ତ୍ତନକୁ ନେଇ ଉତ୍ତେଜନା

ବାହାନଗା,୨୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ପଞ୍ଚାୟତର କୁଆଁତାରା ଆଦିବାସୀ ସାହିରେ ଧର୍ମ ପରିବର୍ତ୍ତନକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ଯୁବକମାନେ ପହଞ୍ଚି ଧର୍ମ ପରିବର୍ତ୍ତନ କରୁଥିବା ୪ ବ୍ୟକ୍ତିଙ୍କୁ କାବୁ କରି ପୋଲିସ୍‌କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଆଦିବାସୀ ସାହିର ୩ ପରିବାର କିଛି ମାସ ପୂର୍ବେ ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଭିନ୍ନ ଧର୍ମ ଗ୍ରହଣ କରିଥିଲେ। ଶନିବାର ଅପରାହ୍ନରେ ବାହାରୁ ଆସିଥିବା କେତେଜଣ ଧର୍ମ ଗୁରୁ ଓ ବ୍ୟକ୍ତି ସେହି ସାହିର ଆଦିବାସୀମାନଙ୍କୁ ନିକଟସ୍ଥ ଏକ ପୋଖରୀ ପାଣି ଭିତରକୁ ନେଇ ଧର୍ମ ପରିବର୍ତ୍ତନ କରିବା ପାଇଁ ଶପଥ କରାଉଥିଲେ। ଏହି ସମୟରେ ପୋଖରୀ ମାଲିକଙ୍କ ପୁଅ ଫଟୋ ଉଠାଇବାରୁ ଧର୍ମ ପରିବର୍ତ୍ତନ କରୁଥିବା ଆଦିବାସୀମାନେ ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଫଟୋ ଉଠାଉଥିବା ଯୁବକ ଜଣକ ତାଙ୍କ ସାଙ୍ଗମାନଙ୍କୁ ଜଣାଇବାରୁ ସେମାନେ ପହଞ୍ଚି ୪ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ସେଠାରୁ ଖସି ପଳାଇଥିଲେ। ପରେ ପୋଲିସ୍ ପହଞ୍ଚି ଅଟକ ଥିବା ୪ ଜଣଙ୍କୁ ଖନ୍ତାପଡ଼ା ଥାନାକୁ ଆଣି ପଚରାଉଚରା କରୁଛି।

# ଲୋଭ ଦେଖାଇ ଠକିନେଲେ ଚାଷୀଙ୍କ ୯ ଲକ୍ଷ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ଥାନା ଶିଳିପଥର ଗ୍ରାମର ଏମ୍ ଲକ୍ଷ୍ମଣ ନାମକ ଜଣେ ଯୁବଚାଷୀ ଠକେଇର ଶିକାର ହୋଇଛନ୍ତି। ଟଙ୍କା ଲଗାଇଲେ ଅଧିକ ମିଳିବ ବୋଲି ଏକ କମ୍ପାନୀ ଲୋଭ ଦେଖାଇ ପର୍ଯ୍ୟାୟକ୍ରମେ ତାଙ୍କଠାରୁ ୯ଲକ୍ଷ ଟଙ୍କା ଠକି ନେଇଛି। ଅଭିଯୋଗ ପରେ ହୀରାକୁଦ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାସହ ଇଗଲ ଓଭରସିସ୍ ଓ ନେକ୍‌ସନ୍ ମଲ୍ଟି ଟ୍ରେଡ୍ ନାମକ କମ୍ପାନୀ ବିରୋଧରେ ମାମଲା ରୁଜୁ କରିଛି। ୟସ୍ ବ୍ୟାଙ୍କରେ ଥିବା କମ୍ପାନୀର ଆକାଉଣ୍ଟ ଫ୍ରିଜ୍ କରି ଦିଆଯାଇଛି ବୋଲି ହୀରାକୁଦ ଥାନା ଅଧିକାରିଣୀ ଯାଜ୍ଞସେନୀ ନାୟକ କହିଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ ଡିସେମ୍ବର ୧୪ରେ ଅଭିଯୋଗକାରୀ ଏମ୍ ଲକ୍ଷ୍ମଣ ଆଲମୋଟପ ନାମକ ଏକ ଆପ୍ଲିକେଶନ ଡାଉନ୍‌ଲୋଡ କରିଥିଲେ। ଉକ୍ତ ଆପରେ ୧୦ ହଜାର ଟଙ୍କା ଦେଲେ କିଛିସମୟ ପରେ ୬ଶହ ଟଙ୍କା ଅଧିକ ମିଳୁଥିଲା। ଏଭଳି ଭାବେ ଲକ୍ଷ୍ମଣ ଟଙ୍କା ଲଗାଇ ଅଧିକ ଟଙ୍କା ପାଇଥିଲେ। ପରେ ସେ ଲୋଭରେ ଲକ୍ଷାଧିକ ଟଙ୍କା ଲଗାଇଥିଲେ। ପର୍ଯ୍ୟାୟକ୍ରମେ ଗତ ୧୪ରୁ ୧୬ ତାରିଖ ଭିତରେ ମୋଟ ୯ ଲକ୍ଷ ଟଙ୍କା କମ୍ପାନୀରେ ଲଗାଇଦେଇଥିଲେ। ହେଲେ ଆଉ ଟଙ୍କା ଫେରିପାଇଲେ ନାହିଁ। ବହୁ ଚେଷ୍ଟା କରି ବିଫଳ ହେବାରୁ ଶେଷରେ ସେ ପୋଲିସ ପାଖରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୩୧୯/୨୨ରେ ଏକ ମାମଲା ରୁଜୁ ହୋଇଛି।

**୮ଦିନ ପରେ ଥାନାରେ ଅଭିଯୋଗ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସକାଶେ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଅସାବଧାନତା କାରଣରୁ ଅର୍ଥହାନିର ସମ୍ଭାବନା ରହିଛି। ଦିନଟିରେ କିଛି ସମୟ ଟେନ୍‌ସନ ଲାଗି ରହିଲେ ମଧ୍ୟ ପରକ୍ଷଣରେ ମାନସିକ ଅସ୍ଥିରତା ଦୂରେଇଯିବ।

**ବୃଷ** ବିଭିନ୍ନ ପ୍ରକାରର ଝାମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ସମ୍ପୂର୍ଣ୍ଣଭାବେ ଶାନ୍ତି ଓ ସନ୍ତୋଷ ଆସିବ ନାହିଁ। ହାତକୁ ନେଇଥିବା କାମଟିକୁ ଆରମ୍ଭ କରି ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବାରେ କିଛି ଅସୁବିଧା ରହିବ ନାହିଁ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ମାନସିକ ଅସ୍ଥିରତା କାରଣରୁ କାମରେ ମନ ଲାଗିବ ନାହିଁ। ସଦାବେଳେ ଝଗଡ଼ା କରିବାକୁ ଚାହିଁ ବସିଥିବା ଲୋକଟିର ସାମ୍ନା କରିବାକୁ ପଡ଼ିପାରେ। କୃତି ଓ କୃତିତ୍ୱ ହେତୁକ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ସିଂହ** ଦୀର୍ଘଦିନର ସମସ୍ୟା ଆଜି ସମାଧାନ ହୋଇଯିବ। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବୁଝିପାରନ୍ତି। ଆପଣଙ୍କ ସାହାଯ୍ୟ ଲାଭକରି ସହଯାତ୍ରୀଟି ବହୁତ ଖୁସି ହୋଇଯିବେ। ପରିବହନରେ ଉନ୍ନତି ପରିଲକ୍ଷିତ ହେବ ଓ ସମସ୍ୟା ସମାଧାନରୁ ଖୁସି ରହିବେ। ଦୂର ସମ୍ପର୍କୀୟ ବନ୍ଧୁଙ୍କ ଆଗମନ ସମ୍ଭାବନା।

**କନ୍ୟା** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ବୋଧ କରିବେ। ବନ୍ଧୁ ନିଜର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସି କାମରେ ଯୋଗ ଦେଇପାରିବେ। ଆର୍ଥିକ ଦିଗଟି ପୂର୍ବପରି ରହିବାର ବିଶେଷ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ଚଳିବାକୁ ବାଧ ହେବେ।

**ତୁଳା** ଆଜି କୌଣସି କଥାରେ ଅଭାବ ରହିବ ନାହିଁ କିମ୍ବା କୌଣସି କାମ ଅଟକିବ ନାହିଁ। ଆଲୋଚନା ପରିସରରେ ଆପଣ ଏମିତି ଯୁକ୍ତି କରିବେ ଯେ, ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**ବିଛା** କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି। ଯୋଗାଯୋଗ, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ।

**ଧନୁ** କର୍ମକ୍ଷେତ୍ରରେ ଆକସ୍ମିକ ସମସ୍ୟା ହେତୁ କାର୍ଯ୍ୟ ସ୍ଥଗିତ ରହିପାରେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯିବାର ସମ୍ଭାବନା ଅଛି।

**ମକର** ସକାଳୁ ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଫିସ୍‌ରେ ବିବାଦ ବୃଦ୍ଧି କାରଣରୁ ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଆଗେଇ ଚାଲିବ। ଯେକୌଣସି ପରିସ୍ଥିତିରେ ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ** ପରିସ୍ଥିତିକୁ ଲାଘବ କରିବା ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ସକାଶେ କଷ୍ଟ ଅନୁଭବ କରିପାରନ୍ତି। ସଭାସମିତିରେ ବନ୍ଧୁମେଳରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ମୀନ** ବନ୍ଧୁମାନେ ଫାଇଦା ହାସଲ ପାଇଁ ବିଭିନ୍ନ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଉପରିସ୍ଥଙ୍କ ଅନୁକମ୍ପା ଆପଣଙ୍କ କାର୍ଯ୍ୟ ସାଧନରେ ଏବଂ ଭବିଷ୍ୟତରେ ସାହାଯ୍ୟ କରିବ।

ଆଜି ଡିସେମ୍ବର ୨୫ ତାରିଖ,ରବିବାର, ସୁଶାସନ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ, ବଡ଼ଦିନ, ଖ୍ରୀଷ୍ଟମାସ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଜୟନ୍ତୀ, ଅଦ୍ୟ ତ୍ର୍ୟହସ୍ପୃକ ଯୋଗ, ଶରଣଂ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତୃତୀୟାର ଏକୋଦ୍ଦିଷ୍ଟ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୦୫ ଗତେ ଘ.୦୯।୧୫ ମଧ୍ୟେ, ଘ.୦୧।୦୭ ଗତେ ଘ.୦୩।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୯ ଗତେ ଘ.୦୫।୧୦ ମଧ୍ୟେ ରାହୁକାଳ।

# ମଙ୍ଗଳା ମନ୍ଦିର, ଚନ୍ଦ୍ରଭାଗାର ବିକାଶ ହେବ



କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଶନିବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ସମୀକ୍ଷା କଲେ ୫-ଟି ସଚିବ

ପୁରୀ ଅଫିସ/କାକଟପୁର/ଅସ୍ତରଙ୍ଗ/କୋଣାର୍କ,୨୪।୧୨(ଡି.ଏନ୍.ଏ.)

୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ଭୋରୁ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୫-ଟି ସଚିବ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ, ଶ୍ରୀଜଗନ୍ନାଥ ଷ୍ଟାଡିୟମ, ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ, ଶ୍ରୀଜଗନ୍ନାଥ ମେଡିକାଲ ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତାଙ୍କ ସହ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟାନ୍ୟ ପ୍ରଶାସନିକ ବରିଷ୍ଠ ଅଧିକାରୀ ଥିଲେ। ୨୦୨୪ ସୁଦ୍ଧା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ କିଭଳି ଶେଷହେବ ସେନେଇ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ୫-ଟି ସଚିବ ପାଣ୍ଡିଆନ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିର ଗସ୍ତ କରି ମା'ଙ୍କୁ ଦର୍ଶନ କରିବା ସହିତ ପୀଠର ବିକାଶ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହିତ ମନ୍ଦିର ପ୍ରାଙ୍ଗଣରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମାଷ୍ଟର ପ୍ଲାନ୍‌କୁ ନେଇ ଜିଲାପାଳ ଏବଂ ସେବାୟତଙ୍କ ସହିତ ଆଲୋଚନା କରିଥିଲେ। ମନ୍ଦିର ଏବଂ ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ୫-ଟି ସଚିବଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ସମର୍ଥ ବର୍ମା ଓ ମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମେଶ୍ୱର ମନ୍ଦିରକୁ ଯାଇ ସେଠାରେ ଥିବା ପୁଷ୍କରିଣୀ ଉଦ୍ଧାର ସହିତ ମନ୍ଦିର ଚାରିପଟେ ପାଚେରି ନିର୍ମାଣ ପାଇଁ ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା ଓ ମଙ୍ଗଳା ମନ୍ଦିର ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ମିଟୁ ରଞ୍ଜନ ଦୀକ୍ଷିତ, ସରପଞ୍ଚ ଅଭୟ ସେଠୀ ଓ ସେବାୟତମାନଙ୍କ ସହିତ ବିସ୍ତୃତ ଆଲୋଚନା କରି ତହସିଲଦାର ବିରଞ୍ଚି ନାରାୟଣ ବେହେରାଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମଙ୍ଗଳା ମନ୍ଦିରର ଉନ୍ନତୀକରଣ ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷେ ମା'ଙ୍କ ମନ୍ଦିର ପାଦଦେଶରେ ବୋହିଯାଉଥିବା ପ୍ରାଚୀର ପୁନରୁଦ୍ଧାର, କାକଟପୁରକୁ ଏନ୍‌ଏସି ଘୋଷଣା, ଯାତ୍ରୀ ବିଶ୍ରାମାଗାର ନିର୍ମାଣ ସହିତ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ନିମନ୍ତେ ଅନ୍ୟୂନ ୫୦ କୋଟି ଟଙ୍କାର ଅନୁଦାନ ଦେବା ନିମନ୍ତେ ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା ସହ ଅନୁବନ୍ଧିତ କାକଟପୁର ପ୍ରେସ୍ କ୍ଲବ ପକ୍ଷରୁ ଦାବି ହୋଇଛି।

ସେହିଭଳି କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିର ରୂପରେଖ ବଦଳିବ। ଗୋଆ ବିଚ୍ ଭଳି ଚନ୍ଦ୍ରଭାଗା ବିଚ୍‌ର ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ୫-ଟି ସଚିବ କୋଣାର୍କରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏବେ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ କାର୍ଯ୍ୟ ଚାଲିଥିବା ବେଳେ ଖୁବ୍‌ଶୀଘ୍ର ଚନ୍ଦ୍ରଭାଗା କାର୍ଯ୍ୟ ଆରମ୍ଭ ହେବ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ନିକଟରୁ ପ୍ରାୟ ଏକ କିମି ଇକୋ ରିଟ୍ରିଟ୍ ପର୍ଯ୍ୟନ୍ତ ବେଳାଭୂମି ସୌନ୍ଦର୍ଯ୍ୟକରଣ ହେବ। ଜୟଦେବ ବାଟିକା ନିକଟରେ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା, ସିଟିଙ୍ଗ୍ ବେଞ୍ଚ, ଛତା, ଯାନବାହନ ପାର୍କିଂ ଭେଣ୍ଡିଂ ଜୋନ୍, ଆଲୋକ ବ୍ୟବସ୍ଥା ଆଦି ସୁବିଧା ଉପଲବ୍ଧ ହେବ। ସଚିବଙ୍କ ସହ ଜିଲାପାଳ, ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ଶେଖ୍ ସାଗିର, ଅତିରିକ୍ତ ତହସିଲଦାର ଶରତ ପରିଡ଼ା ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋବିନ୍ଦଙ୍କ ଘରେ କ୍ରାଇମବ୍ରାଞ୍ଚ ତଦନ୍ତ

ଭବାନୀପାଟଣା/ଗୋଲାମୁଣ୍ଡା,୨୪।୧୨(ସ୍ୱ.ପ୍ର./ଡି.ଏନ.ଏ.)

ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ଟିମ୍। ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ଗୋବିନ୍ଦଙ୍କ ଗାଁ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ମହାଲିଙ୍ଗରେ ପହଞ୍ଚି ତାଙ୍କ ଘର ଓ କଲେଜରେ ତଦନ୍ତ କରିଛି। ଗତ ୨୦ ତାରିଖରେ ଗୋବିନ୍ଦଙ୍କ ମୃତ୍ୟୁ ପରେ ତାଙ୍କ ଜ୍ୟାକେଟ୍ ପକେଟରୁ ଗୋଟିଏ ସୁଇସାଇଡ୍ ନୋଟ ବାହାରିଥିଲା। ତାହାକୁ ସେ ନିଜେ ଲେଖିଥିଲେ ନା ନାହିଁ ତାହା ଜାଣିବାକୁ ହାତଲେଖା ମ୍ୟାଚିଙ୍ଗ୍ ପାଇଁ କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରଥମେ ମହାଲିଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ପରିଚାଳନା କମିଟିର ସମ୍ପାଦକ କିରଣ କୁମାର ସିଂ ଓ ଭାରପ୍ରାପ୍ତ ଅଧକ୍ଷ ଜୟଦେବ ମିଶ୍ରଙ୍କ ସହିତ ଆଲୋଚନା କରିବା ପରେ ହାତଲେଖା ମ୍ୟାଚ କରିବା ପାଇଁ ଗୋଟିଏ ରେଜିଷ୍ଟର ଜବତ କରିଥିଲେ। ଏହାପରେ ଅପରାହ୍ଣରେ ଗୋବିନ୍ଦଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପରିବାର ସଦସ୍ୟଙ୍କ ସହ ଦୀର୍ଘ ୧ ଘଣ୍ଟା ଧରି ଆଲୋଚନା କରିଥିଲେ। ଏହି ସମୟରେ ଘରେ ଥିବା ଅନେକ କାଗଜପତ୍ର ଯାଞ୍ଚ କରିବା ସହ ଘରୁ ଗୋବିନ୍ଦଙ୍କ ଏକ ହାତଲେଖା ଡାଏରୀ ଜବତ କରିଛି କ୍ରାଇମବ୍ରାଞ୍ଚ ଟିମ୍। ସୁଇସାଇଡ୍ ନୋଟ ସହିତ ତାଙ୍କ ହାତଲେଖା ମ୍ୟାଚ କରିବା ପାଇଁ ଡାଏରୀ ଜବତ କରିଥିବା ମୃତ ଗୋବିନ୍ଦ ସାହୁଙ୍କ ଭାଇ ସନ୍ତୋଷ ସାହୁ ପ୍ରକାଶ କରିଛନ୍ତି।



କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର -୨୦୨୨ ପାଇଁ ମନୋନୀତ ହୋଇଥିବା ସାହିତ୍ୟିକା ଗାୟତ୍ରୀବାଳା ପଣ୍ଡା ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସ୍ୱରଚିତ ପୁସ୍ତକ 'ଦୟାନଦୀ'କୁ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଗାୟତ୍ରୀଙ୍କ ସ୍ୱାମୀ ତଥା ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଓ ପୁଅ ମନୀତ ମଙ୍ଗରାଜ।

# ବଚସାକୁ ନେଇ ଯବାନଙ୍କ ଘରେ ବୋମାମାଡ଼

## ଭୋଜି ବେଳେ ଏକ ଗୋଷ୍ଠୀ ସହ ହୋଇଥିଲା ପାଟିତୁଣ୍ଡ

ଖୋର୍ଦ୍ଧା ଅଫିସ,୨୪।୧୨

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ମଳିପଡ଼ା ଗ୍ରାମର ଜଣେ ଯବାନଙ୍କ ଘରେ ଶୁକ୍ରବାର ରାତିରେ ବୋମାମାଡ଼ ହୋଇଛି। ସାମାନ୍ୟ ବଚସାକୁ ନେଇ ୧୦ଜଣ ଯୁବକ ଯବାନ ଭାଗୀରଥି ପାହାଡସିଂଙ୍କ ଘରେ ବୋମାମାଡ଼ କରିବା ସହ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ଏପରି କି ଯୁବକମାନେ ଭାଗୀରଥି ଓ ତାଙ୍କ ବାପା ମଦନମୋହନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଦିନରେ ଏକ ଭୋଜି ବେଳେ ହୋଇଥିବା ବଚସାକୁ ନେଇ ଏହି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏନେଇ ଭାଗୀରଥିଙ୍କ ଅଭିଯୋଗକ୍ରମେ ଶନିବାର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଭାଗୀରଥି ବିଏସ୍ଏଫ୍ ଯବାନ ଭାବେ କଶ୍ମୀରଠାରେ କାର୍ଯ୍ୟରତ ଅଛନ୍ତି। ଗତ ୧୪ତାରିଖରେ ସେ ଛୁଟିରେ ଘରକୁ ଆସିଥିଲେ। ଶୁକ୍ରବାର ସକାଳେ ମଳିପଡାସ୍ଥିତ ଭଗବତୀ ମନ୍ଦିର ପରିସରରେ ଭାଗୀରଥି ସମସ୍ତ ସାଙ୍ଗସାଥିଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେଠାରେ ଅନ୍ୟ ଏକ ଗୋଷ୍ଠୀର ପ୍ରାୟ ୨୫ଜଣ ଭୋଜି









- ■ ରାତିରେ ଘରେ ପଶି ଖଣ୍ଡାରେ ହାଣିଲେ
- ■ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ କଲେ
- ■ ଛୁଟିରେ ଘରକୁ ଆସିଥିଲେ ଯବାନ

କରୁଥିଲେ। ଦୁର୍ଗାପୁର, ଡିଗିମିଲ୍ଲ, ଦଳକ, ପଲ୍ଲା, ଦଳେଇପୁଟ ଏବଂ ଅନ୍ୟ ଗ୍ରାମର ଯୁବକମାନେ ରହିଥିଲେ। ଖାଇବା ସମୟରେ ଯୁବକମାନେ ହୋହଲ୍ଲା କରିଥିଲେ। ଏହାର ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ଓ ମୁହାଁମୁହିଁ ହୋଇଥିଲେ। ଏପରି କି ଘଟଣା ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ, ସରପଞ୍ଚଙ୍କ ଉପସ୍ଥିତିରେ ସମାଧାନ କରିବାକୁ ମଧ୍ୟ କହିଥିଲେ। ପରେ ଭୋଜି ସାରି ସମସ୍ତେ ଘରକୁ ଫେରିଥିଲେ। ତେବେ ରାତି ପ୍ରାୟ ୮ଟାରେ ମନ୍ଦିରରେ ବଚସା ହୋଇଥିବା ଯୁବକମାନଙ୍କ ମଧ୍ୟରୁ ୧୦ଜଣ ଖଣ୍ଡା, ଲୁହାରଡ, ମାରଣାସ୍ତ୍ର ଧରି ଭାଗୀରଥିଙ୍କ ଘର କବାଟକୁ ଗୋଇଠା ମାରି ଭାଙ୍ଗି ଭିତରକୁ ପଶିଥିଲେ। ଏହାପରେ ଯୁବକମାନେ ଭାଗୀରଥିଙ୍କୁ ଧକ୍କା ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ମଦନମୋହନ ପ୍ରତିବାଦ କରିବାରୁ ଯୁବକମାନେ ମଧ୍ୟ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏପରିକି ଯୁବକମାନେ ଘରର ସମସ୍ତ ଆସବାବପତ୍ର ନଷ୍ଟ କରିବା ସହ ଝରକା, କବାଟକୁ ମାରଣାସ୍ତ୍ରରେ ହାଣିଥିଲେ। ବାଇକ୍‌କୁ ଖଣ୍ଡାରେ ହାଣିବା ସହ ଏୟାରକୁଲର, ଫ୍ୟାନ, ଚେୟାର ନଷ୍ଟ କରିଦେଇଥିଲେ। ଏହାପରେ ଯୁବକମାନେ ଘର ଭିତରେ ଗୋଟିଏ ଏବଂ ବାହାରେ ୩ଟି ବୋମା ମାଡ଼ କରି ପଳାଇଥିଲେ।



# ଭାରତର ଗୁପ୍ତଚର ଓ କଶ୍ମୀର



ଆକାର ପଟେଲ

ସାଧାରଣତଃ ଭାରତର ଗୁପ୍ତଚର ଓ ଗୁପ୍ତ ନେଟ୍‌ୱର୍କର ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ସେମାନଙ୍କ ଜୀବନ ଏବଂ ଅନୁଭୂତି (ଜୀବନବୃତ୍ତ) ଲେଖନ୍ତି ନାହିଁ। କିନ୍ତୁ ୧୯୮୮–୯୦ରେ ଅନୁପ୍ରବେଶ ଆରମ୍ଭ ହେବାବେଳେ କଶ୍ମୀରରେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ମୁଖ୍ୟ ଥିବା ଏ.ଏସ୍. ଦୁଲତ ଏକ ଉପାଦେୟ ପୁସ୍ତକ ଲେଖିଛନ୍ତି। ଦୁଲତ ମଧ୍ୟ ୧୯୯୯ରେ ଆଇସି–୮୧୪ ଅପହରଣ କରାଯିବା ସମୟରେ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ(ର')ର ମୁଖ୍ୟ ଥିଲେ। ତାଙ୍କ ଲିଖିତ ପୁସ୍ତକ ବିଶେଷକରି ବିଗତ ତିନି ଦଶନ୍ଧିର ବିକଶିତ ଗୋଇନ୍ଦା ସଂସ୍ଥାର ପରିବର୍ତ୍ତିତ ବିଚାରଧାରା ମଧ୍ୟରେ ଆମକୁ ପଥପ୍ରଦର୍ଶନ କରିଛି। ଏହି ପୁସ୍ତକ ବିଭିନ୍ନ ଅଧ୍ୟାୟରେ ବିଭକ୍ତ। ଗୋଟିଏ ଅଧ୍ୟାୟରେ ଜୀବନବୃତ୍ତ, ଆଉ ଗୋଟିଏରେ ଚରିତ୍ରର ସଂକ୍ଷିପ୍ତ ରୂପରେଖ ଏବଂ ଅନ୍ୟଟିରେ ରହିଛି ନିଯୁକ୍ତି ସମ୍ପର୍କିତ ବିଷୟବସ୍ତୁ। ଗୁପ୍ତଚର କୌଶଳ, ଭାରତୀୟ ଗୋଇନ୍ଦା ସମୁଦାୟର ଦୂରଦୃଷ୍ଟି ଏବଂ ତାଙ୍କ କାର୍ଯ୍ୟର ନିଜସ୍ୱ ଦୃଷ୍ଟିକୋଣକୁ ନେଇ ୫୦ ପୃଷ୍ଠାର ଏକ ସମୃଦ୍ଧ ଲେଖା ହେଉଛି ପୁସ୍ତକର ଆକର୍ଷଣ। 'ୱାଇଲ୍ଡରନେସ ଅଫ୍ ମିରର୍' 'ଶୀର୍ଷକରେ ଏହା ଲେଖାଯାଇଛି। ଦୁଲତ କହିଛନ୍ତି ଯେ, ଡେକ୍ସ ୱର୍କ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ସେ ଫିଲ୍ଡରେ କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି ଓ ଏଭଳି କାମ କରୁଥିବା ବ୍ୟକ୍ତିଙ୍କୁ ଭଲ ପାଆନ୍ତି। କିନ୍ତୁ ଏହା ସ୍ପଷ୍ଟ ଯେ, ସେ ଅଧିକ ଜ୍ଞାନୀଙ୍କୁ ଗୁରୁତ୍ୱ ଦିଅନ୍ତି। ତାଙ୍କ ପସନ୍ଦର ଏଭଳି ଜଣେ ଜ୍ଞାନୀ ହେଉଛନ୍ତି ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଏମ୍.କେ. ନାରାୟଣନ ଯିଏ କି ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି)ରେ ତାଙ୍କର ବରିଷ୍ଠ ଥିଲେ। ତାଙ୍କୁ ପୁସ୍ତକରେ ତିନୋଟି ସ୍ଥାନରେ 'ଦି ଗ୍ରେଟ୍ ନାରାୟଣନ' ଭାବେ ଦର୍ଶାଇଛନ୍ତି। ଉକ୍ତ ପୁସ୍ତକରେ ଏବକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି। ଦୁଲାତ ଡୋଭାଲଙ୍କ କାର୍ଯ୍ୟ ଓ ବ୍ୟସ୍ତବହୁଳ କ୍ୟାରିୟର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ ମଧ୍ୟ ବ୍ୟକ୍ତିଗତ ଭାବେ ବଣ୍ଡସ୍‌ଙ୍କ ପରିବର୍ତ୍ତେ ସ୍ମିଲେସ୍ ଭଳି ବିଦ୍ୱାନଙ୍କ ପ୍ରତି ଅଧିକ ଆକୃଷ୍ଟ ହୋଇଥିବା ଜଣାପଡୁଛି। ଆଇବିରେ ତାଙ୍କ ପ୍ରାରମ୍ଭିକ ବର୍ଷଗୁଡ଼ିକ ସମ୍ପର୍କରେ ସେ କହିଛନ୍ତି ଯେ, ସେହି ସମୟ ଏଭଳି ଥିଲା ଯେତେବେଳେ ଆଇବି ଶାସ୍ତ୍ରୀୟ ପ୍ରଶିକ୍ଷଣକୁ ନେଇ ଗର୍ବ କରୁଥିଲା ଯାହା ପୋଲିସଙ୍କୁ ଗୋଇନ୍ଦା ଅଧିକାରୀରେ ପରିବର୍ତ୍ତନ କରିପାରୁଥିଲା, ଏପରି କି ଭଲ ଲେଖକ ସୃଷ୍ଟି କରିପାରୁଥିଲା। ସମ୍ଭବତଃ ଏବେ ଏହା ଆଉ ହେଉନାହିଁ। ଏହା ସହ ସମୟକ୍ରମେ ଅନ୍ୟ ବିଷୟଗୁଡ଼ିକ ମଧ୍ୟ ପରିବର୍ତ୍ତନ ହୋଇଛି। ଚାକିରିର ପ୍ରାରମ୍ଭିକ କାଳରେ କାଉଣ୍ଟର ଇଣ୍ଟେଲିଜେନ୍ସ (ବିଦେଶୀ ଗୁପ୍ତଚର ଖୋଜି ସେମାନଙ୍କୁ ଭାରତରେ କାର୍ଯ୍ୟରେ ଲଗାଇବା) ଗୁପ୍ତଚର କାର୍ଯ୍ୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। ହେଲେ ଏବେ କାଉଣ୍ଟର ଇଣ୍ଟେଲିଜେନ୍ସର ସେଭଳି ଗୁରୁତ୍ୱ ନାହିଁ, କାରଣ କାଉଣ୍ଟରଟେରୋରିଜମ (ସନ୍ତ୍ରାସବାଦ ରୋକିବା ଲାଗି କାର୍ଯ୍ୟକଳାପ) ମୁଖ୍ୟ ସ୍ଥାନ ନେଇଛି। ତେବେ ଏହାର କିଛି ଭାଗ ଥିଲା ତ୍ରୁଟିଯୁକ୍ତ। କଶ୍ମୀରରେ ଅନୁପ୍ରବେଶ ଆରମ୍ଭ ହେଉଥିବାବେଳେ ଭାରତ ସରକାରଙ୍କ ପାଖରେ କିଛି ବି ତଥ୍ୟ ନ ଥିଲା। ସନ୍ତ୍ରାସବାଦୀଙ୍କ ନେଟ୍‌ୱର୍କ ମଧ୍ୟରେ ଆମମାନଙ୍କ ଆଭ୍ୟନ୍ତରୀଣ ଯୋଗାଯୋଗ ଠିକ୍ ନ ଥିଲା। ଯେଉଁଥିପାଇଁ କଶ୍ମୀରରେ ଆରମ୍ଭରୁ ହିଁ ସନ୍ତ୍ରାସବାଦ ବଢିଚାଲିଲା ଏବଂ ଏହାକୁ କିଭଳି ରୋକିବୁ ଆମେ ଉପାୟଶୂନ୍ୟ ହୋଇଗଲୁ।

ଜାନୁୟାରୀ ୧୯୯୦ରେ ୩ ସପ୍ତାହ ମଧ୍ୟରେ ଆଇବି ୪ ଜଣ ଅଧିକାରୀଙ୍କୁ ହରାଇଲା। ଦୁଲତଙ୍କୁ ତାଙ୍କ ଅଧିକାରୀମାନେ ଘେରିଗଲେ ଓ ସେମାନଙ୍କୁ ଘରକୁ ପଠାଇଦେବା ଲାଗି ଦାବି କରିଥିଲେ। ଏଭଳି ଏକ ସ୍ଥିତିରେ ଜଣେ ଗୋଇନ୍ଦା ଅଧିକାରୀଙ୍କ ଭୂମିକା କ'ଣ ହୋଇପାରେ ? ଦୁଲତ ସ୍ପଷ୍ଟ କରିଛନ୍ତି ଯେ, ସେମାନଙ୍କୁ ବୁଝିବାକୁ ହେବ ଓ ସେମାନଙ୍କ ସହ ଜଡ଼ିତ ହେବାକୁ ପଡ଼ିବ, ଏହା ହିଁ ଗୁରୁତ୍ୱପୂର୍ଣ୍ଣ। ଆମେ ଶତ୍ରୁମାନଙ୍କ ମଧ୍ୟରେ ରହି ସେମାନଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ଶିଖିଛୁ। କିନ୍ତୁ ୩୦ ବର୍ଷ ହେଲା ଭାରତ ସରକାର ଏହାର ବିପରୀତ ପଥ ଅନୁସରଣ କରିଛନ୍ତି। ଦୁଲତ କହନ୍ତି, ଉତ୍ତରପୂର୍ବ ଓ କଶ୍ମୀର ଭଳି ଜଟିଳ ଅଞ୍ଚଳଗୁଡ଼ିକରେ ଏହି ସ୍ଥିତି ଆମକୁ ସାହାଯ୍ୟ କରିନାହିଁ। ବିନା ସନ୍ଦେହରେ ମୁସଲମାନଙ୍କୁ ଆଣି ଗୋଇନ୍ଦା ସଂସ୍ଥାଗୁଡ଼ିକ କାମରେ ଲଗାଇବା ଉପରେ ଦୁଲାତ ବହୁ ବର୍ଷ ହେଲା କହି ଆସୁଥିଲେ ବି ଗୋଇନ୍ଦା ସଂସ୍ଥାଗୁଡ଼ିକ ତାହାକୁ ଅସ୍ୱୀକାର କରୁଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ହୁରିୟାତ ସହ ଆଲୋଚନା ଏବଂ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ସହ ବୈଠକକୁ ଏବେ ଭାରତ ସରକାର ଅଣଦେଖା କରୁଛନ୍ତି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଭାରତୀୟ ଗୋଇନ୍ଦାରେ ମୋର ଅଧିକାଂଶ ସହକର୍ମୀ ଏହି ବିଚାରକୁ ହାଲୁକା ଭାବେ ନେଇଆସିଛନ୍ତି। ଏହାର କାରଣ ପାକିସ୍ତାନ ବୋଲି ସେ କହିଛନ୍ତି। ଏହା ଭାରତ ସରକାରଙ୍କ ବ୍ୟବସ୍ଥାରେ ସୁବିଚାରର ରାସ୍ତା ବନ୍ଦ କରିଦେଇଛି।

ମାନସିକ ଉନ୍ମାଦ ଓ ଅବିଶ୍ୱାସର କେନ୍ଦ୍ରରେ ରହିଛି ପାକିସ୍ତାନ। ମୁକ୍ତ ଆଲୋଚନା କଲେ ତାହା କଶ୍ମୀରରେ ଗୁପ୍ତଚର କାର୍ଯ୍ୟକୁ ଅଧିକ ସଞ୍ଚାଳନ କରିବ। ଗୋଇନ୍ଦା କ୍ଷେତ୍ରରେ ୧୯୯୦ ପରେ ଜାତୀୟ ସୁରକ୍ଷା ଏବଂ ଅନୁପ୍ରବେଶ ରୋକିବାରେ ସେନା ମାନସିକତାରେ ପାକିସ୍ତାନ ଆମର ଏକମାତ୍ର ଶତ୍ରୁ ବୋଲି ରହିଛି। ଏହି ସିଦ୍ଧାନ୍ତ ତ୍ରୁଟିପୂର୍ଣ୍ଣ ବୋଲି ଜାଣି ସୁଦ୍ଧା ସରକାର କିମ୍ବା ଏହାର ସୁରକ୍ଷା ବ୍ୟବସ୍ଥା କିମ୍ବା ଏହାର ବ୍ୟକ୍ତିମାନେ ଶତ୍ରୁ ସହ ଆଲୋଚନା କରିବାକୁ ଚାହୁଁନାହାନ୍ତି। ଉଦାହାରସ୍ୱରୂପ, ଆଇଏସ୍‌ଆଇ ମୁଖ୍ୟଙ୍କୁ ସମିଲ କରିବାରେ ଆମର ଅବିଶ୍ୱାସ ଅଛି। କାରଣ ସେ ପାକିସ୍ତାନୀ, କୁଟିଳ ଏବଂ ସେ ସମସ୍ୟା ସୃଷ୍ଟି କରିବେ। ଉଲ୍ଲେଖନୀୟ ଯେ, ଏଭଳି ପୁରୁଣାକାଳିଆ ବିଚାର ଦେଶର ସବୁ କ୍ଷେତ୍ରରେ ରହିଛି। ନୂଆ ବ୍ୟକ୍ତିଙ୍କୁ ସାମିଲ କରିବାକୁ ଆମର ଦକ୍ଷତା କିମ୍ବା ଇଚ୍ଛା ନ ଥିବାରୁ ଆମ କାର୍ଯ୍ୟ କେମିତି ସମ୍ଭବ ହେବ ? ଅଧିକ ଉଚିତ ମନେ ହେଉଥିବା ଇଣ୍ଟେଲିଜେନ୍ସର ଏଭଳି ଏକ ବିଚାରକୁ ଛାଡ଼ିଦେବା ଅର୍ଥ ଏବେ କଶ୍ମୀରର ଦେଖା ଦେଇଥିବା ସ୍ଥିତିରେ ଲାଭଜନକ ହେବ ନାହିଁ। ର'ର ପୂର୍ବତନ ମୁଖ୍ୟ ତଥା ଆଇବିର ବରିଷ୍ଠ ଅଧିକାରୀ ଦୁଲତ ଯାହା ଲେଖିଛନ୍ତି ତାହା ଆଶ୍ଚର୍ଯ୍ୟଜନକ। ଗୁପ୍ତଚର ଓ ଲେଖକ ଜନ୍ ଲି କ୍ୟାରିଙ୍କ ଉକ୍ତିକୁ ଉଦ୍ଧାର କରି ସେ କହିଛନ୍ତି ଯେ, ଯଦି ତୁମେ କୌଣସି ଦେଶର ଗଭୀର ଭାବନାକୁ ଖୋଜୁଛ, ତେବେ ଏହାର ଗୁପ୍ତସେବାକୁ ଏକ ଅନୁଚିତ କ୍ଷେତ୍ର ଭାବେ ଦେଖିବା ଉଚିତ ନୁହେଁ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | 8 | | |
| 6 | | | | 3 | 2 | | 7 | |
| | 2 | | | | | | | 4 |
| | | | | 9 | | | 8 | |
| | 4 | | | | 5 | 3 | | 6 |
| 3 | | | | 6 | | 7 | 2 | |
| | | | 1 | | | 5 | | |
| 2 | | | | | 9 | | 6 | 8 |
| 4 | | 5 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 3 | 9 | 4 | 7 | 6 | 1 |
| 9 | 6 | 1 | 5 | 8 | 7 | 3 | 4 | 2 |
| 3 | 7 | 4 | 1 | 2 | 6 | 9 | 5 | 8 |
| 7 | 4 | 3 | 8 | 5 | 9 | 2 | 1 | 6 |
| 6 | 9 | 8 | 4 | 1 | 2 | 5 | 7 | 3 |
| 2 | 1 | 5 | 6 | 7 | 3 | 4 | 8 | 9 |
| 5 | 3 | 7 | 9 | 6 | 8 | 1 | 2 | 4 |
| 1 | 8 | 9 | 2 | 4 | 5 | 6 | 3 | 7 |
| 4 | 2 | 6 | 7 | 3 | 1 | 8 | 9 | 5 |

ଗତ କାଲିର ଉତ୍ତର

# ମାୟାଘରରେ କଳା



ବ୍ରଜମୋହନ ମିଶ୍ର

ସଭାଟିଏ– ରାଜନୈତିକ ଅବା ଆଲୋଚନାଚକ୍ର ହେଉ ଅବା ବୈଜ୍ଞାନିକ ହେଉ କିମ୍ବା ଧାର୍ମିକ ହେଉ ସରିଗଲେ ମଞ୍ଚ ଉପରୁ ଅତିଥିମାନେ ବିଦାୟ ନେବା ଅବସରରେ ସଭାର ଉଦ୍ୟୋକ୍ତା ଘୋଷଣା କରନ୍ତି ଯେ ଏବେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେଇ ସୂତ୍ରେ ସଙ୍ଗୀତ ଓ ନୃତ୍ୟର ଆୟୋଜନ କରାଯାଇଥାଏ। ସେଇଟି ନ ଥିଲେ ସଭାଟି ସତେଅବା ଉଜୁଡ଼ିଗଲା ବୋଲି ଜାଣ! ପୂର୍ବରୁ ଚାଲିଥିବା ଗରମାଗରମ ସଭା, ତା'ର ଚେହେରା, ଚାହାଣି, ଚମକ ଯେମିତି ହରେଇଦେଲା! ସଭାସ୍ଥଳଟା ତା'ପରେ ଭାରି ଅଣପୁରୁଷା, ଅଣପୁରୁଷା ଲାଗେ; ଉପସ୍ଥିତ ଜନତା ଏପରି ଅପରାଧ ପାଇଁ ସଭାର ଉଦ୍ୟୋକ୍ତାମାନଙ୍କୁ ବହେ ବୋଲିବାଣୀ କ୍ଷେପିଦିଅନ୍ତି, ବେଳେବେଳେ ବି ସେମାନଙ୍କୁ ବିଧା ଗୋଇଠାରେ ଅସମ୍ଭାଳ କରିପକାନ୍ତି। ବିଚରା ଉଦ୍ୟୋକ୍ତା ଆପଣାକୁ ଅତ୍ୟନ୍ତ ଅର୍ଭକ ମନେକରି ତଳମୁହାଁ ହୋଇ ରହନ୍ତି। ପକ୍ଷାନ୍ତରେ ସଭା ପରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ ଥିଲେ ସଭା ଉଠପଡ଼ ହୁଏ। ଖାଲି ମନୋରଞ୍ଜନ ହୁଏନାହିଁ ଜନତା ସେମାନଙ୍କ ଭିନ୍ନ ଏକ ତୁରୀୟ ଅବସ୍ଥାକୁ ଚାଲିଯାଆନ୍ତି। ଭାବ ସମାଧି ଜାଗାରେ ସେମାନଙ୍କ ଭିତରେ ଭୋଗ ସମାଧିଜନିତ ଏକ ଅସାଧାରଣ ଅବସ୍ଥା ସୃଷ୍ଟିହୁଏ। ଜନତା ଦୁଲ୍‌ମାଦଲ ହୁଏ, ଅନେକ ଶ୍ରାବ୍ୟ ଅଶ୍ରାବ୍ୟ ଶବ୍ଦ କରି ସେଇ ପରିବେଶଟିକୁ କିମ୍ଭୁତ କମାକାର କରିଦିଏ।

ଏଇ ସମକାଳୀନ ସହଜ ସଭ୍ୟ ସୁନ୍ଦର କଳାତ୍ମକ ଦୃଶ୍ୟଟି କଥା ବିଚାରକୁ ନେଲେ, ସତରେ ନୃତ୍ୟ ଏବଂ ସଙ୍ଗୀତ କ'ଣ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ କି ବୋଲି ମନରେ ପ୍ରଶ୍ନଟିଏ ତରଙ୍ଗାୟିତ ହୋଇଯାଏ। ସଙ୍ଗୀତ ହେଉ କି ନୃତ୍ୟ, ଚିତ୍ରକଳା ହେଉ କି ଅଭିନୟ– ଏ ସବୁ କ'ଣ ମଣିଷର ମନ ପାଇଁ ସୃଷ୍ଟି ହୋଇଥିଲେ ? ଗୀତଟିଏ ଗାଇ ଦେଇ ଗାୟକ, ନାଚଟିଏ ନାଚି ଦେଇ ନର୍ତ୍ତକ, ଶ୍ରୋତା ବା ଦର୍ଶକକୁ କ'ଣ ଦେଇଥାନ୍ତି ? ସୂର୍ଯ୍ୟାସ୍ତର ଛବି, ଝରଣାର ଜଳଧାରା, ସାଗରର ଅସରା ନୃତ୍ୟ, ସମନ୍ୱିତ ଅପାସୋରା ସଙ୍ଗୀତ ଇତ୍ୟାଦି ପ୍ରାକୃତିକ ଦୃଶ୍ୟରାଜି କ'ଣ କେବଳ ମଣିଷର ମନଟା ମୋହିବାକୁ ଅଭିପ୍ରେତ ନା ସତରେ ସେ ସବୁ ଏହା କରିଥାନ୍ତି ? ପୁଣି ଏ ମନୋରଞ୍ଜନର ମାନେ କ'ଣ ? ମନଟି କାହିଁକି ରଞ୍ଜିତ ଅବା ରଙ୍ଗିନ୍ ହେବାକୁ ଚାହେଁ ? ବାସ୍ତବରେ ମନରେ ଧର୍ମ ହିଁ ତାହା। ମନ ତ ସବୁବେଳେ ନିଜକୁ ରଞ୍ଜିତ କରି ରଖିବାକୁ ସକ୍‌ସକ୍ ହେଉଥାଏ। ସେଇଥି ପାଇଁ ତ ତାହା ଭାରି ଚଞ୍ଚଳ। ଯେତେ ରଞ୍ଜକ ଚିଜ ପାଇଲେ ବି, ନିରନ୍ତର ରଞ୍ଜିତ ହେଉଥିଲେ ବି ଏ ମନ ତଥାପି ଅଶାନ୍ତ। ଜୀବନ ନାଟକରେ ମନ ହେଉଛି ଏକ ଅତୃପ୍ତ ଅଶରୀରୀ ଯେ ଯାବତୀୟ ଭୌତିକ କାଣ୍ଡ ଘଟାଇବାରେ ଅକୃପଣ। ଏ ସଂସାରର ତଥା ସମଷ୍ଟି ଜୀବନର ସବୁ ବିପର୍ଯ୍ୟୟ ମୂଳରେ ମନର ବେପରୁଆ, ରଞ୍ଜନଲାଳସୀ ଭୋଗୀ, ସଙ୍କୁଚିତ ସ୍ଥିତି ରହିଛି। ଯଦି କଳାର ଚରମ ଲକ୍ଷ୍ୟ ହୁଏ ଆତ୍ମସଂସ୍କୃତି, ତାହାହେଲେ ଆମେ ନୃତ୍ୟ ତଥା ସଙ୍ଗୀତ କଳାକୁ କିପରି ଏକ ଏକ ମାମୁଲି, ପାର୍ଥିବତାରେ ନିଉଛୁଣା କରିଦେବା ? ଜନତାର ମନୋରଞ୍ଜନ କରିବାର ଅର୍ଥ ଜନତା ଭିତରେ ଅନବରତ ଭୋଗାକାଂକ୍ଷୀ ମନଟିକୁ ଅଧିକ ଭୋଜ୍ୟ ଯୋଗାଇଦେବା। ସେପରି ହେଲେ ଜନତା ଭାରି ଉଚ୍ଚାଟିତ ହେବ, ନୃତ୍ୟର ଅନ୍ତର ଅପେକ୍ଷା ବାହାରଟାକୁ ବେଶି ହିଁ ଇଛିବ, ସଙ୍ଗୀତର ଭାବ ଅପେକ୍ଷା ଗାୟକର ଭଙ୍ଗୀରେ ସେ ଉତ୍ତେଜିତ ହେବ। ପ୍ରସାରଣ ନ ଚାହିଁ ସଙ୍କୋଚନରେ ବେଶ୍ ଆତ୍ମତୁଷ୍ଟି ଲାଭ କରିବ। ଫଳରେ କଳାର ଦର୍ଶନ ସହ ତା'ର ଆତ୍ମଦର୍ଶନ–ଯୋଗାରୂଢ଼ ହୋଇପାରିବ ନାହିଁ। ଜନତା କେବଳ ଶରୀରଧାରୀ ସତ୍ତା ବୋଲି ପରିଗଣିତ ହେବ।

ଯେଉଁ ସ୍ତରକୁ ଆଜିର ସଭ୍ୟତା କଳାମାନଙ୍କୁ ଖସାଇ ଆଣିଛି, ସେଥିରୁ ନୃତ୍ୟ ଓ ସଙ୍ଗୀତର ନିସ୍ତାର ନାହିଁ। ସବୁଆଡ଼େ କେବଳ ମନର ତୁଷ୍ଟୀକରଣ। ଜନତାର ମନ କିଣି ଭୋଟ ପାଇବା ନିଶାରେ ନେତା ଯେପରି ରାଜନୈତିକ ନିର୍ବାଚନୀ ସଭାରେ ଅବା ଅତ୍ୟଧିକ ଅର୍ଥ ସଂଗ୍ରହ ପାଇଁ ସିନେମା ନିର୍ମାତା ଯେପରି କଦର୍ଯ୍ୟ ଭାବରେ ନର୍ତ୍ତକୀ ତଥା ଗାୟକମାନଙ୍କୁ ବ୍ୟବହାର କରୁଛନ୍ତି ତା' ମୂଳରେ ଏହି ମନୋରଞ୍ଜନ ତତ୍ତ୍ୱଟି ବେଶ୍ ସକ୍ରିୟ। ଜନତାର ମନକୁ ସୁହାଇଲା ଭଳି ଦୃଶ୍ୟମାନ ପ୍ରସ୍ତୁତ କରାଯାଉଛି। ହେଲେ ଜନତାର ବି ଆତ୍ମା ଅଛି, ତା'ର ବି ଲକ୍ଷ୍ୟ ଅଛି। କିନ୍ତୁ ତା'ର ଆତ୍ମୋପଯୋଗୀ ସାଧନ ତା' ନିକଟରେ ପହଞ୍ଚାଇ ଦିଆଯାଉନାହିଁ। ତାର 'ଆବଶ୍ୟକତା' ପରିବର୍ତ୍ତେ ତାର 'ଇଚ୍ଛା' ପୂରଣ ପାଇଁ ଯଥେଷ୍ଟ ଉପାଦାନ ଖୁବ୍ ଚତୁରତାର ସହ ନିର୍ମାଣ କରାଯାଉଛି। 'ଆବଶ୍ୟକତା' ଏବଂ 'ଇଚ୍ଛା' ଏକା କଥା ନୁହେଁ। ପ୍ରଥମଟି ମଣିଷର ଅନୁକୂଳ ହୋଇଥିବା ବେଳେ ଦ୍ୱିତୀୟଟି ଆଦୌ ତାହା ନୁହେଁ। 'ଆବଶ୍ୟକତା' ଆଦୌ ବାହ୍ୟ ନୁହଁ କିନ୍ତୁ 'ଇଚ୍ଛା'ଟି ବାହ୍ୟ (ଅର୍ଥାତ୍ ତାହା ଅତିରିକ୍ତକୁ ଲୋଡ଼ିଥାଏ)। ମଣିଷ ମନ କିଣିବା



ପାଇଁ ତାର 'ଇଚ୍ଛା'(କାମନା)କୁ ଉତ୍ତେଜିତ କରିବାକୁ ସଙ୍କୁଚିତ ମଣିଷର ହୀନ ପ୍ରୟାସଟିରେ ଫଳ ହିଁ କଳାମାନଙ୍କର ଆତ୍ମଶକ୍ତି ଉପରେ ପ୍ରଚଣ୍ଡ ଅବିବେକୀ ଆକ୍ରମଣ ରୂପରେ ପ୍ରକାଶିତ ହୋଇଥାଏ। ଏତାଦୃଶ ବୀଭତ୍ସତା ଉଭୟ କଳା ତଥା ମଣିଷକୁ କକ୍ଷଚ୍ୟୁତ କରି ଲକ୍ଷ୍ୟଭ୍ରଷ୍ଟ କରାଇଥାନ୍ତି। ନୃତ୍ୟରତା ନର୍ତ୍ତକୀ ବିଶୁଦ୍ଧ କଳା ପରିବେଷଣ କରୁଥିଲେ ବି ଏହି ସୌଦାଗରୀ ମନୋବୃତ୍ତିର ଶିକାର ହେବା ଫଳରେ ସେମାନେ ନୃତ୍ୟର ଦର୍ଶନ ସମ୍ବନ୍ଧରେ ସେପରି ଗୁରୁତ୍ୱ ପ୍ରଦାନ କରି ନ ଥାନ୍ତି। ଚିତ୍ରକର ଏବଂ ସଙ୍ଗୀତଗାନକାରୀଙ୍କ ଅବସ୍ଥା ବି ଅନୁରୂପ ଭାବରେ ବିକୃତ। ସେମାନେ କଳା ପରିବେଷଣ କରନ୍ତି ନିଜ 'ଇଚ୍ଛା' ମାଧ୍ୟମରେ ଜନତାର 'ଇଚ୍ଛା' ପରିପୂରଣ କରିବା ପାଇଁ। ଜନତା ନୃତ୍ୟ ଦେଖି ଯେପରି ସାମୟିକ ଉଷ୍ମତା ଲାଭ କରିବେ ତାହା ହିଁ ଥାଏ ତାଙ୍କର ଉଦ୍ଦେଶ୍ୟ। ଏହା ମୂଳରେ ଥାଏ ସେମାନଙ୍କର ଭୋଗବାଦିତା, ଯାହା ସେମାନଙ୍କୁ ଅନ୍ତଃ ସ୍ତରରେ ଖଣ୍ଡିତ ତେଣୁ ବିକୃତ ତେଣୁ ଅତ୍ୟନ୍ତ ପିପାସୀ କରି ରଖିଥାଏ। ନୃତ୍ୟ ଏକ ସାତ୍ତ୍ୱିକ କର୍ମଯୋଗ, ଭାବଯୋଗ ତଥା ସମାଧିଯୋଗ। ଏହା ଶରୀରରେ ଯେତେ ହୁଏ, ତା'ଠାରୁ ଅଧିକ ହୁଏ ଭାବରେ, ଯାହା ନର୍ତ୍ତକ ବା ନର୍ତ୍ତକୀକୁ ସମାଧିସ୍ଥ କରିପାରେ। ଅସାଧାରଣ ଶକ୍ତିସମ୍ପନ୍ନ ଏହି କଳା ମଣିଷକୁ ମୋକ୍ଷ ପ୍ରଦାନ କରିପାରେ (ଯେକୌଣସି କଳା ମଧ୍ୟ ଏହି ଶକ୍ତିସମ୍ପନ୍ନ, କିନ୍ତୁ ନୃତ୍ୟ ଓ ସଙ୍ଗୀତରେ ଏହା ପ୍ରଭୂତ)। ଏହି କ୍ରାନ୍ତିକାରୀ ପ୍ରଭାବ ଯୋଗୁ ନୃତ୍ୟ ସଦୃଶ ଦୃଶ୍ୟକଳା ବ୍ୟକ୍ତି ତଥା ସମାଜର ଚେତନାରେ ଅଭୂତପୂର୍ବ ସୂର୍ଯ୍ୟୋଦୟ ଆଣିପାରନ୍ତା। ଫଳରେ ମାନବ ସଭ୍ୟତା ଅଧିକ ସଂସ୍କୃତିସମ୍ପନ୍ନ ହୋଇପାରନ୍ତା। ମଣିଷ ଏକ ଅଭିନବ ପ୍ରାଣଶକ୍ତି ନେଇ କେଉଁ ଏକ ଦିବ୍ୟ ମିଳନର ପ୍ରୟାସୀ ହୋଇପାରନ୍ତା। ଜୀବନର ଯାବତୀୟ ଆଭ୍ୟନ୍ତରୀଣ ଅତ୍ୟାଚାରକୁ ସାମାନ୍ୟତମ ସ୍ୱାଗତ ନ ଜଣାଇ ବରଂ ସେସବୁର ଯଥାଯଥ ନିର୍ବାପନ ପାଇଁ ସେ ସତତ ଚେଷ୍ଟିତ ହୁଅନ୍ତା। ତା'ର ଏହି ମହନୀୟ ସାଧନା ତାକୁ ଯଥାର୍ଥରେ ଶକ୍ତିସମ୍ପନ୍ନ, ଜ୍ଞାନମଣ୍ଡିତ ତଥା ବିତ୍ତଶାଳୀ କରିପାରନ୍ତା।

ଆମ ସମୟରେ ବଜାର ଅର୍ଥନୀତିର ପ୍ରାଦୁର୍ଭାବ ଏପରି ହୋଇଛି ଯେ ତାହା ଭାଷାରେ ପ୍ରକାଶ କରିହେବ ନାହିଁ। ଦ୍ରବ୍ୟମାନ, କର୍ମମାନ, କେତେ ପଣ୍ୟ ହେବାକୁ ସମର୍ଥ– ଏହି ନ୍ୟାୟରେ ବ୍ୟକ୍ତି, ସମଷ୍ଟି, ଉତ୍ପାଦନ, ଉତ୍ପାଦକ, କଳା, କଳାକାର, ସମାଜ ଓ ସଭ୍ୟତା ସବୁର ମାନ ନିର୍ଦ୍ଧାରଣ କରାଯାଉଛି, ଯାହା ଅତ୍ୟନ୍ତ ଭୟାନକ। ଯଦି ନୃତ୍ୟକୁ ବଜାର ଅର୍ଥନୀତି ଅନୁକୂଳ ପଣ୍ୟରେ ପରିଣତ କରିଦିଆଯାଏ (ଯାହା ଏବେ ହୋଇଛି), ତାହା ହେଲେ ତାହା ତା'ର ସ୍ୱଧର୍ମ ହରାଏ। ଏବେ ନୃତ୍ୟକୁ ସେହି ଲକ୍ଷ୍ୟରେ ମନୋରଞ୍ଜନଧର୍ମୀ କରିବାରେ ଏତେ ବ୍ୟାକୁଳତା, ଏତେ ପ୍ରଚଣ୍ଡ ଅଭୀପ୍ସା। ଶୋଚନାର କଥା କଳାକାରମାନେ ମଧ୍ୟ ଏଇ ଦୁର୍ବିନୀତ ଶକ୍ତିର ବଶ୍ୟତା ସ୍ୱୀକାର କରିବାକୁ ଆଦୌ କୃପଣ ନୁହନ୍ତି। ଅଧିକନ୍ତୁ ସତେଯେପରି ସେମାନେ ତା'ର ବାହକ ହେବାକୁ ଗୋଡ଼ଟେକି ବସିଛନ୍ତି! ଫଳରେ ସେମାନେ ନୃତ୍ୟଶିଳ୍ପୀ ହୋଇଥିଲେ ଅବା ସଙ୍ଗୀତଜ୍ଞ ହୋଇ ଖୁବ୍ ମନୋରଞ୍ଜକ କଳା ପରିବେଷଣ କରି ଜନତାକୁ ତୁଷ୍ଟ କରି ଆପଣାକୁ ତୁଷ୍ଟ କରୁଥିଲେ ହେଁ ପ୍ରକୃତରେ ସେମାନେ ଆପଣାକୁ, ଜନତାକୁ ଓ କଳାକୁ କାମନାର କାଦମ୍ବରୀ ପିଆଉଥାନ୍ତି।

ଭଦ୍ରକ, ମୋ: ୮୦୧୮୦୮୭୮୩୧

# ମନନଶୀଳ ଔପନ୍ୟାସିକା

## ବ୍ୟକ୍ତିତ୍ୱ



ଅନୁରାଧା ରଏ

ମାଇଶ୍‌କିନଙ୍କୁ ସେତେବେଳେ ୯ ବର୍ଷ ବୟସ ଯେତେବେଳେ ତାଙ୍କ ମା' ତାଙ୍କୁ ଛାଡ଼ି ପଳାଇଥିଲେ। ପିତା ଭାରତର ଏକ କାଳ୍ପନିକ ସହର 'ମୁନ୍‌ତାଜିର'ରେ ଜଣେ ଗୁପ୍ତଚର ଭାବେ କାର୍ଯ୍ୟ କରନ୍ତି ଓ ସେ ମଧ୍ୟ ପୁଅଠୁ ଅଲଗା ରହିଛନ୍ତି। ମାଇଶ୍‌କିନ ଏକୁଟିଆ ଜୀବନ ବିତାଉଥିବା ବେଳେ ସର୍ବଦା ମା'ଙ୍କଠାରୁ ଚିଠି ଆଶା କରିବା ସହ ତାଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ଏମିତି ଦେଖୁଦେଖୁ ତାଙ୍କୁ ୬୦ ବର୍ଷ ବୟସ ହୋଇଯାଇଛି। ୯ ବର୍ଷ ବାଳକର ବୃଦ୍ଧ ଭର୍ସନରେ ମଧ୍ୟ ସର୍ବଦା ସ୍ଥିର ଓ ଶାନ୍ତ ରୂପ ପ୍ରକଟିତ ହୋଇଛି। ନିଃସଙ୍ଗ ଜୀବନରେ ଗଛ ତାଙ୍କ ସାଥୀ ଭାବେ ଦଣ୍ଡାୟମାନ ହୋଇଛି। ଦିନେ ତାଙ୍କ ପାଖକୁ ଏକ ମୋଟା ଲଫାପା ଆସିଛି। ସେଥିରେ କ'ଣ ଲେଖାଥିବ ସେ ଭାବିବାକୁ ଯାଇ ତାହାକୁ ଖୋଲିପାରୁ ନାହାନ୍ତି କି ଫୋପାଡ଼ିପାରୁ ନାହାନ୍ତି। ଏହା ପରିବର୍ତ୍ତେ ସେ ସେଥିରେ ଦେଖିବାକୁ ପାଉଛନ୍ତି ତାଙ୍କ ମା'ଙ୍କ ପିଲାବେଳ ଓ ନିଜର ଛୁଆବେଳର ଜୀବନ। ମା' ଗାୟତ୍ରୀ ଜୀବନରେ ନେଇଥିବା ପଦକ୍ଷେପ ତାଙ୍କୁ ଆନ୍ଦୋଳିତ କରିଛି। ଗାୟତ୍ରୀ ଥିଲେ ଜଣେ କଳାକାର ତଥା ନୃତ୍ୟାଙ୍ଗନା। ସ୍ୱାମୀ ତାଙ୍କ କାର୍ଯ୍ୟକୁ କଳଙ୍କମୟ କହି ଗାଳି ଦେଉଥିଲେ। ୧୯୩୦ ଯାଏ ଅତି କଷ୍ଟରେ ସେ ସ୍ୱାମୀଙ୍କ ସହ ରହିପାରିଥିଲେ। ମାତା ଓ ପିତାଙ୍କ ଅଶାନ୍ତ ଜୀବନ ମାଇଶ୍‌କିନଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା। ହେଲେ ସେ ତାହାର କାରଣ ଅନ୍ୟତ୍ର ଖୋଜିଚାଲିଛନ୍ତି। ମହିଳାଙ୍କ ଇଚ୍ଛା ଓ ସେମାନଙ୍କଠାରୁ ବିଶ୍ୱ କରୁଥିବା ପ୍ରତ୍ୟାଶା ମଧ୍ୟରେ ଯେଉଁ ଉତ୍ତେଜନା ସୃଷ୍ଟି ହେଉଛି ତାହାକୁ ସାହିତ୍ୟ ମାଧ୍ୟମରେ ମାଇଶ୍‌କିନ ସନ୍ଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ ମାଇଶ୍‌କିନଙ୍କ ପିତାଙ୍କ ବ୍ରିଟିଶ ସାମ୍ରାଜ୍ୟ ବିରୋଧୀ କାର୍ଯ୍ୟକଳାପରେ ଔପନ୍ୟାସିକା ପ୍ରଭାବିତ ହେଉ ନ ଥିବା ବେଳେ ଜଣେ ପୁରୁଷ ନିଜ ଘରେ ଅତ୍ୟାଚାରୀ ଭାବେ ବ୍ୟବହାର ପ୍ରଦର୍ଶନ କରି ସେ କିଭଳି ସ୍ୱାଧୀନତା ଆଶାୟୀ ପାଲଟିଛନ୍ତି ତାହାକୁ ଦର୍ଶାଇଛନ୍ତି। ସାଧାରଣରେ ଉତ୍ତମ କାର୍ଯ୍ୟ ଲାଗି ପୁରୁଷଙ୍କୁ ସମ୍ମାନ ମିଳୁଥିବା ବେଳେ ସେ ଘରେ କରୁଥିବା ଜଘନ୍ୟ କାଣ୍ଡକୁ ବିଶ୍ୱ କ୍ଷମା ଦେଇଦେଉଛି। ଜଣେ ଗୁପ୍ତଚର ଭାବେ ଦେଶ ପାଇଁ ଜୀବନ ଲଗାଉଥିବାରୁ ଜାତୀୟ ରାଜନୀତି କିଭଳି ଲିଙ୍ଗଗତ ରାଜନୀତି ଊର୍ଦ୍ଧ୍ୱକୁ ଚାଲିଯାଉଛି, ତାହାକୁ 'ଅଲ୍ ଦି ଲାଇଭ୍‌ସ ଉଇ ନେଭର ଲିଭ୍‌ଡ' ଉପନ୍ୟାସରେ ବର୍ଣ୍ଣନା କରାଯାଇଛି। ଏଥିରେ ଉକ୍ତ ମହିଳା କିଭଳି ତାଙ୍କ ପିଲାଦିନ ରବୀନ୍ଦ୍ରନାଥ ଟାଗୋରଙ୍କ ଆଇଡିଆ ଦ୍ୱାରା ପ୍ରଭାବିତ ହୋଇ ଏକ ମୁକ୍ତ ଭାବନା ସୃଷ୍ଟି କରିବା ଲାଗି ସବୁକିଛି ତ୍ୟାଗ କରୁଛନ୍ତି, ତାହାକୁ ଔପନ୍ୟାସିକା ବର୍ଣ୍ଣନା କରି ସାହିତ୍ୟରେ ଚହଳ ପକାଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟର କଥାବସ୍ତୁ ସହ କାଳ୍ପନିକ ଚରିତ୍ରକୁ ଔପନ୍ୟାସିକା ଅନୁରାଧା ରଏ ମିଶ୍ରଣ କରି 'ଅଲ୍ ଦି ଲାଇଭ୍‌ସ ଉଇ ନେଭର ଲିଭ୍‌ଡ'କୁ ପୁସ୍ତକ ଆକାରରେ ପାଠକଙ୍କୁ ଭେଟି ଦେଇଛନ୍ତି। ସମ୍ଭବତଃ ଇଂଲିଶ ସାହିତ୍ୟରେ ଭାରତୀୟ ଲେଖିକା ଭାବେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି। ଏହି ଉପନ୍ୟାସ ବିଚାରକମଣ୍ଡଳୀକୁ ଅଭିଭୂତ କରିଥିବାରୁ ସେ ୨୦୨୨ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି।

ଅନୁରାଧା ୧୯୬୭ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ଭୂତତ୍ତ୍ୱବିତ୍। ସେଥିପାଇଁ ସିକ୍କିମ୍, ଓଡ଼ିଶା ଓ ବିହାର ସମେତ ଦେଶର ବିଭିନ୍ନ ରାଜ୍ୟରେ ତାଙ୍କ ପରିବାର ରହିବାର ସୁଯୋଗ ପାଇଥିଲା। ଅନୁରାଧା କୋଲକାତାରୁ ପଢ଼ା ଶେଷ କରିବା ପରେ କେମ୍ବ୍ରିଜରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ତେବେ ଯେତେବେଳେ ତାଙ୍କୁ ପାଞ୍ଚବର୍ଷ ବୟସ ହୋଇଥିଲା ମା' ତାଙ୍କୁ ନୋଟ୍‌ବୁକ୍ ଦେଇଥିଲେ ଗପ ଲେଖିବା ପାଇଁ। ସେ ସେଥିରେ ଭୁଲ୍ ବନାନଯୁକ୍ତ ମନକୁ ଆସିଲା ଭଳି କଥାଗୁଡ଼ା ଗାରଉଥିଲେ ବୋଲି କହନ୍ତି। ତେବେ ଏକ ଦୈନିକ ଇଂଲିଶ ଖବରକାଗଜରେ ତାଙ୍କ ପ୍ରଥମ ଗପ ପ୍ରକାଶ ପାଇବା ସହ ପାରିଶ୍ରମିକ ମିଳିଲା ବେଳକୁ ବୟସ ପହଞ୍ଚିଥିଲା ୧୪ରେ। ତା' ପରେ ସେ ଲେଖାରେ ଗଭୀର ମନୋନିବେଶ କଲେ। ଲେଖକୀୟ ଅଭିଜ୍ଞତାକୁ ନେଇ ସେ କହନ୍ତି– ଯେତେବେଳେ ତାଙ୍କ ମନକୁ ନୂଆ ଆଇଡିଆ ଆସେ ତାହାକୁ ତତ୍‌କ୍ଷଣାତ୍ ସେ ଖାତାରେ ଟିପି ଦିଅନ୍ତି। ପରେ ତାହା ବଦଳିଚାଲେ। ସମୟ ଏମିତି ଆସେ ଲେଖା ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହେଲା ବେଳକୁ ପ୍ରଥମ ଡ୍ରାଫ୍ଟ ସହ ତାହାର ସାଦୃଶ୍ୟ କମ୍ ରହିଥାଏ। ଭାରତୀୟ ଔପନ୍ୟାସିକା, ସାମ୍ବାଦିକା ତଥା ସମ୍ପାଦକ ଭାବେ ବିଜ୍ଞମଣ୍ଡଳୀରେ ପରିଚୟ ହାସଲ କରିଥିବା ଅନୁରାଧାଙ୍କ ପ୍ରଥମ ଉପନ୍ୟାସ 'ଆନ୍ ଆଟ୍‌ଲାସ ଅଫ୍ ଇମ୍ପସିବଲ ଲଙ୍ଗିଙ୍ଗ୍' ୨୦୦୮ରେ ପ୍ରକାଶ ପାଇଥିଲା। ଏଥିସହିତ ୨୦୧୧ରେ 'ଦି ଫୋଲ୍‌ଡେଡ୍ ଆର୍ଥ', ୨୦୧୫ରେ 'ସ୍ଲିପିଙ୍ଗ୍ ଅନ୍ ଜୁପିଟର', ୨୦୧୮ରେ 'ଅଲ୍ ଦି ଲାଇଭ୍‌ସ ଉଇ ନେଭର ଲିଭ୍‌ଡ' ଏବଂ ୨୦୨୧ରେ 'ଦି ଆର୍ଥସ୍ପାଇନର' ଅନୁରାଧାଙ୍କ ପାଞ୍ଚଟି ଉପନ୍ୟାସ ପାଠକଙ୍କୁ ନୂଆ କଥାବସ୍ତୁ ଭେଟି ଦେବାରେ ସଫଳ ହୋଇଛି। ସେଥିପାଇଁ ଭାରତର ବିଭିନ୍ନ ଖବରକାଗଜ, ପ୍ରକାଶନୀ ସଂସ୍ଥାଠାରୁ ଆରମ୍ଭ କରି ଡିଏସ୍‌ସି ପ୍ରାଇଜ୍ ଫର୍ ସାଉଥ୍ ଏସିଆନ୍ ଲିଟରେଚର ଯାଏ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। କିନ୍ତୁ ଗୋଟେ ବହି ଲେଖି ସାରିବା ପରେ ଆଉ ଗୋଟେ ଆଇଡିଆ ପାଇଗଲେ ସେ ଅଧିକ ଆନନ୍ଦିତ ହୋଇଥାଆନ୍ତି ବୋଲି କହିଥାଆନ୍ତି। ଏବେ ସେ ଉତ୍ତରାଖଣ୍ଡର ରାଣୀଖେତାରେ ସ୍ୱାମୀ ରୁକୁନ୍ ଆଡ୍‌ଭାନୀଙ୍କ ସହ ରହୁଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଜଣେ ମହିଳା ଶ୍ମଶାନର ବିକାଶ ପାଇଁ କାମ କରିବା କିଛି କମ୍ କଥା ନୁହେଁ। ଏଭଳି କାର୍ଯ୍ୟ କରୁଛନ୍ତି ଚେନ୍ନାଇର ଏସ୍ଥର ଶାନ୍ତି। ଚେନ୍ନାଇର ସବୁଠୁ ବଡ଼ ଶ୍ମଶାନ ଓଟେରିରେ ସେ ୨୦୧୪ରୁ କାମ କରୁଛନ୍ତି। ଶାନ୍ତିଙ୍କୁ ୪୪ ବର୍ଷ। ସେ ପ୍ରଥମେ ଏକ ଏନ୍‌ଜିଓରେ କାମ କରୁଥିଲେ ଓ ତାଙ୍କୁ ଶ୍ମଶାନ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା ୨୦୦୯ରେ। ସେ ଏହାକୁ ସାଦରେ ଗ୍ରହଣ କରିଥିଲେ। ପରେ ସେ ଏନ୍‌ଜିଓ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଶ୍ମଶାନର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ସମୟରେ ଓଟେରି ଶ୍ମଶାନର ଦୁରବସ୍ଥା ଦେଖି ତାହାକୁ ସୁଧାରିବା ଲାଗି ଆଗେଇ ଆସିଥିଲେ। ନିଶା ଓ ଚୋରା କାରବାରର ଏକ ସ୍ଥାନ ପାଲଟିଥିବା ଏହି ଶ୍ମଶାନକୁ ସେ ଯେତେବେଳେ ପରିବର୍ତ୍ତନ କରିବାକୁ ଆଗେଇ ଆସିଲେ, ବହୁ ଧମକ ଚମକ ଦିଆଯାଇଥିଲା ତାଙ୍କୁ। ଜୀବନରୁ ମାରିଦେବାକୁ ଧମକ ବି ଦିଆଯାଇଥିଲା। ଏସବୁକୁ ଖାତିର ନ କରି ଶାନ୍ତି ଏବେ ଓଟେରିକୁ ଏକ ସୁନ୍ଦର ଶ୍ମଶାନ ଭାବେ ଗଢ଼ିଛନ୍ତି। ଏହି କାର୍ଯ୍ୟ ପାଇଁ ସେ ମାସକୁ ୧୫,୦୦୦ ଟଙ୍କା ଦରମା ପାଇ ପରିବାର ପ୍ରତିପୋଷଣ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଡିସେମ୍ବର ୧୯୯୭

- ମେକ୍ସିକୋର ଦକ୍ଷିଣାଞ୍ଚଳ ଚିଆପାସର ଆଟିୟାଲ ସହରରେ ଶାସକ ରିଭୋଲ୍ୟୁସନାରୀ ପାର୍ଟିର ସମର୍ଥକଙ୍କ ଆକ୍ରମଣରେ ୪୬ ମୃତ।
- ଆଗାମୀ ଲୋକସଭା ନିର୍ବାଚନ ସହ ବିଧାନସଭା ନିର୍ବାଚନ କରାଇବାର ଲକ୍ଷ୍ୟ ନେଇ ହିମାଚଳ ପ୍ରଦେଶର ବିଧାନସଭା ଭଙ୍ଗ।
- ନିର୍ବାଚନ ନ ଲଢ଼ିବା ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳର ବିଭାଜିତ ଗୋଷ୍ଠୀକୁ ସ୍ୱୀକୃତି ମିଳିବ ନାହିଁ ବୋଲି ନିର୍ବାଚନ କମିଶନ ପକ୍ଷରୁ ନିର୍ଦ୍ଦେଶନାମା ଜାରି।

# ପାଠକ ଶ୍ରେଷ୍ଠ ବିଚାରକ

## ବେଧଡ଼କ ପରିବହନ

ମହାଶୟ,

କିଛିମାସ ତଳେ ବାଲେଶ୍ୱର ଜିଲା ସୋର ନିକଟସ୍ଥ ବିଦୁଠାରେ ଶାନ୍ତିଲତା ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୬ଜଣ ମୃତ୍ୟୁବରଣ କରିଥିଲେ। ଏହାପରେ ସରକାର ନିୟମ କଲେ କୌଣସି ବସ୍ ଜନଗହଳି ସ୍ଥାନରେ ବେଆଇନ ଭାବେ ରଖି ଯାତ୍ରୀଙ୍କୁ ଓହ୍ଲାଇ ପାରିବେ ନାହିଁ ଏବଂ ପୋଲ ନିକଟରେ ମଧ୍ୟ। କିନ୍ତୁ ଦେଖାଯାଉଛି, ଶେରଗଡ଼ରେ ଥିବା ପୋଲ ଉପରେ ବସ୍‌ବାଲା ଯାତ୍ରୀଙ୍କୁ ଓହ୍ଲାଇଦେଉଛନ୍ତି। ଏଣୁ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

– କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଜଗତ୍‌ପୁର–ଚାନ୍ଦବାଲି ରାସ୍ତା ପୁନଃ ସମ୍ପ୍ରସାରଣ ହେଉ

ଜଗତ୍‌ପୁରଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ରାସ୍ତାର ପୁନଃ ସମ୍ପ୍ରସାରଣ କରାଯାଇ ଶୀଘ୍ର ଶେଷ କରାଯାଉ। କାରଣ ବର୍ତ୍ତମାନ ଏହି ରାସ୍ତାରେ ଦୁର୍ଘଟଣା ଘଟି ବହୁ ପ୍ରାଣହାନି ସହ ଆହତ ହେଉଛନ୍ତି। ଚାରିଚକିଆ–ଭାରୀଯାନଗୁଡ଼ିକ ଅତିକ୍ରମ କରିବା ସମସ୍ୟା ହେଉଛି। ଏପରି କି ଏକବର୍ଷ ମଧ୍ୟରେ ୧୨ଜଣଙ୍କ ମୃତ୍ୟୁ ହେଲାଣି। ରାସ୍ତା ସମ୍ପ୍ରସାରଣ ହେଲେ ଦୁର୍ଘଟଣା ଅନେକାଂଶରେ ରୋକାଯାଇପାରିବ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ–ଭାଷାରେ
ମୋହରି ପାଇଁ ବିକଳ।

(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଫଗାନ୍ ମହିଳାଙ୍କୁ ଏନ୍‌ଜିଓରେ କାମ କରିବା ମନା

କାବୁଲ,୨୪।୧୨: ଆଫଗାନ୍ ମହିଳାମାନଙ୍କୁ ଅଣ ସରକାରୀ ସଙ୍ଗଠନ (ଏନ୍‌ଜିଓ)ରେ କାର୍ଯ୍ୟ କରିବା ପାଇଁ ତାଲିବାନ ସରକାର ବାରଣ କରିଛନ୍ତି। ଏ ନେଇ ଶନିବାର ଆଫଗାନ୍ ଅର୍ଥନୀତି ମନ୍ତ୍ରଣାଳୟ ପକ୍ଷରୁ ଏକ ଚିଠି ପ୍ରକାଶ ପାଇଛି। ମନ୍ତ୍ରଣାଳୟର ମୁଖପାତ୍ର ଅବ୍‌ଦୁଲ ରହମାନ ହବିବ୍ କହିଛନ୍ତି, ମହିଳାମାନେ ବର୍ତ୍ତମାନଠାରୁ କୌଣସି ସ୍ଥାନୀୟ କିମ୍ବା ବିଦେଶୀ ଏନ୍‌ଜିଓରେ କାର୍ଯ୍ୟ କରିପାରିବେ ନାହିଁ। ଏ ସମ୍ପର୍କିତ ଆସନ୍ତା ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କୌଣସି ସଙ୍ଗଠନ ମହିଳାଙ୍କୁ କାର୍ଯ୍ୟାଳୟରେ ପ୍ରବେଶ କରାଇବେ ନାହିଁ ବୋଲି ସେ କହିଛନ୍ତି। କାର୍ଯ୍ୟରତ ମହିଳା ଇସ୍‌ଲାମ ନିୟମ ପାଳନ କରୁ ନ ଥିବା ଯୋଗୁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

# ଆଦିବାସୀ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଗିରୀଶ ମୁର୍ମୁ

**ବାରିପଦା ଅଫିସ,୨୪।୧୨**

ମୟୂରଭଞ୍ଜ ଜିଲା ବାରିପଦା ମୁର୍ଗାବାଡ଼ିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ୧୧ତମ ସାନ୍ତାଳୀ ଡାକ୍ତର ଆସୋସିଏଶନର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଏଜି (କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ) ଗିରୀଶ ଚନ୍ଦ୍ର ମୁର୍ମୁ ଯୋଗଦେଇ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଆଦିବାସୀ ଡାକ୍ତରମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ରାଜ୍ୟରେ ଆଦିବାସୀ ଡାକ୍ତରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏପରିକି ଗ୍ରାମାଞ୍ଚଳରେ ନିଜସ୍ୱ ଭାଷାରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଡାକ୍ତରଙ୍କ ମୂଳ ଲକ୍ଷ୍ୟ ହେବା ଜରୁରୀ। ସାନ୍ତାଳୀ ଡାକ୍ତର ଆସୋସିଏଶନର ରାଜ୍ୟ ସଭାପତି ଡା. ଚୈତନ୍ୟ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ ସାନ୍ତାଳୀ ଡାକ୍ତର ଆସୋସିଏଶନର ସଭାପତି ଡା. ଜଗନ୍ନାଥ ସୋରେନ ଯୋଗ ଦେଇଥିଲେ। ଏହି ଅବସରରେ ସାନ୍ତାଳୀ ଡାକ୍ତର ଆସୋସିଏଶନ ପକ୍ଷରୁ ସିଏଜି ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନକୁ ଆଗକୁ ଜାତୀୟ ସ୍ତରରେ ଗଠନ କରିବା ପାଇଁ ପ୍ରୟାସ କରାଯିବ ବୋଲି କର୍ମକର୍ତ୍ତାମାନେ ମତପ୍ରକାଶ କରିଥିବା ବେଳେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ସିଏଜି ପ୍ରତିଶ୍ରୁତି ଦେଇଛନ୍ତି।



ସାନ୍ତାଳୀ ଡାକ୍ତର ଆସୋସିଏଶନର ରାଜ୍ୟ ସମ୍ମିଳନୀରେ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ ଓ ଅନ୍ୟମାନେ।

# କମଳା ଶତପଥୀଙ୍କୁ ଅନୁବାଦରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**



କମଳା ଶତପଥୀ

ଲେଖିକା କମଳା ଶତପଥୀ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ୨୦୨୨। ସୟଦ ସଲିମଙ୍କ ତେଲୁଗୁ ଉପନ୍ୟାସ 'ଭେନ୍ଦି ମେଘମ୍' ପୁସ୍ତକର ଓଡ଼ିଆ ଅନୁବାଦ 'ସୁନେଲି ବାଦଲ' ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ୫୦ହଜାର ଟଙ୍କାର ଅର୍ଥ ରାଶି ସହ ତାମ୍ର ଫଳକ ଦିଆଯିବ। ଶନିବାର ଏକାଡେମୀ ପକ୍ଷରୁ ଓଡ଼ିଆ ସହ ମୋଟ ୭ଟି ଭାଷାରେ ପୁରସ୍କାର ଘୋଷଣା ଅବସରରେ ଏହି ସୂଚନା ଦିଆଯାଇଛି। ଓଡ଼ିଆ ଅନୁବାଦ ବିଭାଗରେ ଜୁରି ସଦସ୍ୟ ଭାବେ ଅମରେନ୍ଦ୍ର ଖଟୁଆ, ଅସିତ୍ ମହାନ୍ତି ଓ ସୁସ୍ମିତା ରଥ ରହିଥିବାବେଳେ ଘୋଷଣା ସମୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହ ଉପସ୍ଥିତ ଥିଲେ।

୧୯୬୩ ଜୁଲାଇ ୧ରେ ବାରଙ୍ଗରେ ଜନ୍ମ ଗ୍ରହଣ କରିଥିବା ଲେଖିକା ଶତପଥୀ ସ୍ୱର୍ଗତ ଗନ୍ଧର୍ବ ମିଶ୍ର ଓ ସ୍ନେହଲତା ମିଶ୍ରଙ୍କ କନ୍ୟା ତଥା ସଚ୍ଚିଦାନନ୍ଦ ଶତପଥୀଙ୍କ ସ୍ତ୍ରୀ। ସେ ଶିକ୍ଷା ଦର୍ଶନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ 'କ୍ୟାନସର୍ ନୁହେଁ ଅସାଧ୍ୟ ବେମାରୀ' ପୁସ୍ତକରେ କର୍କଟ ଉପରେ ଶହେଟି ପ୍ରଶ୍ନର ଉତ୍ତରକୁ ହିନ୍ଦୀରୁ ଅନୁବାଦ କରିଛନ୍ତି। 'ଜୀବନର ସତ୍ୟତା', 'ରାଣୀର କାହାଣୀ', 'ଧ୍ୱଂସ ତଳର ଜୀବନ' ପୁସ୍ତକକୁ ସେ ତେଲୁଗୁ ଉପନ୍ୟାସରୁ ଅନୁବାଦ କରିଛନ୍ତି। ବୀଣାପାଣି ମହାନ୍ତିଙ୍କ କାହାଣୀକୁ ନେଇ ଉର୍ଦ୍ଦୁରେ ଅନୁବାଦ ପୁସ୍ତକ 'ବୀଣାପାଣି ମହାନ୍ତି କି କହାନୀୟାଁ'ର ସେ ହେଉଛନ୍ତି ସଂକଳିକା ତଥା ପ୍ରକାଶିକା। 'ସରତ୍ୟା ବସନ୍ତଚ୍ୟା ଗୋଷ୍ଠୀ' ମରାଠୀରେ ଅନୁବାଦ ହୋଇଥିବାବେଳେ ଓଡ଼ିଆରେ 'ସ୍ୱୟଂପ୍ରଭା'ର ଅନୁବାଦ କରିଛନ୍ତି ଲେଖିକା ଶତପଥୀ। ସେ ଗଳ୍ପ ସଂକଳନ ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ, ପୂର୍ଣ୍ଣଚ୍ଛେଦ ପରର କାହାଣୀ, ଗୋଟିଏ ପାପର କାହାଣୀ, ସଂପର୍କର ଦୋ'ଛକିରେ ମଣିଷ, ମହାପାତ୍ର ବାବୁଙ୍କ ହାଲ୍ ଚାଲ୍ ଭଳି ଅନେକ ପୁସ୍ତକ ସେ ରଚନା କରିଛନ୍ତି । ହାଏ ମୁମ୍ବାଇ, ସଲାମ ମୁମ୍ବାଇ, ଅଧାକାନ୍ଥି ଘର, ଫଗୁଣଟା ଫେରିଗଲା ପରେ, ମାୟା ନଗରୀ କୋଳେ, ହେଲୋ ଭୁଟାନ ପ୍ରମୁଖ ଉପନ୍ୟାସ ଏବଂ ଲଳିତ ନିବନ୍ଧ 'ମହୁମାଛିର ଜୀବନ' ଓ କବିତା 'ଶେଷ ଫଗୁଣ'କୁ ମଧ୍ୟ ସେ ଲେଖିଛନ୍ତି। ବିଭିନ୍ନ କବିତା, ଉପନ୍ୟାସ ଓ ଗଳ୍ପ ସଙ୍କଳନ ପାଇଁ ସେ ସୁଧନ୍ୟା ଗଳ୍ପ ସମ୍ମାନ, ମୁମ୍ବାଇର ଶବ୍ଦସୃଷ୍ଟି ପରିବାର, ଓଡ଼ିଶା ଲେଖିକା ସମ୍ମାନ, ପ୍ରତିଭା ପୂଜା ସଂସଦ ସମ୍ମାନ, ସାହାଣମେଲା ସମ୍ମାନ, ମରାଠୀ ସାହିତ୍ୟ ସମାଜ, କଳିଙ୍ଗ ପୁସ୍ତକ ମେଳା, ରାଜଧାନୀ ପୁସ୍ତକ ମେଳା, ବନ୍ଦେ ଓଡ଼ିଆ ମହାସଂଘ, ଗନ୍ଧଗିରି ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ମୁଖ୍ୟ କାର୍ଯ୍ୟାଳୟ ନିଲାମ କରିବାକୁ କମର୍ସିଆଲ କୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

**ମାର୍କଫେଡ୍ ବକେୟା ନ ଶୁଝିବା ପ୍ରସଙ୍ଗ**

**ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି: ମାର୍କଫେଡ୍ ଏମ୍‌ଡି**



ଘରୋଇ ମିଲରଙ୍କ ବକେୟା ଶୁଝି ନ ପାରି ଓଡ଼ିଶା ରାଜ୍ୟ ସମବାୟ ମହାସଂଘ(ମାର୍କଫେଡ୍) ଅଡୁଆରେ ପଡିଛି। ମାର୍କଫେଡ୍ ଉପରେ ବକେୟା ଥିବା ପ୍ରାୟ ୧ କୋଟି ଟଙ୍କା ଶୁଝିବାକୁ ମାର୍କଫେଡ୍‌କୁ ଭୁବନେଶ୍ୱର କମର୍ସିଆଲ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କା ଶୁଝି ନ ପାରିବାରୁ ଲକ୍ଷ୍ମୀସାଗରରେ ଥିବା ମାର୍କଫେଡ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଆସନ୍ତା ଜାନୁୟାରୀ ୨ ତାରିଖ ସୁଦ୍ଧା ନିଲାମ କରିବାକୁ କୋର୍ଟ ନୋଟିସ ଜାରି କରିଛନ୍ତି। ଏପରିକି ଜନସାଧାରଣଙ୍କ ଅବଗତି ନିମନ୍ତେ ଡେଙ୍ଗୁରା ପିଟାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୫-୧୬ରୁ ତୁଳସୀ ମଡର୍ନ ରାଇସ ମିଲ୍ କୃଷକଙ୍କଠାରୁ ଧାନ ସଂଗ୍ରହ କରି ଚାଉଳ କରି ମାର୍କଫେଡ୍‌କୁ ବିକ୍ରି କରିଥାଏ। ତେବେ ଉକ୍ତ ରାଇସ ମିଲ୍‌ର ବକେୟା ୫୬ ଲକ୍ଷ ଟଙ୍କା ମାର୍କଫେଡ୍ ଦେଇ ନ ଥିବା ଅଭିଯୋଗ କରାଯାଇଥିଲା। ଏହା ବିରୋଧରେ ମିଲ୍ ପକ୍ଷରୁ ପ୍ରଥମେ ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜ ଫାସିଲିଟେଶନ କାଉନସିଲ(ଏମ୍‌ଏସ୍‌ଇଏଫ୍‌ସି) ଓ ପରେ ୨୦୧୯ରେ ଭୁବନେଶ୍ୱର କମର୍ସିଆଲ କୋର୍ଟରେ ମାମଲା ରୁଜୁ କରାଯାଇଥିଲା। ୨୦୨୧ରେ କମର୍ସିଆଲ କୋର୍ଟ ୩୦ ଦିନ ମଧ୍ୟରେ ଉକ୍ତ ବକେୟା ସୁଧ ସହିତ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମଧ୍ୟ ମାର୍କଫେଡ୍ ବକେୟା ଦେଇ ନ ଥିଲା । କୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇ ନ ଥିବାରୁ କମର୍ସିଆଲ କୋର୍ଟ ମାର୍କଫେଡ୍ କୋଠାକୁ ନିଲାମ କରିବାକୁ ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ମାର୍କଫେଡ୍ ଏମ୍‌ଡି ପ୍ରେମ ଚନ୍ଦ୍ର ଚୌଧୁରୀ କହିଛନ୍ତି ଯେ ଏ ବିଷୟ ହାଇକୋର୍ଟରେ ବିଚାରାଧୀନ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏ ନେଇ କମର୍ସିଆଲ କୋର୍ଟଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ନୂଆ ଭାରିଆଣ୍ଟ ମୁକାବିଲା ପାଇଁ ରାଜ୍ୟ ପ୍ରସ୍ତୁତ

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

କରୋନାର ନୂଆ ଭାରିଆଣ୍ଟ ବିଏଫ୍.୭କୁ ନେଇ ସବୁଠି ଚିନ୍ତାଜନକ ପରିସ୍ଥିତି ଦେଖାଦେଇଛି। ଏ ପରିସ୍ଥିତିରେ ଲୋକେ ଭୟଭୀତ ହେଲା ଭଳି ମନ୍ତବ୍ୟ ନ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ରାଜ୍ୟବାସୀଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇ କହିଛନ୍ତି, ଏହି ଭାରିଆଣ୍ଟ ଦୁଇବର୍ଷ ହେବ ଅଛି। ଯେହେତୁ ଏହା ଚାଇନାରେ ବଢୁଛି, ତେଣୁ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ଯଦିଓ ଏହାର ସଂକ୍ରମଣ କ୍ଷମତା ଅଧିକ ଅଛି, କିନ୍ତୁ ଏହାର ଫାଟାଲିଟି ଓ ମୋଟାଲିଟି ବିଶେଷ ନାହିଁ। ତେଣୁ ଲୋକଙ୍କୁ ଭୟଭୀତ କଲା ଭଳି ମନ୍ତବ୍ୟ ଦିଅନ୍ତୁ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଗତ ୪ଟି ଲହର ପାଇଁ ଆମର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଅଛି। ତେଣୁ ଏହା ଅଧିକ ସଂକ୍ରମିତ କରିପାରିବ ନାହିଁ। ୩ ମାସରୁ ଅଧିକ ହେଲାଣି ରାଜ୍ୟରେ ପଜିଟିଭ ରେଟ୍ ବଢ଼ିନାହିଁ। ହସ୍ପିଟାଲରେ ମଧ୍ୟ ରୋଗୀ ଅଧିକ ନାହାନ୍ତି। ଆଗକୁ ଯଦି ସଂକ୍ରମଣ ଆସେ, କିପରି ମୁକାବିଲା କରାଯିବ ସେନେଇ ଆମେ ପ୍ରସ୍ତୁତ ହୋଇଛୁ। ସର୍ଭେଲାନ୍ସକୁ ଜୋରଦାର୍ କରାଯିବ। ଯାହା ଦେହରେ ଲକ୍ଷଣ ଅଛି ତୁରନ୍ତ ଟେଷ୍ଟ କରାନ୍ତୁ। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ଅଛି। ବର୍ତ୍ତମାନ ରୋଗୀ ନ ଥିଲେ ମଧ୍ୟ ବେଡ୍ ମହଜୁଦ ରଖାଯାଇଛି। ଦରକାର ପଡ଼ିଲେ ବେଡ୍ ବଢ଼ାଯିବ। ରାଜ୍ୟରେ ନୂଆ ଭାରିଆଣ୍ଟର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ୨୭ ତାରିଖରେ ମକ୍ ଡ୍ରିଲ୍ କରାଯିବ। ସରକାର ସବୁବେଳେ ରୋଗୀଙ୍କୁ ଉଚିତ ଚିକିତ୍ସା ଦେବାକୁ ପ୍ରତିଶ୍ରୁତିବଦ୍ଧ। ପୂର୍ବ ଲହର ପରି ଏଥର ମଧ୍ୟ ଯଦି ସଂକ୍ରମଣ ବଢ଼େ, ରାଜ୍ୟ ସରକାର ଚିକିତ୍ସା ଦାୟିତ୍ୱ ନେବେ। ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ କେନ୍ଦ୍ର ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଓଡ଼ିଶାକୁ ସିଧାସଳଖ ଭାବରେ ଅନ୍ତର୍ଜାତୀୟ ବିମାନ ଆସୁନାହିଁ। ତେଣୁ ଯଦି କିଏ ଆସୁଛି ଗାଇଡ୍‌ଲାଇନ ହିସାବରେ ଟେଷ୍ଟ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ବିଶ୍ୱରେ ଲୋକକଳାକୁ ପରିଚିତ କରାଇବ ଗୋପାଳପୁର ମହୋତ୍ସବ: ମୁଖ୍ୟମନ୍ତ୍ରୀ





ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।



**ବ୍ରହ୍ମପୁର ଅଫିସ/ଗୋପାଳପୁର ୨୪।୧୨**

ଗୋପାଳପୁର ବେଳାଭୂମି ମହୋତ୍ସବ ରାଜ୍ୟର ଲୋକକଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରିପାରିବ ବୋଲି ଶନିବାର ସନ୍ଧ୍ୟାରେ ମହୋତ୍ସବ ଉଦ୍‌ଘାଟନ ଅବସରରେ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ମହୋତ୍ସବ ପର୍ଯ୍ୟଟକଙ୍କ ନିମନ୍ତେ ଏକ ଆକର୍ଷଣର ମାଧ୍ୟମ ହେବ ବୋଲି କହିଥିଲେ। ଆଗାମୀ ଦିନରେ ଗୋପାଳପୁର ଏକ ପ୍ରମୁଖ ସହର ଭାବେ ମାନ୍ୟତା ପାଇବ ବୋଲି ବାଚସ୍ପତି ମତପ୍ରକାଶ କରିଥିଲେ। ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମହୋତ୍ସବରେ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ତାଙ୍କ ଭାଷଣ ପ୍ରସଙ୍ଗରେ ଜିଲାର କଳା, ସଂସ୍କୃତି ଓ ପରମ୍ପରାକୁ ସବୁଠି ପରିଚିତ କରାଇପାରିବ ବୋଲି ଆଶା ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି.କୀର୍ତ୍ତି ୱାସନ, ଗଞ୍ଜାମ ଜିଲା ପରିଷଦର ଉପାଧ୍ୟକ୍ଷା ଏସ୍ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସି. ଏଚ ଉଷାରାଣୀ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ ଜାନକୀ ରାମ, ବ୍ରହ୍ମପୁର ଏସପି ଡା.ଶ୍ରବଣା ବିବେକ ଏମ ଓ ପ୍ରଖ୍ୟାତ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ, ବିଏମ୍‌ସି ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ଜେ. ସୋନାଲ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସି, ଗଞ୍ଜାମର ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ଦୀପ୍ତିରେଖା, ଅନନ୍ୟା ଓ ଓଡିଶୀ ନୃତ୍ୟଶିଳ୍ପୀ ସାଶ୍ୱତ ଯୋଶୀ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ, ଯାହା ହଜାର ହଜାର ଦର୍ଶକଙ୍କ ମନ ମୋହିଥିଲା।

# କାଗଜବିହୀନ କୋର୍ଟ ହେଲା ରାଜ୍ୟ ଖାଉଟି ଆୟୋଗ

**କଟକ ଅଫିସ,୨୪।୧୨**

**ଜାତୀୟ ଖାଉଟି ଦିବସ**

- **ରେକର୍ଡ ଡିଜିଟାଇଜେସନ ଆରମ୍ଭ**
- **ଖାଉଟିଙ୍କୁ ମିଳିବ ତ୍ୱରିତ ନ୍ୟାୟ-ମୁଖ୍ୟମନ୍ତ୍ରୀ**

ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗରେ ରେକର୍ଡ ଡିଜିଟାଇଜେସନ ଓ କାଗଜବିହୀନ କୋର୍ଟକୁ ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଖାଉଟି ଆୟୋଗଙ୍କ ଏଭଳି ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି ୨୦୨୨ରେ ଖାଉଟି ବିବାଦ ସମ୍ପର୍କିତ ୨୦୦୦ଟି ମାମଲାର ଫଇସଲା ହୋଇଥିବା କଥା କହିଥିଲେ। ବର୍ତ୍ତମାନର ଜଗତୀକରଣ ଯୁଗରେ ଅର୍ଥନୈତିକ କାରବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ରାଜ୍ୟର ଉପକୂଳବର୍ତ୍ତି ୧୦ଟି ଜିଲାରେ କାଗଜବିହୀନ କୋର୍ଟ ଆରମ୍ଭ ହୋଇଛି। ଏହାଦ୍ୱାରା ସମୟ ଓ ଅର୍ଥ କମିବା ତଥା ଖାଉଟି ଅଧିକାର ସୁରକ୍ଷିତ ହେବା ସହ ତ୍ୱରିତ ନ୍ୟାୟ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। କଞ୍ଜୁମର ବାର୍ ଆସୋସିଏଶନ ସଭାପତି ଗୁରୁପ୍ରସାଦ ଦତ୍ତଙ୍କ ଅଧ୍ୟକ୍ଷତାରେ ସିଡ଼ିଏ ସେକ୍ଟର-୧ସ୍ଥିତ ଆୟୋଗ ପରିସରରେ ଆୟୋଜିତ ଜାତୀୟ ଖାଉଟି ଦିବସ ସମାରୋହରେ ଏହି ଯୁଗାନ୍ତକାରୀ ପଦକ୍ଷେପ ଅତ୍ୟନ୍ତ ମହତ୍ୱବହନ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟସଭା ଏମ୍‌ପି ଅମର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଖାଉଟି ଆୟୋଗର ସଭାପତି ଜଷ୍ଟିସ ଡି.ପି. ଚୌଧୁରୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଓଡ଼ିଶା ସରକାରଙ୍କ କଞ୍ଜୁମର ଆଫାୟାର୍ସ ଉପଦେଷ୍ଟା ବିଜନ କୁମାର ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଇ-ପତ୍ରିକା 'ଗ୍ରାହକ' ଉନ୍ମୋଚିତ ହୋଇଥିଲା। କଞ୍ଜୁମର ବାର୍ ଆସୋସିଏଶନ ସମ୍ପାଦକ ଜ୍ୟୋତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ସମାରୋହରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବକ୍ତବ୍ୟ ଦେଉଛନ୍ତି।

# ମସ୍‌ଜିଦ କମ୍ପ୍ଲେକ୍ସ ସର୍ଭେ ରିପୋର୍ଟ ମାଗିଲେ କୋର୍ଟ

**ମଥୁରା,୨୪।୧୨(ପି.ଟି.)**

**କୃଷ୍ଣ ଜନ୍ମଭୂମି-ଶାହି ଇଦ୍‌ଗା ବିବାଦ**

ଭଗବାନ କୃଷ୍ଣଙ୍କ ଜନ୍ମସ୍ଥାନରେ ଶାହି ଇଦ୍‌ଗା ମସ୍‌ଜିଦ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଅଭିଯୋଗ କରି ଏହାକୁ ସେଠାରୁ ହଟାଇବା ନିମନ୍ତେ ଏକାଧିକ ପିଟିଶନ ଦାଏର ହୋଇଥିଲା। ମଥୁରା ଜିଲା କୋର୍ଟ ଏହାର ଶୁଣାଣି କରି ଜାନୁୟାରୀ ୨୦ ସୁଦ୍ଧା ମସ୍‌ଜିଦ କମ୍ପ୍ଲେକ୍ସର ସର୍ଭେ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷ୍ଣ ଜନ୍ମଭୂମିକୁ ନେଇ ବାଲ୍ କ୍ରିଷ୍ଣା ଓ ଅନ୍ୟମାନେ ଏବଂ ଇନ୍ତେଜାମିଆ କମିଟି ମଧ୍ୟରେ ଆଇନଗତ ବିବାଦ ଲାଗିରହିଥିବାବେଳେ ସିଭିଲ୍ ଜଜ୍ ସିନିୟର ଡିଭିଜନ ସୋନିକା ବର୍ମା ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାବର୍ଷ ଜାନୁୟାରୀ୨୦କୁ ଧାର୍ଯ୍ୟ ହୋଇଛି।

ଆବେଦନକାରୀମାନଙ୍କ ଓକିଲ ଶୈଳେଶ ଦୁବେଙ୍କ କହିବା ଅନୁଯାୟୀ, ଶ୍ରୀକୃଷ୍ଣ ଜନ୍ମଭୂମି ଟ୍ରଷ୍ଟର ୧୩.୩୭ ଏକର ଜମିରେ ପୂର୍ବରୁ ଥିବା କାଟ୍ରା କେଶବ ଦେବଙ୍କ ମନ୍ଦିରକୁ ମୋଗଲ ସମ୍ରାଟ ଔରଙ୍ଗଜେବ୍ ଭାଙ୍ଗିଦେଇ ତାହାର କିଛି ଅଂଶରେ ଶାହି ଇଦ୍‌ଗା ମସ୍‌ଜିଦ ନିର୍ମାଣ କରାଇଥିଲେ। ତେଣୁ ସେଠାରୁ ମସ୍‌ଜିଦ କମ୍ପ୍ଲେକ୍ସ ହଟାଇବା ଲାଗି ବାଲ୍ କ୍ରିଷ୍ଣା ଓ ଅନ୍ୟମାନେ ସିଭିଲ୍ ଜଜ୍ ସିନିୟର ଡିଭିଜନ (୩ୟ)ଙ୍କ କୋର୍ଟରେ ପିଟିଶନ ଦାଏର କରିଥିଲେ। ଏଥିସହିତ ୧୯୬୮ରେ ଶ୍ରୀକୃଷ୍ଣ ଜନ୍ମସ୍ଥାନ ସେବା ସଂସ୍ଥାନ ଏବଂ ଶାହି ମସ୍‌ଜିଦ ଇଦ୍‌ଗା ମଧ୍ୟରେ ହୋଇଥିବା ବୁଝାମଣାକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଥିବା ଶୈଳେଶ କହିଛନ୍ତି।

# ହସ୍ତାକ୍ଷର ମିଶିଲେ ଖୋଲିବ ରହସ୍ୟ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**



- **ଝାରପଡ଼ା ଜେଲରୁ ଅର୍ଚ୍ଚନାଙ୍କ ହସ୍ତାକ୍ଷର ନମୁନା ସଂଗ୍ରହ**
- **ଇଲେକ୍ଟ୍ରୋନିକ ଡିଭାଇସ୍ ସମ୍ପର୍କରେ ଜଗବନ୍ଧୁଙ୍କୁ ଇଡିର ପଚରାଉଚରା**

ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ମାମଲାରେ କମିଶନରେଟ୍ ପୋଲିସ ଖୋଳତାଡ କରୁଛି। ଚଢାଉ ବେଳେ ଅର୍ଚ୍ଚନାଙ୍କ ଘରୁ ପୋଲିସ ଏକ ଡାଏରି ଜବତ କରିଥିଲା, ଯେଉଁଥିରେ ଅନେକ କିଛି ଲେଖା ହୋଇଛି। ତେବେ ଡାଏରିରେ ଥିବା ଲେଖା କାହାର ? ଅର୍ଚ୍ଚନାଙ୍କର ନା ଆଉ କାହାର ତାକୁ ନେଇ ପୋଲିସ ଦ୍ୱନ୍ଦ୍ୱରେ ପଡିଥିଲା। ଅର୍ଚ୍ଚନାଙ୍କ ହାତଲେଖା ସହ ଡାଏରିରେ ଥିବା ଲେଖାର ସାମଞ୍ଜସ୍ୟ ରହିଛି କି ନାହିଁ ତାହା ଜାଣିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। କୋର୍ଟଙ୍କ ଅନୁମତି ପରେ ଶନିବାର କମିଶନରେଟ ପୋଲିସର ଏକ ଟିମ୍ ଝାରପଡା ଜେଲକୁ ଯାଇ ଅର୍ଚ୍ଚନାଙ୍କ ହସ୍ତାକ୍ଷର ସାମ୍ପଲ ସଂଗ୍ରହ କରିଛି। ସେହିପରି ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଦସ୍ତଖତ ଅଣାଯିବା ପରେ ଉଭୟଙ୍କ ସାମ୍ପଲକୁ ହ୍ୟାଣ୍ଡ୍ ରାଇଟ୍ ବ୍ୟୁରୋକୁ ପଠାଯିବ। ଏହା ମିଶିଲେ ଡାଏରି ଓ ଅନ୍ୟ ଦସ୍ତାବିଜରେ ରହିଥିବା ଗୁମର କୋର୍ଟରେ ପ୍ରମାଣିତ କରିବାକୁ ପୋଲିସ ସୁଯୋଗ ପାଇବ। ତେଣୁ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ହିମାଂଶୁ କୁମାର ସ୍ୱାଇଁ, ଖଣ୍ଡଗିରି ଥାନା ଅଧିକାରୀ ଦୟାନଧି ନାୟକ ଓ ଜଣେ ମହିଳା ଇନ୍ସପେକ୍ଟର ଝାରପଡା ଜେଲରେ ଅର୍ଚ୍ଚନାଙ୍କ ହସ୍ତାକ୍ଷର ସାମ୍ପଲ ସଂଗ୍ରହ କରିଥିବା ଜଣାପଡିଛି।

ଅନ୍ୟପଟେ ଗିରଫ ହେବାର ଏତେଦିନ ପରେ ପୋଲିସର ଅର୍ଚ୍ଚନାଙ୍କ ହସ୍ତାକ୍ଷର ସଂଗ୍ରହକୁ ନେଇ ନାନା ଆଲୋଚନା ଚାଲିଛି। ପୋଲିସ ଜାଣିଶୁଣି ତଦନ୍ତରେ ବିଳମ୍ବ କରୁଥିବା ଅଭିଯୋଗ ଉଠୁଛି। ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ୩ କୋଟି ଟଙ୍କାର ବ୍ଲାକମେଲ୍ ମାମଲା (ନଂ. ୬୪୬/୨୨)ରେ ନୟାପଲ୍ଲୀ ଥାନା ପୋଲିସ ଅର୍ଚ୍ଚନାଙ୍କ ବିରୋଧରେ ୫୦୧ ପୃଷ୍ଠାର ଚାର୍ଜଶିଟ୍ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ଙ୍କ କୋର୍ଟରେ ଦାଖଲ କରିଛି। ହେଲେ ନୟାପଲ୍ଲୀ ଥାନାରେ ଅର୍ଚ୍ଚନାଙ୍କ ହନିଟ୍ରାପ୍ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ନାମରେ ସେହି ସମାନ ଅଭିଯୋଗ ହୋଇଥିଲେ ମଧ୍ୟ ତାଙ୍କ ନାମରେ ଚାର୍ଜଶିଟ ଦାଖଲ ନ ହେବା ଆଶ୍ଚର୍ଯ୍ୟ ଲାଗୁଛି। ହେଲେ ଶ୍ରଦ୍ଧାଞ୍ଜଳିଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ଅର୍ଚ୍ଚନାଙ୍କ ବିରୋଧରେ ରୁଜୁ ମାମଲାରେ ପୋଲିସ କୋର୍ଟରେ ଶୀଘ୍ର ଚାର୍ଜଶିଟ ଦାଖଲ କରିବ ବୋଲି ସୂଚନା ମିଳିଛି।

ଏପଟେ ବେଆଇନ ଅର୍ଥ କାରବାର ମାମଲାରେ ଶନିବାର ଜଗବନ୍ଧୁଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱିତୀୟ ପର୍ଯ୍ୟାୟରେ ୪ ଦିନିଆ ରିମାଣ୍ଡର ନେଇ ପୁଣି ଜେରା କରୁଛି। ଜବତ ଇଲେକ୍ଟ୍ରୋନିକ ଡିଭାଇସ୍‌ରେ ଥିବା ତଥ୍ୟ ସଂକ୍ରାନ୍ତରେ ପଚରାଉଚରା କରିଥିବା ଜଣାପଡିଛି। ଏଥିସହ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଅର୍ଚ୍ଚନା ଓ ଖଗେଶ୍ୱରଙ୍କ ବିଚାର ବିଭାଗୀୟ ହାଜତ ସମୟ ସୀମା ବଢ଼ିଥିବା ସୂଚନା ମିଳିଛି।

# 'ଉପଭୋକ୍ତା ଅଧିକାରର ସାର୍ବଜନୀନ ଜରୁରୀ'

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

**ଜାତୀୟ ଉପଭୋକ୍ତା ଦିବସ**

ଖାଉଟି ଆନ୍ଦୋଳନ ଯେତେ ବ୍ୟାପକ ହେବ ଓ ଖାଉଟି ସୁରକ୍ଷା ଆଇନ ଯେତେ ଅଧିକ କାର୍ଯ୍ୟକାରୀ ହେବ, ତାହା ଦେଶ ଓ ରାଜ୍ୟ ପାଇଁ ସେତେ ମଙ୍ଗଳକର ହେବ। ଉପଭୋକ୍ତା ସଶକ୍ତୀକରଣ ଏବଂ ଉପଭୋକ୍ତା ଅଧିକାରର ସାର୍ବଜନୀନ ହିଁ ଆମ ସମୟର ସବୁଠୁ ବଡ଼ ଆବଶ୍ୟକତା। ଏହାକୁ କାର୍ଯ୍ୟକାରୀ କରିବା ସହ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଜରୁରୀ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଶନିବାର ସୂଚନା ଭବନଠାରେ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ଉପଭୋକ୍ତା ଦିବସର ରାଜ୍ୟସ୍ତରୀୟ ଉତ୍ସବରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଖାଉଟିଙ୍କ ଅଧିକାର ସୁରକ୍ଷା ପ୍ରତି ସରକାର ସର୍ବଦା ସଚେତନ ଓ ପ୍ରୟାସରତ। ଏଥିପାଇଁ ଖାଉଟି ସୁରକ୍ଷା ଆଇନ ମଧ୍ୟ ପ୍ରଣୟନ କରାଯାଇଛି। ଯଦି ଖାଉଟିମାନେ ଆଇନ ସମ୍ପର୍କରେ ନ ଜାଣିବେ, ତେବେ ଆବଶ୍ୟକ ବେଳେ ଉପଯୋଗ କରିପାରିବେ ନାହିଁ। ଫଳରେ ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

ଖାଉଟି ଆନ୍ଦୋଳନର ପ୍ରବକ୍ତା ତଥା ଉପଭୋକ୍ତା ପରାମର୍ଶଦାତା ବିଜନ ମିଶ୍ର ଅତିଥି ଭାବେ ଯୋଗଦେଇ କହିଲେ, ପାଠ୍ୟକ୍ରମରେ ଖାଉଟି ସୁରକ୍ଷା ଆଇନ ସ୍ଥାନ ପାଇବା ଦରକାର। ଫଳରେ ଛାତ୍ରୀଛାତ୍ର ସଚେତନ ହେବେ ଓ ଏହାର ସାମାଜିକ ପ୍ରଭାବ ନିଶ୍ଚିନ୍ତ ରୂପେ ଶକ୍ତିଶାଳୀ ହୋଇପାରିବ। ମହିଳାମାନେ ସଚେତନ ହେଲେ ଏହି ଆଇନର ସଫଳ ପ୍ରୟୋଗ ହୋଇପାରିବ। ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଜଷ୍ଟିସ୍ ଡି.ପି. ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ପ୍ରଣୟନ ସମ୍ପର୍କରେ କହିଥିଲେ। ଅତିରିକ୍ତ ଶାସନ ସଚିବ ଜ୍ୟୋତି କୁମାର ଲାକ୍ରା ସ୍ୱାଗତ ଭାଷଣ ଓ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜାଗ୍ରତ ଖାଉଟି ସମ୍ବନ୍ଧୀୟ ଏକ ନାଟକ ପରିବେଷିତ ହୋଇଥିଲା।

# କଟକ ମେୟର, ବିଜେଡି କର୍ପୋରେଟରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ହକି ବିଶ୍ୱକପ୍ ପ୍ରସ୍ତୁତି**

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

୨୦୨୩ ଜାନୁୟାରୀରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଭୁବନେଶ୍ୱର ଏବଂ ରାଉରକେଲା ଷ୍ଟାଡିୟମରେ ହକି ଖେଳାଯିବ। ଏହାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯିବ ଏବଂ ବିଦେଶୀ ଖେଳାଳିମାନେ ଏକ ଭଲ ଅନୁଭୂତି ନେଇ ରାଜ୍ୟରୁ ଫେରିବେ ସେଥିପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ଭାବେ ଏହାକୁ ତଦାରଖ କରୁଛନ୍ତି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଶନିବାର ଅପରାହ୍ନରେ ନବୀନ ନିବାସଠାରେ କଟକ ମହାନଗର ନିଗମ ମେୟର ଓ ୩୯ ବିଜେଡି କର୍ପୋରେଟରମାନଙ୍କୁ ଡାକି ଆଲୋଚନା କରିଛନ୍ତି। ହକି ବିଶ୍ୱକପ୍ ସିଟି ଫେଷ୍ଟିଭାଲକୁ କିପରି ସୁରୁଖୁରୁରେ ସମ୍ପାଦନ କରାଯିବ ସେ ନେଇ କର୍ପୋରେଟରମାନେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ୱାର୍ଡରେ କ'ଣ ସମସ୍ୟା ରହିଛି। ବିକାଶମୂଳକ କାର୍ଯ୍ୟ ଚାଲିଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିଭଳି କରାଯାଉଛି ଏ ସମସ୍ତ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବା ମେୟର ସୁବାସ ସିଂ କହିଛନ୍ତି। ସୂଚନାଯୋଗ୍ୟ, ଡିସେମ୍ବର ୨୦ରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ୩ ବିଧାୟକ, ମେୟର ଓ କର୍ପୋରେଟରଙ୍କୁ ନବୀନ ନିବାସ ଡାକି ବିଶ୍ୱକପ୍ ପୂର୍ବରୁ ସହରରେ ପ୍ରସ୍ତୁତି କିପରି ଚାଲିଛି ଓ କ'ଣ ସମସ୍ୟା ରହିଛି ସେ ନେଇ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସହରର ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ପରିମଳ ଓ ବିଭିନ୍ନ କାର୍ଯ୍ୟକ୍ରମ କିପରି ଚାଲିଛି ସେ ନେଇ ବୁଝିଥିଲେ। ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପୂର୍ଣ୍ଣପ୍ରାଣରେ ସହଯୋଗ କରି ହକି ବିଶ୍ୱକପ୍ ଆୟୋଜନକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଡିସେମ୍ବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ବିଶ୍ୱକପ୍ ଆୟୋଜନକୁ ସଫଳ କରିବା ପାଇଁ ସହଯୋଗ ଲୋଡ଼ିଥିଲେ।

# ଭାରତ ଯୋଡ଼ୋ ଯାତ୍ରାରେ ଗାନ୍ଧୀ ପରିବାର

ନୂଆଦିଲ୍ଲୀ,୨୪।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ଶନିବାର ଦିଲ୍ଲୀରେ ପହଞ୍ଚିବା ପରେ ଏହି ଅଭିଯାନରେ ଗାନ୍ଧୀ ପରିବାର ସାମିଲ ହୋଇଛି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ସେମାନଙ୍କ ଝିଅପୁଅଙ୍କୁ ଲାଲ୍‌କିଲ୍ଲାରେ ଦେଖିବାକୁ ମିଳିଛି। ଆଶାରାମ ଚୌକରେ ମର୍ନିଂ ବ୍ରେକ୍ ପାଇଁ ଯାତ୍ରା ଅଟକିଥିବାବେଳେ ସୋନିଆ ଓ ତାଙ୍କ ପରିବାର ସଦସ୍ୟମାନେ ରାହୁଲଙ୍କ ସହ ପଦଯାତ୍ରା କରିଥିଲେ। ମା'ଙ୍କଠାରୁ ମିଳିଥିବା ସ୍ନେହକୁ ଦେଶ ସହ ଶେୟାର କରୁଥିବା ନେଇ ହିନ୍ଦୀରେ ରାହୁଲ ଟୁଇଟ୍ କରିଛନ୍ତି। ଏଥିରେ ସେ ସୋନିଆଙ୍କ ସହ ଥିବା ଏକ ଫଟୋକୁ ସଂଲଗ୍ନ କରିଛନ୍ତି। ଏହା ପୂର୍ବରୁ ଗତ ସେପ୍ଟେମ୍ବରରେ ଯାତ୍ରା ଆରମ୍ଭ ବେଳେ ଓ ଅକ୍ଟୋବରରେ କର୍ଣାଟକର ମାଣ୍ଡ୍ୟରେ ମଧ୍ୟ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଏଥିରେ ସାମିଲ ହୋଇଥିଲେ। ତେବେ ପୂରା ଗାନ୍ଧୀ ପରିବାରର ଏହା ହେଉଛି ପ୍ରଥମ ପଦଯାତ୍ରା। ଅନ୍ୟପକ୍ଷେ ଅଭିନେତାରୁ ରାଜନେତା ସାଜିଥିବା ସାଉଥ୍ ସୁପରଷ୍ଟାର କମଲ ହାସନ ରାହୁଲଙ୍କ 'ଭାରତ ଯୋଡ଼ୋ ଯାତ୍ରା'ରେ ସାମିଲ ହୋଇଛନ୍ତି। ଦିଲ୍ଲୀରେ ଗାନ୍ଧୀ ପରିବାର ସମେତ ଜୟରାମ ରମେଶ, ପବନ ଖେରା, ଭୂପିନ୍ଦର ସିଂ ହୁଡା, କୁମାରୀ ସେଲ୍‌ଜା ଓ ରଣଦୀପ ସୂର୍ଯ୍ୟେୱାଲାଙ୍କ ଭଳି ନେତାଙ୍କ ସହ ସେ ପଦଯାତ୍ରା କରିଛନ୍ତି। ମକ୍କଲ ନିଧି ମୈୟମ୍ (ଏମ୍‌ଏନ୍‌ଏମ୍) ପ୍ରତିଷ୍ଠାତା କମଲ ହାସନ କହିଛନ୍ତି, ପ୍ରଥମେ ତାଙ୍କ ପାଖକୁ କେତେଜଣ ଲୋକ ଆସିଥିଲେ। ରାହୁଲଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇ ପଦଯାତ୍ରା କରିବା ଏକ ବଡ଼ ରାଜନୈତିକ ଭୁଲ୍ ହେବ ବୋଲି ସେମାନେ ପରାମର୍ଶ ଦେଇଥିଲେ। କିନ୍ତୁ ଦେଶକୁ ତାଙ୍କ ଆବଶ୍ୟକତା ଥିବା ଅନୁଭବ କରି ଏବଂ ନିଜ ଅନ୍ତଃସ୍ୱରକୁ ଶୁଣି ସେ ଜଣେ ଭାରତୀୟ ଭାବେ ଏଥିରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା କମଲ ହାସନ କହିଛନ୍ତି।

## ଜଣେ ଭାରତୀୟ ଭାବେ ସାମିଲ ହୋଇଛି: କମଲ ହାସନ


କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଏମ୍‌ଏନ୍‌ଏମ୍ ମୁଖ୍ୟ କମଲ ହାସନ।

# ବିଜେଡିରେ ମିଶିଲେ ୪ ସ୍ୱାଧୀନ

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କର୍ପୋରେଟର**

■ **ବିବାଦର ଅନ୍ତ ଘଟାଇ, ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ**

କଟକ ଅଫିସ,୨୪।୧୨

ଦୀର୍ଘ ୨ ମାସ ଧରି କଟକ ମହାନଗର ନିଗମ (ସିଏମ୍‌ସି) କାଉନସିଲ ବୈଠକ ଅନୁଷ୍ଠିତ ହୋଇନାହିଁ। କମିଶନରଙ୍କ ଦୁର୍ବ୍ୟବହାର ଅଭିଯୋଗ କରି ବୈଠକ ପାଇଁ ଶାସକ ଓ ବିରୋଧୀ କର୍ପୋରେଟର ଅସହଯୋଗ କରୁଥିବାବେଳେ ଏବେ କାଉନସିଲ୍ ବୈଠକ ପାଇଁ ଏକ ପ୍ରକାର ବାଟ ଫିଟିଛି। ଶୀଘ୍ର ସମସ୍ୟା ସମାଧାନ ସହ ସମସ୍ତ ବିଧାୟକ ଓ ମେୟର କର୍ପୋରେଟରମାନଙ୍କୁ ନେଇ ବୈଠକ ଡାକି ଆଲୋଚନା କରିବାକୁ ୫-ଟି ସଚିବ କହିଛନ୍ତି । ଶନିବାର ମେୟରଙ୍କ ସମେତ ସମସ୍ତ କର୍ପୋରେଟର ଓ ଦୁଇ ଜଣ ପୂର୍ବତନ ବିଧାୟକ ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ଅବସରରେ ବିରୋଧୀ କଂଗ୍ରେସ ଓ ଭାଜପା କର୍ପୋରେଟରଙ୍କ ସହିତ ମିଶି ସିଏମ୍‌ସି କାର୍ଯ୍ୟାଳୟରେ ତାଲା ପକାଇବା ଘଟଣାକୁ ନେଇ ଦେଖାଦେଇଥିବା ବିବାଦକୁ ନେଇ ୫-ଟି ସଚିବ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହାକୁ ଦୋହରାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାଇଛନ୍ତି। ଏଥିରେ ଶାସକ ଦଳ ସାମିଲ ହେବା ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ, ବର୍ତ୍ତମାନର ବିଧାୟକ, ମେୟର ଓ କର୍ପୋରେଟରମାନଙ୍କୁ ନେଇ ଏକ ବୈଠକ ଡାକି ନିଜ ନିଜ ମଧ୍ୟରେ ଥିବା ବିବାଦ ଓ ସମସ୍ୟାକୁ ଯଥା ଶୀଘ୍ର ସମାଧାନ କରାଯାଉ ବୋଲି ସଚିବ କହିଥିଲେ। ଏଥିସହ ସହରର ବିକାଶ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ତେବେ ଏହି ବୈଠକ ପରେ ସିଏମ୍‌ସିରେ ଦେଖାଦେଇଥିବା ବିବାଦର ଅନ୍ତ ଘଟି କାଉନସିଲ ପାଇଁ ବାଟ ଫିଟିବ ବୋଲି ଆଶା ଦେଖା ଦେଇଛି। ଏହି ଅବସରରେ ୪ ଜଣ ସ୍ୱାଧୀନ କର୍ପୋରେଟର (୩ ନଂ. ୱାର୍ଡର ପ୍ରଦୀପ କୁମାର ରାଉତ, ୫ ନଂ. ୱାର୍ଡର ପ୍ରିୟମ୍ବଦା ସ୍ୱାଇଁ, ୯ ନଂ. ୱାର୍ଡର ବିକାଶ ରଞ୍ଜନ ବେହେରା ଏବଂ ୩୧ ନଂ. ୱାର୍ଡର ପଦ୍ମିନୀ ସାହୁ) ବିଜେଡିରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ସହରର ବିକାଶକୁ ଆଗେଇ ନେବା ପାଇଁ ଆଲୋଚନାରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଶେଷକରି ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ, ମୁକ୍ତା କାର୍ଯ୍ୟକ୍ରମ, ମିଶନ ଶକ୍ତି ପ୍ରଭୃତି ବିକାଶମୂଳକ କାର୍ଯ୍ୟରେ କର୍ପୋରେଟରଙ୍କ ଭୂମିକା ରହିଛି। ସେମାନେ ନୂଆ କଟକ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ଆଗାମୀ ଦିନରେ ହକି ବିଶ୍ୱକପ କଟକରେ ଉଦ୍‌ଘାଟନ ହେଉଛି। ତେଣୁ ଏହାର ସଫଳତାକୁ ନେଇ ଆଲୋଚନା କରାଯାଇଥିଲା। ବୈଠକରେ କର୍ପୋରେଟରମାନେ ସେମାନଙ୍କ ଅଭିଯୋଗ ସଂକ୍ରାନ୍ତରେ ଉତ୍‌ଥାପନ କରିଥିଲେ। ସେମାନେ ବରିଷ୍ଠ ଓ କନିଷ୍ଠ ଯନ୍ତ୍ରୀ, ସାନିଟାରି ଇନ୍ସପେକ୍ଟର, ସିଓମାନଙ୍କ ବଦଳି ଦାବି କରିଥିଲେ। ସେହିଭଳି ସହରରେ ଥିବା ଜଳାଶୟଗୁଡ଼ିକ ପୁନରୁଦ୍ଧାର କରାଯାଉ ବୋଲି କହିଥିଲେ। କର୍ପୋରେଟରଙ୍କ କେତେକ ସମସ୍ୟା ସଂକ୍ରାନ୍ତରେ ମେୟର ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଅବଗତ କରାଇଥିଲେ। କର୍ପୋରେଟରମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବାରୁ ସେମାନଙ୍କ ପାଇଁ ଦରମା ଓ ସ୍ୱାସ୍ଥ୍ୟ ବୀମା କରିବାକୁ ଅନୁରୋଧ କରିଥିଲେ। ଏହାକୁ ଗୁରୁତର ସହିତ ବିଚାର କରାଯାଇ ଖୁବଶୀଘ୍ର ଖୁସି ଖବର ଦିଆଯିବ ବୋଲି ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିଲା।

ସୂଚନା ଥାଉକି ବିଜୁ ଭବନରେ କର୍ପୋରେଟରମାନେ ମୁଖ୍ୟ ଫାଟକରେ ତାଲା ପକାଇ ସାମ୍ନାରେ ଧାରଣାରେ ବସିଥିଲେ। କମିଶନର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଅଭିଯୋଗ କରି କର୍ପୋରେଟର ଏହାର ବିରୋଧ କରିଥିଲେ। ଏହାପରଠାରୁ ବିରୋଧୀ ଓ ଶାସକ ଦଳ କର୍ପୋରେଟରମାନେ ଅସହଯୋଗ କରୁଥିବାରୁ କାଉନ୍‌ସିଲ ବୈଠକ ବସିପାରୁ ନାହିଁ।

# ୨୬ରେ ଭାଜପାର ସତ୍ୟାଗ୍ରହ



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

**ରାଜନୀତି ଅପରାଧୀକରଣ ପ୍ରତିବାଦ**

■ **୨୩ ବର୍ଷ ଶାସନରେ ଓଡ଼ିଶା ରାଜନୈତିକ ନେତାଙ୍କ ଅପରାଧର ଚରାଭୂଇଁ ପାଲଟିଛି: ସମୀର**

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଶାନ୍ତିପ୍ରିୟ ରାଜ୍ୟ ଏବଂ ଜଗନ୍ନାଥ ସଂସ୍କୃତିରେ ଓଡ଼ିଶାର ସୁଖ୍ୟାତି ରହିଛି। ମାତ୍ର ଗତ ୨୩ ବର୍ଷରେ ବିଜେଡି ଶାସନରେ ଓଡ଼ିଶା ରାଜନୈତିକ ଅପରାଧୀଙ୍କ ଚରାଭୂଇଁ ପାଲଟିଛି । ଶାସକ ବିଜେଡି ନେତା, ମନ୍ତ୍ରୀ, ବିଧାୟକମାନେ ହତ୍ୟା, ଯୌନ କେଲେଙ୍କାରିର କାର୍ପଟଦାର ଏବଂ ମହିଳା ବିରୋଧୀ ହିଂସାର ମୁଖ୍ୟ ଖଳନାୟକ ସାଜିବା ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ଉପଲବ୍ଧି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାରେ ତତ୍କାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ବିଜେଡିର ମୁଖା ଖୋଲିଯିବା ଭୟରେ କିଛିଦିନ ତଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଦିବ୍ୟଶଙ୍କରଙ୍କ ଘନିଷ୍ଠ ସହଯୋଗୀ ଗୋବିନ୍ଦ ସାହୁଙ୍କୁ ଜେଲ ଭିତରେ ପୋଲିସ ସାହାଯ୍ୟରେ ହତ୍ୟା କରାଗଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କେଲେଙ୍କାରିକୁ ନେଇ ମାହାଙ୍ଗା ମର୍ଡର ଘଟଣାର ୧୩ ନମ୍ବର ମୁଦାଲା ଭାବେ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନା ଅଛନ୍ତି। ନିଜ ଦଳର ନେତାମାନଙ୍କୁ ସୁରକ୍ଷାଦେବାକୁ ଯାଇ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ମଧ୍ୟ ଟ୍ରକ୍ ଚଢ଼ାଇ ହତ୍ୟା କରାଗଲା । ବହୁଚର୍ଚ୍ଚିତ ନିମାପଡ଼ା ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ ତାଙ୍କ ମୃତ୍ୟୁ ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ସମୀର ଦାଶ ଦାୟୀ ବୋଲି ନିଜ ମୃତ୍ୟୁ ପୂର୍ବରୁ କହିଥିଲେ । ନୟାଗଡ଼ର ପରୀ ହତ୍ୟା ଘଟଣାରେ ତତ୍କାଳୀନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁଙ୍କ ସମ୍ପୃକ୍ତି ସମ୍ପର୍କରେ ଅଭିଯୋଗକୁ ରାଜ୍ୟ ସରକାର ଖଣ୍ଡନ କରିବା ସହିତ ବର୍ତ୍ତମାନ ସୁଦ୍ଧା କୌଣସି ଗୋଟିଏ ଘଟଣାରେ ପୋଲିସର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଲୋକଲୋଚନକୁ ଆସିପାରିଲା ନାହିଁ। ଏପରି କି ବିଜେଡି ମୁଖିଆ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଲେ ନାହିଁ। ପ୍ରମାଣ ନଷ୍ଟରେ ରେକର୍ଡ ସୃଷ୍ଟି କରିଛନ୍ତି ରାଜ୍ୟ ସରକାର । ବିଜୁ ଜନତା ଦଳର କ୍ରମାଗତ ଶାସନରେ ଓଡ଼ିଶା ମହିଳା ବିରୋଧୀ ହିଂସାର ସମସ୍ତ ମାପଦଣ୍ଡରେ ଦେଶର ପ୍ରଥମ ୫ଟି ରାଜ୍ୟ ଭିତରେ ଆସିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ମହାନ୍ତି କହିଛନ୍ତି। ଶାନ୍ତିପ୍ରିୟ ଓଡ଼ିଶା ରାଜ୍ୟରେ ରାଜନୀତିକୁ ଅପରାଧୀକରଣ ଏବଂ ରାଜ୍ୟରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ନାରୀ ହିଂସା ଓ ନିର୍ଯାତନାକୁ ଭାଜପା ବିରୋଧ କରୁଛି। ଏହା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ଦଳ ପକ୍ଷରୁ ରାଜ୍ୟର ସମସ୍ତ ମଣ୍ଡଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ତଳେ ୪ ଘଣ୍ଟିଆ ସତ୍ୟାଗ୍ରହ ପାଳନ କରାଯିବ । ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ସାଧାରଣ ନାଗରିକଙ୍କୁ ଏହି ସତ୍ୟାଗ୍ରହରେ ସାମିଲ ହେବାକୁ ରାଜ୍ୟ ସଭାପତି ଆହ୍ୱାନ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବେଦନଶୀଳ ପ୍ରସଙ୍ଗରେ ଭାଜପା ହୀନ ରାଜନୀତି କରୁଛି: ବିଜେଡି

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)


ଇପ୍ସିତା ସାହୁ

ବିଜେଡି ତାହାର ପ୍ରତିଷ୍ଠା ଦିବସ ତଥା ଓଡ଼ିଶାବାସୀଙ୍କ ସେବାର ୨୫ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ରାଜ୍ୟ ଭାଜପା ବିରୋଧ କରିବା ପାଇଁ କୌଣସି ପ୍ରସଙ୍ଗ ଖୋଜି ପାଇ ନ ଥିବାରୁ ପୁଣିଥରେ ୪-୫ଟି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ହୀନ ରାଜନୀତି ଚଳାଇଥିବା ବିଜେଡି ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ କହିଛନ୍ତି। ଭାଜପା ସଭାପତିଙ୍କ ଖବରଦାତା ସମ୍ମିଳନୀର ଜବାବରେ ସାହୁ କହିଛନ୍ତି ଯେ ଓଡ଼ିଶା ଭାଜପା କେବଳ ମିଥ୍ୟା ଅଭିଯୋଗ କରିପାରେ। କିନ୍ତୁ ସେମାନଙ୍କର ଅଭିଯୋଗକୁ ଅଦାଲତ ସମ୍ମୁଖରେ ପ୍ରମାଣ ଆକାରରେ ଉପସ୍ଥାପନ କରିବାର ସତ୍‌ସାହସ ନାହିଁ। ଯେତେବେଳେ ବି ନିର୍ବାଚନ ଆସେ, ଓଡ଼ିଶା ଭାଜପା ଏପରି ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରେ ଏବଂ ନିର୍ବାଚନ ସମାପ୍ତ ହେବା ପରେ ସେସବୁକୁ ଭୁଲିଯାଏ । ଗତ ନିର୍ବାଚନ ସମୟରେ ବାରମ୍ବାର ଏଭଳି ଦେଖିବାକୁ ମିଳୁଛି। ଏହି ପ୍ରକାରର ନକାରାତ୍ମକ ତଥା ଭିତ୍ତିହୀନ ଅଭିଯୋଗ ପାଇଁ ଓଡ଼ିଶାବାସୀ ବାରମ୍ବାର ଭାଜପାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଭବିଷ୍ୟତରେ ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରିବେ । ଆମେ ଓଡ଼ିଶା ଭାଜପାକୁ ଅନୁରୋଧ କରୁଛୁ ଯେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ହୀନ ରାଜନୀତି କରା ନ ଯାଉ। ଏହି ଘଟଣାରେ ପୀଡ଼ିତ ତଥା ସେମାନଙ୍କ ପରିବାର ପ୍ରତି କିଛି ସମ୍ମାନ ରହିବା ସହିତ ସେମାନଙ୍କ ମାନ ସମ୍ମାନ ଉପରେ ଯେଭଳି ଖରାପ ପ୍ରଭାବ ନ ପଡ଼ିବ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ସୁଶ୍ରୀ ସାହୁ କହିଛନ୍ତି।

# 'ରାଜ୍ୟ ସରକାର ଓବିସି ବର୍ଗକୁ ଅଣଦେଖା କରୁଛନ୍ତି'



ମଞ୍ଚାସୀନ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା ।

**ଭାଜପା ରାଜ୍ୟ ଓବିସି ମୋର୍ଚ୍ଚାର ଦ୍ୱିତୀୟ କାର୍ଯ୍ୟକାରିଣୀ**

ଚୌଦ୍ୱାର/ମଙ୍ଗୁଳି-ଜଗତ୍‌ପୁର, ୨୪।୧୨ (ଡି.ଏନ୍.ଏ.)

ଚୌଦ୍ୱାର ଟାଉନ ହଲ୍ ପରିସରରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ମୋର୍ଚ୍ଚାର ସଭାପତି ସୁରଥ ବିଶାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଏମ୍‌ପି କୋଭା ଲକ୍ଷ୍ମଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଓବିସି ବର୍ଗକୁ ବିଜେଡି ସରକାର ଅଣଦେଖା କରୁଥିବା ପ୍ରସଙ୍ଗରେ ଲକ୍ଷ୍ମଣ ଉଦ୍‌ବେଗ ପ୍ରକାଶ କରିଥିଲେ। ମୋଦି ସରକାର ପଛୁଆ ବର୍ଗଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରି ସେମାନଙ୍କ ଉତ୍‌ଥାନ ଲାଗି ଉଦ୍ୟମ କରୁଥିବାବେଳେ ରାଜ୍ୟ ସରକାର ଶିକ୍ଷା, ନିଯୁକ୍ତି, ଆତ୍ମନିଯୁକ୍ତି ଓ ରାଜନୈତିକ ପ୍ରତିନିଧିତ୍ୱରୁ ଏହି ବର୍ଗଙ୍କୁ ବଞ୍ଚିତ କରିଛନ୍ତି ବୋଲି ଲକ୍ଷ୍ମଣ ବକ୍ତବ୍ୟରେ କହିଥିଲେ। ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ତଥା ରାଜ୍ୟ ଓବିସି ପ୍ରଭାରୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗ ଦେଇ ରାଜ୍ୟରେ ମୋଟ ଜନସଂଖ୍ୟାର ୫୪ପ୍ରତିଶତ ଓବିସି ବର୍ଗର ରହିଛି। ଓବିସି ମୋର୍ଚ୍ଚା ମଣ୍ଡଳ ଓ ପଞ୍ଚାୟତସ୍ତରରେ ଜାତିବର୍ଗ ସମାଜ ସହିତ ସମ୍ପର୍କରେ ରହି ସେମାନଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ କରିବା ଦରକାର। କେନ୍ଦ୍ରର ଯୋଜନାକୁ ରାଜ୍ୟ ସରକାର ନିଜ ନାମରେ ଦେଉଛନ୍ତି, ଫଳରେ କେନ୍ଦ୍ର ଏବଂ ରାଜ୍ୟର ଯୋଜନା ସମ୍ପର୍କରେ ଲୋକମାନେ ଠିକ୍ ଭାବେ ଜାଣିପାରୁ ନାହାନ୍ତି। ତେଣୁ ଏନେଇ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ ରହିଛି। ଏଥିପାଇଁ ରାଜ୍ୟର ପଦାଧିକାରୀ, ସଂଯୋଜକ ଏବଂ ସମସ୍ତ ଜିଲା ସଭାପତିଙ୍କ ଯଥେଷ୍ଟ ଭୂମିକା ରହିଥିବାବେଳେ କାର୍ଯ୍ୟକାରିଣୀ ବୈଠକରେ ଏହାର ଓଲଟା ଦେଖିବାକୁ ମିଳୁଛି ବୋଲି ଲେଖାଶ୍ରୀ କହିଥିଲେ। ୩୦ଜିଲାରୁ ୩ଜିଲାରେ ପ୍ରତିନିଧି ମୂଳରୁ ବଛା ଯାଇ ନ ଥିବାବେଳେ ମାତ୍ର ୭ଜଣ ଜିଲା ସଭାପତି ଉପସ୍ଥିତ ଅଛନ୍ତି। ସେହିପରି ୧୫ ସଂଯୋଜକଙ୍କ ମଧ୍ୟରୁ ମାତ୍ର ୫ଜଣ ଉପସ୍ଥିତ ରହିବାକୁ ନେଇ ଲେଖାଶ୍ରୀ ପ୍ରଶ୍ନ ଉଠାଇଥିଲେ। ଏତେ ସଂଖ୍ୟକ ପଦାଧିକାରୀ କାହିଁକି ଏବଂ କେଉଁ କାରଣରୁ ଅନୁପସ୍ଥିତ ରହିଛନ୍ତି ତାହାର କାରଣ ବୁଝିବା ସହ ଯେଉଁମାନେ ଖାଲି ଖାତାରେ ନାମ ଚଢାଇ ଜାଗା ମାଡ଼ି ବସିଛନ୍ତି ସେମାନଙ୍କୁ ଆସନ୍ତା ବୈଠକ ପୂର୍ବରୁ ବାହାର କରି ନୂଆ ଯୁବପିଢ଼ିଙ୍କୁ ସୁଯୋଗ ଦେବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ପ୍ରଭାରୀ ଆଡଭୋକେଟ ଲକ୍ଷ୍ମଣ ତପସ୍ୱୀ, ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ସୁକାନ୍ତ ବିଶାଳ, ମୁକ୍ତା ସାହୁ, ଦୁର୍ଗା ପ୍ରସନ୍ନ ନାୟକ, ସିଦ୍ଧାର୍ଥ ଶଙ୍କର ପତି ଓ ପ୍ରଶାନ୍ତ ନାୟକ ପ୍ରମୁଖ କର୍ମକର୍ତ୍ତା ଏଥିରେ ଉଦ୍‌ବୋଧନ ଦେଇଥିଲେ।


ଏଆଇଏଡିଏମ୍‌କେ ପ୍ରତିଷ୍ଠାତା ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍.ଜି. ରାମଚନ୍ଦ୍ରନ୍‌ଙ୍କ ଶ୍ରାଦ୍ଧବାର୍ଷିକୀରେ ଚେନ୍ନାଇସ୍ଥିତ ତାଙ୍କ ସ୍ମାରକୀରେ ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ଓ.ପନ୍ନିରସେଲଭମ୍ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

**କନ୍‌ଷ୍ଟେବଲଙ୍କୁ ପଥର ଫିଙ୍ଗି ହତ୍ୟା**

ମଧ୍ୟପ୍ରଦେଶର ଡାମୋହ ଜିଲା କସାଇ ମଣ୍ଡି ଅଞ୍ଚଳରେ ଶୁକ୍ରବାର ରାତିରେ କନ୍‌ଷ୍ଟେବଲ ସୁରେନ୍ଦ୍ର ସିଂଙ୍କୁ ୩ ଜଣ ଅଭିଯୁକ୍ତ ପଥର ଫିଙ୍ଗି ହତ୍ୟା କରିଛନ୍ତି। ସୁରେନ୍ଦ୍ର ରାଜ୍ୟ ସଶସ୍ତ୍ର ବଳ (ଏସ୍‌ଏଏଫ୍)ରେ ପୋଷ୍ଟିଂ ହୋଇଥିଲେ। ଅଭିଯୁକ୍ତମାନେ କୌଣସି ପ୍ରସଙ୍ଗକୁ ନେଇ ରାସ୍ତାରେ ଝଗଡ଼ା କରୁଥିବାବେଳେ ସାଦା ପୋଷାକରେ ଥିବା ସୁରେନ୍ଦ୍ର ସେମାନଙ୍କୁ ଅଟକାଇଥିଲେ। ସେମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ପଥର ଫିଙ୍ଗିଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସୁରେନ୍ଦ୍ରଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ନର୍ସିଂହୋମ୍‌ରେ ନିଆଁ: ୨୨ ମୃତ

**ମସ୍କୋ,୨୪।୧୨:** ରୁଷିଆର କେମେରୋଭ ସାଇବେରୀୟ ସହରରେ ଥିବା ଏକ ଘରୋଇ ନର୍ସିଂହୋମ୍‌ରେ ଶନିବାର ଭୋର ସମୟରେ ନିଆଁ ଲାଗି ୨୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୬ ଜଣ ଆହତ ହୋଇଥିବାବେଳେ ବିଲ୍ଡିଂଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ମସ୍କୋଠାରୁ ୩,୦୦୦ କିଲୋମିଟର ପୂର୍ବରେ ଅବସ୍ଥିତ କେମେରୋଭ୍‌ରେ ଥିବା ଦୁଇମହଲା ବିଶିଷ୍ଟ କାଠରେ ତିଆରି ଘରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ ତେବେ ସେଠାରେ କୋଇଲାରେ ଚାଲୁଥିବା ଏକ ବଏଲର ଅକାମୀ ହୋଇପଡ଼ିଥିବା ଅଗ୍ନିକାଣ୍ଡ ପୂର୍ବରୁ ଅଭିଯୋଗ ହୋଇଥିଲା। ଉକ୍ତ ଘରକୁ ଭଡ଼ା ନେଇଥିବା ବ୍ୟକ୍ତି ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବାରୁ ଏତେସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ତଦନ୍ତ କମିଟି ଦାୟୀ କରିଛି। ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

### ସିଟିଭେନି ରାବୁକା ଫିଜିର ନୂଆ ପ୍ରଧାନମନ୍ତ୍ରୀ

**ସୁଭା,୨୪।୧୨(ଆଇଏଏନ୍‌ଏସ୍):** ୧୯୮୭ରେ ଦୁଇଟି ବିଦ୍ରୋହର ନେତୃତ୍ୱ ନେଇଥିବା ପୂର୍ବତନ ସାମରିକ ଅଧିକାରୀ ସିଟିଭେନି ରାବୁକା ଶନିବାର ଫିଜିର ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ମେଣ୍ଟ ସରକାର ଆଗାମୀ ୪ ବର୍ଷ ପାଇଁ କ୍ଷମତାରେ ରହିବ। ପାର୍ଲାମେଣ୍ଟର ପ୍ରଥମ କାର୍ଯ୍ୟଦିବସରେ ପିପୁଲ୍ସ ଆଲିଆନ୍ସ ପାର୍ଟି ନେତା ରାବୁକାଙ୍କୁ ୨୮ ଖଣ୍ଡ ଭୋଟ ମିଳିଥିବାବେଳେ ଫିଜି ଫାଷ୍ଟ ପାର୍ଟି (ଏଫ୍‌ଏଫ୍‌ପି) ନେତା ତଥା ବିଦାୟୀ ପ୍ରଧାନମନ୍ତ୍ରୀ ଭୋରେକେ ବୈନିମାରାମାଙ୍କୁ ୨୭ ଖଣ୍ଡ ଭୋଟ ମିଳିଥିଲା। ଗତ ୧୪ ତାରିଖରେ ହୋଇଥିବା ସାଧାରଣ ନିର୍ବାଚନରେ ଏଫ୍‌ଏଫ୍‌ପିକୁ ୨୬ ଆସନ ମିଳିଥିବାବେଳେ ପିପୁଲ୍ସ ଆଲିଆନ୍ସ ପାର୍ଟି ୨୧ ଆସନରେ ବିଜୟୀ ହୋଇଥିଲା। ଏହାର ସହଯୋଗୀ ନ୍ୟାଶନାଲ ଫେଡେରେଶନ ପାର୍ଟି ୫ ଏବଂ ସୋସିଆଲ୍ ଡେମୋକ୍ରାଟିକ୍ ଲିବେରାଲ ପାର୍ଟି ୩ ଆସନ ପାଇଥିଲା। ଫିଜିରେ ସରକାର ଗଢ଼ିବାକୁ ହେଲେ ୫୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟରେ ଅନ୍ୟୂନ ୨୮ ଆସନରେ ଜିତିବାକୁ ପଡ଼ିବ।



### ଗ୍ୟାସ୍ ଟ୍ୟାଙ୍କର୍ ଫାଟି ୯ ମୃତ

**ଜୋହନ୍ସବର୍ଗ, ୨୪।୧୨:** ସାଉଥ୍ ଆଫ୍ରିକାର ବୋକ୍ସବର୍ଗଠାରେ ଏକ କମ୍ ଉଚ୍ଚତା ବିଶିଷ୍ଟ ରେଳ ବ୍ରିଜ୍ ତଳେ ଫସିଥିବା ଗ୍ୟାସ୍ ଟ୍ୟାଙ୍କର୍ ଫାଟି ଶନିବାର ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୨ ଜଣ ଅଗ୍ନିଶମ ବିଭାଗ କର୍ମଚାରୀ ହୋଇଥିବା ଜଣାପଡ଼ିଛି। ଟ୍ୟାଙ୍କର ଫାଟିବା ଯୋଗୁ ଘଟଣାସ୍ଥଳରେ ଥିବା ଏକ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୬ ଜଣ ଅଗ୍ନିଶମ ବିଭାଗୀୟ କର୍ମଚାରୀଙ୍କ ସମେତ ବହୁ ଲୋକ ଗୁରୁତର ଆହତ ହୋଇଛନ୍ତି। ତେବେ ରେଳ ଧାରଣା ବ୍ରିଜ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି।

### ଆତଙ୍କବାଦୀ ଯୋଜନା ପଣ୍ଡ

**ଶ୍ରୀନଗର, ୨୪।୧୨:** ଜମ୍ମୁ-କଶ୍ମୀରର ଉରି ସେକ୍ଟରରେ ଶନିବାର ଭାରତୀୟ ସେନା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଗୋଇନ୍ଦା ସୂଚନା ପାଇବା ପରେ ଆର୍ମି ଓ ପୋଲିସ ପକ୍ଷରୁ ମିଳିତ ଅପରେଶନ୍ ଆରମ୍ଭ କରାଯାଇଥିଲା। ୮ ଏକେ ରାଇଫଲ୍, ୧୨ ପିସ୍ତଲ ସହିତ ଏକାଧିକ ଅସ୍ତ୍ର ଏବଂ ଆମ୍ୟୁନିଶନ୍ ଜବତ ହୋଇଥିବା ପୋଲିସ କହିଛି। ପାଖାପାଖି ଗୋଟିଏ ବର୍ଷ ପରେ କଶ୍ମୀରର ହାଥଲାଙ୍ଗ ଗ୍ରାମରୁ ବିପୁଳ ପରିମାଣର ଅସ୍ତ୍ର ମିଳିଛି। ଏଥିରେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି।

### ସୁଡ଼ଙ୍ଗ କରି ବ୍ୟାଙ୍କରୁ ୧ କୋଟିର ସୁନା ଚୋରି

**କାନ୍‌ପୁର, ୨୪।୧୨:** ଉତ୍ତର ପ୍ରଦେଶ କାନପୁରର ସାଚେନ୍ଦିରେ ଥିବା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ବ୍ରାଞ୍ଚ ଅଫିସରୁ ଶୁକ୍ରବାର ଗୋଟିଏ ଚୋର ଗ୍ୟାଙ୍ଗ୍ ୧ କୋଟି ଟଙ୍କା ମୂଲ୍ୟର ସୁନା ଚୋରି କରି ନେଇଛନ୍ତି। ବ୍ୟାଙ୍କର ସଟର ନ ଭାଙ୍ଗି ଚୋରମାନେ ଏକ ସୁଡ଼ଙ୍ଗ କରି ବ୍ୟାଙ୍କ ମଧ୍ୟକୁ ପ୍ରବେଶ କରି ଏହି ଚୋରି କରିଥିବା ସ୍ଥାନୀୟ ପୋଲିସ କହିଛି। ଗ୍ୟାସ୍ କଟର ସାହାଯ୍ୟରେ ସେମାନେ ଲକର ତାଲା ଭାଙ୍ଗିଥିବାବେଳେ ବ୍ୟାଙ୍କ ଷ୍ଟ୍ରଙ୍ଗ୍ ରୁମ୍‌ରେ ସିସିଟିଭିର ଅପରେଟିଂ ବନ୍ଦ କରି ଥିବା ଜଣାପଡ଼ିଛି। ଚୋରି ହୋଇଥିବା ୧.୮ କିଲୋଗ୍ରାମ ସୁନାର ବଜାର ମୂଲ୍ୟ ୧ କୋଟି ହେବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ଚାଇନାରେ ଗାଁମୁହାଁ ହେଲା କୋଭିଡ୍

**ବେଜିଂ,୨୪।୧୨**



ଚାଇନା ସହରାଞ୍ଚଳରେ ଦୈନିକ ଲକ୍ଷ ଲକ୍ଷ ଲୋକ କୋଭିଡ୍ ସଂକ୍ରମିତ ହେଉଥିବାବେଳେ ଏବେ ଗ୍ରାମାଞ୍ଚଳକୁ ମହାମାରୀ ବ୍ୟାପିଛି। ପ୍ରବାସୀ ଶ୍ରମିକମାନେ ସହରାଞ୍ଚଳରୁ ନିଜ ଗାଁକୁ ଫେରୁଥିବାରୁ ଏବେ କୋଭିଡ୍ ଗାଁମୁହାଁ ହୋଇଛି। ଗ୍ରାମାଞ୍ଚଳରେ ସଂକ୍ରମଣ ଆରମ୍ଭ ହୋଇଯାଇଥିବାବେଳେ ଆଗାମୀ ଦିନରେ ଏହା ଭୟଙ୍କର ରୂପ ନେବା ଆଶଙ୍କା କରାଯଉଛି। ସୋସିଆଲ ମିଡିଆ ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ଅନେକ କ୍ଲିନିକ୍‌ରେ ଏବେ ରୋଗୀ ଭର୍ତ୍ତି ହୋଇଗଲେଣି। ଚାଇନା ସରକାର ଚଳିତ ମାସ ଆରମ୍ଭରେ କୋଭିଡ୍ କଟକଣା ହଟାଇଦେବା ପରେ ଲୋକେ ଅବାଧ ଯାତାୟାତ କରୁଛନ୍ତି। ଆସନ୍ତା ମାସରେ ଚାନ୍ଦ୍ର ନବବର୍ଷ ଛୁଟି ଥିବାରୁ ଲକ୍ଷ ଲକ୍ଷ ପ୍ରବାସୀ ଗାଁକୁ ଫେରିବେ। ଫଳରେ ଗ୍ରାମାଞ୍ଚଳରେ ରହୁଥିବା ୫୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ପ୍ରତି ସଂକ୍ରମଣ ଭୟ ସୃଷ୍ଟି ହୋଇଛି। ବିସ୍ତୀର୍ଣ୍ଣ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୀମିତ ହୋଇଥିବାରୁ ଏହା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଇଣ୍ଟରନେଟ ହସ୍ପିଟାଲ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ଏହାଦ୍ୱାରା ସଂକ୍ରମିତ ଲୋକେ ମେଡିକାଲ ସହାୟତା ନେଇପାରିବେ ଏବଂ ହସ୍ପିଟାଲ ଓ କ୍ଲିନିକ୍‌ଗୁଡ଼ିକରେ ରୋଗୀ ଭିଡ଼ ହ୍ରାସ ପାଇପାରିବ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦୁର୍ବଳ। ଏହା ସାଙ୍ଗକୁ ଔଷଧ ଓ ମେଡିକାଲ କର୍ମଚାରୀଙ୍କ ଅଭାବ ରହିଥିବାରୁ ଏହା ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଗ୍ଲୋବାଲ ଟାଇମ୍ସ ରିପୋର୍ଟରେ ଦର୍ଶାଯାଇଛି। ଗ୍ରାମାଞ୍ଚଳର ମେଡିକାଲ ସିଷ୍ଟମ ଡବଲ୍ ଝଟ୍‌କାର ସମ୍ମୁଖୀନ ହୋଇପାରେ ବୋଲି ଉହାନ୍ ୟୁନିଭର୍ସିଟି ପ୍ରଫେସର ଲୁ ଡେଓ୍ୱେନ୍ ସୋସିଆଲ ମିଡିଆରେ ଲେଖିଛନ୍ତି। ଲକ୍‌ଡାଉନ୍, ଲୋକମାନଙ୍କ ଯାତାୟତ ଉପରେ କଟକଣା ଯୋଗୁ ଗ୍ରାମାଞ୍ଚଳରେ ୩ ବର୍ଷ ହେଲା ସଂକ୍ରମଣ ନିୟନ୍ତ୍ରଣରେ ରହିଥିଲା। ଆଗକୁ ସ୍ପ୍ରିଙ୍ଗ୍ ଫେଷ୍ଟିଭାଲ ଥିବାରୁ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଇବ ବୋଲି ଲୁ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଗତ ମଙ୍ଗଳବାର ଚାଇନାରେ ପାଖାପାଖି ୩.୭ କୋଟି ଲୋକ କୋଭିଡ୍ ସଂକ୍ରମିତ ହୋଇଥିଲେ। ସଂକ୍ରମଣ ଆରମ୍ଭ ହେବାଠାରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ଚଳିତ ମାସର ପ୍ରଥମ ୨୦ ଦିନରେ ମୋଟ ୨୪.୮ କୋଟି ଲୋକ ମହାମାରୀ ଆକ୍ରାନ୍ତ ହୋଇଛନ୍ତି, ଯାହା ମୋଟ ଜନସଂଖ୍ୟାର ୧୭.୫୬ ପ୍ରତିଶତ।

### ଇଣ୍ଟରନେଟ୍ ହସ୍ପିଟାଲ ଖୋଲିବାକୁ ଅନୁମତି

## ଅଭିନେତ୍ରୀ ତୁନିଷା ଶର୍ମାଙ୍କ ଆତ୍ମହତ୍ୟା



**ମୁମ୍ବାଇ,୨୪।୧୨**

ଟିଭି ଅଭିନେତ୍ରୀ ତୁନିଷା ଶର୍ମା ଶନିବାର ମୁମ୍ବାଇର ଏକ ମ୍ୟୁଜିକ୍ ଭିଡିଓ ଶୁଟିଂ ସେଟ୍‌ରେ ଆତ୍ମହତ୍ୟା କରିଛନ୍ତି। ଆଲିବାବା: ଦସ୍ତାନ-ଇ-କବୁଲରେ କାର୍ଯ୍ୟ କରିଥିବା ୨୦ ବର୍ଷୀୟା ତୁନିଷା ମ୍ୟୁଜିକ୍ ଭିଡିଓ ଶୁଟିଂ କରୁଥିଲେ। ମେକ୍‌ଅପ୍ ରୁମ୍‌ରେ ସେ ଆତ୍ମହତ୍ୟା ଉଦ୍ୟମ କରିବା ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତୁନିଷା ଜଣେ ଶିଶୁ କଳାକାର ଭାବେ କାଟ୍ରିନା କୈଫ୍ ଏବଂ ବିଦ୍ୟା ବାଲାନଙ୍କ ସହ ଅଭିନୟ କରିଥିଲେ। ଇଣ୍ଟରନେଟୱାଲା ଲଭ୍, ଇଶ୍କ ସୁଭାଲ୍ଲା, ଗାଏବ, ଶେର-ଇ-ପଞ୍ଜାବ: ମହାରାଜା ରଞ୍ଜିତ୍ ସିଂ ଶୋ'ରେ ସେ ଅଭିନୟ କରିଥିଲେ।

## ସିବିଆଇ ରିମାଣ୍ଡରେ ଚନ୍ଦା କୋଚ୍ଛର

**ନୂଆଦିଲ୍ଲୀ,୨୪।୧୨**

### ଭିଡିଓକନ୍ ଋଣ ମାମଲା

ଭିଡିଓକନ୍ ଗ୍ରୁପ୍‌କୁ ଋଣ ମଞ୍ଜୁର କରିବାରେ ଠକେଇ ଓ ଅନିୟମିତତା ମାମଲାରେ ସମ୍ପୃକ୍ତ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ପରିଚାଳନା ନିର୍ଦ୍ଦେଶିକା ଚନ୍ଦା କୋଚ୍ଛର ଓ ତାଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କୁ ୩ ଦିନ ପାଇଁ ସିବିଆଇ ରିମାଣ୍ଡରେ ଛଡ଼ାଯାଇଛି। ଏହି ମାମଲାରେ ଶୁକ୍ରବାର ଗିରଫ ହୋଇଥିବା କୋଚର ଦମ୍ପତିଙ୍କୁ ଶନିବାର ସିବିଆଇ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ଆଇସିଆଇସିଆଇ ବ୍ୟାଙ୍କ ମୁଖ୍ୟ ଥାଇ ଚନ୍ଦା ତାଙ୍କ ପଦବୀର ଦୁରୁପଯୋଗ କରି ଭିଡିଓକନ୍ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍‌ଙ୍କୁ ୨୦୦୯ ଏବଂ ୨୦୧୧ରେ ଋଣ ମଞ୍ଜୁର କରିଥିଲେ।



ଏହି ମାମଲାରେ ସିବିଆଇ କୋଚ୍ଛର, ତାଙ୍କ ସ୍ୱାମୀ ଏବଂ ଧୂତ୍‌ଙ୍କ ବିରୋଧରେ ଏତଲା ଦାଏର କରିଥିଲା। ଅଭିଯୋଗ ଅନୁଯାୟୀ ଆଇସିଆଇସିଆଇ ବ୍ୟାଙ୍କରୁ ଋଣ ପାଇବା ପରେ ଧୂତ୍ ନୁପାୱାର ରିନ୍ୟୁଏବଲ୍ସରେ କୋଟି କୋଟି ଟଙ୍କା ନିବେଶ କରିଥିଲେ। ଏହି କମ୍ପାନୀର ସିଇଓ ହେଉଛନ୍ତି ଦୀପକ କୋଚର। ଆଇସିଆଇସିଆଇ ବ୍ୟାଙ୍କକୁ ଠକିବା ଲାଗି ଅଭିଯୁକ୍ତମାନେ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ ବୋଲି ସିବିଆଇ ଅଭିଯୋଗ କରିବା ସହ ମାମଲା ଦାଏର କରିଥିଲା। ବହୁକୋଟି ଟଙ୍କା ଋଣ ଦୁର୍ନୀତି ମାମଲାର ତଦନ୍ତ ଆରମ୍ଭ ହେବାରୁ ୨୦୧୮ରେ ଚନ୍ଦା ଆଇସିଆଇସିଆଇ ବ୍ୟାଙ୍କ ମୁଖ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨୦୨୧ରେ ଚନ୍ଦା କୋଚ୍ଛରଙ୍କୁ ଗିରଫ କରିଥିଲା।

## ଆମେରିକାର ଶୀର୍ଷ ପଦବୀରେ ୨ ଭାରତୀୟ



ରିଚାର୍ଡ ଆର୍ ବର୍ମା

**ନ୍ୟୁୟର୍କ,୨୪।୧୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତୀୟ ବଂଶୋଦ୍ଭବ ରିଚାର୍ଡ ଆର୍ ବର୍ମାଙ୍କୁ ପରରାଷ୍ଟ୍ର ବିଭାଗ ଶୀର୍ଷ କୂଟନୀତିଜ୍ଞ ପଦବୀ ଲାଗି ମନୋନୀତ କରିଛନ୍ତି। ତାଙ୍କୁ ପରିଚାଳନା ପାଇଁ ପରରାଷ୍ଟ୍ର ଉପସଚିବ ଚୟନ କରାଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ବର୍ମା ଏବେ ଚିଫ୍ ଲିଗାଲ ଅଫିସର ଏବଂ ମାଷ୍ଟରକାର୍ଡ ରେ ଗ୍ଲୋବାଲ ପବ୍ଲିକ୍ ପଲିସି ମୁଖ୍ୟ ଅଛନ୍ତି। ସେ ପୂର୍ବରୁ ଭାରତରେ ଆମେରିକା ରାଷ୍ଟ୍ରଦୂତ ଏବଂ ଓବାମା ପ୍ରଶାସନରେ ବ୍ୟବସ୍ଥାପିକା ବ୍ୟାପାର ପାଇଁ ପରରାଷ୍ଟ୍ର ଉପସଚିବ ଥିଲେ।

ସେହିପରି ଚଣ୍ଡିଗଡ଼ ଜନ୍ମିତ ଆଇନଜୀବୀ କୁଦ୍ରତ ଦତ୍ତ ଚୌଧରୀ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଆମେରିକା ସାନ୍‌ଫ୍ରାନ୍ସିସ୍କୋର ଆପ୍ରବାସୀ ଅଧିକାର ଆୟୋଗର କମିଶନର ନିଯୁକ୍ତ ହୋଇଛନ୍ତି। ସାନ୍‌ଫ୍ରାନ୍ସିକୋରେ ରହୁଥିବା ବିଦେଶୀ ନାଗରିକମାନଙ୍କ ଅଧିକାରର ସୁରକ୍ଷା ପାଇଁ ଇମିଗ୍ରାଣ୍ଟ ରାଇଟ୍ସ କମିଶନ କାର୍ଯ୍ୟ କରିଥାଏ। ଏହା ମେୟର ଏବଂ ସୁପରଭାଇଜର ବୋର୍ଡକୁ ବିଭିନ୍ନ ପ୍ରସଙ୍ଗ ଓ ନୀତି ଉପରେ ମାର୍ଗଦର୍ଶନ ଦେଇଥାଏ। ସାନ୍ ଫ୍ରାନ୍ସିସ୍କୋରେ ପ୍ରବାସୀ ଭାରତୀୟମାନଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ଚୌଧରୀ କହିଛନ୍ତି।

## ଅଭିନେତ୍ରୀ ରଜିତା କୋଚ୍ଛରଙ୍କ ପରଲୋକ

**ମୁମ୍ବାଇ,୨୪।୧୨**



ବର୍ଷୀୟାନ ଅଭିନେତ୍ରୀ ରଜିତା କୋଚ୍ଛରଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ସେ ଅନେକ ଚଳଚ୍ଚିତ୍ର ଓ ଟିଭି ଶୋ'ରେ ଅଭିନୟ କରିଥିଲେ। ଗତ ବର୍ଷ ସେପ୍ଟେମ୍ବରରେ ବ୍ରେନ୍ ଷ୍ଟ୍ରୋକ୍ ପରେ ତାଙ୍କୁ ପକ୍ଷାଘାତ ହୋଇଥିଲା। ମଙ୍ଗଳବାର ସେ ଅଣନିଃଶ୍ୱାସୀ ଅନୁଭବ କରିବା ସହ ପାକସ୍ଥଳୀରେ ଯନ୍ତ୍ରଣା ହୋଇଥିଲା। ଶୁକ୍ରବାର ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବାବେଳେ ରାତି ୧୦ଟା ୧୫ରେ ପରଲୋକ ହୋଇଯାଇଥିଲା। ତାଙ୍କ ଅଭିନୀତ ଟିଭି ଶୋ' ମଧ୍ୟରେ ରହିଛି ତନ୍ତ୍ର, କବଚ.. କାଲୀ ଶକ୍ତିଓଁ ସେ, ହାକିମ୍ ଏବଂ କାହାନୀ ଘର ଘର କୀ। ଏହା ବ୍ୟତୀତ ସେ ପିୟା କା ଘର ଏବଂ ମନିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।



ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ସ୍ଥିତ କୁର୍ଦ୍ଦିଶ୍ ସାଂସ୍କୃତିକ କେନ୍ଦ୍ରରେ ଶୁକ୍ରବାର ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଏହାର ପ୍ରତିବାଦରେ ପ୍ଲେସ୍ ଡେ ଲା ରିପବ୍ଲିକ୍ ସ୍କୋୟାରରେ ଶନିବାର କୁର୍ଦ୍ଦିଶ୍ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ସହ ସଂଘର୍ଷ ହୋଇଛି। ବିକ୍ଷୋଭକାରୀମାନେ ଜଣେ ମୃତକଙ୍କ ଫଟୋ ଧରି ସ୍ଲୋଗାନ ଦେଉଛନ୍ତି।

## ଅମରାବତୀ ହତ୍ୟା: ତଦନ୍ତ ନିର୍ଦ୍ଦେଶ ଦେଲେ ଶିନ୍ଦେ ସରକାର

**ନାଗପୁର,୨୪।୧୨**

### ଉଦ୍ଧବ ମାମଲା ଚାପିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ

ମହାରାଷ୍ଟ୍ର ଅମରାବତୀରେ ଉମେଶ କୋଲ୍‌ହେ ହତ୍ୟା ମାମଲାକୁ ଚାପିଦେବା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ରାଜ୍ୟ ଗୋଇନ୍ଦା ବିଭାଗ (ଏସ୍‌ଆଇଡି) ଏହାର ତଦନ୍ତ କରିବା ଲାଗି ଏକନାଥ ଶିନ୍ଦେ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଠାକ୍‌ରେଙ୍କ ବିରୋଧରେ ଶିନ୍ଦେ ସରକାରଙ୍କ ଦ୍ୱାରା ଏହା ତୃତୀୟ ତଦନ୍ତ। ଗତ ଜୁନ୍‌ରେ ଫାର୍ମାସିଷ୍ଟ ଉମେଶ ତାଙ୍କ ଔଷଧ ଦୋକାନ ବନ୍ଦ କରି ସ୍କୁଟରରେ ଘରକୁ ଫେରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଭାଜପାର ତତ୍କାଳୀନ ମୁଖପାତ୍ର ନୂପୁର ଶର୍ମାଙ୍କ ବିବାଦୀୟ ମନ୍ତବ୍ୟକୁ ସମର୍ଥନ କରି ଉମେଶ ସୋସିଆଲ ମିଡିଆରେ ପୋଷ୍ଟ କରିଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ଅହମଦନଗରର ଶ୍ରୀରାମପୁର ତାଲୁକରେ ଧର୍ମାନ୍ତରୀକରଣ ମାମଲାକୁ ନେଇ ଶନିବାର ଗୃହରେ ଆଲୋଚନା ଚାଲିଥିବାବେଳେ ବିଧାୟକ ରବି ରାଣା ଅମରାବତୀ ହତ୍ୟା ପ୍ରସଙ୍ଗ ଉଠାଇ ଏହାର ତଦନ୍ତ ଦାବି କରିଥିଲେ। ଏସ୍‌ଆଇଡିକୁ ତଦନ୍ତ ରିପୋର୍ଟ ମଗାଯାଇଛି। ଉକ୍ତ ରିପୋର୍ଟ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ସହ ପରାମର୍ଶ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଅବକାରୀ ମନ୍ତ୍ରୀ ଶମ୍ଭୁରାଜ ଦେଶାଇ କହିଛନ୍ତି।

## ସାନିଆ ହେବେ ଯୁଦ୍ଧବିମାନ ପାଇଲଟ୍

**ବାରାଣସୀ,୨୪।୧୨**

ୟୁପି ମିର୍ଜାପୁର ଜିଲାର ସାନିଆ ମିର୍ଜା (୧୭) ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୪୯ ର୍‍ୟାଙ୍କ୍ ରଖିଛନ୍ତି। ଜଣେ ଟିଭି ମେକାନିକ୍‌ଙ୍କ ଝିଅ ସାନିଆ ଯୁଦ୍ଧବିମାନ ପାଇଲଟ ହେବାକୁ ଚାହାନ୍ତି ବୋଲି କହିଛନ୍ତି। ସେ ମଙ୍ଗଳବାର ପୁଣେର ଖଡକୱାସ୍‌ଲାସ୍ଥିତ ଏନ୍‌ଡିଏରେ ଯୋଗଦେବେ।



ଯୁଦ୍ଧବିମାନ ପାଇଲଟ ହେବାକୁ ହେଲେ ତାଙ୍କୁ ଆଗାମୀ ୪ ବର୍ଷ ମଧ୍ୟରେ ଫ୍ଲାଇଂ ଟ୍ରେନିଂ ସମେତ ଏକାଧିକ ପାଠ୍ୟକ୍ରମରେ ସଫଳତା ହାସଲ କରିବାକୁ ହେବ। ସେ ଦେଶର ପ୍ରଥମ ମୁସଲମାନ ମହିଳା ଭାବେ ଯୁଦ୍ଧବିମାନ ପାଇଲଟ ହେବାକୁ ଯାଉଛନ୍ତି।

## ପେପର ଲିକ୍: ଶିକ୍ଷକ ନିଯୁକ୍ତି ପରୀକ୍ଷା ବାତିଲ

**ଜୟପୁର,୨୪।୧୨(ପି.ଟି.)**

### ପ୍ରଶ୍ନପତ୍ର ପାଇଁ ପ୍ରାର୍ଥୀ ପିଛା ୧୦ ଲକ୍ଷ ଆଦାୟ କରିଥିଲା ଗ୍ୟାଙ୍ଗ୍

ରାଜସ୍ଥାନରେ ଶନିବାର ଶିକ୍ଷକ ନିଯୁକ୍ତି ପରୀକ୍ଷାର କିଛି ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଯାଇଛି। ଫଳରେ ପରୀକ୍ଷାକୁ ବାତିଲ କରାଯିବା ସହ ୪୪ ଜଣଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ ପବ୍ଲିକ୍ ସର୍ଭିସ କମିଶନ ଏହି ପରୀକ୍ଷା ପରିଚାଳନା କରୁଛି। ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କୁ ବେଆଇନ ଭାବେ ଆଗୁଆ ପ୍ରଶ୍ନପତ୍ର ଯୋଗାଇଦେବା ଲାଗି ପେପର ଲିକ୍ ଗ୍ୟାଙ୍ଗ ୧୦ ଲକ୍ଷ ଟଙ୍କା ଲେଖାଏ ଆଦାୟ କରିଥିବା ଅଭିଯୋଗ ହୋଇଛି। ଗିରଫଙ୍କ ମଧ୍ୟରେ ଦୁର୍ନୀତିର ମାଷ୍ଟର ମାଇଣ୍ଡ ସମେତ ୭ ଏକ୍ସପର୍ଟ ଏବଂ ୩୭ ଛାତ୍ର ଅଛନ୍ତି। ଶନିବାର ବାତିଲ ହୋଇଥିବା ସାଧାରଣ ଜ୍ଞାନ ପରୀକ୍ଷା ପୁନର୍ବାର ୨୯ ତାରିଖରେ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଲାଗି ସରକାର କଠୋର ଆଇନ କାର୍ଯ୍ୟକାରୀ କରିଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଛନ୍ତି। ପ୍ରଶ୍ନପତ୍ର ଲିକ୍‌ର ଏହା ନବମ ଘଟଣା ହୋଇଥିବାବେଳେ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ପେପର ଲିକ୍ ଘଟଣାର ମାଷ୍ଟରମାଇଣ୍ଡ ଯୋଧପୁରର ସୁରେଶ ବିଷ୍ଣୋଇଙ୍କୁ ଗିରଫ କରାଯାଇଛି। ଏକ ଘରୋଇ ବସ୍‌ରେ ପରୀକ୍ଷା ଦେବା ଲାଗି ଉଦୟପୁର ଆସୁଥିବା ପ୍ରାର୍ଥୀମାନଙ୍କୁ ପ୍ରଶ୍ନପତ୍ର ମିଳିଯାଇଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଶନିବାର ସକାଳେ ବେକରିୟା ଥାନା ଅନ୍ତର୍ଗତ ଏକ ଛକରେ ଉକ୍ତ ବସ୍‌କୁ ଅଟକାଯିବାରୁ ସେଥିରୁ ପ୍ରଶ୍ନପତ୍ର ମିଳିଥିଲା।

## ଆନ୍ଦୋଳନରତ ଛାତ୍ରୀଙ୍କୁ ପାଣିମାଡ଼

**କାବୁଲ, ୨୪।୧୨**

### ଆଫଗାନିସ୍ତାନରେ ତେଜୁଛି ପ୍ରତିବାଦ

ଆଫଗାନିସ୍ତାନରେ ତାଲିବାନ୍ ଝିଅମାନଙ୍କ ପାଇଁ ଉଚ୍ଚଶିକ୍ଷା ବାରଣ କରିବା ନିଷ୍ପତ୍ତି ବିରୋଧରେ କାବୁଲରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଶନିବାର ତିନିଦିନରେ ପହଞ୍ଚିଛି। ଆନ୍ଦୋଳନକୁ ମହିଳାଙ୍କ ବିପୁଳ ସମର୍ଥନ ମିଳିଛି। ଶନିବାର କେତେଜଣ ମହିଳା ଗଭର୍ନରଙ୍କ ବାସଭବନ ଅଭିମୁଖେ ଯାତ୍ରା କରିଥିଲେ। ସେମାନଙ୍କୁ ପୋଲିସ ଅଟକାଇବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖାଯାଇଥିଲା। ଏହାପରେ ପୋଲିସ ତାଙ୍କ ଉପରକୁ ପାଣିମାଡ଼ କରିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ବହୁଳ ଭାବେ ପ୍ରସାରିତ ହେବାରେ ଲାଗିଛି।



କେତେଜଣ ଛାତ୍ରୀ ପାଣିମାଡ଼ ଭୟରେ ରାସ୍ତା କଡ଼ରେ ଲୁଚିଯାଉଥିବା ପ୍ରସାରିତ ଭିଡିଓରେ ଦେଖାଯାଇଛି। ସହରର ପ୍ରତ୍ୟେକ ସ୍ଥାନରେ ପୋଲିସ ମୁତୟନ କରାଯାଇଛି। କେତେଜଣ ଛାତ୍ରୀ ତାରିକ ପାର୍କରେ ବିକ୍ଷୋଭ କରୁଥିବାବେଳେ ସେଠାରେ ମୁତୟନ ଥିବା ତାଲିବାନ୍ ସୈନ୍ୟ ଗଛ ଡାଳ ଭାଙ୍ଗି ସେଥିରେ ଛାତ୍ରୀଙ୍କୁ ମାଡ଼ କାରୁଥିବା ଜଣେ ଛାତ୍ରୀ କହିଛନ୍ତି। ମଙ୍ଗଳବାର ଆଫଗାନିସ୍ତାନ ଶିକ୍ଷା ବିଭାଗ ଝିଅମାନଙ୍କ ଉଚ୍ଚଶିକ୍ଷା ନିଷେଧ ନେଇ ଘୋଷଣା କରିଥିଲେ। ଏହାକୁ ବିରୋଧ କରି ଶତାଧିକ ଛାତ୍ରୀ କାବୁଲରେ ଏହାର ପ୍ରତିବାଦ ଆରମ୍ଭ କରୁଛନ୍ତି।

## ମାର୍ଚ୍ଚ ଶେଷ ସୁଦ୍ଧା ପାନ୍ ସହ ଆଧାର ସଂଯୋଗ

**ନୂଆଦିଲ୍ଲୀ:** ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବା ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ପାନ୍‌କାର୍ଡ଼ ସହ ଆଧାର ସଂଯୋଗ ବାଧ୍ୟତାମୂଳକ ବୋଲି ଶନିବାର କେନ୍ଦ୍ର ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଆୟକର ବିଭାଗ ଅଧିନିୟମ ୧୯୬୧ ଅନୁସାରେ ଭାରତରେ ବ୍ୟବହୃତ ସମସ୍ତ ପାନ୍‌କାର୍ଡ଼ ୨୦୨୩ ମାର୍ଚ୍ଚ ୩୧ ମଧ୍ୟରେ ଆଧାର ସହ ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ନଚେତ ୨୦୨୩ ଅପ୍ରେଲ ୧ ଠାରୁ ଅସିଦ୍ଧ ଘୋଷଣା କରାଯିବ ବୋଲି କେନ୍ଦ୍ର ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ମେ ୨୦୧୭ ରେ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଆସାମ, ଜାମ୍ମୁ କାଶ୍ମୀର, ମେଘାଳୟ ରାଜ୍ୟରେ ରହୁଥିବା ଲୋକ ମାନଙ୍କ ପାଇଁ ପାନ୍ ସହ ଆଧାର ଯୋଡିବା ବାଧ୍ୟତାମୂଳକ କରାଯାଇନାହିଁ ବୋଲି କୁହାଯାଇଛି।

# ‘ବିକଶିତ ରାଷ୍ଟ୍ର ହେବାକୁ ୨୦ବର୍ଷ ଲାଗିବ’

ନୂଆଦିଲ୍ଲୀ,୨୪।୧୨


ସି ରଙ୍ଗରାଜନ୍

ଗତ କିଛି ବର୍ଷ ହେବ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଲାଗି ରହିଛି। ହେଲେ ଉକ୍ତ ସମୟ ମଧ୍ୟରେ ଦେଶ ବିକାଶ ପଥରେ ଅଗ୍ରସର ହେବାକୁ ମଧ୍ୟ ପ୍ରୟାସ ଜାରି ରଖିଛି। ଏପରିକି ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସଫଳତା ଏକ ସ୍ୱଳ୍ପକାଳୀନ ଆକାଂକ୍ଷା ଲକ୍ଷ୍ୟ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ୍ ଶନିବାର ଏକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି। ବିଶେଷକରି ମୁଣ୍ଡ ପିଛା ଆୟ ୩୪୭୨ ଡଲାର ସହ ଭାରତ ମଧ୍ୟମ ଆୟକାରୀ ଦେଶ ଭାବେ ପରିଗଣିତ ହେବ ବୋଲି ରଙ୍ଗରାଜନ୍ ମତପ୍ରକାଶ କରିଛନ୍ତି। ସେହିଭଳି ଏକ ଉଚ୍ଚ ମଧ୍ୟବିତ୍ତ ଦେଶର ସ୍ତରରେ ପହଞ୍ଚିବାକୁ ହେଲେ ଭାରତକୁ ଆଉ ୨ରୁ ୩ ବର୍ଷ ଲାଗିବ ବୋଲି ଆଶା କରାଯାଉଛି। ଏପରିକି ଏକ ବିକଶିତ ଦେଶ ଭାବେ ବର୍ଗୀକୃତ ହେବାକୁ ହେଲେ ମୁଣ୍ଡ ପିଛା ଆୟ ସର୍ବନିମ୍ନ ୧୩,୨୦୫ ଡଲାର ଆବଶ୍ୟକ ରହିଛି। ଏହାକୁ ହାସଲ କରିବା ପାଇଁ ଆଉ ୨ ଦଶନ୍ଧି ( ୨୦ ବର୍ଷ )ରୁ ଅଧିକ ସମୟ ଆବଶ୍ୟକ ବୋଲି ରଙ୍ଗରାଜନ ଆକଳନ କରିଛନ୍ତି। ଅପରପକ୍ଷରେ ୮ରୁ ୯% ଅଭିବୃଦ୍ଧି ହାରରେ ପହଞ୍ଚିବାକୁ ମଧ୍ୟ ଅନେକ ନୀତି ଓ ଯୋଜନା ସାଙ୍ଗକୁ ସମୟ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଆଇସିଏଫ୍‌ଏଆଇ ଫାଉଣ୍ଡେଶନର ଦ୍ୱାଦଶ ସମ୍ମିଳନୀରେ ଯୋଗ ଦେଇ ରଙ୍ଗରାଜନ କହିଛନ୍ତି, ସମୁଦାୟ ଆଉଟପୁଟ୍ ସ୍ତରରେ ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ଭାବେ ପରିଗଣିତ ହେଉଛି। ଭାରତ ଏକ ପ୍ରଭାବଶାଳୀ ସଫଳତା ପାଇବାକୁ ପ୍ରୟାସ କରୁଥିବା ବେଳେ ଅନେକ ସମସ୍ୟା ସୃଷ୍ଟି ହେଉଛି। ହେଲେ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ଆଇଏମ୍‌ଏଫ୍‌ର ମାନ୍ୟତା ଅନୁଯାୟୀ ୧୯୭ ଦେଶ ମଧ୍ୟରୁ ଭାରତ ୧୪୨ତମ ସ୍ଥାନରେ ରହିଛି। ଏ ସମ୍ପର୍କରେ ଦେଶର ନୀତି ନିର୍ଦ୍ଧାରକାରୀଙ୍କ ତୁରନ୍ତ ଧ୍ୟାନ ଅର୍ଥନୀତିର ଅଭିବୃଦ୍ଧି ହାରକୁ ବୃଦ୍ଧି କରିବା ଆବଶ୍ୟକ ରହିଛି। ବିଶେଷକରି ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସଫଳତା ଏକ ସ୍ୱଳ୍ପ ମିଆଦୀ ଆକାଂକ୍ଷା ଲକ୍ଷ୍ୟ। ଏଥିପାଇଁ ସର୍ବନିମ୍ନ ୫ ବର୍ଷର ପ୍ରୟାସ ସହ ୯%ର ଅଭିବୃଦ୍ଧିହାରରେ ପହଞ୍ଚିବାକୁ ସମୟ ଲାଗିବ। ଏହା ସତ୍ତ୍ୱେ ଭାରତର ମୁଣ୍ଡ ପିଛା ଆୟ ମାତ୍ର ୩୪୭୨ ଡଲାର ରହିବ ବୋଲି ଆଶା କରାଯାଉଛି। ସେହିପରି ଆମେ ଏପର୍ଯ୍ୟନ୍ତ ଏକ ନିମ୍ନ ମଧ୍ୟମ ଆୟ ଦେଶ ଭାବେ ବର୍ଗୀକୃତ ହେବୁ ବୋଲି ରଙ୍ଗରାଜନ ଦର୍ଶାଇଛନ୍ତି।

ଏହିପରି ଆମକୁ ବହୁ ଦୂର ଯିବାକୁ ପଡ଼ିବ। ଏହା କେବଳ ଦର୍ଶାଏ ଯେ ଆମକୁ ନିଶ୍ଚିତ ଭାବେ ଦ୍ରୁତଗତିରେ ଚାଲିବା ଆବଶ୍ୟକ ବୋଲି ପୂର୍ବତନ ଅଧ୍ୟକ୍ଷ ଅର୍ଥନୈତିକ ପରାମର୍ଶଦାତା ପରିଷଦ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ କୋଭିଡ୍-୧୯ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ହେଲେ ଭାରତର ଭବିଷ୍ୟତ ବିକାଶ ପାଇଁ ଏକ ସ୍ୱଚ୍ଛ ରୋଡ୍‌ମ୍ୟାପ୍ ରଖିବାର ଆବଶ୍ୟକତା ଅଛି। ପ୍ରାରମ୍ଭରେ ଦେଶର ଅଭିବୃଦ୍ଧି ହାରକୁ ୭%କୁ ବୃଦ୍ଧି କରିବାକୁ ପଡ଼ିବ ଏବଂ ତା'ପରେ ଏହାକୁ ୮ରୁ ୯% ଅଭିବୃଦ୍ଧି ହାରରେ ଅନୁସରଣ କରିବାକୁ ପଡିବ। ଭାରତ ଅତୀତରେ ଦର୍ଶାଇଛି ଯେ ଏହା ଉପରେ ଏକ ଅଭିବୃଦ୍ଧି ହାର ୬ରୁ ୭ବର୍ଷ ଅବଧି ରହିପାରେ ବୋଲି ରଙ୍ଗରାଜନ କହିଛନ୍ତି।

## ଖସିଲା ୧୨ବିଲିୟନ ଡଲାରର ସମ୍ପତ୍ତି

ନୂଆଦିଲ୍ଲୀ,୨୪।୧୨

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ କୋଭିଡ୍ ସଂକ୍ରମଣର ପ୍ରଭାବରେ ଭାରତର ଶୀର୍ଷ ୨ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ଓ ଗୌତମ ଆଦାନୀଙ୍କର ସମ୍ପତ୍ତିର ପରିମାଣ ହ୍ରାସ ଘଟିଛି। ଏପରିକି ଉଭୟ ଧନୀବ୍ୟକ୍ତିଙ୍କର ପ୍ରାୟ ୧୨ ବିଲିୟନ ଡଲାରର ସମ୍ପତ୍ତି ହ୍ରାସ ଘଟିଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚକାଙ୍କରେ ଦର୍ଶାଯାଇଛି। ଫଳରେ ଗୌତମ ଆଦାନୀ ଏବଂ ମୁକେଶ ଅମ୍ବାନୀଙ୍କ ସହ ବହୁ ଭାରତୀୟ ବିଲିୟନେୟାରଙ୍କ ସମ୍ପତ୍ତିରେ ମଧ୍ୟ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ସବୁଠୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଗୋଟିଏ ଦିନରେ ଗୌତମଙ୍କ ସମ୍ପତ୍ତିରେ ୯.୩୮ ବିଲିୟନ ଡଲାର ହ୍ରାସ ଘଟି ପ୍ରାୟ ୧୧୦ ବିଲିୟନ ଡଲାରରେ ରହିଛି। ସେହିପରି ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ୨.୭୧ବିଲିୟନ ଡଲାର ହ୍ରାସ ଘଟି ୮୫.୪ ବିଲିୟନ ଡଲାରରେ ପହଞ୍ଚିଛି। ଅପରପକ୍ଷରେ ସମ୍ପତ୍ତି ହ୍ରାସ ଘଟିଥିବା ଅନ୍ୟ ଭାରତୀୟ ବିଲିୟନେୟାରଙ୍କ ତାଲିକାରେ ଅଜୀମ ପ୍ରେମ୍‌ଜୀ, କେ.ପି. ସିଂ, କୁମାରମଙ୍ଗଳମ ବିର୍ଲା, ଶାପୁର ମିସ୍ତ୍ରି ଏବଂ ସାବିତ୍ରୀ ଜିନ୍ଦଲ ପ୍ରମୁଖ ସାମିଲ ଅଛନ୍ତି।

## ମାଲାବାରରେ ୧୦ ଦିନିଆ ବ୍ରାଇଡାଲ୍ ଜୁଏଲେରି ଶୋ




ଭୁବନେଶ୍ୱର,୨୪।୧୨

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଶହୀଦନଗରସ୍ଥିତ ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ୧୦ ଦିନିଆ ବ୍ରାଇଡାଲ୍ ଜୁଏଲେରି ଶୋ'ର ଶୁଭାରମ୍ଭ ହୋଇଯାଇଛି। ଏପରିକି ଡିସେମ୍ବର ୨୩ରୁ ଜାନୁୟାରୀ ୧ ପର୍ଯ୍ୟନ୍ତ ଉକ୍ତ ଶୋ ଜାରି ରହିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ଅବସରରେ ଓଲିଉଡ୍ କଣ୍ଠଶିଳ୍ପୀ ପ୍ରଜ୍ଞାନ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭକରି କହିଥିଲେ, ମାଲାବାରର ଅଳଙ୍କାରଠାରୁ ଆରମ୍ଭକରି ବିଭିନ୍ନ ସମୟରେ ଆୟୋଜିତ ଶୋ ଓ ସ୍ୱତନ୍ତ୍ର ଡିଜାଇନ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ବୋଲି ହୋତା ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମାଲାବାରର ଓଡ଼ିଶା ବାଣିଜ୍ୟିକ ମୁଖ୍ୟ ସିଦ୍ଧେଶ୍ୱର ରଥ ଶୋ'ର ଆଭିମୁଖ୍ୟ ଓ କମ୍ପାନୀର ଭିଜନ ସମ୍ପର୍କରେ ଆଲୋକପାତ କରିଥିଲେ।

## ସୋଚ୍‌ର ‘ରେଡ୍ ଡଟ୍ ସେଲ୍’

ନୂଆଦିଲ୍ଲୀ,୨୪।୧୨

ଦେଶର ପ୍ରମୁଖ ମହିଳା ପୋଷାକ ବ୍ରାଣ୍ଡ୍ ‘ସୋଚ୍'ର ବିଶେଷ ଅଭିଯାନ ‘ରେଡ୍ ଡଟ୍ ସେଲ୍’ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡ୍‌ର ସ୍ୱତନ୍ତ୍ର ଓ ଆକର୍ଷଣୀୟ ରେଞ୍ଜ୍ ସହ ସମସ୍ତଙ୍କ ପାଇଁ ଉକ୍ତ ସେଲ୍ ପୁନର୍ବାର ଆରମ୍ଭ କରାଯାଇଛି। ଏହି ସେଲ୍ ଜରିଆରେ ଗ୍ରାହକମାନେ ବ୍ରାଣ୍ଡ୍‌ର ଦେଶବ୍ୟାପୀ ସୋଚ୍ ଷ୍ଟୋର ଓ ଅନ୍‌ଲାଇନରେ ମଧ୍ୟ ଶାଢ଼ି, ସଲ୍‌ୱାର ସୁଇଟ୍, କୁର୍ତ୍ତାସ, କୁର୍ତ୍ତା ସେଟ୍, ଡ୍ରେସ୍ ମ୍ୟାଟେରିଆଲ, ଟ୍ୟୁନିକ୍ ଓ କାଫ୍‌ତାନର ଏକ ବିସ୍ତୃତ ସିଲେକ୍ସନ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ବିଶେଷକରି ଚଳିତ ବିବାହ ଋତୁ ଅବସରରେ ସୋଚ୍ ରେଡ୍ ଡଟ୍ ସେଲ୍ ଏକାଧିକ ଉତ୍ପାଦ ଉପରେ ସ୍ୱତନ୍ତ୍ର ରିହାତିର ଶୁଭାରମ୍ଭ ସହ ଉକ୍ତ ଅଭିଯାନକୁ ଅଧିକ ଉତ୍ସାହଜନକ କରିଛି। ସେହିଭଳି ଗ୍ରାହକମାନେ ଏଥ୍‌ନିକ୍ ୱେୟାରର ସର୍ବୋତ୍ତମତାକୁ ଆକର୍ଷଣୀୟ ଅଫର ଓ ମୂଲ୍ୟରେ ମଧ୍ୟ ପାଇପାରିବେ। ଏହି ସେଲ୍ ଗ୍ରାହକଙ୍କୁ ନିଜର ସୋଚ୍ ଷ୍ଟାଇଲ୍ ପ୍ରଦର୍ଶିତ କରିବା ପାଇଁ ଏକ ବିସ୍ତୃତ କଲର ପ୍ୟାଲେଟ୍‌ରୁ ସିଲ୍କ, ସିଲ୍କ ବ୍ଲେଣ୍ଡ୍, ଆର୍ଟ ସିଲ୍କ, ଅର୍‌ଗେନ୍‌ଟ୍ ବ୍ରୋକେଡ୍, ଚନ୍ଦେରୀ ଓ ଜର୍ଜେଟ୍ ଭଳି ସମୃଦ୍ଧ ଫ୍ୟାବ୍ରିକ୍‌ର ଏକ ଶୃଙ୍ଖଳାକୁ ଉନ୍ମୋଚନ କରିଛି। ଏହି ଚମତ୍କାର ଉତ୍ପାଦଗୁଡ଼ିକ ସବ୍‌ଟଲ୍ ବ୍ଲୁଠାରୁ ଆରମ୍ଭକରି ଭାଇବ୍ରାଣ୍ଟ ପିଙ୍କ୍ ପର୍ଯ୍ୟନ୍ତ ଏକ ବିସ୍ତୃତ ରେଞ୍ଜ୍‌ର ଓ ରଙ୍ଗରେ ଉପଲବ୍ଧ। ଏପରିକି ଗ୍ରାହକଙ୍କର ସମସ୍ତ ଏଥ୍‌ନିକ୍ ୱେୟାର ଆବଶ୍ୟକତାକୁ ପୂରଣକରି ତ୍ରୁଟିହୀନ ଓ ଡିମାଣ୍ଡିଂ ଲୁକ୍‌କୁ ରିକ୍ରିଏଟ୍ କରୁଛି। ସେହିପରି ଗ୍ରାହକମାନେ ବର୍ତ୍ତମାନ ସୋଚ୍‌ର ସୁନ୍ଦର ଏଥ୍‌ନିକ୍ ୱେୟାରକୁ ପୂର୍ବରୁ କେବେ ଆସି ନ ଥିବା ମୂଲ୍ୟରେ ପାଇବା ସହ ପ୍ରତ୍ୟେକ ଅବସରକୁ ସୁନ୍ଦର କରିପାରିବେ। ଉଲ୍ଲେଖଯୋଗ୍ୟ, ନିକଟସ୍ଥ ସୋଚ୍ ଷ୍ଟୋର୍ କିମ୍ବା ଅନ୍‌ଲାଇନ ଜରିଆରେ ମଧ୍ୟ ବ୍ରାଣ୍ଡ୍‌ର ଉପରୋକ୍ତ କଲେକ୍ସନକୁ ଦେଖିପାରିବେ। ସୂଚନାଯୋଗ୍ୟ, ବର୍ତ୍ତମାନ କୁର୍ତ୍ତି ୩୯୯ ଟଙ୍କା, କୁର୍ତ୍ତି ସୁଟ୍ ୯୯୯ ଟଙ୍କା, ସଲ୍‌ୱାର୍ ସୁଟ୍ ୧୪୯୯ ଟଙ୍କା, ଶାଢ଼ି ୮୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ସହ କାଫ୍‌ତାନ ୨୨୪୯ ଟଙ୍କାର ରିହାତି ମୂଲ୍ୟରେ ଉପଲବ୍ଧ।

## ଫ୍ଲିପ୍‌କାର୍ଟରୁ ଅଲଗା ହେଲା ଫୋନ୍‌ପେ

ନୂଆଦିଲ୍ଲୀ,୨୪।୧୨

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ ସଂସ୍ଥା ଫୋନ୍‌ପେ ତା'ର ମାଲିକାନା ସଂସ୍ଥା ଫ୍ଲିପ୍‌କାର୍ଟଠାରୁ ଅଲଗା ହୋଇଯାଇଥିବା ଜଣାପଡ଼ିଛି। ବିଶେଷକରି ଏକ ସ୍ୱାଧୀନ କମ୍ପାନୀ ଭାବେ ଏହା ପରିଚାଳିତ ହେବ ବୋଲି ସୂଚନା ମିଳିଛି। ଏପରିକି ପୂର୍ବରୁ ଏହା ଫ୍ଲିପ୍‌କାର୍ଟ ଅଧୀନରେ ପରିଚାଳିତ ହେଉଥିଲା। ଫଳରେ କମ୍ପାନୀ ଯେ କୌଣସି ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ଫ୍ଲିପ୍‌କାର୍ଟ ବୋର୍ଡର ମଞ୍ଜୁରୀ ଆବଶ୍ୟକ କରୁଥିଲା। କମ୍ପାନୀ ବର୍ତ୍ତମାନ ଏକ ପୃଥକ୍ ସଂସ୍ଥାରେ ପରିଣତ ହୋଇଥିବାରୁ ଆଗାମୀ ଦିନରେ ଫୋନ୍‌ପେ ଆବଶ୍ୟକ ନିଷ୍ପତ୍ତି ଓ କାର୍ଯ୍ୟକ୍ରମ ସ୍ୱାଧୀନ ଭାବେ ଗ୍ରହଣ କରିବ ବୋଲି କୁହାଯାଉଛି। ସେହିଭଳି ଫ୍ଲିପ୍‌କାର୍ଟ ହେଉଛି ଦେଶର ଅଗ୍ରଣୀ ଇ-କମର୍ସ କମ୍ପାନୀ। ସେଥିରେ ଆମେରିକାର ରିଟେଲ ସଂସ୍ଥା ୱାଲ୍‌ମାର୍ଟର ସିଂହଭାଗ ଅଂଶଧନ ରହିଛି। ଫ୍ଲିପ୍‌କାର୍ଟଠାରୁ ଅଲଗା ହୋଇଥିବା ଫୋନ୍‌ପେ'ରେ ମଧ୍ୟ ୱାଲ୍‌ମାର୍ଟର ସିଂହଭାଗ ଅଂଶଧନ ରହିଛି। ଏହା ପୂର୍ବରୁ ଫୋନ୍‌ପେ'କୁ ଫ୍ଲିପ୍‌କାର୍ଟ ସିଙ୍ଗାପୁର ଓ ଫୋନ୍‌ପେ ସିଙ୍ଗାପୁର ଜରିଆରେ ୱାଲ୍‌ମାର୍ଟ ପରିଚାଳିତ କରୁଥିଲା। ଏପରିକି ଉକ୍ତ ୨ ସଂସ୍ଥାର ଅଂଶଧନକାରୀମାନେ ଫୋନ୍‌ପେ ଶେୟାରକୁ କିଣିଥିବାରୁ ତାହା ବର୍ତ୍ତମାନ ଏକ ସମ୍ପୂର୍ଣ୍ଣ ଭାରତୀୟ କମ୍ପାନୀରେ ପରିଣତ ହୋଇଯାଇଛି।

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ‘ଉଡାନ୍’

ଭୁବନେଶ୍ୱର,୨୪।୧୨




କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ‘ଉଡାନ୍’ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରି କହିଥିଲେ, ଛାତ୍ରୀଛାତ୍ରଙ୍କୁ ମାନବିକ ମୂଲ୍ୟବୋଧ ଓ ମାନବିକତା ନେଇ ସର୍ବଦା ସଚେତନ ରହିବାକୁ ସାମନ୍ତ ପରାମର୍ଶ ଦେଇଥିଲେ। ସେହିଭଳି କିଟ୍ ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଓ ସ୍ୱୀକୃତି ଲାଭ କରିଛି। ତୁମେମାନେ ବିଶ୍ୱର ଯେଉଁ ସ୍ଥାନକୁ ଯାଅ ସେଠାରେ

ତୁମକୁ ସ୍ୱାଗତ ଓ ସ୍ୱୀକୃତି ପ୍ରଦାନ କରିବାକୁ କିଟ୍‌ର ପୁରାତନ ଛାତ୍ରୀଛାତ୍ରମାନେ ନିଶ୍ଚିତ ଥିବେ ବା ଦେଖିବାକୁ ପାଇବ ବୋଲି ସାମନ୍ତ ମତପ୍ରକାଶ କରିଥିଲେ। ତେବେ ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଖି ନିଜର ଦକ୍ଷତା ପ୍ରତିପାଦନ ପାଇଁ କଠିନ ପରିଶ୍ରମ କରିବାକୁ ସାମନ୍ତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜଣଙ୍କର ସର୍ଜନା ଅନ୍ୟ ଜଣଙ୍କ ସର୍ଜନାଠାରୁ ଅଲଗା ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ବୈଷୟିକ ଜ୍ଞାନର ବିକାଶ ସହ ଏହା ସହାୟତାରେ ପ୍ରଦର୍ଶନକୁ ପରିବର୍ଦ୍ଧିତ କରାଯାଇପାରେ। କିନ୍ତୁ ସର୍ଜନା ହେଉଛି ଛାତ୍ରୀଛାତ୍ରଙ୍କ ନିଜସ୍ୱ ଓ ଅନନ୍ୟ ବୋଲି ବଳ କହିଥିଲେ। ଅପରପକ୍ଷରେ ସ୍କୁଲର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ବାର୍ଷିକ ବିବରଣୀ ପାଠ ସହ ଚଳିତ ବର୍ଷର ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରି ସ୍କୁଲକୁ ସୁନାମ ଆଣି ଦେଇଥିବା ଛାତ୍ରୀଛାତ୍ରଙ୍କ ନାମ ଉଲ୍ଲେଖ କରିଥିଲେ। ଏପରିକି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ସର୍ବଦା ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛି। ଉକ୍ତ ସ୍କୁଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିଃସ୍ୱାର୍ଥପର ସେବା ଓ ସୀମାହୀନ ଶିକ୍ଷା ବୋଲି ଡ. ସୁଆର ମତପ୍ରକାଶ କରିଥିଲେ।

ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷକରି ଏମ୍‌ଜେ-୫ ଗ୍ରୁପ୍‌ର ଚିତ୍ତାକର୍ଷକ ପ୍ରଦର୍ଶନ ଏବଂ ମେଲୋଡି କୁଇନ ତଥା ଇଣ୍ଡିଆନ ଆଇଡଲ ଜୁନିୟର ଫେମ୍ ଅନନ୍ୟା ଶ୍ରୀତମ ନନ୍ଦଙ୍କ ସଙ୍ଗୀତ ପରିବେଷଣ ଉକ୍ତ ଉତ୍ସବକୁ ଆହୁରି ସରସ କରିଦେଇଥିଲା।

## ଭୁବନେଶ୍ୱରରେ ନ୍ୟୁ ଦେଲ୍ଲି ସୁଇଟ୍ସ ଆଉଟ୍‌ଲେଟ୍

ନୂଆଦିଲ୍ଲୀ,୨୪।୧୨

ଦେଶର ଜଣାଶୁଣା ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ (ମିଷ୍ଟାନ୍ନ ଭଣ୍ଡାର) ‘ନ୍ୟୁ ଦେଲ୍ଲି ସୁଇଟ୍ସ'ର ଆଉ ଏକ ଆଉଟଲେଟ୍ ନିକଟରେ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଏସ୍‌ଏସ୍ ଦି ମାର୍ଟ ଆନୁକୂଲ୍ୟରେ ବ୍ରାଣ୍ଡ୍‌ର ୮ମ ଆଉଟଲେଟ୍ ଶୁକ୍ରବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ଏସ୍‌ଏସ୍ ଦି ମାର୍ଟ (ମଲ୍) ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମାଷ୍ଟରସେଫ୍ ସ୍ମୃତିଶ୍ରୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଆଉଟ୍‌ଲେଟ୍ ପ୍ରତିଷ୍ଠାତା ଶ୍ରୀନିବାସ ଅଗ୍ରୱାଲ, ପ୍ରମୋଦ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତି ଥିଲେ। ଏ ସମ୍ପର୍କରେ ନ୍ୟୁ ଦେଲ୍ଲି ସୁଇଟ୍ସ ଆଉଟ୍‌ଲେଟ୍‌ର ପ୍ରତିଷ୍ଠାତା ପ୍ରମୋଦ ଅଗ୍ରୱାଲ କହିଛନ୍ତି, ମିଠା ଆମ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଓ ଆମେ ସମସ୍ତେ ବିଭିନ୍ନ ପର୍ବପର୍ବାଣି ତଥା ଉତ୍ସବଗୁଡ଼ିକରେ ଆମ ପ୍ରିୟଜନଙ୍କୁ ମିଠା ଦେଇଥାଉ। ଏପରିକି ଆମେ ନିଶ୍ଚିତ ଯେ ଏହାର ଗୁଣାତ୍ମକ ଉତ୍ପାଦ ଓ ସେବା ସାଙ୍ଗକୁ ସୁଲଭ ମୂଲ୍ୟରେ ପ୍ରାୟ ସବୁ ମିଠା ଉପଲବ୍ଧ। ବିଶେଷକରି ଏଠାକାର ସ୍ୱାଦଭରା ମିଠା ସହରବାସୀଙ୍କ ମନକୁ ଜିଣିବାର ସହ ଶୁଦ୍ଧ ଦେଶୀ ଘିଅରେ ପ୍ରସ୍ତୁତ ମିଠା, ନମ୍‌କିନ୍, ସ୍ନାକ୍ସ, ଚାଟ୍ ଓ ବ୍ରେଡ୍ ସହ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମଧ୍ୟ ଉପଲବ୍ଧ ରହିଛି। ଗ୍ରାହକମାନଙ୍କୁ ସହରରେ ସର୍ବୋତ୍ତମ ମିଠାର ଅନୁଭବ ଦେବା ପାଇଁ ଆଉଟ୍‌ଲେଟ୍ ଅନେକ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରିବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ବଡ଼ଦିନ ଏବଂ ନୂଆବର୍ଷକୁ ଆଖି ଆଗରେ ରଖି ସହରବାସୀଙ୍କ ମନରେ ଏକ ଭିନ୍ନ ସ୍ୱାଦର ମିଠା ବାସ୍ନା ଓ ଉତ୍ସାହ ଆଣିଦେବା ପାଇଁ ଏହି ବିଳାସପୂର୍ଣ୍ଣ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ଛତିଶଗଡ଼ର ରାୟପୁରସ୍ଥିତ ‘ନ୍ୟୁ ଦେଲ୍ଲି ସୁଇଟ୍‌ସ’ ବ୍ରାଣ୍ଡ୍ ଓଡ଼ିଶାର ସମ୍ବଲପୁର ସମେତ ପୂର୍ବ ଭାରତରେ ୭ଟି ଆଉଟ୍‌ଲେଟ୍ ଉପଲବ୍ଧ ରହିଛି।



କାନାରା ବ୍ୟାଙ୍କର ରିଟେଲ୍ ଆସେଟ୍ ହବ୍ କଟକ ପକ୍ଷରୁ ବ୍ୟାଙ୍କର ସିଡିଏ-୨ ଶାଖା ପରିସରରେ ରିଟେଲ ଏକ୍ସପୋର ଶୁଭାରମ୍ଭ ଅବସରରେ ବ୍ୟାଙ୍କର ଅଧିକାରୀ ଓ ଅନ୍ୟମାନେ ।

## ଦିଭିସା ହର୍ବାଲ୍ସ ପକ୍ଷରୁ ମେଗା ସ୍ୱାସ୍ଥ୍ୟସେବା ଶିବିର

ନୂଆଦିଲ୍ଲୀ,୨୪।୧୨


ରାଧିକା ଚିମା

ଦିଭିସା ହର୍ବାଲ୍ସ ପ୍ରା.ଲି.ର ସହଯୋଗୀ ସଂସ୍ଥା ଆଇକେଜେ କେୟାର ଫାଉଣ୍ଡେଶନ ପକ୍ଷରୁ ନିକଟରେ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ ଏସ୍‌ଆର୍‌ଏଲ୍ ଡାଇଗ୍ନୋଷ୍ଟିକ୍ ଏବଂ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ସେମାନଙ୍କର ଆବଶ୍ୟକ ଚିକିତ୍ସା ସାଙ୍ଗକୁ ସୁସ୍ଥ ରହିବା ପାଇଁ କିଛି ସ୍ୱତନ୍ତ୍ର ହେଲ୍‌ଥ ଟିପ୍ସ ଅଭିଜ୍ଞ ଡାକ୍ତରମାନଙ୍କୁଠାରୁ ନେଇଥିବା ଜଣାପଡ଼ିଛି। ଶିବିରରେ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ରକ୍ତ ନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା। ଏ ସମ୍ପର୍କରେ ଆଇକେଜେ କେୟାର ଅଧ୍ୟକ୍ଷା ରାଧିକା ଚିମା କହିଛନ୍ତି, ସ୍ୱାସ୍ଥ୍ୟ ଆମର ସବୁଠାରୁ ବଡ଼ ପୁଞ୍ଜି। କିନ୍ତୁ ସାମାନ୍ୟ ଅବହେଳା ଯୋଗୁ ଲୋକମାନେ ଅନେକ ପ୍ରକାର ରୋଗକୁ ନିମନ୍ତ୍ରଣ କରିଥାନ୍ତି। ତେଣୁ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଓ ଡାକ୍ତରଙ୍କ ପରାମର୍ଶ ନିତାନ୍ତ ଆବଶ୍ୟକ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଦିଭିସା ହର୍ବାଲ୍ସ ପ୍ରା.ଲି.ର ପ୍ରତିଷ୍ଠାତା ଡା. ସଞ୍ଜୀବ ଜୁନେଜା କହିଥିଲେ, ମଣିଷ କିପରି ଜୀବନରେ ସୁସ୍ଥ ରହିପାରିବେ ସେ ସମ୍ପର୍କରେ ଜୁନେଜା ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ଜୁନେଜାଙ୍କ ବିଭିନ୍ନ ବ୍ରାଣ୍ଡ୍‌ର ଆୟୁର୍ବେଦିକ ଔଷଧ ସାରା ବିଶ୍ୱରେ ବେଶ୍ ପରିଚିତ। ଜୁନେଜା ମଧ୍ୟ ବିଭିନ୍ନ ସଂସ୍ଥା ଓ ରାଜ୍ୟରୁ ଅନେକ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି।

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ସୂରଜ



ଭୁବନେଶ୍ୱର,୨୪।୧୨

ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ ସୂରଜ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ.ପ୍ରସନ୍ନ କୁମାର ପାଟଶାଣୀ, ଓଟିଡିସିର ଅଧ୍ୟକ୍ଷ ଡ. ଲେଲିନ୍ ମହାନ୍ତି, ବଲିଉଡ୍ ଅଭିନେତ୍ରୀ ମୋନିକା ବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ସଭାପତି ପବିତ୍ର କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆଗକୁ ବଢ଼ିବା ସହ ବିଦ୍ୟାଳୟର ଆଡ୍‌ମିନ୍ ଫଳକକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହା ପରେ ବିଦ୍ୟାଳୟରେ ଥିବା ଗାନ୍ଧିଜୀ ଓ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବ ସୂରଜ ୨୦୨୨କୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ଡ. ସ୍ୱରୂପାନନ୍ଦ ମିଶ୍ର ସ୍ୱାଗତ ସମ୍ଭାଷଣ ରଖିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ପାଟଶାଣୀ କହିଥିଲେ, ବିଦ୍ୟାଳୟ ହିଁ ପିଲାମାନଙ୍କର ଜୀବନ ଓ ଦେଶ ଗଠନର ମୁଖ୍ୟସ୍ଥଳୀ। ପିଲାମାନେ ସଂସ୍କାରି ହେବା ସହ ଚରିତ୍ରବାନ୍ ହେବା ଆବଶ୍ୟକ। ଡ. ମହାନ୍ତି ବିଦ୍ୟାଳୟର ଉନ୍ନତି ଓ ପିଲାମାନଙ୍କର ଭବିଷ୍ୟତ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ରେଖାପାତ କରିବା ସହିତ ଅଭିଭାବକ ଓ ଶିକ୍ଷକମାନଙ୍କର ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପତି ରାଉତରାୟ ବିଦ୍ୟାଳୟ ଗଠନର ମୂଳ ଲକ୍ଷ୍ୟ ସମ୍ବନ୍ଧରେ କହିବା ସହିତ ପିଲାମାନଙ୍କୁ ଭଲ ପାଠ ପଢ଼ି ବଡ଼ ମଣିଷ ହୋଇ ଜାତି ଓ ଦେଶ ପାଇଁ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ପିଲାମାନଙ୍କ ଦ୍ୱାରା ନାଟକ ଯୁଗେ ଯୁଗେ ଜଗନ୍ନାଥ ପରିବେଷଣ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବଲିଉଡ୍ ଅଭିନେତ୍ରୀ ମୋନିକା ବେଦୀ ଓ ତାଙ୍କ ଟିମ୍ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମସ୍ତଙ୍କ ମନମୁଗ୍ଧ କରିଥିଲା। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଏମ୍‌ର ବାର୍ଷିକ ଉତ୍ସବ ‘ସ୍ୱେଚ୍ଛା-୨୦୨୨’ ଉଦ୍‌ଯାପିତ

ଭୁବନେଶ୍ୱର,୨୪।୧୨



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ ‘ସ୍ୱେଚ୍ଛା-୨୦୨୨’ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏପରିକି ବିଗତ ୩ଦିନ ଧରି ଭିନ୍ନ ଭିନ୍ନ ବିଷୟବସ୍ତୁ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ରେଜିଷ୍ଟ୍ରାର ପ୍ରଫେସର ଡ. ଡି.ପି. ସାହୁ ଯୋଗଦେଇଥିଲା ବେଳେ ୨ୟ ଦିନରେ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ପ୍ରଜ୍ଞା ମିଶନର ବିଶିଷ୍ଟ ଯୋଗ ତଥା ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ସମର୍ପଣାନନ୍ଦ ଗିରି, ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ଏକ ଭବ୍ୟ ସମାରୋହ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କ ଦ୍ୱାରା ଲିଖିତ ୨୫ତମ ପୁସ୍ତକ ‘ଆପଣ ନିଜ ପିଲାର ଭାଗ୍ୟ ବଦଳାଇପାରିବେ’ ଏବଂ ‘ଖାଦ୍ୟ ହିଁ ସ୍ୱାସ୍ଥ୍ୟ’ ପୁସ୍ତକ ଦ୍ୱୟକୁ ଉତ୍ସବକୁ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା।

ସେହିଭଳି ବିଭିନ୍ନ କ୍ଷେତ୍ରରେ ଓଡିଏମ୍ ବିଦ୍ୟାର୍ଥୀମାନଙ୍କର କୃତିତ୍ୱକୁ ପୋଲିସ କମିଶନର ଭୂୟସୀ ପ୍ରଶଂସା କରିବା ସହ ଶ୍ରେଷ୍ଠ ବିଚାରଧାରା ହିଁ ଉତ୍ତମ ସ୍ୱପ୍ନକୁ ଜନ୍ମ ଦିଏ, ସୁତରାଂ ଆତ୍ମବିଶ୍ୱାସ ଓ ନିରନ୍ତର ଚେଷ୍ଟା ଜାରି ରଖିଲେ ଶିକ୍ଷାର୍ଥୀମାନେ ଦିନେ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ମିଶ୍ର ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇ କହିଥିଲେ, ଓଡିଏମ୍‌ର ଶିକ୍ଷା ଓ ସଫଳତା ରାଜ୍ୟ ପାଇଁ ଗର୍ବ ଓ ଗୌରବ ବିଷୟ। ଏପରିକି ବିଦ୍ୟାଳୟର ବହୁମୁଖୀ ଯୋଜନାକୁ ସେ ପ୍ରଶଂସା କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡିଏମ୍‌ର ସଫଳତାକୁ ସାଧୁବାଦ ଜଣାଇଥିଲେ। ସେହିପରି ସ୍କୁଲର ଅଧ୍ୟକ୍ଷ ଡ. ମୀନକେତନ ୩ଦିନ ଧରି ଅନୁଷ୍ଠିତ ବାର୍ଷିକ ଉତ୍ସବକୁ ପିତାମାତାଙ୍କ ନାମରେ ନାମିତ କରି ଜୀବନ୍ତ ଦେବତା ତୁଲ୍ୟ ପିତାମାତାଙ୍କ ସେବା ହିଁ ପ୍ରକୃତ ମାନବୀୟ ଧର୍ମ ବୋଲି ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେବା ସହ ସେମାନଙ୍କ ଆଦେଶ ଓ ଉପଦେଶକୁ ମନନ ଓ ଚିନ୍ତନ କରିବା ପାଇଁ ପ୍ରୋତ୍ସାହନ କରିଥିଲେ। ପରିଶେଷରେ ବିଦ୍ୟାଳୟର ଅର୍ଥ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲିପ୍ସା
ପରିବାରବର୍ଗ


ମିନତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖାଦ୍ୟରୁ ପୋଷାକ ସବୁ ଗୋଲାପୀ

**ଲଣ୍ଡନ**

ସାଧାରଣତଃ ପ୍ରତ୍ୟେକ ଝିଅ ବାର୍ବି ଡଲ୍ ବହୁତ ପସନ୍ଦ କରନ୍ତି। ଏପରିକି ସେମାନେ ବାର୍ବି ଡଲ ପରି ହେବାକୁ ସ୍ୱପ୍ନ ବି ଦେଖିଥାନ୍ତି। କିନ୍ତୁ ବୟସ ବଢ଼ିବା ସହିତ ସେମାନଙ୍କର ଖାଦ୍ୟ, ପୋଷାକ ଏବଂ ରୁଚି ବଦଳି ଯାଇଥାଏ। କିନ୍ତୁ ବ୍ରିଟେନରେ ରହୁଥିବା ହୋଲି ୱେମାଉଥ ନାମକ ୨୮ ବର୍ଷୀୟା ଯୁବତୀ ଗୋଲାପୀ ରଙ୍ଗକୁ ଏତେ ଭଲ ପାଆନ୍ତି ଯେ ସେ ନିଜ ପୋଷାକ, ଜୋତାଠାରୁ ଆରମ୍ଭ କରି ଖାଦ୍ୟ ଏବଂ ପାନୀୟ ପର୍ଯ୍ୟନ୍ତ ଗୋଲାପୀ ରଙ୍ଗର ହିଁ କରିଥାନ୍ତି। ତାଙ୍କର ଏହି ଉତ୍ସାହ ପାଇଁ ସେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ଗୋଲାପୀ ରଙ୍ଗ ତାଙ୍କ ଜୀବନରେ ଜାଗ୍ରତ ହେବା ଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ସ୍ଥାନରେ ଦେଖିବାକୁ ମିଳିଥାଏ। ସେ ଏକ ସାକ୍ଷାତ୍କାରରେ କହିଛନ୍ତି, ଝିଅମାନଙ୍କ ପରି ପିଲାଦିନରୁ ବାର୍ବି ଡଲ୍ ଭଲ ପାଉଥିଲେ, କିନ୍ତୁ ଯେତେବେଳେ ସେ ୨୦ ବର୍ଷର ହୋଇଥିଲେ ସେତେବେଳେ ଏହି ଅଭ୍ୟାସ ତାଙ୍କର ଉତ୍ସାହରେ ପରିଣତ ହୋଇଥିଲା। ସେ ତାଙ୍କ ଜୀବନର ପ୍ରତ୍ୟେକ ଦିଗକୁ ନିଜ ପ୍ରିୟ ରଙ୍ଗରେ ରଙ୍ଗାଇଥିଲେ। ସେ କହିଛନ୍ତି, ଏହା ତାଙ୍କୁ ନିଜ ପିଲାଦିନ ସହିତ ସଂଯୋଗର ଭାବନା ଦେଇଥାଏ। ୧୫ ବର୍ଷ ବୟସରେ ସେ ଅପସ୍ମାର ରୋଗରେ ଆକ୍ରାନ୍ତ ହୋଇଥିଲେ। ଯେଉଁଥିପାଇଁ ସେ ଡାକ୍ତରଖାନାରେ ବହୁତ ସମୟ ବିତାଇଥିଲେ। ଏପରି ପରିସ୍ଥିତିରେ ତାଙ୍କର ପିଲାଦିନ ବହୁତ କଷ୍ଟରେ ବିତିଥିଲା। ବର୍ତ୍ତମାନ ସେ ସୁସ୍ଥ ହୋଇ ପୁଣି ନିଜ ପିଲାଦିନକୁ ନିଜ ପ୍ରିୟ ରଙ୍ଗ ସହିତ ବଞ୍ଚିବାକୁ ଚାହୁଁଛନ୍ତି। ହୋଲି ନିଜ ଗୋଲାପୀ ରଙ୍ଗର ଇଚ୍ଛା ପୂରଣ କରିବା ପାଇଁ ବାର୍ବି ଡଲ ଥିମ ଆଲମାରୀ ମଧ୍ୟ ତିଆରି କରିଛନ୍ତି। ଯେଉଁଥିରେ ୪ ଲକ୍ଷରୁ ଅଧିକ ଖର୍ଚ୍ଚ କରି ଗୋଲାପୀ ରଙ୍ଗର ଡ୍ରେସ ଆଙ୍କିଛନ୍ତି। ସେ ଗୋଲାପୀ ରଙ୍ଗର ଡ୍ରେସ ଛଡ଼ା ଆଉ କିଛି ପିନ୍ଧନ୍ତି ନାହିଁ ଏବଂ ସେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ହୋଲି ସ୍ୱୀକାର କରିଛନ୍ତି, ତାଙ୍କର ଏପରି ଅଭ୍ୟାସକୁ ପରିବାର ଏବଂ ସାଙ୍ଗସାଥୀମାନେ ଅଜବ ଭାବନ୍ତି କିନ୍ତୁ ସେ ଏହାକୁ ଖୁବ ଭଲ ପାଆନ୍ତି। ସେ କହିଛନ୍ତି, ତାଙ୍କ ପ୍ରେମିକଙ୍କର ଏଥିରେ କୌଣସି ଅସୁବିଧା ନାହିଁ ଏବଂ ସେ ମଧ୍ୟ ତାଙ୍କୁ ସମର୍ଥନ କରନ୍ତି। ସବୁଠାରୁ କୌତୂହଳର ବିଷୟ ହେଉଛି ହୋଲିଙ୍କ ପୋଷାକ ବ୍ୟତୀତ ଖାଦ୍ୟ ସାମଗ୍ରୀ ମଧ୍ୟ ଗୋଲାପୀ ଏବଂ ସେ ପ୍ରାୟତଃ ଗୋଲାପୀ ଟି’ ପାର୍ଟି କରନ୍ତି।




# ଘରକୁ ଫେରିଲେ ଈଶା ଅମ୍ବାନୀ



**ମୁମ୍ବାଇ:** ରିଲାଏନ୍ସ ଗ୍ରୁପ୍‌ର ମାଲିକ ମୁକେଶ ଅମ୍ବାନୀଙ୍କ ଝିଅ ଈଶା ଅମ୍ବାନୀ ଯମଜ ସନ୍ତାନଙ୍କୁ ଧରି ସ୍ୱାମୀଙ୍କ ସହ ଆମେରିକାରୁ ମୁମ୍ବାଇ ଫେରିଛନ୍ତି। ନଭେମ୍ବର ୧୯ରେ ଈଶା ଯମଜ ପିଲାଙ୍କୁ ଜନ୍ମ ଦେଇଥିଲେ। ସୋସିଆଲ ମିଡିଆ ଜରିଆରେ ଅମ୍ବାନୀ ପରିବାର ପକ୍ଷରୁ ଏକ ପୋଷ୍ଟ ଶେୟାର କରାଯାଇଥିଲା। ଗୋଟିଏ ବର୍ଷ ପରେ ଭାରତ ଫେରିଥିବା ଈଶା ଓ ସ୍ୱାମୀ ଆଦିତ୍ୟଙ୍କୁ ପରିବାର ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନାତି କ୍ରୀଷ୍ଣା ଓ ନାତୁଣୀ ଆଦିୟାଙ୍କୁ ପାଖରେ ପାଇ ଅମ୍ବାନୀ ପରିବାର ଖୁସି ଜଣାପଡୁଥିଲା। ଅନ୍ୟପକ୍ଷେ ନୂଆ କରି ମା’ ହୋଇଥିବା ଈଶା ଘରକୁ ଫେରି ଉତ୍ସାହିତ ଥିଲେ। ୨୦୧୮ରେ ଈଶା ଓ ଆନନ୍ଦ ବିବାହ ବିବାହ କରିଥିଲେ। ଏ ନେଇ ମୁକେଶ ଅମ୍ବାନୀ ବନ ଆୟୋଜନ କରିଥିବାବେଳେ ଦେଶ ଓ ବିଦେଶରୁ ବହୁ ଅତିଥି ଏଥିରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ବଲିଉଡ୍ ତାରକା ଏଥିରୁ ବାଦ୍ ପଡ଼ି ନ ଥିଲେ।

# ଅସୁବିଧା ହେଲେ ମନେପକାଇବ: ସୋନୁ

**ମୁମ୍ବାଇ:** କରୋନାର ନୂଆ ସଂକ୍ରମଣକୁ ନେଇ ଦେଶରେ ପୁଣି ଥରେ ଆତଙ୍କ ଖେଳିଯାଇଛି। କରୋନାକୁ ରୋକିବା ପାଇଁ ସରକାର ପ୍ରସ୍ତୁତି ମଧ୍ୟ ଚଳାଇଛନ୍ତି। ଏହି ସମୟରେ ଅଭିନେତା ସୋନୁ ସୁଦ କରୋନାକୁ ସାମ୍ନା କରିବାକୁ ପ୍ରସ୍ତୁତ ହୋଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଅଭିନେତା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଟୁଇଟରରେ ଏକ ପୋଷ୍ଟ ଶେୟାର ସେ କହିଛନ୍ତି ଯଦି କୌଣସି ଆବଶ୍ୟକତା ଥାଏ ତେବେ ଲୋକେ ତାଙ୍କ ପୁରୁଣା ନମ୍ବରକୁ କଲ କରିପାରିବେ। କରୋନାକୁ ଭୟ କର ନାହିଁ, ସାବଧାନ ରୁହ, ଈଶ୍ୱର କରନ୍ତୁ ମୋର ଜରୁରୀ ନ ପଡୁ। ଯଦି ଆବଶ୍ୟକତା ପଡେ ପୁରୁଣା ନମ୍ବରକୁ କଲ କରିବାକୁ ଅଭିନେତା କହିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ଅଭିନେତା କହିଛନ୍ତ, ସେ ତାଙ୍କ ଟିମ ସହିତ ଏକ ବୈଠକ କରିଛନ୍ତି ଏବଂ ସଦସ୍ୟମାନଙ୍କୁ କହିଥିଲେ ଯେ ଯଦି ପରିସ୍ଥିତି ଅଧିକ ଖରାପ ହୁଏ, ତେବେ ଲୋକଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରୁହନ୍ତୁ। ୨୦୨୦ରେ କରୋନା କାରଣରୁ ଦେଶରେ ଲକଡାଉନ ଘୋଷଣା କରାଯିବା ପରେ ସୋନୁ ସୁଦ ଏବଂ ତାଙ୍କ ଟିମ ମୁମ୍ବାଇରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ସାହାଯ୍ୟ କରିଥିଲେ।



ସୋନୁ ସୁଦ

# ଦାଢ଼ି ରଖିପାରିବେ ଆମେରିକା ନୌସେନାର ଶିଖ୍ କର୍ମଚାରୀ



**ନ୍ୟୁୟର୍କ**

ଆମେରିକା ନୌସେନାରେ ନିଯୁକ୍ତି ପାଇଥିବା ଶିଖ୍‌ମାନେ ଏଣିକି ଦାଢ଼ି ରଖିପାରିବେ ଓ ପଗଡ଼ି ବାନ୍ଧିପାରିବେ। କଲମ୍ବିଆର ଫେଡେରାଲ ଅପିଲ୍ସ କୋର୍ଟ ଶୁକ୍ରବାର ଏହି ଐତିହାସିକ ରାୟ ଶୁଣାଇଛନ୍ତି। ନୌସେନା କର୍ମଚାରୀ ଦାଢ଼ି କାଟିବା ପାଇଁ ରହିଥିବା ନିୟମ ଧର୍ମୀୟ ସ୍ୱାଧୀନତା ସୁରକ୍ଷା ଆଇନ (ଆର୍‌ଏଫ୍‌ଆର୍‌ଏ)କୁ ଏହା ଉଲ୍ଲଂଘନ କରୁଥିବା ବିଚାରପତିମାନେ କହିଥିଲେ। କର୍ପସ୍ ବୁଟ୍ କ୍ୟାମ୍ପ ନିୟମକୁ ବାଦ୍ ଦେବା ଲାଗି ୩ ଶିଖ୍ ନୌସେନା କର୍ମଚାରୀ ଐକାଶ ସିଂ, ଯଶକୀରଟ ସିଂ ଏବଂ ମିଲାପ ସିଂ ଚହଲ କଲମ୍ବିଆ ଡିଷ୍ଟ୍ରିକ୍ଟ ଫେଡେରାଲ କୋର୍ଟରେ ଆବେଦନ କରିଥିଲେ।

# ଲଟେରି ଟଙ୍କାରେ ଖୋଲିବେ ଚ୍ୟାରିଟି

**ଦୁବାଇ**

ଦୁବାଇରେ ରହି ଡ୍ରାଇଭିଂ କରୁଥିବା ଭାରତୀୟ ଅଜୟ ଓଗୁଲା ୩୩ କୋଟି ଟଙ୍କାର ଲଟେରି ଜିତିଛନ୍ତି। ଲଟେରି ଜିତିବାକୁ ନେଇ ସେ ଖୁସି ଥିବାବେଳେ ଜିତିଥିବା ଟଙ୍କାରେ ସେ ଏକ ଚ୍ୟାରିଟି ଖୋଲିବେ ବୋଲି କହିଛନ୍ତି। ୪ ବର୍ଷ ପୂର୍ବେ ଅଜୟ ଦୁବାଇ ଆସି ଡ୍ରାଇଭିଂ କାମ ଆରମ୍ଭ କରିଥିଲେ। ଲଟେରି ଜିତିବା କଥାକୁ ଅଜୟ ଯେତେବେଳେ ଘର ଲୋକଙ୍କୁ ଜଣାଇଥିଲେ ସେମାନେ ସହଜରେ ଏ କଥାକୁ ବିଶ୍ୱାସ କରି ନ ଥିବା ଅଜୟ କହିଛନ୍ତି। ତାଙ୍କ ଘର ଦକ୍ଷିଣ ଭାରତର ଏକ ଗ୍ରାମରେ।


# Classified Everyday
**0674-2580101, 2549949**


MATRIMONIAL

**GROOM WANTED**

ବୟସ-45, Govt. Job, ବିଧବା ନିଃସନ୍ତାନ କରଣ ଝିଅଙ୍କ ପାଇଁ Anycaste ବରପାତ୍ର ଦରକାର। 7077495623. D-2332



REAL ESTATE

**SALE**

Area 803 sqft, 1 BHK for Sale, 1st floor Fully Furnished flat with balcony at 1000 Sands, Empires Hotel Puri. Contact +91 9330967266. D-2203

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। **9827119799.** D-2309

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

ହଂସପାଳ ଛକଠାରୁ 4K.M. ଦୂରତାରେ ବାଲିଅନ୍ତାଠାରେ boundary with electricity ସୁବିଧା ଥାଇ ବାସୋପଯୋଗୀ ଘରବାରି plot ଅଛି। Please contact: 8249177191. D-2330

**ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30’ ରାସ୍ତାଥାଇ sqft.-400/-, 630/-. 9437607388, 8637269760.** D-74166

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

**Duplex sale at Bhubaneswar @ 45 lakhs only. Contact: 9777433701.** D-74171

**Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road-30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165.** D-2273

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ **SC plot** ମିଳୁଛି। **9439832956, 9438056978.** D-74164

Residential gharabari plot with boundarywall inside 7Family Complex Safety, Secured, Brahmin Culture Family stayed 6 K.M. from Nakhara, Cuttack. 7809525452. D-74619

**AMRI Hospital ପାଖରେ ମୋର 4800sqft. corner plot ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196.** D-2323

ରବିଟକିଜ ଛକରୁ ମାତ୍ର **6** କିଲୋମିଟର ଦୂର ବାଙ୍କୁଆଳରେ **1500sqft. land** ଉପରେ **2100sqft. Duplex** ମାତ୍ର **79** ଲକ୍ଷ। **Installment** ଓ **Bank Loan** ସୁବିଧା ଅଛି। **9438220432, 8144658008.** D-2316

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-2265

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ମାତ୍ର ଟ. **11,40,000/-**ରେ ଫୁଲନଖରା ଓ ମହାଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। “ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର”। **9348152874.** D-74169

**GENERAL**

**SALE**

Gent’s Beauty Parlour (Saloon) Chair for sale. Contact: 9861542977, 9338058332. D-74618




Rent for 2BHK at Arunodaya Nagar, Cuttack. Ph: 8249138861, 9437167600, 9437024141. D-2331

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open full body massage ladies and gents. 8327740003, 8093860513. D-74616

**Relax, Refresh your Body, Mind at Saikrupa Spa with best therapies. 8984068077.** D-2230

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74620

**LOST**

I, Ashish Kumar Sahoo lost my B.Tech. Certificate, Regd. No.-1001109062, P.M.E.C., Berhampur. Hence I request B.P.U.T. authority to issue another one. D-2328

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍**
N2-146, IRC Village, BBSR-15
ଆବିର୍ଭାବ: ୦୩।୦୪।୧୯୭୪
ତିରୋଧାନ: ୨୫।୧୨।୨୦୧୧
ଦିନ ପରେ ଦିନ, ମାସ ପରେ ମାସ, ବିତିଯାଏ କେତେ ଯେ ବରଷା ଚାଲିଗଲ ଦୂର ଦିଗ୍‌ବଳୟ ତଳେ ଆମ୍ଭେ ହେଲୁ ଚିର ନିଃସ୍ୱ ।। ଯହିଁ ଥାଅ ସୁଖେ ଥାଅ ସଶରୀରେ ଅବା ନିଃଶରୀରେ। ଅମରତ୍ୱ ପ୍ରାପ୍ତ ହୁଅ ଏତିକି ପ୍ରାର୍ଥନା କରୁ ନିତି ପ୍ରଭୁଙ୍କ ପାଦରେ ।।”
-:ଶୋକସନ୍ତପ୍ତ:-
ବାପା, ବୋଉ, ଇପ୍‌ସା, ଶ୍ରେୟା, ଈଶାନ ଓ ପରିବାରବର୍ଗ ।
ଧ-୨୩୧୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**୰ ଶ୍ରୀମତୀ ବିମଳା ମିଶ୍ର**
ହେ ଆଦର୍ଶମୟୀ...
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ମମତା, ଦୟା, କ୍ଷମା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସେବାପରାୟଣତା ଓ ସମସ୍ତଙ୍କ ପାଇଁ ଯତ୍ନଶୀଳ ଅନୁଚିନ୍ତା ଆମମାନଙ୍କ ହୃଦୟରେ ଚିର ଜୀବନ୍ତ। ଆମ ପାଇଁ ତୁମର ପାର୍ଥିବ ଅନୁପସ୍ଥିତି ଅପୂରଣୀୟ କ୍ଷତି, ତୁମର ସ୍ମୃତି ଚିର ଅମର, ସ୍ମରଣୀୟ। ତୁମେ ଆମ ସମସ୍ତଙ୍କର ଆଦର୍ଶ, ପ୍ରେରଣାର ଉତ୍ସ।
ପ୍ରଭୁ ଜଗନ୍ନାଥ ଓ ଶ୍ରୀ ସାଇଙ୍କ ଚରଣାରବିନ୍ଦରେ ତୁମେ ସୁଖ ଶାନ୍ତିରେ ରୁହ, ଏତିକି ପ୍ରାର୍ଥନା।
ସନ୍ତାନ ଓ ପରିବାର ବର୍ଗ
ଧ-୨୩୩୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଭାଗୀରଥି ସାହୁ**
ଗ୍ରାମ: ଲୁହାମୁଣ୍ଡା, ବଇଣ୍ଡା, ଅନୁଗୋଳ
ଆବିର୍ଭାବ: ୦୨।୦୨।୧୯୫୫
ତିରୋଧାନ: ୧୫।୧୨।୨୦୨୨
ଆପଣଙ୍କୁ ଆମ୍ଭେମାନେ ବହୁତ ମନେ ପକାଉଛୁ। ଆପଣ ଯେଉଁଠିବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁଙ୍କ ପାଦରେ ଚିର ଶାନ୍ତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ପୁଷ୍ପଲତା, ପୁତ୍ର: ରଣଜିତ୍, ଝିଅ: ମମତା, ସୁଜାତା, ଜ୍ୱାଇଁ: ଅଜୟ, ହରମୋହନ, ନାତି: କାହ୍ନା, ସିଟୁ ଏବଂ ସାହୁ ପରିବାରବର୍ଗ।
ଧ-୨୩୩୩

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଭାରତକୁ ୧୦୦ ରନ ଆବଶ୍ୟକ

ମୀରପୁର, ୨୪।୧୨(ପି.ଟି.)

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପରାଜୟ ଏଡାଇବା ଲାଗି ଭାରତର ସଂଘର୍ଷ ଜାରି ରହିଛି। ଘରୋଇ ଦଳ ଦ୍ୱାରା ଧାର୍ଯ୍ୟ ୧୪୫ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ ଯାଇ ଭାରତ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୫ରନ କରିଛି। ହାତରେ ଆଉ ୬ଟି ଉଇକେଟ ରହିଥିବାବେଳେ ବିଜୟ ପାଇଁ ଦଳ ଆହୁରି ୧୦୦ରନ ଆବଶ୍ୟକ କରୁଛି।

ଭାରତ ଯଦି ଜିତେ ତେବେ ଏହି ଗ୍ରାଉଣ୍ଡରେ ଚତୁର୍ଥ ଇନିଂସରେ ତୃତୀୟ ସର୍ବୋଚ୍ଚ ସଫଳ ରନ୍ ଚେଜ୍ ହେବ। ପୂର୍ବରୁ ୨୦୯, ୨୦୫ ଓ ୧୦୩ ରନର ବିଜୟ ଲକ୍ଷ୍ୟ ହାସଲ କରାଯାଇପାରିଛି। ଭ୍ରମଣକାରୀ ଦଳ ଯଦି ପରାଜିତ ହୁଏ ତେବେ ବାଂଲାଦେଶର ଶେଷ ୪ ଯୋଡ଼ିଙ୍କ ୧୧୮ରନ ସଂଗ୍ରହ ମୁଖ୍ୟ କାରଣ ହେବ। ପିଚ୍‌ର ଅବସ୍ଥା କ୍ରମେ ଖରାପ ହେବାରେ ଲାଗିଥିବାରୁ ତୃତୀୟ ସ୍ପିନର କୁଲଦୀପ ଯାଦବଙ୍କୁ ବ୍ୟବହାର ନ କରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ।

ସକାଳେ ବାଂଲାଦେଶ ପୂର୍ବଦିନର ଅସମାପ୍ତ ସ୍କୋର ୭/୦ରୁ ଖେଳ ଆରମ୍ଭ କରିଥିଲା। ଲୋୟର ମିଡଲ ଅର୍ଡରରେ ଦଳ ଆକ୍ରମଣାତ୍ମକ ଖେଳିଥିଲା। ଲିଟନ ଦାସ (୯୮ ବଲ୍‌ରୁ ୭୩ ରନ)ଙ୍କ ନେତୃତ୍ୱରେ ନୁରୁଲ ହସନ ସୋହାନ (୨୯ବଲ୍‌ରୁ ୩୧) ଏବଂ ଟସ୍କିନ ଅହମଦ ୪୬ ବଲ୍‌ରୁ ଅପରାଜିତ ୩୧ରନଙ୍କ ସହାୟତାରେ ଦଳ ସମସ୍ତ ଉଇକେଟ ହରାଇ ୨୩୧ ରନ କରିପାରିଥିଲା। ଦଳର ଅନ୍ୟତମ ବ୍ୟାଟର ଓପନର ଜାକିର ହସନ ୫୧ ରନ କରିଥିଲେ। ଭାରତ ଏହାର ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ଶୁବମନ ଗିଲ (୭ ରନ) ଓ କେ.ଏଲ୍. ରାହୁଲ (୨ ରନ) ଏବଂ ପରେ ଚେତେଶ୍ୱର ପୂଜାରା (୬) ଓ ବିରାଟ କୋହଲି (୧) କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ଅକ୍ଷର ପଟେଲ ୨୬ ଓ ଜୟଦେବ ଉନାଡକଟ ୩ ରନ କରି ଅପରାଜିତ ଅଛନ୍ତି। ବାଂଲାଦେଶ ସଫଳ ବୋଲର ମେହିଦି ହସନ ମିରାଜ ମାତ୍ର ୧୨ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଶାକିବ ଅଲ ହସନ ୨୧ ରନ ବିନିମୟରେ ଗୋଟିଏ ଉଇକେଟ ପାଇଛନ୍ତି। ମେହିଦି ହସନଙ୍କ ବୋଲିଂରେ ଶୁବମନ୍, ପୂଜାରା ଓ କୋହଲି ଆଉଟ ହୋଇଥିବା ବେଳେ ଶାକିବଙ୍କ ବଲ୍‌ରେ ଅଧିନାୟକ କେ.ଏଲ୍. ରାହୁଲ ଶିକାର ହୋଇଥିଲେ।


ଶୁବମନ ଗିଲ୍‌ଙ୍କ ଉଇକେଟ ପତନ ପରେ ଉଲ୍ଲସିତ ଲିଟନ ଦାସ ଓ ମେହିଦି ହାସନ ମିରାଜ।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ପ୍ରଥମ ଇନିଂସ:** ୨୨୭
**ଭାରତ ପ୍ରଥମ ଇନିଂସ:** ୩୧୪
**ବାଂଲାଦେଶ ଦ୍ୱିତୀୟ ଇନିଂସ:** ୨୩୧ (ଲିଟନ ଦାସ୍-୭୩, ଜାକିର ହସନ-୫୧, ନୁରୁଲ ହସନ-୩୧, ଟସ୍କିନ ଅହମଦ-୩୧*; ଅକ୍ଷର ପଟେଲ-୩/୬୮, ମହମ୍ମଦ ସିରାଜ-୨/୪୧, ରବିଚନ୍ଦ୍ରନ ଅଶ୍ୱିନ-୨/୬୬)।
**ଭାରତ ଦ୍ୱିତୀୟ ଇନିଂସ:** ୨୩ ଓଭରରେ ୪୫/୪ (ଅକ୍ଷର ପଟେଲ-୨୬*; ମେହିଦି ହସନ ମିରାଜ-୩/୧୨, ଶାକିବ ଅଲ୍ ହସନ-୧/୨୧)।

## ସନ୍ତୋଷ ଟ୍ରଫି ଫୁଟବଲ ଆରମ୍ଭ: ବିଜୟ ସହ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

ଘରୋଇ ଫୁଟବଲର ସର୍ବୋଚ୍ଚ ପ୍ରତିଯୋଗିତା ଜାତୀୟ ସିନିୟର ସନ୍ତୋଷ ଟ୍ରଫିର ୭୬ତମ ସଂସ୍କରଣ ଶନିବାର ଏଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୩ଟି ମ୍ୟାଚ ହୋଇଥିବାବେଳେ ବୃହତ୍ ବିଜୟ ସହ ଓଡ଼ିଶା ଅଭିଯାନ ଆରମ୍ଭ କରିଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭-୦ ଗୋଲରେ ଆଣ୍ଡାମାନ ଓ ନିକୋବରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସଞ୍ଜିତ ଖୋରା ୫ ଓ ୧୮ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଅଦ୍ୱିତ ତିର୍କୀ ୬ଷ୍ଠ, ବିକାଶ କୁମାର ସାହୁ ୧୩, ଚନ୍ଦ୍ର ମୁଦୁଲି ୬୧, ଚନ୍ଦ୍ର କୁମାର ମୁର୍ମୁ ୮୬ ଓ ରାହୁଲ ମୁଖି ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ତେଲେଙ୍ଗାନା ୫-୧ ଗୋଲରେ ପଣ୍ଡିଚେରୀକୁ ହରାଇ ଦେଇଛି। ତେଲେଙ୍ଗାନା ପକ୍ଷରୁ ରଶିକ୍ ଅହମଦ ଖାଁ ୨, ୪, ୧୭ ଓ ୨୮ତମ ମିନିଟରେ ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ଦେଇଥିଲେ। ସୟଦ ୟୁସୁଫ ୭୯ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ପଣ୍ଡିରେ ପକ୍ଷରୁ ଅସଲାମ ଅମାନୁଲା ୫୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ମେଘାଳୟ ଓ ସିକ୍କିମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ମୁଖ୍ୟ ଅତିଥି ଓ ଶବିର ଅଲୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା-ଆଣ୍ଡାମାନ ଓ ନିକୋବର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## କବିରଙ୍କୁ ସିଙ୍ଗଲ୍ସ ଟାଇଟଲ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର କବିର ହଂସ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟରେ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲରେ କବିର ଆସାମର ଶେଖ ମହମ୍ମଦ ଇଫତିକାରଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଡବଲ୍ସ ଫାଇନାଲରେ କିନ୍ତୁ କବିର ଓ ପ୍ରତ୍ୟୁଷ ମହାନ୍ତି ଯୋଡ଼ି ଆସାମର ଇଫତିକାର ଓ ଓଡ଼ିଶାର ଆଦିତ୍ୟ ଶତପଥୀଙ୍କଠାରୁ ୩-୬, ୧-୬ ସେଟ୍‌ରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତାର ସିଙ୍ଗଲ୍ସ ଚାମ୍ପିୟନ ହୋଇଥିବାରୁ କବିର ୨୦ ଏବଂ ରନରଅପ୍ ଇଫତିକାର ୧୫ ଏଆଇଟିଏ ର୍‌ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ଓଡ଼ିଶା ସମେତ ୧୩ ରାଜ୍ୟରୁ ମୋଟ ୫୩ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।


କବିର ହଂସ

## ଦୃଷ୍ଟିବାଧିତ କ୍ରିକେଟ ଷ୍ଟାର ନକୁଳଙ୍କୁ ସମ୍ବର୍ଦ୍ଧନା


ନକୁଳ ବଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ କ୍ରିକେଟ ଷ୍ଟାର ନକୁଳ ବଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆସୋସିଏଶନର ସଭାପତି ମହମ୍ମଦ ଜାଫର ଇକ୍‌ବାଲ, ସାଧାରଣ ସମ୍ପାଦକ ସନ୍ନ୍ୟାସୀ ବେହେରା, ଅନ୍ତର୍ଜାତୀୟ କ୍ରିକେଟର ଶୁକଦେବ ସୋରେନ, ଆଦିତ୍ୟ ଗ୍ରୁପ୍ କମ୍ପାନୀର ଏମ୍‌ଡି ପଦ୍ମଲୋଚନ ପାତ୍ର, ଚନ୍ଦ୍ରକାନ୍ତି ଦାସ, ମହିଳା ଓ ଶିଶୁ ବିକାଶ ସୋସାଇଟିର ଚେୟାରପର୍ସନ କଳ୍ପନା ଦାସ, ଓଏବିର ସାଧାରଣ ସମ୍ପାଦକ ଶରତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନକୁଳଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନେ ତାଙ୍କ ଭବିଷ୍ୟତର ଶୁଭକାମନା କରିଥିଲେ। ଏହି ଅବସରରେ ଦୃଷ୍ଟିବାଧିତ କ୍ରିକେଟର ପ୍ରସାର ପାଇଁ ହଷ୍ଟେଲ ଏବଂ କ୍ରୀଡ଼ା ସରଞ୍ଜାମ ଥାଇ ଏକ ସ୍ୱତନ୍ତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠାର ଆବଶ୍ୟକତା ରହିଥିବା କହିଥିଲେ।

## ଭାରତର ୫ଜଣିଆ ଡେଭିସ୍ କପ୍ ଦଳ ଘୋଷଣା

ନୂଆଦିଲ୍ଲୀ, ୨୪।୧୨ (ପି.ଟି.)

ଡେନ୍‌ମାର୍କ ବିପକ୍ଷ ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍-୧ ଆୱେ ପ୍ଲେ-ଅଫ୍ ଲାଗି ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ୫ ଜଣ ସଦସ୍ୟ ବିଶିଷ୍ଟ ଦଳ ଘୋଷଣା କରିଛି। ହିଲେରଡ୍‌ସ୍ଥିତ ରୟାଲ ଷ୍ଟେଜ୍ ଷ୍ଟାଡିୟମରେ ଫେବୃୟାରୀ ୩ ଓ ୪ରେ ଏହି ମୁକାବିଲା ଅନୁଷ୍ଠିତ ହେବ। ଭାରତୀୟ ଦଳରେ ଶଶି କୁମାର ମୁକୁନ୍ଦ, ପ୍ରଜନେଶ ଗୁଣେଶ୍ୱରନ, ରାମକୁମାର ରମାନାଥନ, ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରିଙ୍କୁ ଦଳରେ ନିଆଯାଇଥିବା ବେଳେ ସୁମିତ ନାଗାଲ ରିଜର୍ଭ ଖେଳାଳି ରହି ଆସିଛନ୍ତି। ରୋହିତ ରାଜପାଲଙ୍କୁ ଦଳର ଅଣ ଖେଳାଳି ଅଧିନାୟକ କରାଯାଇଛି। ପ୍ରଦର୍ଶନ ଓ ଉପଲବ୍ଧିକୁ ଭିତ୍ତି କରି ଦଳ ମନୋନୟନ କରାଯାଇଥିବା ଆଇଟା କହିଛି। ନନ୍ଦନ ବଲଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସିଲେକ୍ସନ କମିଟି ଦ୍ୱାରା ଦଳ ମନୋନୟନ ହୋଇଥିଲା। ଗତ ମାର୍ଚ୍ଚ ମାସରେ ଡେଭିସ କପ୍ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ରେ ଭାରତ ୪-୦ରେ ଡେନମାର୍କକୁ ପରାସ୍ତ କରିଥିଲା।

## ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଡିସେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଗୁଜରାଟର ଅହମଦାବାଦରେ ୧୬ତମ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଆୟୋଜିତ ହୋଇଛି। ଏଥିରେ ଭାଗ ନେବାଲାଗି ଓଡ଼ିଶା ଦଳ ସୋମବାର ଅହମଦାବାଦ ଗସ୍ତ କରିଛି। ବାଳକ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ମନ୍ମୟ ପଟ୍ଟନାୟକ, ଆର୍.କେ. ଡିକ୍ସନ, ଗୁଜର କୁଞ୍ଜଜମ, ଟାଇବଞ୍ଜୋତୋଇ ସଲାମ, ଗୌରୀଶଙ୍କର ପଣ୍ଡା, ସିଦ୍ଧାର୍ଥ ଦେବନାଥ ଓ ଜୀବନଜ୍ୟୋତି ମହନ୍ତ। ସେହିପରି ବାଳିକା ଦଳରେ ସତାକ୍ଷୀ ମିଶ୍ର, ଜସ୍ମିନ ମୁର୍ମୁ, ଆଦ୍ୟାଶା ମିଶ୍ର ସ୍ଥାନ ପାଇଛନ୍ତି। ରୀନା ରଶ୍ମୀ ତ୍ରିକ ଦଳର ମ୍ୟାନେଜର ରହିଥିବା ବେଳେ ମହମ୍ମଦ ଅମନ କୋଚ୍ ଏବଂ ଶ୍ରୀଦେବୀ ମିଶ୍ର ଅଫିସିଆଲ ରହିଛନ୍ତି।


ଜାତୀୟ ଜୁନିୟର ସଫ୍ଟ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ ଅତିଥିଙ୍କ ସହ।

## ଶାହିଦ ଆଫ୍ରିଦୀ କାମଚଳା ମୁଖ୍ୟ ଚୟନକର୍ତ୍ତା

କରାଚୀ, ୨୪।୧୨(ପି.ଟି.)

ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ଶନିବାର ପାକିସ୍ତାନ ପୁରୁଷ ଜାତୀୟ ଦଳର କାମଚଳା ମୁଖ୍ୟ ଚୟନକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଗଠିତ ଚୟନ କମିଟିରେ ପୂର୍ବତନ ଖେଳାଳି ଅବ୍‌ଦୁଲ ରଜାକ୍, ରାଓ ଇଫ୍‌ତିକର ଅହମଦ ଓ ହାରୁନ ରଶିଦ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ ପାଇଁ ଦଳ ମନୋନୟନ କରିବ। ଦୁଇଟି ଟେଷ୍ଟ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆକୁ ନେଇ ଏହି ସିରିଜ ସୋମବାରଠାରୁ ଆରମ୍ଭ ହେବ। ଉଭୟ ଆଫ୍ରିଦି ଓ ହାରୁନ୍ କ୍ରିକେଟ ମ୍ୟାନେଜମେଣ୍ଟ କମିଟିର ସଦସ୍ୟ ରହିଛନ୍ତି। ଏହାର ମୁଖ୍ୟ ଭାବେ ନଜମ ସେଠୀ ରହିଛନ୍ତି। ନିକଟରେ ନିଯୁକ୍ତି ପାଇଥିବା ନଜମ ୪ ମାସ ପାଇଁ ଏହି ପଦବୀରେ ରହିବେ। ଶୁକ୍ରବାର ମହମ୍ମଦ ୱାସିମ୍ ମୁଖ୍ୟ ଚୟନକର୍ତ୍ତା ପଦବୀରୁ ବହିଷ୍କାର ପରେ ୧୪ ଜଣିଆ ସଦସ୍ୟ ବିଶିଷ୍ଟ ନୂଆ କମିଟି ଗଠନ କରାଯାଇଥିଲା। ସେ ଏହି ପଦବୀରେ ୨୦୨୦ ଡିସେମ୍ବରରୁ ରହିଆସିଥିଲେ। ଶାହିଦ ଆଫ୍ରିଦୀ ହେଉଛନ୍ତି ଜଣେ ଆକ୍ରମଣାତ୍ମକ ଖେଳାଳି। ସେ ନିର୍ଭୟର ସହ କ୍ରିକେଟ ଖେଳିଥାନ୍ତି। କ୍ରିକେଟରେ ତାଙ୍କର ଦୀର୍ଘ ୨୦ ବର୍ଷର ଅଭିଜ୍ଞତା ରହିଛି।

## ଶ୍ରୀଲଙ୍କା ସିରିଜ ପାଇଁ ଖେଳାଳି ବାଛିପାରେ ଚେତନଙ୍କ କମିଟି

ନୂଆଦିଲ୍ଲୀ, ୨୪।୧୨ (ପି.ଟି.)

ଜାନୁୟାରୀ ୩ରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଘରୋଇ ସୀମିତ ଓଭର ସିରିଜ ପାଇଁ ଦୁଇଟି ପୃଥକ ଦଳ ବାଛିପାରେ ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ବିଦାୟୀ ସିଲେକ୍ସନ କମିଟି। କାରଣ ନୂଆ କମିଟି ମନୋନୟନ କରିବା ଲାଗି ଆହୁରି ୭ ଦିନ ସମୟ ଲାଗିବ। କ୍ରିକେଟ ଉପଦେଷ୍ଟା କମିଟି ସମ୍ଭବତଃ ଡିସେମ୍ବର ୨୬ରୁ ୨୮ ମଧ୍ୟରେ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ନେଇପାରନ୍ତି। ଟି୨୦ ସିରିଜ ବେଳକୁ ବୃଦ୍ଧାଙ୍ଗୁଳିରେ ଆଘାତପ୍ରାପ୍ତ ରୋହିତ ଫିଟ୍ ହୋଇ ନ ଥିବେ। ସମ୍ଭବତଃ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳର ଅଧିନାୟକତ୍ୱ ପ୍ରଦାନ କରାଯାଇପାରେ। ଟି୨୦ ଦଳରେ କେ.ଏଲ୍ ରାହୁଲଙ୍କୁ ହୁଏତ ସ୍ଥାନ ମିଳି ନ ପାରେ। ଟି୨୦ ଦଳରେ କେବଳ ଏହି ଫର୍ମାଟର ସ୍ପେଶାଲିଷ୍ଟଙ୍କୁ ନିଆଯାଇପାରେ। ବିରାଟ କୋହଲିଙ୍କ ଭଳି କିଛି ଖେଳାଳିଙ୍କୁ ଟି୨୦ ଫର୍ମାଟରୁ ଛୁଟି ଦିଆଯାଇପାରେ। ଟି୨୦ ବିଶ୍ୱକପ୍ ସେମିଫାଇନାଲରୁ ଭାରତର ବିଦାୟ ପରେ ଦଳର ଖରାପ ପ୍ରଦର୍ଶନକୁ ନେଇ ଚେତନ ଶର୍ମାଙ୍କ ନେତୃତ୍ୱାଧୀନ କମିଟିକୁ ବହିଷ୍କାର କରାଯାଇଥିଲା। ନୂଆ ଚୟନକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ଯେତିକି ଦିନରେ ଶେଷ ହେବ ବୋଲି ଆଶା କରାଯାଉଥିଲା, ସେଥିରେ ବିଳମ୍ବ ଘଟୁଛି। ଚେତନ ଓ ତାଙ୍କ କମିଟି ଏବେ ମଧ୍ୟ ଘରୋଇ କ୍ରିକେଟ ଦେଖୁଛନ୍ତି। ସେମାନେ ବିଜୟ ହଜାରେ ଟ୍ରଫି ସମ୍ପୂର୍ଣ୍ଣ ଏବଂ ରଣଜୀ ଟ୍ରଫିର ପ୍ରଥମ ଦୁଇ ରାଉଣ୍ଡ ଦେଖିଛନ୍ତି। ଇଡେନଗାର୍ଡେନ୍ସଠାରେ ବେଙ୍ଗଲ ବନାମ ହିମାଚଳ ପ୍ରଦେଶ ମ୍ୟାଚ ବେଳେ ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ। ଏହି ଚୟନକମିଟିର କାର୍ଯ୍ୟକାଳ ଦୁଇ ମାସ ଅର୍ଥାତ ଡିସେମ୍ବର ୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ନ୍ୟୁଜିଲାଣ୍ଡ ଏହାର ସମସ୍ତ ମ୍ୟାଚ କରାଚୀରେ ଖେଳିବ

କରାଚୀ, ୨୪।୧୨(ପି.ଟି.)

ଆଗାମୀ ପାକିସ୍ତାନ ଟୁର୍ ବେଳେ ନ୍ୟୁଜିଲାଣ୍ଡ ଏହାର ସମସ୍ତ ମ୍ୟାଚ କରାଚୀରେ ଖେଳିବ। ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସହମତିରେ ଏହି ନିଷ୍ପତ୍ତି ନିଆଯାଇଛି। ଘନ କୁହୁଡ଼ି ଯୋଗୁ ମୁଲ୍‌ତାନରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହି କାରଣରୁ ଖେଳ ସମୟ ହ୍ରାସ ପାଇବା ଆଶଙ୍କା ରହିଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପ୍ରଥମ ଟେଷ୍ଟ କରାଚୀରେ ଏବଂ ଦ୍ୱିତୀୟ ଟେଷ୍ଟ ମୁଲ୍‌ତାନଠାରେ ଆୟୋଜନ ହୋଇଥାନ୍ତା। କରାଚୀରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିସାରିବା ପରେ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳାଯିବ। ପାକିସ୍ତାନ ଡିସେମ୍ବର ୨୬ରୁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ଖେଳିବ। ନିକଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପାକିସ୍ତାନ ୩-୦ରେ ହାରିସାରିଛି।

## ଅଲ୍‌ଇଣ୍ଡିଆ ଓପନ କରାଟେ: ଓଡ଼ିଶାର ଆଧିପତ୍ୟ ଜାରି

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ଅଲ୍ ଇଣ୍ଡିଆ ଓପନ କରାଟେ ପ୍ରତିଯୋଗିତାରେ ଓଡ଼ିଶାର ପ୍ରାଧାନ୍ୟ ଅବ୍ୟାହତ ରହିଛି। ୧୧ବର୍ଷ ମହିଳା କାଟା ପୁଲ୍‌ରେ ଗୁଜରାଟର ବଂଶୀ ପଟେଲ ଏକ ସ୍ୱର୍ଣ୍ଣ ପଦକ ଶନିବାର ଫଇସଲା ହୋଇଥିବା ଇଭେଣ୍ଟଗୁଡ଼ିକର ଅନ୍ୟ ସମସ୍ତ ପଦକ ଓଡ଼ିଶା ପ୍ରତିଯୋଗୀ ପାଇଥିଲେ। ତୃତୀୟ ଦିବସରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୋ କଲେଜ ଅଭିଯାନର ଚେୟାରପର୍ସନ ଆକାଶ ଦାସ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ ଏବଂ ଓଡ଼ିଶା କରାଟେ ସଂଘ ସଭ୍ୟ କାଳିପ୍ରସାଦ ନନ୍ଦ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଅଭିନାସ ସିଂ ପୁନ୍ଦିର, ସନ୍ଦୀପ ଦାସ, ଦୀପକ ସାମନ୍ତରା, ଖାରବେଳ ମଲିକ, ରାଜୀବ ସିଂ, ଜୟଦେବ ପଟ୍ଟନାୟକ, ଗୌରୀ ମହାନ୍ତି, ଅନୁପମା ସ୍ୱାଇଁ ସନ୍ଦୀପ ମହାନ୍ତି, ଦୁର୍ଗା ରଥ, ମୁନା ସିଂ ଲାଲ୍ ଓ ଅନ୍ୟମାନେ ପରିଚାଳନା କରିଥିଲେ।


ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ବିଜୟ ସହ କିଟ୍ ମହିଳା ଦଳର ଅଭିଯାନ ଆରମ୍ଭ

### ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଅନୁମୋଦନକ୍ରମେ କିଟ୍-କିସ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ (୧୫ ଏସ୍) ଏଥିରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଶିବାଜୀ ବିଶ୍ୱବିଦ୍ୟାଳୟକୁ ୩୦-୫ରେ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚରେ ବାଲେଶ୍ୱରର ଫକିରମୋହନ ବିଶ୍ୱବିଦ୍ୟାଳୟ (୭ ଏସ୍)ଦଳ ୧୫-୦ରେ ଜେଏନ୍ ରାଜସ୍ଥାନ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଦଳରେ ୨୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।


ଶିବାଜୀ ବିଶ୍ୱବିଦ୍ୟାଳୟ ଓ କିଟ୍ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ରଗ୍‌ବୀ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଅକ୍ସିଜେନ୍ ପ୍ରସ୍ତୁତ ରଖ

## ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ



**ନୂଆଦିଲ୍ଲୀ,୨୪।୧୨**

କେତେକ ଦେଶରେ କୋଭିଡ୍ ମହାମାରୀ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୌଣସି ପ୍ରକାର ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତ ହେବା ସକାଶେ ହସ୍ପିଟାଲଗୁଡ଼ିକରେ ଲିକ୍ୱିଡ୍ ମେଡିକାଲ ଅକ୍ସିଜେନ୍, ସିଲିଣ୍ଡର ଓ ଭେଣ୍ଟିଲେଟର ଭଳି ଜୀବନ ରକ୍ଷକ ଉପକରଣର ଉପଲବ୍ଧତା ସୁନିଶ୍ଚିତ କରାଇବା ପାଇଁ ଶନିବାର ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରେସର ସ୍ୱିଂ ଆଡ୍‌ଜର୍ପଶନ୍ (ପିଏସ୍‌ଏ) ଅମ୍ଳଜାନ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇ ନିୟମିତ ଭାବେ ମକ୍ ଡ୍ରିଲ୍ କରାଇବା ପାଇଁ ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବ ମନୋହର ଅଗ୍‌ନାନି କୋଭିଡ୍ ସତର୍କତା ପାଇଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ଭାରତରେ ସଂକ୍ରମିତଙ୍କ ସଂଖ୍ୟା କମ୍ ଥିଲେ ସୁଦ୍ଧା ମେଡିକାଲ୍ ଭିତ୍ତିଭୂମିକୁ କାର୍ଯ୍ୟକ୍ଷମ କରାଇ ସେଗୁଡ଼ିକର ରକ୍ଷଣାବେକ୍ଷଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଆବଶ୍ୟକ। ☞ପୃଷ୍ଠା-୫




## ଚାଇନା ଫେରନ୍ତାଙ୍କ ଆର୍‌ଟିପିସିଆର୍ ଜରୁରୀ

### ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଓ ଥାଇଲାଣ୍ଡରୁ ଆସିଲେ ବି ବାଧ୍ୟତାମୂଳକ

**ଗାନ୍ଧୀନଗର,୨୪।୧୨**

ଚାଇନା, ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଓ ଥାଇଲାଣ୍ଡରୁ ଭାରତକୁ ଫେରୁଥିବା ଯାତ୍ରୀମାନଙ୍କ ପାଇଁ କୋଭିଡ୍-୧୯ର ଆର୍‌ଟିପିସିଆର୍ ପରୀକ୍ଷା କରାଇବା ବାଧ୍ୟତାମୂଳକ ବୋଲି ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

ଚାଇନା ସମେତ କେତେକ ଦେଶରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଭାରତ ସରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡବ୍ୟ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଚାଇନା, ଜାପାନ, ସିଙ୍ଗାପୁର, ବ୍ୟାଙ୍କକ(ଥାଇଲାଣ୍ଡ)ରୁ ଭାରତକୁ ଫେରୁଥିବା ଯାତ୍ରୀମାନଙ୍କ ଉପରେ 'ଏୟାର ସୁବିଧା ପୋର୍ଟାଲ' ଜରିଆରେ ନଜର ରଖାଯାଇଛି। ଏହି ଦେଶଗୁଡ଼ିକରୁ ଆସିଥିବା କୌଣସି ଯାତ୍ରୀଙ୍କଠାରେ ଲକ୍ଷଣ ଦେଖାଦେଲେ କିମ୍ବା ଟେଷ୍ଟ ପଜିଟିଭ୍ ବାହାରିଲେ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ମହାମାରୀ ସ୍ଥିତିକୁ ଦୃଷ୍ଟିରେ ରଖି ଉପରୋକ୍ତ ଦେଶରୁ ଆସୁଥିବା ବିମାନ ଯାତ୍ରୀମାନେ ଆଗୁଆ ସେମାନଙ୍କ ଆର୍‌ଟିପିସିଆର୍ ରିପୋର୍ଟ ଅପ୍‌ଲୋଡ୍ କରାଇବେ। ଭାରତରେ ପହଞ୍ଚିବା ପରେ ସେମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ।

ପ୍ରକାଶ ଯେ, ଚାଇନା ସମେତ ଆଉ କେତେକ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବା ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦେଶବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ କୌଣସି ପ୍ରକାର ଢିଲା ନ ହୋଇ ସର୍ଭିଲାନ୍ସ ବ୍ୟବସ୍ଥାକୁ ମଜଭୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ରାୟଗଡ଼ାରେ ଆଉ ଜଣେ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ

**ରାୟଗଡ଼ା,୨୪।୧୨(ସ୍ୱ.ପ୍ର.)**



ଆଣ୍ଟୋଭ ପାଭେଲ

### ରହସ୍ୟମୟ ହେଉଛି ଘଟଣା

### ପରିବାର ଲୋକଙ୍କ ଅନୁପସ୍ଥିତିରେ ଭ୍ଲାଡିମିରଙ୍କ ଶେଷକୃତ୍ୟ

ରାୟଗଡ଼ାଠାରେ ରୁଷୀୟ ପର୍ଯ୍ୟଟକ ଭ୍ଲାଡିମିର ବିଦାନୋଭଙ୍କ ଗୁରୁବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବାବେଳେ ଶନିବାର ହୋଟେଲ ପାର୍ଶ୍ୱ ନୂତନ କୋଠା ନିକଟରୁ ତାଙ୍କର ଅନ୍ୟ ଜଣେ ସାଥୀ ପର୍ଯ୍ୟଟକଙ୍କ ମୃତଦେହ ଠାବ ହୋଇଛି। ସେ ହେଲେ ଆଣ୍ଟୋଭ ପାଭେଲ(୬୫)। ହୋଟେଲ ଛାତରୁ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏହାପରେ ଘଟଣା ଅଧିକ ରହସ୍ୟମୟ ହୋଇଛି।

ଗୁରୁବାର ରାୟଗଡ଼ା ସହରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ରହୁଥିବା ଭ୍ଲାଡିମିରଙ୍କର ଅସୁସ୍ଥ ହୋଇ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ଲୋକେ ଶନିବାର ରାୟଗଡ଼ାରେ ପହଞ୍ଚିବା ପରେ ମୃତଦେହ ସତ୍କାର କରାଯିବା କାର୍ଯ୍ୟକ୍ରମ ରହିଥିଲା। ହେଲେ ପରିବାର ଲୋକେ ପହଞ୍ଚି ନ ଥିଲେ। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭ୍ଲାଡିମିରଙ୍କ ବ୍ୟବଚ୍ଛେଦ କରାଯିବା ପରେ ପୋଲିସ ଏବଂ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ସୁନୀଲ ଖରାଙ୍କ ଉପସ୍ଥିତିରେ ମୃତଦେହ ସତ୍କାର ପାଇଁ ସିରିକଣା ଶ୍ମଶାନକୁ ନିଆଯାଇଥିଲା। ଭ୍ଲାଡିମିରଙ୍କ ସାଙ୍ଗରେ ଆସିଥିବା ଆଣ୍ଟୋଭ ଏବଂ ଅନ୍ୟ ୨ ପର୍ଯ୍ୟଟକ ତାଙ୍କର ସତ୍କାର କରି ଫେରିଥିଲେ। ସନ୍ଧ୍ୟାରେ ଆଣ୍ଟୋଭଙ୍କ ସନ୍ଧାନ ନ ପାଇ ☞ପୃଷ୍ଠା-୫

# ସାମ୍ପ୍ରଦାୟିକ ଘୃଣା ଭାଜପାର ଅସ୍ତ୍ର

## ଭାରତ ଯୋଡ଼ୋ ଯାତ୍ରାରେ ରାହୁଲଙ୍କ ଟାର୍ଗେଟ୍



ମା' ସୋନିଆଙ୍କ ସହ ରାହୁଲ ଗାନ୍ଧୀ।

**ନୂଆଦିଲ୍ଲୀ,୨୪।୧୨**

ସାମ୍ପ୍ରଦାୟିକ ଘୃଣା ବିସ୍ତାରକୁ ଭାଜପା ଅସ୍ତ୍ର କରିଛି। ପ୍ରକୃତ ପ୍ରସଙ୍ଗଗୁଡ଼ିକରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଶାସକ ଦଳ ଏହାକୁ ବ୍ୟବହାର କରୁଥିବା ନେଇ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା'ରେ ସମାଲୋଚନା କରିଛନ୍ତି।

ସେପ୍ଟେମ୍ବର ୭ରୁ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା' ଶନିବାର ଦିଲ୍ଲୀର ଲାଲ୍‌କିଲ୍ଲାରେ ପହଞ୍ଚିବା ପରେ ରାହୁଲ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, କନ୍ୟାକୁମାରୀରୁ ଦିଲ୍ଲୀ ପର୍ଯ୍ୟନ୍ତ ୨,୮୦୦ କି.ମି. ପଦଯାତ୍ରା କରିବାବେଳେ ସେ କେଉଁଠି ବି ହିଂସା କିମ୍ବା ଘୃଣାଭାବ ଦେଖିବାକୁ ପାଇ ନାହାନ୍ତି। କିନ୍ତୁ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବା କ୍ଷମତାସୀନ ଲୋକଙ୍କ ଇଙ୍ଗିତରେ ଟିଭିରେ ସବୁବେଳେ ସାମ୍ପ୍ରଦାୟିକ ଘୃଣା ବିସ୍ତାର କରାଯାଉଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ତାଙ୍କ ଛବିକୁ ନଷ୍ଟ କରିବା ପାଇଁ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ସେ ମାତ୍ର ମାସକ ମଧ୍ୟରେ ଦେଶକୁ ସତ ଦେଖାଇଦେଇଛନ୍ତି। ଭାରତ ଯୋଡ଼ୋ ଯାତ୍ରା ୧୦୮ ଦିନରେ ପହଞ୍ଚିଥିବାବେଳେ ଏହାକୁ ସମର୍ଥନ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ରାହୁଲ କହିଛନ୍ତି, ରାଜସ୍ଥାନରେ ସେ ଅନୁରୋଧ କରିବା ପରେ ଲୋକେ ଦେଶରେ ପ୍ରେମ ବିସ୍ତାର ପାଇଁ ଲକ୍ଷାଧିକ ଦୋକାନ ଖୋଲିଦେଇଛନ୍ତି। ହିନ୍ଦୁ-ମୁସଲମାନଙ୍କ ନାମରେ ଟିଭି ଚ୍ୟାନେଲଗୁଡ଼ିକରେ ୨୪X୭ ଘୃଣା ବିସ୍ତାର କରାଯାଉଛି। ପ୍ରକୃତ ପ୍ରସଙ୍ଗଗୁଡ଼ିକରୁ ଧ୍ୟାନ ହଟାଇବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ୨୪ ଘଣ୍ଟା ହିନ୍ଦୁ-ମୁସଲମାନ ପ୍ରଚାର କରିବା ପରେ ସେମାନେ ଲୋକଙ୍କ ଟଙ୍କାକୁ ନିଜ ବନ୍ଧୁଙ୍କୁ ଟେକିଦେବେ। ବନ୍ଦର, ବିମାନବନ୍ଦର ଓ ଅନ୍ୟ ସମ୍ପତ୍ତିଗୁଡ଼ିକୁ ବିକ୍ରି କରିଦେବେ। ଦେଶରେ ମୋଦି ସରକାର ନୁହେଁ, ବରଂ ଅମ୍ବାନୀ-ଆଦାନୀ ସରକାର ଚାଲିଛି। ବଡ଼ ଶିଳ୍ପପତିମାନଙ୍କୁ ଅନେକ ହଜାର କୋଟି ଟଙ୍କା ଦିଆଯାଉଛି। କିନ୍ତୁ ସାଧାରଣ ଲୋକଙ୍କୁ ଟଙ୍କାଏ ବି ମିଳୁନାହିଁ। ଏହା ନୀତି ନୁହେଁ, କ୍ଷୁଦ୍ର ବ୍ୟବସାୟୀ, ବେପାରୀ ଓ କୃଷକମାନଙ୍କୁ ଧ୍ୱଂସ କରିବା ପାଇଁ ଅସ୍ତ୍ର। ଦେଶକୁ ଯୋଡ଼ିବା ସହ ଦରଦାମ୍ ବୃଦ୍ଧି, ବେରୋଜଗାରି, ସାମ୍ପ୍ରଦାୟିକ ଘୃଣା ଓ ହିଂସା ବିରୋଧରେ ସଚେତନତା ସୃଷ୍ଟି ପାଇଁ ଭାରତ ଯୋଡ଼ୋ ଯାତ୍ରା ଉଦ୍ଦିଷ୍ଟ ବୋଲି ରାହୁଲ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ଅନ୍ୟ ନେତାମାନେ ଲାଲକିଲ୍ଲାରେ ଉପସ୍ଥିତ ଥିଲେ। ଏହି ଯାତ୍ରା ୯ ଦିନ ପାଇଁ ଶୀତକାଳୀନ ବିରତି ନେବ। ଜାନୁୟାରୀ ୩ରେ ପୁଣି ଆରମ୍ଭ ହୋଇ ଉତ୍ତର ପ୍ରଦେଶ, ହରିୟାଣା ଓ ପଞ୍ଜାବ ଦେଇ ଜମ୍ମୁ-କଶ୍ମୀର ଅଭିମୁଖେ ବାହାରିବ।



# କେବେଠୁ କେକ୍

**ବିନା କେକ୍‌ରେ ଖ୍ରୀଷ୍ଟମାସ କଥା ଚିନ୍ତା କରି ହୁଏନା। ତେବେ କେବେଠାରୁ ଆଉ କେମିତି ଆରମ୍ଭ ହେଲା କେକ୍‌ର ପ୍ରସ୍ତୁତି, ଜାଣନ୍ତୁ ସେ ସମ୍ପର୍କରେ...**

ପୂର୍ବେ ଖ୍ରୀଷ୍ଟମାସ ପାଳନ ଅବସରରେ କେକ୍ କାଟିବା ପରମ୍ପରା ନ ଥିଲା।



ପ୍ରାୟ ୧୬ଶହ ଶତାବ୍ଦୀ ବେଳକୁ ଏହାର ଆରମ୍ଭ। ଏହା ପୂର୍ବରୁ ଲୋକେ କେକ୍ ବଦଳରେ 'ପ୍ଲମ୍ ପୋରିଜ୍' ନାମକ ଏକ ଭିନ୍ନ ଧରଣର ଖାଦ୍ୟ ପ୍ରସ୍ତୁତ କରୁଥିଲେ।

### କେକ୍‌ର ବିଭିନ୍ନ ରୂପ

ବ୍ରେଡ୍ ସହ ପରିବା ମିଶାଇ ତିଆରି କରାଯାଉଥିଲା ପ୍ଲମ୍ ପୋରିଜ୍। ଏଥିରେ କେହି କେହି ଚିନି କିମ୍ବା ମହୁ ଅଥବା ଫଳ ମିଶାଇ ଖାଉଥିଲେ। ପ୍ଲମ୍ ପୋରିଜ୍‌କୁ ଲୋକେ ଗରମ କରି ଖାଉଥିଲେ।

୧୬ଶହ ଶତାବ୍ଦୀ ବେଳକୁ ଲୋକେ ଏହି ଖାଦ୍ୟରେ ଧୀରେ ଧୀରେ ଅଟା ବ୍ୟବହାର କଲେ। ଅଟା ସହିତ ଅଣ୍ଡା, ଲହୁଣି ଓ ଫଳରସ ମିଶାଇ ତନ୍ଦୁର ଭଳି କରାଯାଉଥିଲା। କାଳକ୍ରମେ ଏହି ଖାଦ୍ୟକୁ କେକ୍ ଭଳି ରୂପ ଦିଆଗଲା ଏବଂ ବିଭିନ୍ନ ଶୈଳୀରେ କେକ୍ ପ୍ରସ୍ତୁତ ହେଲା।

ଖ୍ରୀଷ୍ଟମାସରେ କେକ୍‌ର ଚାହିଦା ଅଧିକ ଥିବାରୁ ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ରାୟ ମାସକ ପୂର୍ବରୁ କେକ୍ ତିଆରି କରିବା ଆରମ୍ଭ ହୋଇଥାଏ। ଫ୍ରୁଟ କେକ୍ ଓ ପ୍ଲମ୍ କେକ୍‌ର ଚାହିଦା ସବୁଠୁ ଅଧିକ ରହିଥାଏ। କେକ୍‌କୁ ଅଧିକ ଦିନ ଭଲ ରଖିବା ପାଇଁ ସେଥିରେ କିସମିସ୍ ବ୍ୟବହାର କରାଯାଏ। ଏଥିପାଇଁ କିସମିସ୍‌କୁ ଭଲଭାବେ ଧୋଇ ଶୁଖାଯାଏ ଓ ସେଥିରେ ଫ୍ରୁଟ କେକ୍ ତିଆରି କରାଯାଏ।

➤ସର୍ବପ୍ରଥମେ ଇଜିପ୍ଟରେ ଏକ ବଡ଼ ଗରମ ପଥର ଉପରେ କେକ୍ ତିଆରି ଆରମ୍ଭ ହୋଇଥିଲା। ହେଲେ କେକ୍‌କୁ ଆଧୁନିକ ରୂପ ରୋମ୍‌ବାସୀ ଦେଇଥିଲେ।

➤୧୭ଶହ ଶତାବ୍ଦୀ ବେଳକୁ ପ୍ରଥମେ ୟୁରୋପରେ ଓଭାନ ମାଧ୍ୟମରେ କେକ୍ ତିଆରି ହୋଇଥିଲା।

➤ଭାରତରେ ପ୍ରଥମେ ୧୮୮୩ ମସିହାରେ କେକ୍ ତିଆରି ହୋଇଥିଲା। କେରଳର କନ୍ନୁରଠାରେ ଥିବା ଥାଲାସେରୀର ରୟାଲ ବିସ୍କୁଟ ଫ୍ୟାକ୍ଟ୍ରିରେ ମାମ୍ବାଲି ବାପୁ କେକ୍ ତିଆରି କରିଥିଲେ।

➤ବିଶ୍ୱର ସବୁଠୁ ପୁରୁଣା କେକ୍‌ର ନାଁ ହେଉଛି ଲିଞ୍ଜର ଟର୍ଟି। ଅଷ୍ଟ୍ରିଆର ଲିଞ୍ଜ ସହରରେ ତିଆରି ହୋଇଥିବାରୁ ଏହାର ଏଭଳି ନାମକରଣ ହୋଇଛି।



**ଆଜି ବଡ଼ଦିନ। ସାରା ବିଶ୍ୱରେ ଭିନ୍ନ ଭିନ୍ନ ଦେଶ ଆଉ ସଂପ୍ରଦାୟର ଲୋକ ନିଜ ନିଜ ଢଙ୍ଗରେ ସେଲିବ୍ରେଶନ୍ କରିଥାନ୍ତି ଖ୍ରୀଷ୍ଟମାସ ପର୍ବ। ଜାଣନ୍ତୁ କେଉଁଠି କେମିତି କରନ୍ତି ସେଲିବ୍ରେଶନ୍...**

# ହାପି ଖ୍ରୀଷ୍ଟମାସ

# ଦାମୀ ଖ୍ରୀଷ୍ଟମାସ ଟ୍ରି

**ଖ୍ରୀଷ୍ଟମାସର ମୁଖ୍ୟ ଆକର୍ଷଣ ହେଉଛି ଖ୍ରୀଷ୍ଟମାସ ଟ୍ରି। ବିଶ୍ୱାସ ରହିଛି ଯେ, ସୁସଜ୍ଜିତ ଖ୍ରୀଷ୍ଟମାସ ଟ୍ରି ଯେଉଁଠି ଥାଏ ସେଠାକୁ ସାନ୍ତା ସୌଭାଗ୍ୟ ନେଇ ଆସିଥାନ୍ତି। ତେଣୁ ଏହାକୁ ବିଭିନ୍ନ ରଙ୍ଗିନ ଜିନିଷ ସହ ସୁନା, ହୀରା ଭଳି ବହୁ ଦାମୀ ଜିନିଷରେ ବି ସଜା ଯାଇଥାଏ। ଯାହାକୁ ପରେ ଦାମୀ ଖ୍ରୀଷ୍ଟମାସ ଟ୍ରିର ମାନ୍ୟତା ମିଳିଥାଏ...**

* **ସ୍ପେନ୍‌ର ଦାମୀ ଖ୍ରୀଷ୍ଟମାସ ଟ୍ରି:** ସ୍ପେନ୍‌ର କେମ୍ପିସ୍କି ହୋଟେଲ୍ ପରିସରରେ ୨୦୧୯ରେ ଏକ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା; ଯେଉଁଥିରେ ଗୋଲାପୀ, ନାଲି, ଧଳା ଓ କଳା ରଙ୍ଗର ଏକାଧିକ ହୀରା, ଡିଜାଇନର୍ ଜୁଏଲେରି ତଥା ବହୁ ଦାମୀ ଷ୍ଟୋନ୍‌ମାନ ଲାଗିଥିଲା। ଡେକୋରେଶନ ପାଇଁ ଏଥିରେ ଅନେକ ଆକର୍ଷଣୀୟ ପରଫ୍ୟୁମ ବୋତଲ, ଥ୍ରୀଡି ପ୍ରିଣ୍ଟେଡ୍‌ର ଚକୋଲେଟ୍ ମୟୂର ଓ ଓଟପକ୍ଷୀର ଅଣ୍ଡା (ଯାହାକୁ ଖାଇହେବ) ବି ଲାଗିଥିଲା। ସେଥିପାଇଁ ଏହାର ମୂଲ୍ୟ ପ୍ରାୟ ୧୫ ମିଲିୟନ୍ ଡଲାର ରହିଥିଲା।
* **ଏମିରେଟ୍ସ ପ୍ୟାଲେସ୍ ଖ୍ରୀଷ୍ଟମାସ ଟ୍ରି:** ଆବୁଧାବିର ଦ ଏମିରେଟ୍ସ ପ୍ୟାଲେସ୍ ନାମକ ଏକ ପଞ୍ଚତାରକା ହୋଟେଲ୍‌ରେ ୨୦୧୦ରେ ଯେଉଁ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା; ସେଥିରେ ଅନେକ ସୁନା, ହୀରା, ମୋତି, ମାଣିକ ତଥା ଦାମୀ ପଥରମାନ ଲାଗିଥିଲା। କେବଳ ସେତିକି ନୁହେଁ ସାଜସଜ୍ଜା ପାଇଁ ଏଥିରେ କେତେକ ଦାମୀ ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଓ ହାତଘଣ୍ଟା ବି ବ୍ୟବହୃତ ହୋଇଥିଲା। ତେଣୁ ଏହାର ମୂଲ୍ୟ ଥିଲା ପ୍ରାୟ ୧୧.୪ ମିଲିୟନ୍ ଡଲାର।
* **ଗିଞ୍ଜା ଟନକା ଡିଜ୍‌ନୀ ଗୋଲ୍ଡ ଖ୍ରୀଷ୍ଟମାସ ଟ୍ରି:** ଜାପାନର ଟୋକିଓରେ ଥିବା ଗିଞ୍ଜା ଟନକା ନାମକ ଏକ ଜୁଏଲେରି ଷ୍ଟୋର୍ ତରଫରୁ ୨୦୧୨ରେ ପ୍ରାୟ ୨.୪ ମିଟର ଉଚ୍ଚତା ବିଶିଷ୍ଟ ସୁନାର ଏକ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା, ଯେଉଁଥିରେ ପ୍ରାୟ ୫୦ଟି ସୁନାର ଡିଜ୍‌ନୀ କ୍ୟାରେକ୍ଟରକୁ ଡେକୋରେଶନ୍ ପାଇଁ ଲଗାଯାଇଥିଲା। ପାଖାପାଖି ୮୮ ପାଉଣ୍ଡ ଓଜନ ବିଶିଷ୍ଟ ଏହି ଖ୍ରୀଷ୍ଟମାସ ଟ୍ରିକୁ ତିଆରି କରିବା ଲାଗି ୧୦ ଜଣ କାରିଗରଙ୍କୁ ପ୍ରାୟ



ଦୁଇ ମାସ ସମୟ ଲାଗିଥିଲା। ଏହାର ମୂଲ୍ୟ ପ୍ରାୟ ୪.୨୭ ମିଲିୟନ୍ ଡଲାର ରହିଥିଲା।
* **ଗିଞ୍ଜା ଟନକା ଗୋଲ୍ଡ ଟେବୁଲ୍ ଟପ୍ ଟ୍ରି:** ଜାପାନର ଟୋକିଓରେ ଥିବା ଗିଞ୍ଜା ଟନକା ଜୁଏଲେରି ଷ୍ଟୋର୍ ତରଫରୁ ୨୦୧୬ରେ ଦ୍ୱିତୀୟ ଥର ପାଇଁ ପୁଣି ଏକ ଆକର୍ଷଣୀୟ ଖ୍ରୀଷ୍ଟମାସ ଟ୍ରି ତିଆରି କରାଯାଇଥିଲା; ଯେଉଁଥିରେ ପ୍ରାୟ ୪୨ ପାଉଣ୍ଡ ଓଜନ ବିଶିଷ୍ଟ ୨୪ କ୍ୟାରେଟ୍ ସୁନା ବ୍ୟବହାର ହୋଇଥିଲା। ଏହି ସମୟରେ ଉକ୍ତ ଜୁଏଲେରି ଷ୍ଟୋର ନିଜର ୯୦ତମ ବାର୍ଷିକୋତ୍ସବ ପାଳନ କରୁଥିଲା। ଆଉ ସେହି ଉପଲକ୍ଷେ ଖ୍ରୀଷ୍ଟମାସ ଟ୍ରି ଷ୍ଟାଇଲ୍‌ର ଉକ୍ତ ଟେବୁଲ୍ ଟପ୍ ଟ୍ରି ଟି ତିଆରି ହୋଇଥିଲା। ଆକର୍ଷଣୀୟ ଲୁକ୍ ପାଇଁ ଏହି ଟ୍ରିରେ ସୁନାର ସରୁ ସରୁ ତାରକୁ ବି ଛନ୍ଦା ଯାଇଥିଲା। ତେଣୁ ଏହାର ଦାମ୍ ରହିଥିଲା ପ୍ରାୟ ୧.୮ ମିଲିୟନ୍ ଡଲାର।
* **ସ୍ୱରୋଭସ୍କି କ୍ରିଷ୍ଟାଲ୍ ଖ୍ରୀଷ୍ଟମାସ ଟ୍ରି:** ୨୦୧୩ରେ ହଂକଂର ଏୟାରପୋର୍ଟ ଗ୍ରାଉଣ୍ଡରେ ପ୍ରାୟ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ କ୍ରିଷ୍ଟାଲ୍ ଖ୍ରୀଷ୍ଟମାସ ଟ୍ରିକୁ ଲୋକଙ୍କ ଦେଖିବା ନିମନ୍ତେ ରଖାଯାଇଥିଲା; ଯେଉଁଥିରେ ଏକାଧିକ ମୂଲ୍ୟବାନ ସ୍ୱରୋଭସ୍କି ଗୋଲ୍ଡ ଓ ସିଲ୍‌ଭର୍‌ର କ୍ରିଷ୍ଟାଲ୍ ଲାଗିଥିଲା। ତେଣୁ ଏହାର ମୂଲ୍ୟ ପ୍ରାୟ ୧.୮ ମିଲିୟନ୍ ଡଲାର ରହିଥିଲା।
* **ରୋଜ୍ ମିନି ଖ୍ରୀଷ୍ଟମାସ ଟ୍ରି:** ପ୍ୟାରିସ୍‌ର ଏକ ଫୁଲ ବ୍ୟବସାୟ କମ୍ପାନୀ ହେଲା କ୍ଲାଉଡେ କୁଇନ୍‌କ୍ୱାଉଡ୍ ଏବଂ ଏକ ଡିପାର୍ଟମେଣ୍ଟ ଷ୍ଟୋର କମ୍ପାନୀ ହେଲା ଟକ୍‌ଶିମାୟା। ଏହି ଦୁଇଟି କମ୍ପାନୀର ମିଳିତ ଉଦ୍ୟମରେ କିଛିଦିନ ତଳେ ଗୋଲାପ ଫୁଲରେ ଏକ ଆକର୍ଷଣୀୟ ଖ୍ରୀଷ୍ଟମାସ ଟ୍ରି ତିଆରି କରାଯାଇଥିଲା; ଯାହାର ପ୍ରତିଟି ଗୋଲାପ ଫୁଲରେ ଲାଗିଥିଲା ଅଷ୍ଟ୍ରେଲିଆ ଓ ଆଫ୍ରିକାରୁ ଆସିଥିବା ଦାମୀ ହୀରା। ଏହାର ମୂଲ୍ୟ ପ୍ରାୟ ୧.୮ ମିଲିୟନ୍ ଡଲାର୍ ରହିଥିଲା।
* **ସୁ କି ଜୁଏଲେରି ଶପ୍ ଡାଇମଣ୍ଡ ଟ୍ରି:** ସିଙ୍ଗାପୁର୍‌ର ସୁ କି ନାମକ ଏକ ଜୁଏଲେରି ଶପ୍ ଓ ବର୍ଗିସ୍ ଜଙ୍କସନ୍ ନାମକ ଏକ ଶପିଂ ମଲ୍‌ର ମିଳିତ ସହଯୋଗରେ ୨୦୦୭ରେ ଏକ ଆକର୍ଷଣୀୟ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା; ଯେଉଁଥିରେ ୯୧୩ କ୍ୟାରେଟ୍ ବିଶିଷ୍ଟ ପ୍ରାୟ ୨୧, ୭୯୮ଟି ହୀରା ଏବଂ ୩୭୬୨ଟି କ୍ରିଷ୍ଟାଲ୍ ବିଡ୍ସ ଏବଂ ୪୫୬ଟି ଆକର୍ଷଣୀୟ ଲାଇଟ୍ ବଲ୍‌ବ ଲାଗିଥିଲା। ପ୍ରାୟ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଖ୍ରୀଷ୍ଟମାସ ଟ୍ରିର ମୂଲ୍ୟ ପ୍ରାୟ ୧ ମିଲିୟନ୍ ଡଲାର ରଖାଯାଇଥିଲା।



## ଏମିତି ବି ହୁଏ ପାଳନ

-ଆୟର୍ଲାଣ୍ଡରେ ଖ୍ରୀଷ୍ଟମାସ ଦିନ ଗୋଟିଏ ବଡ଼ ବିଲେଇ ବୁଲୁଥିବାର ଲୋକ ବିଶ୍ୱାସ କରନ୍ତି। ଭଲକାମ କରୁଥିବା ଲୋକଙ୍କୁ ଏହି ବିଲେଇ ନୂଆ ପୋଷାକ ଉପହାର ସ୍ୱରୂପ ଦେଇଥାଏ। ଆଉ ଖରାପ କାମ କରୁଥିବା ଲୋକଙ୍କୁ ବିଲେଇ ଗିଳି ଦେଇଥାଏ ବୋଲି ବିଶ୍ୱାସ ରହିଛି।

-ୟୁକ୍ରେନରେ ଏହିଦିନ ଖ୍ରୀଷ୍ଟମାସ ଟ୍ରିରେ ବୁଢ଼ିଆଣୀ ଜାଲ ଭଳି ଦେଖାଯାଉଥିବା ଡେକୋରେଟିଭ ଜିନିଷ ଘରେ ଝୁଲେଇବାର ପ୍ରଥା ରହିଛି।

-ନରୱେରେ ଖ୍ରୀଷ୍ଟମାସ ଦିନ ପ୍ରେତାତ୍ମାମାନେ ଝାଡୁରେ ବସି ଉଡ଼ନ୍ତି ବୋଲି ବିଶ୍ୱାସ କରାଯାଏ। ତେଣୁ ଖ୍ରୀଷ୍ଟମାସ ଦିନ ନରୱେ ଅଧିବାସୀ ନିଜ ଘରର ଝାଡୁକୁ ଲୁଚେଇ ରଖିଥାନ୍ତି।

## ବୃଦ୍ଧ ଓ ପିଲାଙ୍କ ପାଇଁ ସେଲିବ୍ରେଶନ୍

ନଅ ବର୍ଷ ପୂର୍ବେ ବ୍ରହ୍ମପୁର ସହରରେ ପ୍ରତିଷ୍ଠା ହୋଇଥିଲା ଜୟ ଜଗନ୍ନାଥ ଗ୍ରୁପ୍। ସେବେଠୁ ଗ୍ରୁପ୍ ପକ୍ଷରୁ ଅସହାୟଙ୍କୁ ଖାଦ୍ୟ ବଣ୍ଟନ, ଶବ ସତ୍କାର, ରକ୍ତଦାନ, ଗରିବ ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ଗରିବ ଝିଅଙ୍କ ବିବାହ ଭଳି କାର୍ଯ୍ୟ କରାଯାଇଆସୁଛି। ଚଳିତ ଡିସେମ୍ବର ୨୫ ତାରିଖ ଦିନ ବୃଦ୍ଧ, ବୃଦ୍ଧାଙ୍କୁ ଖୁସି କରାଇବା ଲାଗି କେକ୍ କାଟି ସେଲିବ୍ରେଶନ୍ କରିବାର ଯୋଜନା କରାଯାଇଛି। ଅତିଥିଙ୍କ ଦ୍ୱାରା ଛୋଟ ପିଲାଙ୍କୁ ପୁରସ୍କାର ଓ ଉପହାର ମଧ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ଗ୍ରୁପ୍‌ର ପ୍ରତିଷ୍ଠାତା ଶିବ ଶଙ୍କର ଦାଶ।



## ପ୍ରଥମ କମର୍ସିଆଲ ଖ୍ରୀଷ୍ଟମାସ କାର୍ଡ

ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକମାନେ ଖ୍ରୀଷ୍ଟମାସକୁ ବେଶ୍ ଜାକଜମକରେ ପାଳନ କରିଥାଆନ୍ତି। ଏହା ସେମାନଙ୍କର ଅନ୍ୟତମ ବଡ଼ ପର୍ବ। ଏହିଦିନ ସେମାନେ ପରସ୍ପର ମଧ୍ୟରେ ଖ୍ରୀଷ୍ଟମାସ କାର୍ଡ ଗିଫ୍ଟ ସହ ଦେଇଥାଆନ୍ତି। ହେଲେ ପ୍ରଥମ କମର୍ସିଆଲ ଖ୍ରୀଷ୍ଟମାସ କାର୍ଡ କେବେ ପ୍ରଚଳନ ହେଲା ଜାଣନ୍ତି? ଏହି କାର୍ଡ ୧୮୪୩ରେ ପ୍ରଥମେ ପ୍ରଚଳିତ ହୋଇଥିଲା। ସେହି ବର୍ଷ ସାର୍ ହେନେରି କୋଲ୍ ପ୍ରଥମେ ୧୦୦୦ ଖ୍ରୀଷ୍ଟମାସ କାର୍ଡ ଛପାଇ ବିକ୍ରି କରିଥିଲେ। ସେହି ସ୍ମରଣୀୟ ପ୍ରଥମ କମର୍ସିଆଲ ଖ୍ରୀଷ୍ଟମାସ କାର୍ଡରୁ ଏବେ ମାତ୍ର ୧୨ଟି ଦେଖିବାକୁ ମିଳୁଛି। ଏହି କାର୍ଡ ସହ ରାଣୀ ଭିକ୍ଟୋରିଆଙ୍କର ମଧ୍ୟ ସଂଯୋଗ ରହିଛି। ଏହି କାର୍ଡ ପଠାଇବାରେ ସେ ଥିଲେ ପ୍ରଥମ ରାଜ ପରିବାରର ସଦସ୍ୟା।

## ଖ୍ରୀଷ୍ଟମାସକୁ ନେଇ ଅଜବ ପ୍ରଥା

**ଉପହାର, ଚକୋଲେଟ୍, ଖିଆପିଆ ଓ ବୁଲାବୁଲିରେ ଅଧିକାଂଶ ଖ୍ରୀଷ୍ଟମାସ ପର୍ବ ପାଳନ କରୁଥିବାବେଳେ ଅନ୍ୟ କିଛି ସ୍ଥାନରେ ଏହାର ବ୍ୟତିକ୍ରମ ଦେଖାଯାଏ। ଖ୍ରୀଷ୍ଟମାସ ପାଳନ ହୁଏ ଟିକିଏ ନିଆରା ଢଙ୍ଗରେ...**

**ୟୁଲେ ଗୋଟ୍ :** ୧୯୬୬ ମସିହାଠାରୁ ସୁଇଡେନ୍, ଗାଭ୍‌ଲେ ଗ୍ରାମରେ ଖ୍ରୀଷ୍ଟମାସ ନିଆରା ଢଙ୍ଗରେ ପାଳନ କରାଯାଉଛି। ନିକଟସ୍ଥ ଦୁର୍ଗ ପାଖରେ ୧୩ମିଟରର ଏକ ବଡ଼ ଛେଳି ଭଳି ପ୍ରତିକୃତି ତିଆରି କରି ତାହାକୁ ଜଳାଯାଏ। ପୂର୍ବେ ଏହି ପରମ୍ପରାକୁ କିଛି ଲୋକ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହାକୁ ଲୋକେ ବେଶ୍ ପସନ୍ଦ କରୁଥିବାରୁ ଏବେଯାଏ ଏହାକୁ ପାଳନ କରାଯାଉଛି।

**କ୍ରାମ୍ପସ:** ଅଷ୍ଟ୍ରିଆ ଖ୍ରୀଷ୍ଟମାସ କ୍ରାମ୍ପସ୍ ପର୍ବରେ କିଛି ଲୋକ ଅଧା ଛେଳି ଓ ଅଧା ଦାନବ ବେଶ ହୋଇ ଛୋଟ ପିଲାଙ୍କୁ ଡରେଇବା ସହ ଖରାପ ଲୋକଙ୍କୁ ଦଣ୍ଡ ଦେଇଥାନ୍ତି। ଏହି ପର୍ବ ଡିସେମ୍ବରର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଯାଇଥାଏ। ଏଥିରେ ଲୋକମାନେ ଭୂତ ପରି ବେଶ ହୋଇ ଖାସ୍‌କରି ଦୁଷ୍ଟ ପିଲାଙ୍କୁ ଖୋଜି ଡରାଇଥାନ୍ତି।

**ସାଣ୍ଟାଙ୍କ ବେଶ ପାଳନ :** ଆଇସ୍‌ଲାଣ୍ଡରେ ଖ୍ରୀଷ୍ଟମାସ ପାଇଁ ୧୩ ଦିନ ଧରି ୧୩ଜଣ ବ୍ୟକ୍ତି ସାଣ୍ଟା ବେଶ ହୋଇ ରାତିରେ ଘରଘର ବୁଲି ପିଲାମାନଙ୍କୁ ଗିଫ୍ଟସ୍, ଚକୋଲେଟ୍, ଖେଳନା ଆଦି ବାଣ୍ଟିଥାନ୍ତି। ଏମାନଙ୍କୁ ୟୁଲେ ଲାଡ କୁହାଯାଏ। ସେଠାକାର ପିଲାମାନେ ମଧ୍ୟ ଘରର ଝରକା ପାଖରେ ସାଣ୍ଟା ପାଇଁ କୌତୁକିଆ ଉପହାର ଓ ଅନ୍ୟମାନଙ୍କ ପାଇଁ ନିଜର ଏକ ହଳ ଜୋତା ଉପହାର ଭାବେ ରଖିଥାନ୍ତି।

**ପେପର୍ ଲାଣ୍ଟର୍ନ ପର୍ବ :** ଫିଲିପାଇନ୍ସର ସାନ୍ ଫର୍ନାଣ୍ଡୋ ସହରରେ ଖ୍ରୀଷ୍ଟମାସ ଉପଲକ୍ଷେ ବଡ଼ଦିନର ପୂର୍ବ ସନ୍ଧ୍ୟାରୁ ନିଆରା ପେପର୍ ଲାଣ୍ଟର୍ନ ପର୍ବ ଆରମ୍ଭ ହୋଇଥାଏ। ଏହି ଆଲୋକମାଳାର ଉତ୍ସବରେ ବିଭିନ୍ନ ସ୍ଥାନର ପ୍ରତିଯୋଗୀ ବିରାଟକାୟ ପେପର୍ ଲାଣ୍ଟର୍ନ ତିଆରି କରିଥାନ୍ତି। ଲାଣ୍ଟର୍ନଗୁଡ଼ିକ ବଡ଼, ଗୋଲାକାର ବ୍ୟାସାର୍ଦ୍ଧ ବିଶିଷ୍ଟ ହୋଇଥାଏ। ଏଥିରେ ଜାପାନୀ କଲର୍ ପେପର୍ ଏବଂ ଆଲୋକ ପାଇଁ କ୍ୟାଣ୍ଡେଲ୍‌ର ବ୍ୟବହାର କରାଯାଏ।

**ନ୍ୟାଶ୍‌ନାଲ ଲାଇଟେନିଙ୍ଗ:** ଆମେରିକା, ୱାଶିଂଟନ୍‌ର ହନୁକାଠାରେ ୧୯୭୯ଠାରୁ ଖ୍ରୀଷ୍ଟମାସ ଉପଲକ୍ଷେ ୯ମିଟର ଉଚ୍ଚତାର ୯ଟି ବଡ଼ ବଡ଼ ମେନୋରା ଲ୍ୟାମ୍ପ(ତ୍ରିଶୂଳ ପରି) ନଅ ଦିନ ଓ ରାତି ଜଳେ। ଏହା ଦେଖିବାକୁ ବହୁତ ସୁନ୍ଦର ଓ ଆକର୍ଷଣୀୟ। ଏଠାରେ ଖାସ୍ ବଡ଼ଦିନ ପାଇଁ ଏପରି ଲ୍ୟାମ୍ପର ବ୍ୟବସ୍ଥା କରାଯାଇଥାଏ। ଏହି ଲ୍ୟାମ୍ପ ଜଳିବା ପରେ ଏହାର ଚାରିପାଖରେ ଗୀତ, ନାଚ ଓ ପିଲାମାନଙ୍କ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।

## ଜଟଣୀରେ ବଡ଼ଦିନ ପର୍ବ

ଖୋର୍ଦ୍ଧାରୋଡ(ଜଟଣୀ) ରେଲୱେ ଟ୍ରାଫିକ ରୂପେ କାର୍ଯ୍ୟ ଆରମ୍ଭ କରିବା ପରେ ଇଂରେଜମାନେ ଏହି ଅଞ୍ଚଳକୁ ଭଲ ପାଇ ଏଠାରେ ବସବାସ ଆରମ୍ଭ କଲେ। ତା'ପରଠୁ ସେମାନେ ଏଠାରେ ବର୍ଷ ବର୍ଷ ଧରି ବେଶ୍ ଧୁମଧାମରେ ବଡ଼ଦିନ ପର୍ବ ପାଳନ କରି ଆସୁଛନ୍ତି। ଏକ ମାସ ପୂର୍ବରୁ ଏଠାରେ ବଡ଼ଦିନ ପ୍ରସ୍ତୁତି ଆରମ୍ଭ ହୁଏ। ସହର ଏବଂ ବ୍ଲକ ଅଞ୍ଚଳରେ ରହିଥିବା ପୌରାଞ୍ଚଳ ଅଧୀନ ହାଟବଜାରସ୍ଥ ରୋମାନ କ୍ୟାଥଲିକ ଚର୍ଚ୍ଚ, ଟାଉନ ହଲ ନିକଟ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ, ଏଭାଜଲିକାଲ ୟୁନିୟନ ବାପ୍ଟିଷ୍ଟ ଚର୍ଚ୍ଚ, ବେଥାଲ ଚପଲ ଚର୍ଚ୍ଚ, ଲାଇଫ ଲାଇନ ଚର୍ଚ୍ଚ ଏବଂ ପେଣ୍ଟିକୋଷ୍ଟାଲ ଚର୍ଚ୍ଚ ସହିତ ବହିଲିପଡ଼ା, ମିଂଟୀନପାଟଣା ପ୍ରଭୃତି ଚର୍ଚ୍ଚଗୁଡ଼ିକୁ ବଡ଼ଦିନ ପାଳନ ନିମନ୍ତେ ସମସ୍ତ ପ୍ରସ୍ତୁତି କରିବା ସହିତ ରଙ୍ଗ ବେରଙ୍ଗ ଆଲୋକରେ ସଜା ଯାଇଛି। ଗତ ୨୩ ତାରିଖରେ ଖ୍ରୀଷ୍ଟମାସ ଟ୍ରି ସ୍ଥାପନ କରିବା ସହ ଖ୍ରୀଷ୍ଟିଆନ ଭାଇ ଭଉଣୀଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଆୟୋଜନ ହୋଇଯାଇଛି। ୨୪ ତାରିଖ ରାତିରେ ଶାନ୍ତି ଏବଂ ପ୍ରେମର ସ୍ଥାପନା ପାଇଁ ସମୂହ ପ୍ରାର୍ଥନା ମଧ୍ୟ କରାଯାଇଛି; ଯାହାକୁ ୱାଚ୍‌ନାଇଟ ସର୍ଭିସ କୁହାଯାଉଛି।






## କାଠଯୋଡ଼ି ନଦୀକୁ ଡେଇଁ ଯୁବତୀ ଗୁରୁତର

ବାରଙ୍ଗ,(ଡି.ଏନ୍.ଏ.): ହାଇକୋର୍ଟ ବେଲ୍ ଭ୍ୟୁ ଛକ ନିକଟ ନେତାଜୀ ସୁଭାଷ ବୋଷ୍ ସେତୁ ଉପରୁ ଶନିବାର ଜଣେ ଯୁବତୀ କାଠଯୋଡ଼ି ନଦୀକୁ ଡେଇଁ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପୁରୀ ଜିଲା ପେଣ୍ଟକଟା ଅଞ୍ଚଳର ରାଖି ରାଉତ। ଶନିବାର ସକାଳ ୯ଟାରେ ଏହି ଘଟଣା ଘଟିଥିଲା। ନଦୀରେ ଗାଧୋଉଥିବା କିଛି ଯୁବକ ଉକ୍ତ ଯୁବତୀଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ନଦୀରେ ପାଣି କମ୍ ଥିବାରୁ ଯୁବତୀଙ୍କ ଗୋଡ଼ ଓ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିଲା। ଉଭୟ ପୋଲିସ ଓ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ରାଖିଙ୍କୁ ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, କିଟ୍ ଛକସ୍ଥିତ ଶୋରୁମ୍ କୋଠା, ସକାଳ ୮ଟା।
- ପିଜେ ୱାକର୍ସ କ୍ଲବ ସମ୍ମିଳନୀ, ଏସ୍ଆର୍ କନ୍‌ଭେନ୍‌ଶନ, ଜିଜିପି, ପୂର୍ବାହ୍ନ ୧୦ଟା।
- ଇଟିକିଲି ମିଟିକିଲିର ରୌପ୍ୟଜୟନ୍ତୀ ସମାରୋହର ରାଜ୍ୟସ୍ତରୀୟ ପ୍ରତିଯୋଗିତା, ରୟାଲ ହାୟର ସେକେଣ୍ଡାରି ହାଇସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ପୂର୍ବାହ୍ନ ୧୦ଟା ୩୦।
- ଆଷ୍ଟ୍ରୋଲୋଜର୍ସ ସମ୍ମିଳନୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ, ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ବଳିଦାନ ଦିବସ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ୍-୮, ପୂର୍ବାହ୍ନ ୧୧ଟା।
- ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଦିବସରେ ବାଇକ୍ ରାଲି ଓ ସାଧାରଣ ସଭା, ବୀଣାଭାରତୀ ପଡ଼ିଆ, ମଧ୍ୟାହ୍ନ ୧୨ଟା।
- ଅଲ୍ ଓଡ଼ିଶା ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ତମାଣ୍ଡୋ ମିନି ଷ୍ଟାଡିୟମ୍, ଅପରାହ୍ନ ୩ଟା।
- ୪୯ତମ ସାରସ୍ୱତ ଭକ୍ତ ସମ୍ମିଳନୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘାଟିକିଆ, ଅପରାହ୍ନ ୩ଟା ୩୦।
- ଲା କିଡ୍‌ସ ଦି ଡେ ବୋର୍ଡିଂ ପ୍ଲେ ସ୍କୁଲ୍‌ର '୧୦ମ ଲିଟିଲ ଚ୍ୟାମ୍ପ' କାର୍ଯ୍ୟକ୍ରମ, ନାଗେଶ୍ୱରୀ ଟାଙ୍ଗୀ, ଅପରାହ୍ନ ୫ଟା।
- ନ୍ୟାଶନାଲ ଏଜୁକେଶନ ଟ୍ରଷ୍ଟର 'ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ', ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ ପରିସର ଓ ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ନୃତ୍ୟ ପ୍ରତିଭା ଏବଂ ଗ୍ରାମ୍ୟ କମିଟି ପକ୍ଷରୁ ୧୬ତମ ଅନ୍ତର୍ଜାତୀୟସ୍ତରୀୟ ଚଉଷଠୀ ଯୋଗିନୀ ମହୋତ୍ସବ, ଚଉଷଠୀ ଯୋଗିନୀ ମନ୍ଦିର ପରିସର, ସନ୍ଧ୍ୟା ୬ଟା।
- କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ଆନୁକୂଲ୍ୟରେ ଦିବଂଗତ ପ୍ରଫେସର ରାଜକିଶୋର ମିଶ୍ରଙ୍କ ସ୍ମୃତି ଅବସରରେ କଟକର ଜଗନ୍ନାଥ ରଥ ପୁସ୍ତକ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ପୁସ୍ତକ 'ପ୍ରଲୁବ୍ଧ କବି ଓ ପ୍ରଗଲ୍‌ଭା ନାରୀ' ଉନ୍ମୋଚନ, ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ, ଏନ୍-୧, ଆଇଆର୍‌ସି ଭିଲେଜ୍, ସିଆର୍‌ପି ଛକ ନିକଟ, ସନ୍ଧ୍ୟା ୬ଟା।
- ଜ୍ୟୋତିକଳା ମନ୍ଦିର ଓ କାପୋକ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂଯୋଗୀ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ଆଲୋଚନାଚକ୍ର, ବୀର ସୁରେନ୍ଦ୍ର ସାଏ ନଗର, ସନ୍ଧ୍ୟା ୬ଟା।
- ପଣ୍ଡିତ ଡ. ଦାମୋଦର ହୋତାଙ୍କ ୮୭ତମ ଜୟନ୍ତୀ ଅବସରରେ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ୮ମ ବାର୍ଷିକ ସହ ନାମ ସଂକୀର୍ତ୍ତନ କଳସ ଯାତ୍ରା, ଇନ୍ଦ୍ରପାଳ, ଶ୍ରୀସାଇ କ୍ଷେତ୍ରପାଳ, ସେବାଶ୍ରମ, ପୂର୍ବାହ୍ନ ୧୦ଟା।

# ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଲା 'ଜିଙ୍ଗଲ୍ସ ବେଲ୍ ୩.୦'



'ଜିଙ୍ଗଲ୍ସ ବେଲ୍ ୩.୦'ରେ ଉତ୍ସାହିତ ଅତିଥି ଓ ଅନ୍ୟମାନେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାଦ୍ୟକାର ଓ କଣ୍ଠଶିଳ୍ପୀମାନେ।

**ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)**

### କବିତା ଆସର ସାଙ୍ଗକୁ ସଙ୍ଗୀତ ଝଙ୍କାର

ରାଜଧାନୀର ଶୀତୁଆ ସନ୍ଧ୍ୟାରେ କବିର କଳ୍ପନାକୁ ନେଇ ପ୍ରସ୍ତୁତ କବିତା ଆସର ଏକ ନିଆରା ପରିବେଶ ସୃଷ୍ଟି କରୁଥିଲା। ଏହା ସାଙ୍ଗକୁ ସଙ୍ଗୀତର ଝଙ୍କାର ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ଅବସର ଥିଲା ଭୁବନେଶ୍ୱର ପୋଏଟ୍ରି କ୍ଲବ୍ (ବିପିସି) ଏବଂ ରେଡ୍‌ବୁଲ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଜିଙ୍ଗଲ୍ସ ବେଲ୍ ୩.୦'। ଶନିବାର ପ୍ରେସ୍‌କ୍ଲବ ଅଫ୍ ଓଡ଼ିଶାରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ କବିତା, ସଙ୍ଗୀତ ଏବଂ ଷ୍ଟୋରୀ ଟେଲିଂର ଯୁଗଳବନ୍ଦୀ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ରାୟପୁର ଭଳି ବିଭିନ୍ନ ସ୍ଥାନରୁ ୬୦ଜଣ ଯୁବ କବି ଏବଂ ବାଦ୍ୟକାରମାନେ ଯୋଗଦେଇଥିଲେ। କବିମାନେ ଓଡ଼ିଆ, ଇଂଲିଶ, ବଙ୍ଗଳା ଏବଂ ହିନ୍ଦି ଭାଷାରେ ସ୍ୱରଚିତ କବିତା ପାଠ କରିଥିଲେ। ସବୁଠାରୁ ମଜାଦାର କଥା ହେଉଛି, କବିମାନଙ୍କୁ କାର୍ଯ୍ୟକ୍ରମରେ ଚିଟ୍ ମାଧ୍ୟମରେ ଗୋଟିଏ ଗୋଟିଏ ଟପିକ୍ ଦିଆଯାଇଥିଲା। ସେହିଠାରେ ହିଁ ସେମାନେ କବିତା ଲେଖି ଷ୍ଟେଜ୍‌ରେ ପାଠ କରିଥିଲେ। ଏହାବାଦ୍ ପୁଣେରୁ ୭ଜଣ ଗେଷ୍ଟ ପରଫର୍ମର୍ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ହିନ୍ଦୀରେ, ୨ଜଣ ଇଂଲିଶରେ, ଜଣେ ବଙ୍ଗଳାରେ ଏବଂ ୩ଜଣ ଓଡ଼ିଆରେ କବିତା ପାଠ କରିଥିଲେ। ସେହିପରି ୩ଜଣ ବାଦ୍ୟକାର ଗିଟାର ଓ ଭାଓଲିନ୍‌ରେ ପରିବେଶକୁ ଉଷ୍ମ କରିଦେଇଥିବାବେଳେ ୩ଜଣ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହିତ ୫ଟି ଷ୍ଟଲ୍‌ରେ ହୋମ୍‌ମେଡ୍ କେକ୍ ସାଙ୍ଗକୁ ଚକୋଲେଟ୍, କ୍ୟାଣ୍ଡି, ଫୁଲଦାନି, ଛୋଟ ଛୋଟ ପେଣ୍ଟିଂ, ଫ୍ୟାନ୍ସି ଅର୍ନାମେଣ୍ଟସ୍ ଏବଂ ବର୍ଜ୍ୟରୁ ପ୍ରସ୍ତୁତ ସୁନ୍ଦର ସୁନ୍ଦର ସାମଗ୍ରୀ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମ ସମ୍ପର୍କରେ ବିପିସିର କୋ-ଫାଉଣ୍ଡର ଦିବ୍ୟ ସ୍ୱରୂପା କହିଛନ୍ତି, କ୍ଲବ୍ ୭ବର୍ଷ ହେବ ଏପରି ବିଭିନ୍ନ କାର୍ଯ୍ୟ କରୁଛି। କବିତାକୁ ଜୀବିତ ରଖିବା, ଯୁବପିଢ଼ିଙ୍କ ଭିତରେ କବିତାକୁ ନେଇ ଉତ୍ସାହ ସୃଷ୍ଟି କରିବା ଏବଂ ଏହାକୁ ଏକ ନୂତନ ଦିଗ ଦେବା ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ରହିଛି। ପ୍ରତିଥର କାର୍ଯ୍ୟକ୍ରମରେ ନୂଆନୂଆ ପିଲା ଯୋଡି ହେଉଛନ୍ତି, ଯାହା ଆମକୁ ଆଗକୁ ବଢିବାକୁ ପ୍ରେରଣା ଦେଉଛି ବୋଲି ସେ କହିଛନ୍ତି।

# ଆଜିଠାରୁ 'ପଥ ଉତ୍ସବ'

**ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରକୁ ଫେରିଛି 'ପଥ ଉତ୍ସବ' ବା 'ରାହାଗିରି'। ରବିବାରଠାରୁ ନାଚ, ଗୀତ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବେ ସହରବାସୀ। ସକାଳ ୬ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଜନପଥର ମାଷ୍ଟରକ୍ୟାଣ୍ଟିନ ଛକରୁ ରାମମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ପଥ ଉତ୍ସବ ଆରମ୍ଭ ହେବ। ଦୁଇ ପାର୍ଶ୍ୱ ମାଷ୍ଟରକ୍ୟାଣ୍ଟିନ ଓ ରାମମନ୍ଦିର ଛକ ନିକଟରେ ଦୁଇଟି ଷ୍ଟେଜ୍ ହେବା ସହିତ ପ୍ରଥମକରି 'ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ' ନାମରେ ଆଉଏକ ଷ୍ଟେଜ୍ କରାଯିବ। ସେହିପରି ଜାନୁୟାରୀ ୧ ନୂଆବର୍ଷ ଦିନ ରବିବାର ପଡୁଥିବାରୁ ପଥ ଉତ୍ସବ ହେବନାହିଁ। ଏହାପରେ ୮ ତାରିଖରେ କିଟ୍ ଛକ ଓ ୧୫ରେ ଏକାମ୍ର ଜୋନ୍‌ରେ ପଥ ଉତ୍ସବ କରାଯିବ। ଏହି ଉତ୍ସବକୁ ପୂର୍ବଥର ପରି ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ପ୍ରିଲ୍ୟୁଡ୍ ଆୟୋଜନ କରୁଛି।

# 'ହୋ' ଭାଷା କ୍ରିୟାନୁଷ୍ଠାନ କମିଟିର ଗଣଧାରଣା

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ବିଧାନସଭା ସମ୍ମୁଖସ୍ଥ ଲୋୟର ପିଏମ୍‌ଜିଠାରେ ସର୍ବଭାରତୀୟ 'ହୋ' ଭାଷା କ୍ରିୟାନୁଷ୍ଠାନ କମିଟି ଓ ଓଡ଼ିଶା ରାଜ୍ୟ କମିଟି ତରଫରୁ ଏକ ବିଶାଳ ସମାବେଶ ଗଣଧାରଣା ଅନୁଷ୍ଠିତ ହୋଇଥିଲା। 'ହୋ' ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦେବାପାଇଁ ଡିସେମ୍ବର ୧୬ରୁ ଓଡ଼ିଶାର ୪ଟି ସ୍ଥାନରୁ 'ହୋ' ଭାଷା ସୁରକ୍ଷା ଅଭିଯାନର ବାଇକ୍ ରାଲି ଭୁବନେଶ୍ୱରରେ ପହଞ୍ଚି ସମ୍ମିଳନୀରେ ଯୋଗ ଦେଇଥିଲା। ଏହି ଅଭିଯାନର ନାମ 'ବିଟାନାବୁ ଭୁବନେଶ୍ୱର' ରଖାଯାଇଛି । 'ହୋ ଭାଷାକୁ ରାଜ୍ୟ ସରକାର ଦ୍ୱିତୀୟ ରାଜ ଭାଷାର ମାନ୍ୟତା ଦେବା ସହ ଯେଉଁ ଅଞ୍ଚଳରେ ୮୦ ପ୍ରତିଶତ 'ହୋ' ଭାଷାଭାଷୀ ସମ୍ପ୍ରଦାୟର ଲୋକ ଅଛନ୍ତି, ସେହି ଅଞ୍ଚଳରେ ଥିବା ସ୍କୁଲ୍‌ମାନଙ୍କରେ 'ହୋ' ଭାଷା ଶିକ୍ଷକ ନିଯୁକ୍ତି ଦିଆଯାଉ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦ୍ରମୋହନ ମୁଣ୍ଡୁରି ଦାବି କରିଛନ୍ତି। 'ହୋ' ଭାଷାରେ ଦୂରଦର୍ଶନ ଓ ଅଲ୍ ଇଣ୍ଡିଆ ରେଡିଓରେ କାର୍ଯ୍ୟକ୍ରମ ଓ ପ୍ରଚାର ପ୍ରସାର ହେବା ଦରକାର ବୋଲି କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ବସନ୍ତ ବୁଲିଉଲି କହିଛନ୍ତି। ଯଶିପୁର ବିଧାୟକ ଗଣେଶ ରାମସିଂହ ଖୁଣ୍ଟିଆ ପ୍ରଶ୍ନ ସମ୍ମିଳନୀରେ ଯୋଗଦେଇଥିଲେ।

**ଲିଗାଲ ପ୍ରତିବାଦ ନୋଟିସ**

ଆମ୍ଭେ ଅଜିତ କୁମାର ସାହୁ, ପ୍ଲଟ୍ ନଂ. ଏସ୍.ସି.ଆର.-୦୫, ପୋଖରୀପୁଟ, ଅନନ୍ତ ବିହାର, ଫେଜ୍-୩, ଭୁବନେଶ୍ୱରର ମାଲିକ ଉପାରନ୍ତେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଚାହୁଁଛି କି ଯେ, ତା୧୧।୧୨।୨୦୨୨ରିଖ ଦୈନିକ ଖବରକାଗଜ 'ସମ୍ବାଦ'ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ, ଜୟଦେବ ବିହାର, ନୟାପଲ୍ଲୀ ଶାଖା ଦ୍ୱାରା ପ୍ରଦର୍ଶିତ ଋଣ ଗ୍ରହିତା ମେସର୍ସ ଦଣ୍ଡେଶ୍ୱର ଫାର୍ମାସ୍ୟୁଟିକାଲ, ସ୍ୱତ୍ୱାଧିକାରୀ (କ୍ର.ନଂ.୧)ର ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ ସମ୍ପତ୍ତି ଯାହା ତା୨୬।୧୨।୨୦୨୨ରିଖର ଇ-ନିଲାମ ପାଇଁ ଆହ୍ୱାନ କରାଯାଇଛି । ତାହା ଆଇନସଙ୍ଗତ ନୁହେଁ । ଯାହାକି ଉକ୍ତ ସମ୍ପତ୍ତି ପକ୍ଷେ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍, ଭୁବନେଶ୍ୱର ଅଦାଲତଙ୍କ ଇଜଲାସରେ ବିଚାର ପାଇଁ ତା୦୭।୦୧।୨୦୨୩ରିଖକୁ ସମୟ ଧାର୍ଯ୍ୟ ହୋଇଅଛି। ଏଣୁ ତତ୍‌ସମ୍ବନ୍ଧୀୟ ଫଏସଲା ପର୍ଯ୍ୟନ୍ତ ଆପଣମାନଙ୍କ ସହଯୋଗ କାମନା କରୁଛି।



କିଟ୍ ଅଡିଟୋରିୟମଠାରେ ଅନୁଷ୍ଠିତ ନୌସେନା ସପ୍ତାହ ଉତ୍ସବରେ ନୌସେନା ଅଧିକାରୀଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

# ଦେଶପ୍ରେମ ସୃଷ୍ଟିକଲା ନୌସେନା ବ୍ୟାଣ୍ଡ, ସଙ୍ଗୀତ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

### ଗୀତଗାଇଲେ ରାଜ୍ୟପାଳ

ଭାରତୀୟ ନୌସେନା ବ୍ୟାଣ୍ଡରେ ଝୁମିଲେ ଦର୍ଶକ। ମାର୍ଶାଲ ମ୍ୟୁଜିକ, ଦେଶପ୍ରେମ ସଙ୍ଗୀତ ଓ ବାଦ୍ୟଯନ୍ତ୍ରର ଯାଦୁରେ ବାନ୍ଧି ରଖିଥିଲେ ନୌସେନାର ଅଧିକାରୀଗଣ। ଦେଶପ୍ରେମର ଏକ ଅଦ୍ଭୁତ ଜାଗରଣ ସମସ୍ତଙ୍କ ମନରେ ଖେଳି ଉଠିଥିଲା। ଅବସର ଥିଲା ଆଇଏନ୍ଏସ୍ ଚିଲିକା ପକ୍ଷରୁ କିଟ୍ ଅଡିଟୋରିୟମଠାରେ ଶନିବାର ଅନୁଷ୍ଠିତ ନୌସେନା ସପ୍ତାହ ଉତ୍ସବ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଲେ, ନୌସେନାର ଏହି ଖୁସି ଅବସରରେ ବ୍ୟାଣ୍ଡ ବାଜା ତାଙ୍କୁ ଗୀତ ଗାଇବା ପାଇଁ ବାଧ୍ୟ କରିଛି। ଯେତେବେଳେ ବ୍ୟାଣ୍ଡ ବାଜୁଥିଲା ଏହା ପିଲାବେଳର କଥା ମନେ ପକାଇଦେଉଥିଲା। ମୁଁ ମନେ ମନେ ମଧ ଏହାକୁ ଆବୃତ୍ତି କରୁଥିଲି। ନିଜେ ରାଜ୍ୟପାଳ ଏହି କାର୍ଯ୍ୟକ୍ରମରେ ଆର୍ଏସ୍ଏସ୍‌ର ତନ ସମର୍ପିତ, ମନ ସମର୍ପିତ ସଙ୍ଗୀତ ଗାନ କରିଥିଲେ। ସେହିପରି ଆଇଏନ୍ଏସ୍ ଚିଲିକାର କମୋଡର ଏନ୍. ପି. ପ୍ରଦୀପ କହିଲେ, ୧୯୭୧ରେ ପାକିସ୍ତାନ ଉପରେ ଭାରତ ବିଜୟ ହାସଲ କରିଥିଲା। ଏଥିରେ ନୌସେନାର ଅଦମ୍ୟ ଭାଗୀଦାରିତା ରହିଥିଲା। ଏଣୁ ସେହି ବିଜୟକୁ ପାଳନ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୪କୁ ନୌସେନା ଦିବସ ଭାବେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ହେଉଛି ସେହି ବିଜୟକୁ ଉପଭୋଗ କରିବାର ଅବସର। କାର୍ଯ୍ୟକ୍ରମକୁ ନିକଟରେ ରିଲିଜ ହୋଇଥିବା ଭାରତୀୟ ନୌସେନାର ଆନ୍ଥେମ୍ 'କଲ୍ ଅଫ୍ ବ୍ଲୁ ୱାଟର' ଗାନ ସହ ସମାପ୍ତ କରାଯାଇଥିଲା। ଅବସରପ୍ରାପ୍ତ ମିଲିଟାରୀ ପର୍ସନାଲ, ଭାରତୀୟ ସଶସ୍ତ୍ର ବାହିନୀ ଓ ଓଡ଼ିଶା ପୋଲିସର ଅଧିକାରୀଗଣ, ଏନ୍‌ସିସି କ୍ୟାଡେଟ୍, ସ୍କୁଲ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ହେଉ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ଓଡ଼ିଶା ପଛୁଆ ବର୍ଗ ଛାତ୍ର ସଂଘ ପକ୍ଷରୁ ଶନିବାର ଲୋୟର ପିଏମଜିଠାରେ ରାଜ୍ୟରେ ପଛୁଆ ବର୍ଗ ସଂରକ୍ଷଣ ଦାବିନେଇ ଧାରଣା ଦିଆଯାଇଥିଲା। ଦେଶର ବିଭିନ୍ନ ରାଜ୍ୟରେ ମଣ୍ଡଳ କମିଶନ ସୁପାରିସ କ୍ରମେ ୧୯୯୦ରେ ସାରା ଦେଶରେ ପଛୁଆ ବର୍ଗଙ୍କ ନିମନ୍ତେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିବା ବେଳେ ଓଡିଶାରେ ଏହାର ବ୍ୟତିକ୍ରମ ହୋଇଥିବା ଅଭିଯୋଗ କରିଛି ସଂଘ। ୬ ଦଫା ଦାବି ନେଇ ସଂଘ ପକ୍ଷରୁ ରାଜ୍ୟ ଆବାହକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଉପସ୍ଥିତ ପୋଲିସ ଅଧିକାରୀଙ୍କ ମାଧ୍ୟମରେ ଦିଆଯାଇଥିଲା । ରାଜ୍ୟରେ ଓବିସି ଶ୍ରେଣୀଭୁକ୍ତ ଜନସାଧାରଣଙ୍କୁ ଏସ୍‌ଇବିସି ବୋଲି କୁହାଯାଉଛି। ଏହି ତ୍ରୁଟିକୁ ପରିବର୍ତ୍ତନ, ୧୯୯୦ରେ ସାରା ଦେଶରେ ଲାଗୁ ହୋଇଥିବା ପଛୁଆ ବର୍ଗ ଲାଗି ୨୭ ପ୍ରତିଶତ ସଂରକ୍ଷଣ ଲାଗୁ, ଜାତିଭିତ୍ତିକ ଜନଗଣନା, ବୃତ୍ତିଭିତ୍ତିକ ଶିକ୍ଷାରେ ସଂରକ୍ଷଣ ଓ କୋହଳ ବ୍ୟବସ୍ଥା ଲାଗୁକରିବା, ରାଜ୍ୟର ସମସ୍ତ ସରକାରୀ ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ସଂରକ୍ଷଣ ବ୍ୟବସ୍ଥା ରଖିବା, ନିର୍ବାଚନରେ ପଛୁଆ ବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଆଦି ଦାବିଗୁଡ଼ିକୁ ପୂରଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ଆଗାମୀ ଦିନରେ ସଂଘର ଦାବିକୁ ପୂରଣ କରିବାରେ ସରକାର ଅବହେଳା କଲେ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଧାରଣାସ୍ଥଳରେ ଭାରତୀୟ ଯାଦବ ମହାସଭାର ରାଜ୍ୟ ସଭାପତି ବଳରାମ ବର୍ଗର୍ତ୍ତି ଯାଦବ, ଉତ୍କଳ ଛାତ୍ର ସଂଘର ରାଜ୍ୟ ସଭାପତି ସୌମ୍ୟରଞ୍ଜନ ସାମଲ, ସାମାଜିକ କର୍ମୀ ବିଜୟ ଦାସ, ପଛୁଆ ବର୍ଗ ଛାତ୍ର ସଂଘର ଗଣମାଧ୍ୟମ ସଂଯୋଜକ ଜଗମୋହନ ରାଉତ, ଯାଜପୁର ଜିଲା ସଂଯୋଜକ ଆଶିଷ ଓଝା, ଧର୍ମଶାଳା ବ୍ଲକ ସଂଯୋଜକ ରଞ୍ଜନ ଓଝାଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଛାତ୍ର ଓ ଯୁବକମାନେ ଯୋଗ ଦେଇଥିଲେ।

# ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀ ଶ୍ରୀରାମ ନଗରରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ପୋଲିସ। ମୃତକଙ୍କ ବୟସ ପ୍ରାୟ ୪୦ରୁ ୪୫ ବର୍ଷ ହେବ। ବ୍ୟବଚ୍ଛେଦ ପାଇଁ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ପରିଚୟ ଜାଣିବା ଲାଗି ପୋଲିସ ବିଭିନ୍ନ ଥାନାକୁ ଫଟୋ ପଠାଇ ତଦନ୍ତ ଚଳାଇଛି। ପରିଚୟ ପାଇଁ ଆସନ୍ତା ୭୨ ଘଣ୍ଟା ପର୍ଯ୍ୟନ୍ତ ହସ୍ପିଟାଲର ବ୍ୟବଚ୍ଛେଦ ଗୃହରେ ରଖାଯିବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ଶ୍ରୀରାମ ନଗର ନିକଟସ୍ଥ ଜଙ୍ଗଲିଆ ସ୍ଥାନରେ ଏକ ଶାଗୁଆନ ଗଛରେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।




**GRAM BIKASH PARISHAD**
At/P.O.: Nuapatna, Via: Tigiria, Dist.: Cuttack
PIN - 754035 (Odisha), Ph.: 9937141042
Certified by Khadi and V.I. Commission, Mumbai
C. No. EZCC/ORS/12
ପ୍ରଥମ ସ୍ୱନକ୍ଷତ୍ର
Khadi India
ଖଦୀ ଗ୍ରାମୋଦ୍ୟୋଗ ଭବନ
ଚଣ୍ଡୀବଜାର, ନୂଆପାଟଣା
ସମସ୍ତ ପ୍ରକାର ଖଦୀ ବସ୍ତ୍ର ଓ ଗ୍ରାମୋଦ୍ୟୋଗ ଉତ୍ପାଦର
ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।
*ଖଦୀ ବସ୍ତ୍ର ବିକ୍ରି ଉପରେ ସରକାରଙ୍କ ପ୍ରଦତ୍ତ ୧୦% ରିହାତି ପ୍ରଦାନ କରାଯାଏ।
ପ୍ରକାଶ କୁମାର ଦାସ, ସମ୍ପାଦକ

# ରଞ୍ଜନ ଦାସ, ଗାୟତ୍ରୀବାଳା ପଣ୍ଡାଙ୍କୁ 'ମହୁରି ସମ୍ମାନ'

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**



'ପଞ୍ଚଦଶ ମହୁରି ସମ୍ମାନ ପ୍ରଦାନ ଉତ୍ସବ'ରେ ଯୋଗଦେଇଥିବା ଅତିଥିମାନେ।

ସାହିତ୍ୟ ପତ୍ରିକା ମହୁରି ପକ୍ଷରୁ 'ପଞ୍ଚଦଶ ମହୁରି ସମ୍ମାନ ପ୍ରଦାନ ଉତ୍ସବ' ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଲେଖକ ଓ ଗବେଷକ ତଥା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସମ୍ମାନିତ ଅତିଥି କବି ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାସ, ବିଶିଷ୍ଟ ଲେଖିକା ଓ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ ଯୋଗଦେଇଥିଲେ। ଏହି ଅବସରରେ ୨୦୨୧ ବର୍ଷ ପାଇଁ କବି ଡ. ଗାୟତ୍ରୀବାଳା ପଣ୍ଡା ଓ ୨୦୨୨ ବର୍ଷ ପାଇଁ ଡ. ରଞ୍ଜନ କୁମାର ଦାସଙ୍କୁ ମର୍ଯ୍ୟାଦାଜନକ 'ମହୁରି ସମ୍ମାନ' ପ୍ରଦାନ କରାଯାଇଥିଲା। କବି ତଥା ମହୁରିର ମୁଖ୍ୟ ସମ୍ପାଦକ ଡ. ଭବାନୀ ଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଗାଳ୍ପିକ ତଥା ମହୁରିର ସମ୍ପାଦକ ସୁକାନ୍ତ ସାହୁ ଅତିଥି ପରିଚୟ ଦେଇଥିଲେ। କବି ଓ ଗବେଷକ ଡ. ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଦଶଜଣ ଯୁବକବିଙ୍କୁ ନେଇ 'ତରୁଣ ଅରୁଣ - କବି ଦଶଜଣ' ନାମକ ସ୍ୱତନ୍ତ୍ର କାବ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଓ ଲେଖିକା ମମତା ଦାଶ ଓ ସମ୍ମାନିତ ଅତିଥି ଭାବେ ଲେଖକ ରାଜକିଶୋର ଦାସ ଉପସ୍ଥିତ ଥିଲେ। ଯୁବକବି ଶିବାନନ୍ଦ ବାରିକଙ୍କ ସଂଯୋଜନାରେ ରାଧାରାଣୀ ସରକାର, ନାରାୟଣ ସାହୁ, ମନୀଷା ବିଶ୍ୱାଳ, ଅଂଶୁମାନ ସାହୁ, ସତ୍ୟଶିବ ସୁନ୍ଦର ଦାସ, ଐଶ୍ୱର୍ଯ୍ୟା ରାଉତ, ବୀରେନ୍ଦ୍ର ନାୟକ, ସଂଗ୍ରାମ ମହାରଣା, ଗୌରୀ ସାହୁ, ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଓ ଦେବାଶିଷ ରାଉତ ପ୍ରମୁଖ କବିତା ପାଠ କରିଥିଲେ। ଯୁବଲେଖକ ତଥା ସାମ୍ବାଦିକ ସୁଶୀଲ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ଡିସେମ୍ବର, ୨୦୨୨

## ଅଭ୍ୟର୍ଥନା କମିଟି ଗଠିତ

**ଖୁଣ୍ଟୁଣୀ, ( ଡି.ଏନ.ଏ.):** କଟକ ବାଲିଯାତ୍ରା ପଡିଆରେ ଆସନ୍ତା ଫେବୃୟାରୀ ୪ରୁ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ୭୨ତମ ପ୍ରାଦେଶିକ ସମ୍ମିଳନୀ ଅନୁଷ୍ଠିତ ହେବ। ଆସନ୍ତା ଜାନୁୟାରୀ ୭ରେ ଖୁଣ୍ଟୁଣୀ ଆଶ୍ରମଠାରେ ଠାକୁର ବିଜେ କରିବେ। ଏଥିପାଇଁ ଖୁଣ୍ଟୁଣୀ ଆଶ୍ରମ କାର୍ଯ୍ୟାଳୟ ପରିସରରେ ଏକ ଅଭ୍ୟର୍ଥନା କମିଟି ଗଠନ ହୋଇଛି। ଏହି କମିଟିର ସଭାପତି ଭାବେ ଖୁଣ୍ଟୁଣୀ ଗ୍ରାମ କମିଟି ସଭାପତି ମନୋଜ କୁମାର ମିଶ୍ରଙ୍କୁ ଚୟନ କରାଯାଇଛି। ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ଦିଲୀପ କୁମାର ଶେଠ, ବିପିନ ବିହାରୀ ପ୍ରଧାନ, ରଜନୀକାନ୍ତ ଜେନା, କିଶୋର ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ବେହେରା, ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସମ୍ପାଦିକା ପ୍ରଭାତ ନଳିନୀ ପାତ୍ର, ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ପ୍ରିୟବ୍ରତ ପାତ୍ର ଉପସ୍ଥିତ ଥିଲେ।



# ସଜେଇ ହେଉଛି ରୌପ୍ୟନଗରୀ

**କଟକ ଅଫିସ,୨୪।୧୨**

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ଚଳଚଞ୍ଚଳ ହୋଇଛି ରୌପ୍ୟନଗରୀ। ଏଥିପାଇଁ ପ୍ରଶାସନ ପକ୍ଷରୁ କଟକ ସହରର ସୌନ୍ଦର୍ଯ୍ୟକରଣ କରାଯାଉଛି। ବିଶେଷକରି ଜଗତ୍‌ପୁର ଓଭର ବ୍ରିଜ୍‌ରେ ଚିତ୍ରକଳାରେ ଶୋଭାପାଇବ କଟକ ସହରର କାହାଣୀ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ବାରବାଟୀ ଷ୍ଟାଡିୟମ, ବାଲିଯାତ୍ରା, ବିଭିନ୍ନ ସାହିର କାହାଣୀ ସମ୍ପର୍କିତ ଚିତ୍ର ଏଠାରେ ଅଙ୍କାଯିବ। ସେହିପରି ଓଏମ୍‌ପି, କଲେଜଛକ, ଲିଙ୍କ୍‌ରୋଡ, ନୂଆବଜାର ଆଦି ସ୍ଥାନରେ ଓଡ଼ିଆ ପରମ୍ପରା, କଟକର ଐତିହ୍ୟ ଓ ହକି ସମ୍ବନ୍ଧୀୟ ବିଭିନ୍ନ ଚିତ୍ରକଳା ସ୍ଥାନ ପାଇବ। ଏଥିପାଇଁ ସଜେଇ ହେଉଛି ରୌପ୍ୟ ନଗରୀ।

### ବାରବାଟୀରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ପ୍ରସ୍ତୁତି

- ଚିତ୍ରକଳାରେ ସହରର କାହାଣୀ
- ରିଂବନ୍ଧରେ ଚାଲିଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ
- ନିୟୋଜିତ ହୋଇଛନ୍ତି ୫ ଗ୍ରୁପ୍

ଆସନ୍ତା ଜାନୁୟାରୀ ୧୧ରେ କଟକ ବାରବାଟୀ ଷ୍ଟାଡିୟମରେ ବିଶ୍ୱକପ୍ ହକିର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶିଖରପୁରଠାରୁ ବିଡାନାସୀ ପର୍ଯ୍ୟନ୍ତ ଓ ଗଡଗଡିଆ ଘାଟ ନିକଟରୁ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ





ହକି ବିଶ୍ୱକପ ଉଦ୍‌ଘାଟନୀ ଉତ୍ସବ ଉତ୍ସବକୁ ଦୃଷ୍ଟିରେ ରଖି କଟକର ଏକ ଓଭରବ୍ରିଜ୍‌ରେ ଚିତ୍ରାଙ୍କନ କରାଯାଉଛି।

ରାସ୍ତାର ଉଭୟ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯାଉଛି। ଏତଦ୍‌ବ୍ୟତୀତ ସହରକୁ ସଂଯୋଗ କରୁଥିବା ନଦୀବନ୍ଧ ବାଡ, ଫ୍ଲାଏ ଓଭର କାନ୍ଥରେ ହକି ଓ ସହରର ସଂସ୍କୃତି ଉପରେ ଆଧାରିତ ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ୫ଟି ସଂସ୍ଥାକୁ ସିଏମ୍‌ସି ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ସଂସ୍ଥାଗୁଡିକ ନଖରାଠାରୁ ଆରମ୍ଭକରି ଜଗତ୍‌ପୁର ପର୍ଯ୍ୟନ୍ତ ଥିବା ସମସ୍ତ ଓଭବ୍ରିଜ୍‌ରେ ଚିତ୍ର ଆଙ୍କିବେ। ଭର୍ଚ୍ଚୁ କମ୍ୟୁନିକେଶନ ସଂସ୍ଥାର ସତ୍ୟବ୍ରତ ସାହୁଙ୍କ ଗ୍ରୁପ୍ ଷ୍ଟାଡିୟମରେ ହକି ଖେଳାଳିଙ୍କ ଚିତ୍ର ଆଙ୍କିବାର ଲାଗିଛନ୍ତି । ସେହିପରି କୃତ୍ତିକା ସଂସ୍ଥାର ତରୁନ ତପନ ସାହୁଙ୍କ ଗ୍ରୁପ୍ କଲେଜଛକ, ଓଏମ୍‌ପିରେ ହକି, ଓଡ଼ିଆ ପରମ୍ପରା ସମ୍ପର୍କିତ ଚିତ୍ର ଆଙ୍କୁଛନ୍ତି। ସହରର ପ୍ରବେଶ ପଥ ଲିଙ୍କ୍‌ରୋଡରେ ସାଗର ମେହେର ଏବଂ ତାଙ୍କ ଟିମ୍ କଟକର ଐତିହ୍ୟ ପରମ୍ପରା ଓ କଳା ସଂସ୍କୃତି ସମ୍ପର୍କିତ ଚିତ୍ରାଙ୍କନ କରୁଛନ୍ତି। ଜଗତପୁରରେ ସୁବ୍ରତ ମହାନ୍ତି ଓ ତାଙ୍କ ଟିମ୍ ନିୟୋଜିତ ଥିବାବେଳେ ଅକ୍ଷୟ କୁମାର ବେହେରା ନଖରା ଏବଂ ଇନ୍‌ଡୋର ଷ୍ଟାଡିୟମ ନିକଟ କାନ୍ଥକୁ ସୌନ୍ଦର୍ଯ୍ୟକରଣ କରୁଛନ୍ତି। ଏନେଇ ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟ କହିଛନ୍ତି, ନଖରା, ଲିଙ୍କ୍‌ରୋଡ, ଓଏମ୍‌ପି, ଶିଖରପୁର ଓ ଜଗତପୁର ୫ଟି ଓଭରବ୍ରିଜ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ୫ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ଏଥିରେ ମାଲଗୋଦାମ, ଗୋଶାଳା ଓଭରବ୍ରିଜ ମଧ୍ୟ ସାମିଲ ହୋଇଛି। ଆସନ୍ତା ୩୧ ସୁଦ୍ଧା ଉକ୍ତ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ସଂସ୍ଥାକୁ କୁହାଯାଇଛି।

## ସଂକ୍ଷେପରେ

### ଗଣପତି ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତା

**କଟକ ସଦର,୨୪।୧୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ବମ୍ଫୁରି ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାରମ୍ଭରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଆଦିତ୍ୟ କୁମାର ବେହେରା ଓ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ଶିଶୁ ମନ୍ଦିରର ସଭାପତି ଉମାକାନ୍ତ ଭୂୟାଁଙ୍କ ପୌରୋହିତ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜୀବନ ବୀମା ନିଗମ କଟକ ଜିଲା ଶାଖାର ବରିଷ୍ଠ ପରିଚାଳକ କୌସିକ୍ ବେହେରା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁବାସିନୀ ରାଉତ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଲି, ବୀମା ନିଗମ ଉପଦେଷ୍ଟା ଅଭୟ କୁମାର ମହାପାତ୍ର ଓ ଜ୍ୟୋତିରଞ୍ଜନ ମହାପାତ୍ର, ଭିକାରୀ ଚରଣ ବେହେରା, ଦେବେନ୍ଦ୍ର ନାଥ ସାମନ୍ତରାୟ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀ ପତି ବିବରଣୀ ପାଠ ଓ ଗୁରୁମା ବାଗ୍‌ଦେବୀ ସାହୁ ଧନ୍ୟବାଦ ଦେଇଥିଲେ। ସୋନାଲି ପରିଡ଼ା, ସୁପ୍ରିୟା ବେଉରା, ମଧୁସ୍ମିତା ବେହେରା, ମଧୁସ୍ମିତା ସାହୁ, ସୁନୀତା ରାଉତ, ମୁସ୍ତାତୁନ ନିଶା, ବିଜୟ ଭୂଷଣ ପରିଡ଼ା କ୍ରୀଡା ପରିଚାଳନା କରିଥିଲେ।

### ବରିଷ୍ଠ ସାମ୍ବାଦିକଙ୍କ ସ୍ତ୍ରୀଙ୍କ ପରଲୋକ

**କଟକ ଅଫିସ,୨୪।୧୨:** ବରିଷ୍ଠ ସାମ୍ବାଦିକ ଗଜେନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ମନୋରମା ମହାନ୍ତି(୮୧)ଙ୍କର କଟକ ମେରିଆ ବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଶୁକ୍ରବାର ରାତି ପ୍ରାୟ ୭ଟା ୫୦ରେ



ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଓ ସାମ୍ବାଦିକା ଥିଲେ। ଶେଷ ସମୟରେ ସ୍ୱାମୀ ଗଜେନ୍ଦ୍ର, ପୁତ୍ର ଲୋକନାଥ, ଲକ୍ଷ୍ମୀନାରାୟଣ, ରାଧାକୃଷ୍ଣଙ୍କ ସମେତ ପୁତ୍ରବଧୂ, ଝିଅଜ୍ୱାଇଁ, ନାତୁଣୀନାତି ଉପସ୍ଥିତ ଥିଲେ। ଏହି ଖବର ଜାଣିବା ପରେ ପରିଚିତ ମହଲରେ ଶୋକପ୍ରକାଶ ପାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମଝିଆ ପୁତ୍ର ଲକ୍ଷ୍ମୀନାରାୟଣ ମହାନ୍ତି ମୁଖାଗ୍ନି ଦେଇଥିଲେ।

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**କଟକ ଅଫିସ,୨୪।୧୨:** ଉତ୍ତର ସିକିମର ଜେମାରେ ଶୁକ୍ରବାର ଏକ ଟ୍ରକ ଖାଇକୁ ଖସିପଡିବାରୁ ୧୬ ଜଣ ଯବାନଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କଟକ ଶିଳ୍ପୀକୁମ୍ଭାର ସାହିସ୍ଥିତ ଲକ୍ଷ୍ମୀ ନାରାୟଣଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ୨୬ ନଂ. ୱାର୍ଡ କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରଦୀପ ସେନାପତି, ବିଶ୍ୱନାଥ ବେହେରା, କେଦାରନାଥ ବେହେରା, ସୁରେନ୍ଦ୍ର ମୁଦୁଲି, ଦେବେନ୍ଦ୍ର ମୁଦୁଲି, ତପନ ବେହେରା, ହରିଶ ବେହେରା, ଜୟକୃଷ୍ଣ ମୁଦୁଲି, ପ୍ରତାପ ସେନାପତି ଓ ଲକ୍ଷ୍ମୀଧର ପରିଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ହକି ଚିତ୍ର କର୍ମଶାଳା

### ହିନ୍ଦୀ ଶିକ୍ଷା ଆବଶ୍ୟକତା ଉପରେ ଗୁରୁତ୍ୱ

**କଟକ ଅଫିସ, ୨୪।୧୨**

କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଆର୍.ଆର୍. ସେଣ୍ଟର ଆର୍ଟ ପକ୍ଷରୁ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଓ ହକି ଚିତ୍ର କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ ମୁଖ୍ୟ ଅତିଥି ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରି ହିନ୍ଦୀ ଶିକ୍ଷାର ବୈଶ୍ୱିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡା ଅତିଥି ପରିଚୟ, ଚିତ୍ରଶିଳ୍ପୀ ରବି ନାରାୟଣ ରଥ ଚିତ୍ର କର୍ମଶାଳା ପରିଚାଳନା, ଅଧ୍ୟାପକ ରାଜକିଶୋର ମହାପାତ୍ର, ଡ. ଅର୍ଜୁନ ନାଏକ, ଡ. ପ୍ରୀତିପ୍ରଜ୍ଞା କ୍ରୀଡ଼ା ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଇତିସ୍ମିତା ବେହେରା ସଭା ସଞ୍ଚାଳନ, ଶାଶ୍ୱତୀ ମିଶ୍ର ପୁରସ୍କାର ସୂଚୀ ଘୋଷଣା ଓ ପ୍ରାଚୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# 'ଜୀବନ ପାଇଁ ଆଧ୍ୟାତ୍ମିକତା ଆବଶ୍ୟକ'

**କଟକ ଅଫିସ,୨୪।୧୨**

### ଏଲ୍‌ଆର୍ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

ଜୀବନ ପାଇଁ ଆଧ୍ୟାତ୍ମିକତା ଆବଶ୍ୟକ। ଛାତ୍ରୀଛାତ୍ରମାନଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ କରିବା ଓ ଜୀବନର ଲକ୍ଷ୍ୟ ସମ୍ପର୍କରେ ବୁଝାଇବାରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି। ପିଲାମାନେ କ୍ରୋଧ, ଘୃଣା, ହତାଶବୋଧ ତ୍ୟାଗ କରି ପ୍ରକୃତିର ନିୟମ ମାନି ଚାଲିବା ଉଚିତ। ଏହାହେଲେ ପରିବର୍ତ୍ତନ ବା ବିବର୍ତ୍ତନମ ସମ୍ଭବ ହେବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାର ଆୟୋଜିତ ଲାଲା ଲଜପତ ରାୟ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ 'ବିବର୍ତ୍ତନମ'ରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ମୁଖ୍ୟବକ୍ତା ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଭାରତର ଗୁରୁଶିଷ୍ୟ ପରମ୍ପରା ଅତି ପ୍ରାଚୀନ ଓ ସମୃଦ୍ଧ। ଛାତ୍ରୀଛାତ୍ର ଗୁରୁଙ୍କ ପାଖରେ ଭକ୍ତି ଓ ସମର୍ପଣ ଭାବ ରଖିବା ଉଚିତ୍। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦୀପକ ମାଳବ୍ୟ ସ୍ୱାଗତ ଭାଷଣ, ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ ବିବରଣୀ ପାଠ, ଛାତ୍ର ସଂସଦ ମୁଖ୍ୟ ଆର୍ଯ୍ୟନ ମିଶ୍ର ଛାତ୍ରୀଛାତ୍ରଙ୍କ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା-ଅଧ୍ୟକ୍ଷା ନମିତା ମହାନ୍ତି, ପରିଚାଳନା କମିଟି ଅଧ୍ୟକ୍ଷ ଦୀପକ ମାଳବ୍ୟ, ନମିତା ମାଳବ୍ୟ, ଡିଏଭି ସମୂହର ଆଞ୍ଚଳିକ ଅଧିକାରୀ ଡକ୍ଟର କେଶବ ଚନ୍ଦ୍ର ଶତପଥୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ଅନ୍ୟ ଅତିଥି।

# 'କରୋନା ନିୟମକୁ ଲୋକେ ମାନନ୍ତୁ'

**କଟକ ଅଫିସ,୨୪।୧୨**

### ମ୍ୟୁନିସିପାଲିଟି ହାଇସ୍କୁଲରେ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟସଭା

କଟକ ରାଜାବଗିଚାସ୍ଥିତ ମ୍ୟୁନିସିପାଲିଟି ହାଇସ୍କୁଲ ପରିସରରେ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣା ଯୋଗଦେଇ କହିଥିଲେ, କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ଘୋଷଣା ଅନୁଯାୟୀ ଆୟୁର୍ବେଦର ଅଶ୍ୱଗନ୍ଧା, ଜଷ୍ଟିମଧୁ, ଗୁଡୁଚି, ପିପ୍ପଳି ଓ ଆୟୁଷ-୬୪ ପ୍ରତ୍ୟେକ ବ୍ୟକ୍ତି ସେବନ କଲେ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ବିଏଫ୍.୭ ଭୂତାଣୁକୁ ପ୍ରତିରୋଧ କରିହେବ। ଏଥିସହ ଲୋକମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କରୋନା ନିୟମକୁ ମାନିବାକୁ ସେ ନିବେଦନ କରିଥିଲେ। ଏହି ସଭାରେ ସ୍ୱାସ୍ଥ୍ୟ ଗବେଷକ ପ୍ରିୟମ୍ବଦା ବିଶ୍ୱାଳ, ଡା. ମିନତି ମହାରଣା, କର୍ପୋରେଟର ବନଲତା ପ୍ରଧାନ, ଅଭିପ୍‌ସାର ସମ୍ପାଦକ ସଂଗ୍ରାମ କେଶରୀ ନାୟକ, ଡା. ଦିବ୍ୟଜ୍ୟୋତି ମହାରଣା, ସ୍ୱାସ୍ଥ୍ୟ ସଚେତକ ସସ୍ମିତା ମହାପାତ୍ର, ମଧୁସ୍ମିତା ରାଉତ, ସୂର୍ଯ୍ୟକାନ୍ତି କର, ଉର୍ମିଳା ବଡ୍ତିଆ ଓ ସସ୍ମିତା ନାୟକ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ ।

## ଶିଳାନ୍ୟାସ କାର୍ଯ୍ୟକ୍ରମ

### ରାସ୍ତାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

**କଟକ ସଦର,୨୪।୧୨(ଡି.ଏନ୍.ଏ.)**

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ୪୨ ମୌଜା କନକଦୁର୍ଗା ମନ୍ଦିର ନିକଟ ପଡିଆରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଓ ମୁଖ୍ୟମନ୍ତ୍ରୀ ସଡ଼କର ଶିଳାନ୍ୟାସ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ରାସ୍ତା ନିର୍ମାଣ ଅପେକ୍ଷା ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରିଯାନ ଦ୍ୱାରା ବାଲି ପରିବହନ କରାଯାଉଥିବାରୁ ରାସ୍ତା ନଷ୍ଟ ହେଉଛି। ଏହାକୁ ରୋକିବା ପାଇଁ କଟକ ସଦର ବ୍ଲକ ଅଞ୍ଚଳରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଚୟନୀ କହିଥିଲେ। କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ମୁଖ୍ୟ ଅତିଥି, ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ପ୍ରଦୀପ୍ତ ମହାଲୀ, ଅମ୍ବିକା ପାତ୍ର, ମଧୁସୂଦନ ସାହୁ, ବିଭୂତି ଭୂଷଣ ପରିଡ଼ା, ପ୍ରମୋଦ ମହାପାତ୍ର ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସାହୁ ସୂଚନା ଦେଇ ମୋଟ ୫ଟି ରାସ୍ତାରେ ୨୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା ଧନ୍ୟବାଦ ଦେଇଥିଲେ। ସମର ବେହେରା, ଆତ୍ମାର ସଭାପତି ରଜନୀକାନ୍ତ ସାହୁ, ଶରତ ରାୟ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତା ୧ ବର୍ଷ ମଧ୍ୟରେ ରାସ୍ତା କାମ ଶେଷ ହେବ ବୋଲି କନିଷ୍ଠଯନ୍ତ୍ରୀ ମାନସ ରଞ୍ଜନ ଚୌଧୁରୀ ସୂଚନା ଦେଇଥିଲେ।

**ଲିଗାଲ ପ୍ରତିବାଦ ନୋଟିସ**

ଆମ୍ଭେ ଅଜିତ କୁମାର ସାହୁ, ପ୍ଲଟ୍ ନଂ. ଏସ୍.ସି.ଆର.-୦୫, ପୋଖରୀପୁଟ, ଅନନ୍ତ ବିହାର, ଫେଜ୍-୩, ଭୁବନେଶ୍ୱରର ମାଲିକ ଉପାରନ୍ତେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଚାହୁଁଛି କି ଯେ, ତା୧୧।୧୨।୨୦୨୨ରିଖ ଦୈନିକ ଖବରକାଗଜ 'ସମ୍ବାଦ'ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ, ଜୟଦେବ ବିହାର, ନୟାପଲ୍ଲୀ ଶାଖା ଦ୍ୱାରା ପ୍ରଦର୍ଶିତ ଋଣ ଗ୍ରହିତା ମେସର୍ସ ଦଣ୍ଡେଶ୍ୱର ଫାର୍ମାସ୍ୟୁଟିକାଲ, ସ୍ୱତ୍ୱାଧିକାରୀ (କ୍ର.ନଂ.୧)ର ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ ସମ୍ପତ୍ତି ଯାହା ତା୨୬।୧୨।୨୦୨୨ରିଖର ଇ-ନିଲାମ ପାଇଁ ଆହ୍ୱାନ କରାଯାଇଛି । ତାହା ଆଇନସଙ୍ଗତ ନୁହେଁ । ଯାହାକି ଉକ୍ତ ସମ୍ପତ୍ତି ପକ୍ଷେ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍, ଭୁବନେଶ୍ୱର ଅଦାଲତଙ୍କ ଇଜଲାସରେ ବିଚାର ପାଇଁ ତା୦୭।୦୧।୨୦୨୩ରିଖକୁ ସମୟ ଧାର୍ଯ୍ୟ ହୋଇଅଛି। ଏଣୁ ତତ୍‌ସମ୍ବନ୍ଧୀୟ ଫଏସଲା ପର୍ଯ୍ୟନ୍ତ ଆପଣମାନଙ୍କ ସହଯୋଗ କାମନା କରୁଛି।




**GRAM BIKASH PARISHAD**
At/P.O.: Nuapatna, Via: Tigiria, Dist.: Cuttack
PIN - 754035 (Odisha), Ph.: 9937141042
Certified by Khadi and V.I. Commission, Mumbai
C. No. EZCC/ORS/12
ପ୍ରଥମ ସ୍ୱନକ୍ଷତ୍ର
Khadi India
ଖଦୀ ଗ୍ରାମୋଦ୍ୟୋଗ ଭବନ
ଚଣ୍ଡୀବଜାର, ନୂଆପାଟଣା
ସମସ୍ତ ପ୍ରକାର ଖଦୀ ବସ୍ତ୍ର ଓ ଗ୍ରାମୋଦ୍ୟୋଗ ଉତ୍ପାଦର
ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।
*ଖଦୀ ବସ୍ତ୍ର ବିକ୍ରି ଉପରେ ସରକାରଙ୍କ ପ୍ରଦତ୍ତ ୧୦% ରିହାତି ପ୍ରଦାନ କରାଯାଏ।
ପ୍ରକାଶ କୁମାର ଦାସ, ସମ୍ପାଦକ

# ଝୁମ୍‌ଝୁମ୍ ନାୟକଙ୍କୁ ସାହିତ୍ୟ ଜ୍ୟୋତି ସମ୍ମାନ

### ମହାନଦୀ ଫେଷ୍ଟିଭାଲ

**କଟକ ଅଫିସ,୨୪।୧୨**

କଟକ ନୂଆବଜାର ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡିଆଠାରେ ଚାଲିଥିବା ମହାନଦୀ ଫେଷ୍ଟିଭାଲର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହାକୁ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମହାନଦୀ ଫେଷ୍ଟିଭାଲ ସାଂସ୍କୃତିକ କମିଟି ଅଧ୍ୟକ୍ଷ ତଥା ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମ୍ବିତ ରାଉତରାୟ, ସମ୍ମାନିତ ଅତିଥି ଭାବେ ବିଧାୟିକା ଲତିକା ପ୍ରଧାନ, ଭାରତ ମସଲାର ପରିଚାଳନା




ମହାନଦୀ ଫେଷ୍ଟିଭାଲରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନିର୍ଦ୍ଦେଶକ ତଥା ମହାନଦୀ ଫେଷ୍ଟିଭାଲର ସଭାପତି ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା, ସାହିତ୍ୟିକ ସୁଲୋଚନା ଦାସ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବିଶିଷ୍ଟ ଲେଖିକା ସୋହାଗିନୀ ବେହେରା, ନାଉଗାଁ ଫେଷ୍ଟିଭାଲର ସମ୍ପାଦକ ଧନଞ୍ଜୟ ପରିଜା ପ୍ରମୁଖ ଯୋଗଦେଇ ମହାନଦୀ ଫେଷ୍ଟିଭାଲ ଆମ କଳା ସଂସ୍କୃତିର ବାର୍ତ୍ତାବହ ବୋଲି କହିଥିଲେ। ଶିକ୍ଷାବିତ୍ ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ଓ ଗ୍ଲୋବାଲ ଇଣ୍ଡିଆ ମଡେଲ ସ୍କୁଲର ଅଧ୍ୟକ୍ଷା ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାହିତ୍ୟିକ ଝୁମ୍‌ଝୁମ୍ ନାୟକଙ୍କୁ ସାହିତ୍ୟ ଜ୍ୟୋତି ସମ୍ମାନ ଓ ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡାଙ୍କୁ ଚିକିତ୍ସା ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆସାମ କଳାକାରମାନେ କଥକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କୋଲକାତା ନୃତ୍ୟଶିଳ୍ପୀଙ୍କ ଦ୍ୱାରା କ୍ରିଏଟିଭ୍ ନୃତ୍ୟ, ମୋକ୍ଷଦା ତ୍ରିପାଠୀ ଓ ଲଭ୍‌ଲି ଦାସଙ୍କ ଓଡିଶୀ ନୃତ୍ୟ, ଶିଳ୍ପୀ କଳା ନିକେତନର ନୃତ୍ୟଶିଳ୍ପୀମାନଙ୍କ ପାରମ୍ପରିକ ଲୋକନୃତ୍ୟରେ ଦର୍ଶକ ଝୁମିଥିଲେ।



## ସଂକ୍ଷେପରେ

### ବୋତଲରେ ଯିଶୁଙ୍କ କଳାକୃତି



**ଖୋର୍ଦ୍ଧା ଅଫିସ,୨୪।୧୨:** ଜଟଣୀ ସହର ଗୋପୀନାଥପୁର ହାଟବଜାରର ସୂକ୍ଷ୍ମ କାରୁକାର୍ଯ୍ୟ ଶିଳ୍ପୀ ଏଲ୍.ଈଶ୍ୱର ରାଓ କାଚ ବୋତଲରେ ଯୀଶୁଖ୍ରୀଷ୍ଟଙ୍କ କାରୁକାର୍ଯ୍ୟ କରି ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଛନ୍ତି। ୭୫୦ ଏମଏଲ ବୋତଲରେ ୪ ଇଞ୍ଚ ଚଉଡ଼ା, ୨ଇଞ୍ଚ ପ୍ରସ୍ତରେ ଯୀଶୁଙ୍କ କଳାକୃତି କରିଛନ୍ତି। ଏହି କାରୁକାର୍ଯ୍ୟ ଲାଗି ଏକ ସପ୍ତାହ ସମୟ ଲାଗିଛି। ଖ୍ରୀଷ୍ଟମାସର ଶୁଭେଚ୍ଛା ସହ କରୋନା ସଚେତନତାର ବାର୍ତ୍ତା ଦେଇଛନ୍ତି। ମାସ୍କ ବ୍ୟବହାର, ସମଦୂରତା ରଖି ଗାଇଡ୍‌ଲାଇନ ଅନୁସାରେ ପାଳନ ଲାଗି ପରାମର୍ଶ ଦେଇଛନ୍ତି।

### ଜଳିଗଲା ଧାନଗଦା

**ଖୋର୍ଦ୍ଧା ଅଫିସ,୨୪।୧୨:** ଖୋର୍ଦ୍ଧା ବ୍ଲକ ଧଉଳିମୁହଁ ପଞ୍ଚାୟତ ଅନ୍ତର୍ଗତ କାଇମାଟିଆ ଗ୍ରାମର ଦିବ୍ୟଲୋଚନ ସାହୁଙ୍କ ୩ଟି ଧାନଗଦା ଶୁକ୍ରବାର ରାତିରେ ଜଳିଯାଇଛି। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ ଧାନଗଦା ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ପୋଡିଯାଇଥିବା ଧାନର ପରିମାଣ ଆନୁମାନିକ ୮୦ହଜାର ଟଙ୍କା ହେବ। ଉକ୍ତ ଧାନଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଚର୍ଚ୍ଚା ହେଉଛି।

### ଚାରଣ ପ୍ରବ୍ରଜ୍ୟା ଲୋକ ସଂଗ୍ରହ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଗମ୍ଭାରୀମୁଣ୍ଡା,୨୪।୧୨(ଡି.ଏନ୍.ଏ.):** ଶ୍ରୀଜଗନ୍ନାଥ ଚେତନାର ବାହକ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀଙ୍କ ଆନୁକୂଲ୍ୟରେ ବାଣପୁରର ରଙ୍କନାଥ ଦେବଙ୍କ ପ୍ରାଙ୍ଗଣରେ ଶନିବାର ଚାରଣ ପ୍ରବ୍ରଜ୍ୟା ୩୧ତମ ଲୋକ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥଙ୍କ ଚାରଣ ଚେତନାର ବାର୍ତ୍ତା ପ୍ରତି ଜନପଦର ଦ୍ୱାରେ ଦ୍ୱାରେ ଖାଲିପାଦରେ ପ୍ରଚାର ପ୍ରସାର ପାଇଁ ପ୍ରଭୁଙ୍କ ସହ ପ୍ରବ୍ରଜ୍ୟା କରନ୍ତି। ଉକ୍ତ ପ୍ରବ୍ରଜ୍ୟା ୧୯୯୦ରୁ ହୋଇ ଆସୁଅଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଡିସେମ୍ବର ୨୪ରୁ ଜାନୁୟାରୀ ୧ ପର୍ଯ୍ୟନ୍ତ ନବଦିନ ବ୍ରତ ନିଷ୍ଠା ସହକାରେ କରାଯିବ। ପ୍ରଥମ ଦିନ ପ୍ରାତଃରେ ଶ୍ରୀବିଷ୍ଣୁ ସହସ୍ର ନାମ ଓ ହନୁମାନ ଚାଳିଶା, କଳସ ଯାତ୍ରା, ଜଳଯୋଗ ସହ ପୂର୍ବାହ୍ନରେ ଭାଗବତ ସଭା ଓ ଶ୍ରୀବିଷ୍ଣୁ ଗାୟତ୍ରୀ ଯଜ୍ଞର ଆୟୋଜନ କରାଯାଇଥିଲା। ଅପରାହ୍ନ ୩ଟାରେ ବାଣପୁର ଭଗବତୀ ସାହି ଦାସରଥିପୁର, ତଳସାହି, ରଘୁନାଥ ସାହି ଓ ଦକ୍ଷ ପ୍ରଜାପତି ସାହିରେ ନଗର କୀର୍ତ୍ତନର ଆୟୋଜନ କରାଯାଇଥିଲା। ସନ୍ଧ୍ୟା ୭ଟାରେ ଭାଗବତ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାକୁ ରଙ୍କନାଥଙ୍କ ସ୍ଥାୟୀ ସଭାପତି ଓ ପ୍ରଥମ ସେବକ ରାଜକୁମାର ରାଜସାହେବ ସନ୍ତୋଷ ମୋହନଦେ ମାନସିଂ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏନଏସି ଅଧକ୍ଷ ମିଟୁ ନାୟକ, ଶ୍ରୀଗୁଣ୍ଡିଚା ପତ୍ରିକାର ମୁଖ୍ୟ ସମ୍ପାଦକ ମଦନମୋହନ ମହାପାତ୍ର ଯୋଗଦେଇଥିଲେ। ପ୍ରାଧାପକ ଡ.ଗୋପାଳ ଚନ୍ଦ୍ର ରଥ, ଉପ ଦଳପତି ଡ. ଶରତ ଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ପରେ ଚାରଣ ପ୍ରବକ୍ତାଗଣଙ୍କ ଦ୍ୱାରା ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ରାଇଜିଂଷ୍ଟାର କ୍ଲବ ବିଜୟୀ

**ବୋଲଗଡ଼,୨୪।୧୨(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦ୍ୱାଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସଂପୁରର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଏବଂ ଦରଦାର ମା'ମହିଷାସୁଣୀ କ୍ରିକେଟ କ୍ଲବ ମଧରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ମହିଷାସୁଣୀ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୨ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟାର କ୍ଲବ ୧୫.୨ ଓଭରରେ ୮୩ରନ ସଂଗ୍ରହ କରି ବିଜୟୀ ହେବା ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଗବାନ ମଙ୍ଗରାଜ ଓ ଲକ୍ଷ୍ମୀଧର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶାନ୍ତନୁ ଛୋଟରାୟ ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥିଭାବେ ଫାସିଓଦା ସମିତିସଭ୍ୟ ପ୍ରଦୀପ ପ୍ରଧାନ ପ୍ରସନ୍ନ ମହଲା ଓ ରବୀନ୍ଦ୍ର ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଥମୁନି ପଥର ଚୋରାଚାଲାଣ

**ଖୋର୍ଦ୍ଧା ଅଫିସ,୨୪।୧୨**

- ୩ ହଜାର ଟଙ୍କାରେ ବିକ୍ରି ହେଉଛି ୱାଇଫର୍ମ
- ଚଢ଼ାଉ ଜରିମାନାରେ ସୀମିତ

ଖୋର୍ଦ୍ଧାରେ ବେଆଇନ ଭାବେ ପଥର ଖଣିରୁ ଲଘୁଖଣିଜ ଉତ୍ତୋଳନ ଚାଲିଛି। ଖୋର୍ଦ୍ଧା-ନୟାଗଡ ୫୭ ନମ୍ବର ଏବଂ ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥରେ ଦୈନିକ ବିଳମ୍ବିତ ରାତିରେ ଟ୍ରକ, ହାଇୱାରେ ପଥର ଚୋରାଚାଲାଣ ହେଉଛି। ପ୍ରଶାସନ, ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ପଥର ଖନନ ସହ ଚୋରାଚାଲାଣ ବଢ଼ିବାରେ ଲାଗିଛି। ଅନ୍ୟପଟେ ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୪୬ରୁ ଊର୍ଦ୍ଧ୍ୱ ପଥର ଖଣି ରହିଛି। ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ଼ ଅଞ୍ଚଳରେ ଥିବା ୧୩ଟି ପଥର ଖଣିକୁ ନିଲାମ ସହ ବ୍ଲାଷ୍ଟିଂ ଅନୁମତି ମିଳିଥିବା ବେଳେ ୮୦ରୁ ଊର୍ଦ୍ଧ୍ୱ କ୍ରସର ୟୁନିଟକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଖଣି ନିଲାମ ସତ୍ତ୍ୱେ କେତେକ ଖଣିକୁ ୱାଇଫର୍ମ ଦିଆଯାଇନାହିଁ। ତେବେ ବିନା ୱାଇଫର୍ମରେ ବେଆଇନ ଭାବେ ପଥର ଚୋରାଚାଲାଣ ଚାଲିଛି। ଦୂର ସ୍ଥାନକୁ ପଥର ପଠାଇବାକୁ ହେଲେ ୱାଇଫର୍ମକୁ ୩ରୁ ୪ ହଜାର ଟଙ୍କାରେ କ୍ରୟ କରାଯାଇ ଚଢ଼ା ଦରରେ ପଥର ଚାଲାଣ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି।

କାଇପଦର, ନିଜିଗଡ ତାପଙ୍ଗ, ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର ସହର ତଳି ଅଞ୍ଚଳ ଏବଂ ବୋଲଗଡ ଓ ବେଗୁନିଆ ଆଦି ଅଞ୍ଚଳରୁ ମାଙ୍କଡା ପଥର ଚାଲାଣ ହେଉଛି। ଚୋରା ଚାଲାଣ ରୋକିବା ଲାଗି ଶ୍ରୀମନ୍ଦିର ପ୍ରଶାସନ, ରାଜସ୍ୱ ଏବଂ ପୋଲିସକୁ ନେଇ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲାପାଳଙ୍କ ଅଧୀନରେ ଟାସ୍କଫୋର୍ସ ଗଠନ ହୋଇଛି। ଏହି ଟିମ୍ ଅଚାନକ ଖଣିରେ ଚଢ଼ାଉ କରି ଏନ୍‌ଜିଟି ଓ ପରିବେଶ, ପ୍ରଦୂଷଣ ବୋର୍ଡ ଗାଇଡଲାଇନ ପାଳନ କରାଯାଉଛି କି ନାହିଁ, କେତେ ପରିମାଣ ଖନନ କରାଯାଉଛି, ତାହାର ତଦାରଖ କରିବେ। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ସହ ଏକାଧିକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି। ପ୍ରଶାସନ ପକ୍ଷରୁ କେବଳ ଚୋରା ଚାଲାଣକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ବେଳେ ଏହା ପଛରେ ରହିଥିବା ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରାଯାଉନାହିଁ। ତେବେ ଜରିମାନା ଆଦାୟରେ ଏହା ସୀମିତ ରହିଛି। ଫଳରେ ମାଫିଆମାନେ ଅନୁମତିଠାରୁ ବହୁ ପଥର ଖନନ ସହ ବ୍ଲାଷ୍ଟିଂ ଜାରି ରଖିଛନ୍ତି। ଏ ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କୁହନ୍ତି, ଚୋରା ଚାଲାଣ ରୋକିବା ଲାଗି ନିୟମିତ ବ୍ୟବଧାନରେ ଚଢ଼ାଉ ଜାରି ରହିଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଏସ୍‌ପି ସିଦ୍ଧାର୍ଥ କଟାରିଆ କୁହନ୍ତି, ବେଆଇନ ପଥର ଖଣିରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ବେଆଇନ ଭାବେ ଚାଲିଥିବା ପଥର ଖାଦାନ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏନେଇ ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ପଥର ଖନନ, ଚୋରାଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ।



ଜଟଣୀ ଟାଉନ ହଲ୍ ନିକଟ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।



ପ୍ରଭୁ ଯିଶୁ ଓ ମଦର ମେରୀଙ୍କ କଳାକୃତୀ।

# ବଡ଼ଦିନ ପାଇଁ ସହର ଉତ୍ସବମୁଖର

**ଖୋର୍ଦ୍ଧା ଅଫିସ/ଜଟଣୀ, ୨୪।୧୨(ଡି.ଏନ୍.ଏ.)**

ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ପର୍ବ ଖ୍ରୀଷ୍ଟ୍ ମାସ୍ ପାଳନ ପାଇଁ ଉତ୍ସବ ମୁଖର ହୋଇଉଠିଛି ଖୋର୍ଦ୍ଧା ଓ ଜଟଣୀ ସହର। ରବିବାର ବଡ଼ଦିନ। ଏହା ପୂର୍ବରୁ ଶନିବାର ମଧରାତ୍ରିରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଧରାବତରଣ କରିଛନ୍ତି। ଏଥିପାଇଁ ଖୋର୍ଦ୍ଧା ଓ ଜଟଣୀର ବିଭିନ୍ନ ଚର୍ଚ୍ଚରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚର୍ଚ୍ଚଗୁଡିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଖ୍ରୀଷ୍ଟମାସ ଟ୍ରି ସ୍ଥାପନ କରିବା ସହିତ କରୋଲ ଯାତ୍ରାରେ ଗୀତ ଗାଇ ବାଜା ବଜାଇ ସହର ପରିକ୍ରମା କରଥିଲେ। ସାଣ୍ଟା ବେଶରେ ଲୋକଙ୍କୁ ମିଠା ଏବଂ ଚକଲେଟ ଦେଇ ଖୁସିର ବାର୍ତ୍ତା ଦେଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଚର୍ଚ୍ଚରେ ସାମୂହିକଭାବେ ବିଶ୍ୱରେ ଶାନ୍ତି, ଧର୍ମ ଏବଂ ପ୍ରେମ ପ୍ରତିଷ୍ଠା କରିବା ପାଇଁ ପ୍ରାର୍ଥନା କରାଯାଇଥିଲା। ଖ୍ରୀଷ୍ଟିଆନ ଭଉଣୀ ଭାଇମାନେ ପରସ୍ପରକୁ ମିଠା ଏବଂ କେକ ଖୁଆଇଥିଲେ। ତେବେ ୧୮୫୬ରେ ଇଂଲଣ୍ଡ ରାଜ ପରିବାର ଦ୍ୱାରା ଜଟଣୀରେ ନିର୍ମିତ ସେଣ୍ଟଜନ ଚର୍ଚ୍ଚ ପରିସର ଖାଁ ଖାଁ ରହିଛି। ଜମି ଏବଂ ମାଲିକାନା ସମସ୍ୟାକୁ ନେଇ ୨୦୧୭ ଡିସେମ୍ବର ୨୩ରୁ ଉକ୍ତ ଚର୍ଚ୍ଚ ଅବହେଳିତ ହୋଇ ପଡିରହିଛି। ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

## ଭାରତୀୟ ସଂସ୍କୃତିର ସୁରକ୍ଷା ନେଇ କର୍ମଶାଳା

**ବାଣପୁର/ଗମ୍ଭାରୀମୁଣ୍ଡା, ୨୪।୧୨(ଡି.ଏନ୍.ଏ.):** ଭାରତୀୟ ସଂସ୍କୃତିର ସୁରକ୍ଷା ନେଇ ବାଣପୁର ପଲଟଣ ପଡିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଅନୁଷ୍ଠିତ ତିନିଦିନିଆ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶତାଧିକ ସ୍ୱୟ ସେବକଙ୍କୁ ନେଇ ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରୁ ବାହାରିଥିବା ଘୋଷ ଯାତ୍ରା ପଲଟଣ ପଡିଆରେ ପହଞ୍ଚିଥିଲା। ସେଠାରେ ଭାରତ ସଂସ୍କୃତିର ସୁରକ୍ଷା ସମ୍ପର୍କରେ ଏକ ସଭା ଆୟୋଜିତ ହୋଇଥିଲା। ବାଣପୁର ଖଣ୍ଡ ସଂଘଚାଳକ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଓଡିଶା ମହାଲେଖାଗାର ଅବସରପ୍ରାପ୍ତ ବରିଷ୍ଠ ନିରୀକ୍ଷକ ପ୍ରଶାନ୍ତ ମହାପାତ୍ର ଯୋଗଦେଇଥିଲେ। ପୁରୀ ବିଭାଗ ପର୍ଯ୍ୟାବରଣ ସଂଯୋଜକ ନିରଞ୍ଜନ ସାହୁ, ସଂଘ ଚାଳକ ବାଣପୁର ଖଣ୍ଡର ସତ୍ୟ ନାରାୟଣ ଷଡ଼ଙ୍ଗୀ ଯୋଗଦେଇ ଭାରତୀୟ ସଂସ୍କୃତିକୁ କିପରି ବଜାୟୀ ରଖାଯାଇପାରିବ ସେନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ଅବିନାଶ ମହାନ୍ତି, ପ୍ରଶାନ୍ତ ସୁପକାର, ବୈରାଗୀ ଚରଣ ବଳ, ପ୍ରକାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଅତିଥିଙ୍କ ଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଜଟଣୀ,୨୪।୧୨(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଟଣୀ ମହାବିଦ୍ୟାଳୟ ଅଧକ୍ଷ ବଂଶୀଧର କର ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ଦ୍ୱାରା ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ହୋଇଥାଏ। ପାଠପଢ଼ା ସହିତ କ୍ରୀଡା କ୍ଷେତ୍ରରେ ମନ ଦେବା ଲାଗି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ଦିଲ୍ଲୀପ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସୌଦାମିନୀ ବେହେରା ମଞ୍ଚ ପରିଚାଳନା, ସୁଶାନ୍ତ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ସୁଶାନ୍ତ ଦେ, ଓଡ଼ଖଣ୍ଡ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ସତାବୁଦ୍ଦିନ ଅହମ୍ମଦ, +୨ର ଅଧକ୍ଷ ସତ୍ୟବ୍ରତ ମହାନ୍ତି, +୩ କଲେଜର ଅଧକ୍ଷ ଡ. ସୁକାନ୍ତି ମହାପାତ୍ର ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। +୨ ର ମିତା ବେହେରା ଏବଂ +୩ ର ସବିତା ଦାସ ଚାମ୍ପିୟନ ହେବା ସହ ଟ୍ରଫି ଗ୍ରହଣ କରିଥିଲେ। ରାଜନୀ ରାନସିଂହ ଧନ୍ୟବାଦ ଦେଇଥିଲେ।

### ମିତା ବେହେରା, ସବିତା ଦାସ ଚାମ୍ପିୟନ

### ଲିଗାଲ ପ୍ରତିବାଦ ନୋଟିସ

ଆମ୍ଭେ ଅଜିତ କୁମାର ସାହୁ, ପ୍ଲଟ୍ ନଂ. ଏସ୍.ସି.ଆର.-୦୫, ପୋଖରୀପୁଟ, ଅନନ୍ତ ବିହାର, ଫେଜ୍-୩, ଭୁବନେଶ୍ୱରର ମାଲିକ ଉପାରନ୍ତେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଚାହୁଁଛି କି ଯେ, ତା୧୧।୧୨।୨୦୨୨ରିଖ ଦୈନିକ ଖବରକାଗଜ 'ସମ୍ବାଦ'ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ, ଜୟଦେବ ବିହାର, ନୟାପଲ୍ଲୀ ଶାଖା ଦ୍ୱାରା ପ୍ରଦର୍ଶିତ ଋଣ ଗ୍ରହିତା ମେସର୍ସ ଦଣ୍ଡେଶ୍ୱର ଫାର୍ମାସ୍ୟୁଟିକାଲ, ସ୍ୱତ୍ୱାଧିକାରୀ (କ୍ର.ନଂ.୧)ର ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ ସମ୍ପତ୍ତି ଯାହା ତା୨୬।୧୨।୨୦୨୨ରିଖର ଇ-ନିଲାମ ପାଇଁ ଆହ୍ୱାନ କରାଯାଇଛି । ତାହା ଆଇନସଙ୍ଗତ ନୁହେଁ । ଯାହାକି ଉକ୍ତ ସମ୍ପତ୍ତି ପକ୍ଷେ ମାନ୍ୟବର ଅତିରିକ୍ତ ଜିଲା ଜଜ୍, ଭୁବନେଶ୍ୱର ଅଦାଲତଙ୍କ ଇଜଲାସରେ ବିଚାର ପାଇଁ ତା୦୭।୦୧।୨୦୨୩ରିଖକୁ ସମୟ ଧାର୍ଯ୍ୟ ହୋଇଅଛି। ଏଣୁ ତତ୍‌ସମ୍ବନ୍ଧୀୟ ଫଏସଲା ପର୍ଯ୍ୟନ୍ତ ଆପଣମାନଙ୍କ ସହଯୋଗ କାମନା କରୁଛି।




# 'ପିଲାଙ୍କ ମାନସିକ ଚାପ ମୁକ୍ତ କରେ ପୁରସ୍କାର'



ଜିଲାସ୍ତରୀୟ ଶିଶୁ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଏବଂ ଅନ୍ୟ ଅତିଥି।

**ବେଗୁନିଆ,୨୪।୧୨(ଡି.ଏନ୍.ଏ.)**

### ଜିଲାସ୍ତରୀୟ ଶିଶୁ ଉତ୍ସବ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜିଲାସ୍ତରୀୟ ଶିଶୁ ଉତ୍ସବ -୨୦୨୨ ଅନୁଷ୍ଠିତ ହୋଇଯାଇଛି। କ୍ରିପ୍ଟନ୍ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସୌଜନ୍ୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ଆୟୋଜିତ ଉତ୍ସବକୁ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ କ୍ରିପ୍ଟନ୍ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ.ରେବେକା ଭଟ୍ଟାଚାର୍ଯ୍ୟ, ଓଷ୍ଟା ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଓଷ୍ଟାର ଖୋର୍ଦ୍ଧା ଜିଲା ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ରାଜ୍ୟ ସମ୍ପାଦକ ମଧୁସୂଦନ ଦେ, ସହ ସମ୍ପାଦକ ରମାକାନ୍ତ ମହାପାତ୍ର, କଣ୍ଟାବାଡ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର, ପରିଚାଳନା କମିଟି ଅଧକ୍ଷ ବଂଶୀଧର ପାଣିଗ୍ରାହୀ, ମୋ ସ୍କୁଲ ଅଭିଯାନର ସମ୍ପାଦକ ଉପେନ୍ଦ୍ର ଦାଶ ଓ ସଭାପତି ଶିବ ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ପିଲାମାନେ ବିଦ୍ୟାଳୟରେ ପାଠ ପଢିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି କରନ୍ତି। ପରେ ସଫଳତା ପାଇବା ଆଶାରେ ପିଲାମାନେ ମାନସିକ ଚାପରେ ରୁହନ୍ତି। ପିଲାମାନେ ଯେତେବେଳେ ପୁରସ୍କାର ପାଇଥାନ୍ତି ସେତେବେଳେ ଚାପ ମୁକ୍ତ ହୋଇଥାନ୍ତି ବୋଲି ଅତିଥି ମୁନା ଖାଁ କହିଥିଲେ। ଜିଲାର ୧୦ଟି ବ୍ଲକର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ଗଳ୍ପ ଲିଖନ, ତର୍କ, ପ୍ରବନ୍ଧ ଲିଖନ, ନାଚ ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଓଷ୍ଟାର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ, ସାମାଜିକ କର୍ମୀ ପ୍ରଭାତ ନାୟକ, ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ସୁଧାକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧୦ଜଣ ଛାତ୍ରୀଛାତ୍ର ରାଜ୍ୟ ଶିଶୁ ଉତ୍ସବକୁ ମନୋନୀତ ହୋଇଛନ୍ତି। ବେଗୁନିଆ ବ୍ଲକ ଓଷ୍ଟାର ସମ୍ପାଦକ ରତିକାନ୍ତ କହଳସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

GRAM BIKASH PARISHAD
At/P.O.: Nuapatna, Via: Tigiria, Dist.: Cuttack
PIN - 754035 (Odisha), Ph.: 9937141042
Certified by Khadi and V.I. Commission, Mumbai
C. No. EZCC/ORS/12
ପ୍ରଥମ ସ୍ୱକକ୍ଷତ୍ର
Khadi India
ଖଦୀ ଗ୍ରାମୋଦ୍ୟୋଗ ଭବନ
ଚଣ୍ଡୀବଜାର, ନୂଆପାଟଣା
ସମସ୍ତ ପ୍ରକାର ଖଦୀ ବସ୍ତ୍ର ଓ ଗ୍ରାମୋଦ୍ୟୋଗ ଉତ୍ପାଦର ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।
*ଖଦୀ ବସ୍ତ୍ର ବିକ୍ରି ଉପରେ ସରକାରଙ୍କ ପ୍ରଦତ୍ତ ୧୦% ରିହାତି ପ୍ରଦାନ କରାଯାଏ।
ପ୍ରକାଶ କୁମାର ଦାସ, ସମ୍ପାଦକ

# ଡକାୟତି ଯୋଜନା ପଣ୍ଡ: ୫ ଗିରଫ

**ଜଟଣୀ,୨୪।୧୨(ଡି.ଏନ୍.ଏ.)**

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଜଟଣୀ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହିର ବୁଦୁ ଓରଫ ରମେଶ ଦାସ (୨୨), ଫରିଦ ଓରଫ ଏସ୍.କେ ଫରିଦ୍ଦୁନ (୨୭), ପପୁନା ଓରଫ ସଞ୍ଜୟ ଦାସ (୨୬) ଏବଂ କନ୍ତିଆ ପଞ୍ଚାୟତ ରଥିପୁରର ବାସା ଓରଫ ଏସ୍.କେ ବସୁରିଦ୍ଦିନ (୩୫) ଏବଂ ରଥିପୁରର ଗୁଡୁ ଓରଫ ଆନସାର ସାହା(୨୩)। ଏମାନଙ୍କ ନିକଟରୁ ୪ଟି ଛୁରି, ମାର୍ତ୍ତୁଲ, ସ୍କ୍ରୁ ଡ୍ରାଇଭର, ଲଙ୍କା ପାଉଡର ପ୍ୟାକେଟ ସହିତ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୪୬୪/୨୨)ରୁଜୁକରି ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ତେବେ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ କହିଛି। ସୂଚନା ମୁତାବକ, ସ୍ଥାନୀୟ ମା'ଖଣ୍ଟୁଆଳ ମନ୍ଦିର ନିକଟ ଏକ ପରିତ୍ୟକ୍ତ ଘରେ ଡାକୟତି ପାଇଁ ଯୋଜନା ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଜଟଣୀ ପୋଲିସର ସ୍ପେଶାଲ ପାଟ୍ରୋଲିଂ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଥିଲା।



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର ଓ ମୋବାଇଲ ଫୋନ।



**ବିଜେଡି କର୍ମୀ ବୈଠକ**

କଣାସ (ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ଼ ପଞ୍ଚାୟତର ବ୍ରହ୍ମପଡ଼ା ଗ୍ରାମର ମା' ଭଗବତୀଙ୍କ ପୀଠରେ ଶୁକ୍ରବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଶଙ୍କର ନନ୍ଦ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ୨୦୨୪ରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବିଜେଡିକୁ ଜିତାଇବା ପାଇଁ ପ୍ରତ୍ୟେକ କର୍ମୀ ନିଷ୍ଠାପର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ୩ ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୧୨।୨୦୨୨

| | |
|---|---|
| ୬,୧୩,୨୧୬ ଟଙ୍କା | |
| ସୁନା | ୨.୨୦୦ ଗ୍ରାମ୍ |
| ରୁପା | ୯୩.୬୦୦ ଗ୍ରାମ୍ |

# ପ୍ରଭୁଙ୍କ ଆଗମନ ଆଣିଲା ଖୁସି

## ଆଜି ବଡ଼ ଦିନ, ଉତ୍ସବମୁଖର ସହର

ପୁରୀ ଅଫିସ,୨୪।୧୨

ପୁରୀରେ ବସବାସ କରୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବେଶ୍ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବଡ଼ଦିନ ପାଳନ କରିଥାନ୍ତି। ରବିବାର ଡିସେମ୍ବର ୨୫ ପବିତ୍ର ବଡ଼ଦିନ। ତେବେ ଏହାର ଅବ୍ୟବହିତ ପୂର୍ବରୁ ଶନିବାର ମଧ୍ୟରାତ୍ରିରେ ପୁରୀ ସହରରେ ବିଭିନ୍ନ ଚର୍ଚ୍ଚ ଯଥା କ୍ୟାଥଲିକ ଓ ବାପ୍ଟିଷ୍ଟ ଚର୍ଚ୍ଚରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମବିଧି ପାଳନ ହୋଇଛି। ଏଥିପାଇଁ ଚର୍ଚ୍ଚଦ୍ୱୟ ରଙ୍ଗିନ୍ ଆଲୋକମାଳାରେ ଝଲସି ଉଠୁଥିଲା। ଗତ ଦୁଇବର୍ଷ କୋଭିଡ୍ କଟକଣା ମଧ୍ୟରେ ବଡ଼ଦିନ ପାଳନ କରାଯାଇଥିବା ବେଳେ ଚଳିତବର୍ଷ କଟକଣା ନ ଥିବାରୁ ବେଶ୍ ଆନନ୍ଦରେ ବଡ଼ଦିନ ପାଳିତ ହୋଇଛି। ପ୍ରଭୁ ଯିଶୁଙ୍କ ଧରାବତରଣ ଅବସରରେ ପୁରୀ ସହରର କ୍ୟାଥଲିକ ଓ ବାପ୍ଟିଷ୍ଟ ଚର୍ଚ୍ଚରେ ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ। ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଭକ୍ତିଭାବନାରେ ସ୍ୱତନ୍ତ୍ର ପ୍ରାର୍ଥନାରେ ଯୋଗଦେଇଥିଲେ।



ପୁରୀ ସହରର କ୍ୟାଥଲିକ ଚର୍ଚ୍ଚରେ ଶନିବାର ରାତିରେ ଯିଶୁଙ୍କ ଜନ୍ମବିଧି ପାଳନ କରାଯାଉଛି।

ସନ୍ଧ୍ୟା ପରେ ଚର୍ଚ୍ଚାକୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଧାଡ଼ି ଛୁଟିଥିଲା। ଭକ୍ତିପୂତ ପରିବେଶରେ ସମସ୍ତେ ସ୍ୱତନ୍ତ୍ର ପ୍ରାର୍ଥନା ସମାବେଶରେ ଭାଗ ନେଇଥିଲେ। କ୍ୟାଥଲିକ ଚର୍ଚ୍ଚର ଫାଦରଙ୍କ ଦ୍ୱାରା ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମବିଧି ସମ୍ପନ୍ନ ହୋଇଥିଲା। ଚର୍ଚ୍ଚ ପରିସରରେ ନିର୍ମିତ ଅସ୍ଥାୟୀ ଗୁହାଳରୁ ଫାଦର ନବଜାତ ଯୀଶୁଙ୍କ ମୂର୍ତ୍ତି ଚର୍ଚ୍ଚକୁ ଆଣିଥିଲେ। ଏହି ଅବସରରେ ସୁମଧୁର ସଙ୍ଗୀତ ଗାନ କରାଯାଇଥିଲା। ଫାଦର ନବଜାତ ଯିଶୁଙ୍କ ମୂର୍ତ୍ତି ପ୍ରାର୍ଥନା ଗୃହକୁ ନେଇଥିଲେ। ସେଠାରେ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଚର୍ଚ୍ଚ ପରିସରରେ ଥିବା ସମବେତ ଶ୍ରଦ୍ଧାଳୁ ଯିଶୁଙ୍କ ମୂର୍ତ୍ତିକୁ ଚୁମ୍ବନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଭୁ ଯିଶୁଙ୍କ ଉଦ୍ଦେଶ୍ୟରେ ଦିବ୍ୟ ପ୍ରସାଦ ସମର୍ପଣ କରାଯିବା ସହିତ ସମବେତ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଥିଲା। ବଡ଼ଦିନ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ପ୍ରାର୍ଥନା ସମାବେଶ ପରେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ଖ୍ରୀଷ୍ଟମାସ ଅଭିନନ୍ଦନ ଜଣାଇଥିଲେ। ସୁବାସ ବୋଷ ଛକସ୍ଥିତ ବାପ୍ଟିଷ୍ଟ ଚର୍ଚ୍ଚରେ ମଧ୍ୟ ପାରମ୍ପରିକ ରୀତିରେ ଏହା ସମ୍ପନ୍ନ ହୋଇଥିଲା। କେବଳ ଖ୍ରୀଷ୍ଟିୟାନ ନୁହନ୍ତି, ଅନ୍ୟ ଧର୍ମ ଓ ଜାତିର ଲୋକେ ଏହି ପବିତ୍ର ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ସାମିଲ ହୋଇଥିଲେ। ତେବେ କରୋନାର ଭୟବହତା ନେଇ ଦେଶରେ ଏବେ ଆଶଙ୍କା ଥିବାରୁ ଚର୍ଚ୍ଚ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା।



ପୁରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶନିବାର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ରକ୍ତ ପରୀକ୍ଷା ନ କରି ଭୁଲ୍ ରିପୋର୍ଟ ଦେଉଥିବା ଅଭିଯୋଗ

ପୁରୀ ଅଫିସ,୨୪।୧୨

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ପୁଣି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିନା ରକ୍ତ ନମୁନା ପରୀକ୍ଷାରେ ରୋଗୀଙ୍କୁ ମନଇଚ୍ଛା ରିପୋର୍ଟ ଦିଆଯାଉଥିବା ନେଇ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳାଘାଟର ରବୀନ୍ଦ୍ର କୁମାର ମହାନ୍ତିଙ୍କ ପୁଅ ରୋଶନର ଦେହ ଅସୁସ୍ଥ ଥିବାରୁ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କର ଚିକିତ୍ସା କରି ରକ୍ତ ପରୀକ୍ଷା କରିବାକୁ କହିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କ ପୁଅର ରକ୍ତ ନମୁନା ପରୀକ୍ଷା କରିବା ନିମନ୍ତେ ମେଡିକାଲ ପରିସରରେ ଥିବା ନିଦାନକୁ ରକ୍ତ ନମୁନା ପଠାଯାଇଥିଲା। ସନ୍ଧ୍ୟାରେ ଆସି ରିପୋର୍ଟ ନେଇଯିବା ପାଇଁ ରବୀନ୍ଦ୍ରଙ୍କୁ କୁହାଯାଇଥିଲା। ସନ୍ଧ୍ୟାରେ ଯିବାବେଳେ ତାହା ବନ୍ଦ ଥିବାରୁ ଫେରି ପୁଣି ଶନିବାର ସକାଳେ ରିପୋର୍ଟ ଆଣିବା ପାଇଁ ମ୍ୟାଲେରିଆ ବିଭାଗକୁ ଯାଇଥିଲେ। ସେଠାରେ ଉପସ୍ଥିତ କର୍ମଚାରୀ ତାଙ୍କୁ ରକ୍ତ ନମୁନା ନେଗେଟିଭ୍ ପ୍ରଦାନ କରିବା ସହ ଡେଙ୍ଗୁର ରିପୋର୍ଟ ଡେଙ୍ଗୁ ବିଭାଗରୁ ନେବା ପାଇଁ କହିଥିଲେ। ତେବେ ଡେଙ୍ଗୁ ବିଭାଗରେ ରିପୋର୍ଟ ମାଗିବାରେ ତାଙ୍କ ପାଖକୁ ରିପୋର୍ଟ ଆସି ନ ଥିବା କହିଥିଲେ। ତେବେ ତାଙ୍କୁ ମ୍ୟାଲେରିଆ ବିଭାଗ କିପରି ରିପୋର୍ଟ ଦେଲେ ବୋଲି ପଚାରିଥିଲେ। ତେଣୁ ଏ ନେଇ ରବୀନ୍ଦ୍ର ରିପୋର୍ଟ ଦେଇଥିବା ମାଲେରିଆ ବିଭାଗର କର୍ମଚାରୀଙ୍କୁ ପଚାରିବାରୁ ସେ କହିଥିଲେ କି, କିଛି ସମସ୍ୟା କାରଣରୁ ରକ୍ତ ନମୁନା ତାଙ୍କ ପାଖକୁ ଆସିନାହିଁ। ରିପୋର୍ଟ ନେଗେଟିଭ ଆସିବ। ତେବେ ରକ୍ତ ନୁମନା ପରୀକ୍ଷା ନ କରାଯାଇ କିପରି ରିପୋର୍ଟ ନେଗେଟିଭ ବୋଲି ବିଭାଗୀୟ କର୍ମଚାରୀମାନେ ଲେଖିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ପରୀକ୍ଷା ନ କରିବା ରିପୋର୍ଟ ଦେଉଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରୋଗୀଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି। ଅପରପକ୍ଷେ ରିପୋର୍ଟକୁ ନେଇ ନିଦାନ କର୍ମଚାରୀଙ୍କୁ ଯୋଗାଯୋଗ କରିଥିଲେ ତାହା ସମ୍ଭବ ହୋଇପାରି ନାହିଁ।

## ସରସ୍ୱତୀ ବିଦ୍ୟାମନ୍ଦିର ୩୭ତମ ବାର୍ଷିକୋତ୍ସବ

ପୁରୀ ଅଫିସ,୨୪।୧୨

ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବ ସଂଭାଗ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଅନ୍ୟ ଅତିଥି ଭାବରେ ଉପ ଜିଲାପାଳ ଭବତାରଣ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ମାଧବ ଚନ୍ଦ୍ର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ତଥା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ରୌପ୍ୟ ମେଡାଲ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସଭାପତି ଅରୁଣ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଭବାନୀ ଶଙ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଜିଠୁ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍

ଅସ୍ତରଙ୍ଗ,୨୪।୧୨(ଡି.ଏନ୍.ଏ.)

ଚଳିତବର୍ଷ କାକଟପୁରର ମିନିଷ୍ଟାଡିୟମରେ ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୫ତାରିଖ ତଥା ରବିବାର ୩୩ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଉକ୍ତ କ୍ରିକେଟ ପ୍ରତିଯୋଗିତାରେ ରାଜ୍ୟର ପ୍ରସିଦ୍ଧ ୮ଟି କ୍ରିକେଟ କ୍ଲବ ଭାଗ ନେବେ। ଜାନୁୟାରୀ ୮ ରେ ଉକ୍ତ ଖେଳ ଉଦ୍‌ଯାପନ ହେବ ବୋଲି କ୍ଲବର ସଭାପତି ପ୍ରଦୀପ୍ତ ଦୀକ୍ଷିତ କହିଛନ୍ତି। ଏଥିସହିତ ସମସ୍ତ ଖେଳାଳି ଧଳା ଡ୍ରେସ ପରିଧାନ କରି ଏସଜି ବଲ୍‌ରେ ଖେଳିବେ।

**ଲିଗାଲ ପ୍ରତିବାଦ ନୋଟିସ**

ଆମ୍ଭେ ଅଜିତ କୁମାର ସାହୁ, ପ୍ଲଟ୍ ନଂ. ଏସ୍.ସି.ଆର.-୦୫, ପୋଖରୀପୁଟ, ଅନନ୍ତ ବିହାର, ଫେଜ୍-୩, ଭୁବନେଶ୍ୱରର ମାଲିକ ଉପାରନ୍ତେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଚାହୁଁଛି କି ଯେ, ତା୧୧।୧୨।୨୦୨୨ରିଖ ଦୈନିକ ଖବରକାଗଜ 'ସମ୍ବାଦ'ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ, ଜୟଦେବ ବିହାର, ନୟାପଲ୍ଲୀ ଶାଖା ଦ୍ୱାରା ପ୍ରଦର୍ଶିତ ଋଣ ଗ୍ରହିତା ମେସର୍ସ ଦଣ୍ଡେଶ୍ୱର ଫାର୍ମାସ୍ୟୁଟିକାଲ, ସ୍ୱତ୍ୱାଧିକାରୀ (କ୍ର.ନଂ.୧)ର ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ ସମ୍ପତ୍ତି ଯାହା ତା୨୬।୧୨।୨୦୨୨ରିଖର ଇ-ନିଲାମ ପାଇଁ ଆହ୍ୱାନ କରାଯାଇଛି । ତାହା ଆଇନସଙ୍ଗତ ନୁହେଁ । ଯାହାକି ଉକ୍ତ ସମ୍ପତ୍ତି ପକ୍ଷେ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍, ଭୁବନେଶ୍ୱର ଅଦାଲତଙ୍କ ଇଜଲାସରେ ବିଚାର ପାଇଁ ତା୦୭।୦୧।୨୦୨୩ରିଖକୁ ସମୟ ଧାର୍ଯ୍ୟ ହୋଇଅଛି। ଏଣୁ ତତ୍‌ସମ୍ବନ୍ଧୀୟ ଫଏସଲା ପର୍ଯ୍ୟନ୍ତ ଆପଣମାନଙ୍କ ସହଯୋଗ କାମନା କରୁଛି।






**GRAM BIKASH PARISHAD**
At/P.O.: Nuapatna, Via: Tigiria, Dist.: Cuttack
PIN - 754035 (Odisha), Ph.: 9937141042
Certified by Khadi and V.I. Commission, Mumbai
C. No. EZCC/ORS/12
ପ୍ରଥମ ସ୍ୱନକ୍ଷତ୍ର
Khadi India
ଖଦୀ ଗ୍ରାମୋଦ୍ୟୋଗ ଭବନ
ଚଣ୍ଡୀବଜାର, ନୂଆପାଟଣା
ସମସ୍ତ ପ୍ରକାର ଖଦୀ ବସ୍ତ୍ର ଓ ଗ୍ରାମୋଦ୍ୟୋଗ ଉତ୍ପାଦର ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।
*ଖଦୀ ବସ୍ତ୍ର ବିକ୍ରି ଉପରେ ସରକାରଙ୍କ ପ୍ରଦତ୍ତ ୧୦% ରିହାତି ପ୍ରଦାନ କରାଯାଏ।
ପ୍ରକାଶ କୁମାର ଦାସ, ସମ୍ପାଦକ

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କା, ସୁନା ଜବତ: ଜଣେ ଗିରଫ

ପୁରୀ ଅଫିସ,୨୪।୧୨: ତାଲା ଭାଙ୍ଗି ଘରେ ପଶି ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲିସାହି, ତିଆଡି ସାହିର ସୂର୍ଯ୍ୟ ନାରାୟଣ ଜେନା(୩୫)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ନଗଦ ୧ ଲକ୍ଷ ୫୮ ହଜାର ୯୦୦ ଟଙ୍କା ସହ ୧୦ ଭରି ଓଜନର ସୁନାଗହଣା ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୧୨/୨୨) ରୁଜୁ କରିଛି। ସୂଚନାଯୋଗ୍ୟ, ଗୋପାଳତିର୍ଥ ନିକଟର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ କି, ସେ ଘରେ ନ ଥିବା ସମୟରେ କେହି ତାଙ୍କ ଘରର ତାଲା ଭାଙ୍ଗି ଘରେ ଥିବା ସମସ୍ତ ସୁନା ଓ ଟଙ୍କା ଚୋରି କରି ନେଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ନିମାପଡ଼ା,୨୪।୧୨(ଡି.ଏନ୍.ଏ.): ଯୌତୁକ ପାଇଁ ବଧୂହତ୍ୟା ମାମଲାରେ ନିମାପଡ଼ା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଶେଉଳଖାଲ ବରାଳସାହି ଗ୍ରାମର ଦୀପ୍ତିରଞ୍ଜନ ବରାଳ। ପୋଲିସ ଏନେଇ ମୃତା ତପସ୍ୱିନୀ ବିଶୋଇ(୨୬)ଙ୍କ ସ୍ୱାମୀ, ଶ୍ୱଶୁର ଧଳେଶ୍ୱର ବରାଳ, ଶାଶୁଙ୍କ ସମେତ ୯ ଜଣଙ୍କ ବିରୋଧରେ ଏକ ବଧୂହତ୍ୟା ମାମଲା(ନଂ.୪୧୯/୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଭୟରେ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ତପସ୍ୱିନୀଙ୍କ ଶାଶୁଘରେ ପହଞ୍ଚି ସୁନାଗହଣା, ବିଭିନ୍ନ ଆସବାବପତ୍ର ସମେତ ଯୌତୁକ ସାମଗ୍ରୀ ଜବତ କରି ତାଙ୍କ ବାପଘର ଜିମା ଦେଇଛି।

### ବିଜ୍ଞାନ ମେଳାରେ ୫୪ ପ୍ରକଳ୍ପ ପ୍ରଦର୍ଶିତ

ପିପିଲି,୨୪।୧୨(ଡି.ଏନ୍.ଏ.): ମା' ମଙ୍ଗଳା ଇଂଲିଶ୍ ମିଡିୟମ ସ୍କୁଲର ବିଜ୍ଞାନ ମେଳା ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ମୋଟ ୫୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପିପିଲି କଲେଜର କେମେଷ୍ଟ୍ରି ବିଭାଗର ବରିଷ୍ଠ ଅଧ୍ୟାପକ ବିପ୍ଳବ କିଶୋର ସିଂ ଏବଂ ଜୁଲୋଜି ଅଧ୍ୟାପକ ବିକ୍ରମ କିଶୋର ବେହେରା ମେଳା ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଗୋଲକ ବିହାରୀ ସାହୁ ଓ ନିର୍ଦ୍ଦେଶିକା କାଦମ୍ବିନୀ ସେନାପତି ପ୍ରମୁଖ ସାମିଲ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁକାନ୍ତ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୈଦିକ ସଂସ୍କୃତି ବିଶ୍ୱ ପାଇଁ ଦିଗ୍‌ଦର୍ଶକ

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

ପୁରୀ ଅଫିସ,୨୪।୧୨

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା ହରିହରାନନ୍ଦ ଗୁରୁକୁଳ ଦ୍ୱାରା ପ୍ରଦତ୍ତ ଅର୍ଥ ସହଯୋଗରେ ଚୟନଯଜ୍ଞ ପ୍ରକରଣର ବୈଜ୍ଞାନିକତା ବିଷୟରେ ଏକ ବ୍ୟାଖ୍ୟାନ ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି। ଏହି ବ୍ୟାଖ୍ୟାନକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରି ବୈଦିକ ସଂସ୍କୃତି ବିଶ୍ୱ ପାଇଁ ଦିଗଦର୍ଶକ ଓ ତାହା ପ୍ରଜ୍ଞା ବା ଜ୍ଞାନର ସଂସ୍କୃତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ କ୍ରିୟା ଯୋଗ ସଂସ୍ଥାର ମୁଖ୍ୟ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ ଉପସ୍ଥିତ ରହି ସଂସ୍କୃତ ଯେ ବିଶ୍ୱଭାଷା ଓ ବୈଦିକ ଧର୍ମ ତଥା ଜ୍ଞାନର ବାହକ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦ ବେଦାଙ୍ଗ ସଂକାୟର ପୂର୍ବ ସଂକାୟ ପ୍ରମୁଖ ତଥା ପୂର୍ବ ବିଭାଗ ଅଧ୍ୟକ୍ଷ ଅବସରପ୍ରାପ୍ତ ପ୍ରଫେସର ଦେବେନ୍ଦ୍ରନାଥ ପାଣ୍ଡେୟ ଯୋଗଦେଇ ସୋମଯଜ୍ଞ ପ୍ରସଙ୍ଗରେ ଚର୍ଚ୍ଚିତ ଚୟନଯଜ୍ଞ ପ୍ରକରଣର ଯଜ୍ଞ ବେଦି ନିର୍ମାଣଠାରୁ ଆରମ୍ଭ କରି କୃଷି ବିଜ୍ଞାନ, ଶିଳ୍ପ ବିଜ୍ଞାନ, ଭୂଗର୍ଭ ବିଜ୍ଞାନ ଆଦି ତଥ୍ୟର ସୂଚନା ଦେଇ ଗବେଷଣାର ମାର୍ଗ ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧକ ସ୍ୱାମୀ ସମର୍ପଣାନନ୍ଦ ଜୀ ଗିରି ମହାରାଜ ଯୋଗଦେଇ ଭାରତୀୟଙ୍କ ନିମିତ୍ତ ସଂସ୍କୃତ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ତଥା ଭାରତୀୟ ସଂସ୍କୃତିରେ ଏହାର ପ୍ରତିଫଳନ ଦର୍ଶାଇଥିଲେ। ସଭାରେ ଅବସରପ୍ରାପ୍ତ ପ୍ରଫେସର ଦିବାକର ମହାପାତ୍ର ସଭାପତିତ୍ୱ କରି ସୋମଯଜ୍ଞର ବେଦି ନିର୍ମାଣରେ ଥିବା ଜ୍ୟାମିତି ବିଷୟରେ ଚର୍ଚ୍ଚା କରିଥିଲେ। ସ୍ନାତକୋତ୍ତର ପରିଷଦ୍ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ଅଧ୍ୟାପକ ରାମଚନ୍ଦ୍ର ହୋତା, ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟକ୍ଷା ଡ. ପରାମ୍ବାଶ୍ରୀଯୋଗମାୟା ପ୍ରମୁଖ ଉପସ୍ଥିତ ଥିଲେ। ବେଦ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଚନ୍ଦନ କୁମାର ମିଶ୍ର ସଭା ସଞ୍ଚାଳନ କରିଥିଲେ। ସଭାରେ ସର୍ବଦର୍ଶନ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ପ୍ୟାରିମୋହନ ପଟ୍ଟନାୟକ ଓ ପ୍ରଫେସର ପ୍ରଳୟ ନନ୍ଦ, ନ୍ୟାୟ ବିଭାଗର ପ୍ରଫେସର ଏନ.ଆର୍. ଏସ୍ ତାତାଚାର୍ଯ୍ୟ, ସାହିତ୍ୟ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ବ୍ରଜକିଶୋର ନାୟକ, ସାହିତ୍ୟ ବିଭାଗ ଅଧ୍ୟକ୍ଷ ବସନ୍ତ ମିଶ୍ର ଓ ଦେବାଶିଷ ତ୍ରିପାଠୀ, ବ୍ୟାକରଣ ବିଭାଗ ଅଧ୍ୟକ୍ଷ ପ୍ରିୟବ୍ରତ ମିଶ୍ର, ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଓ ସହାୟକ ଆଚାର୍ଯ୍ୟ ପ୍ରଜ୍ଞା, ବେଦାନ୍ତ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ଓ ରାଧାକାନ୍ତ ପଣ୍ଡା, ସର୍ବଦର୍ଶନ ବିଭାଗର ଅଧ୍ୟକ୍ଷ ପ୍ରଦୀପ୍ତ ନନ୍ଦ ଓ ସହାୟକ ଆଚାର୍ଯ୍ୟ ଅଜୟ ପାଣ୍ଡେ, ଶିକ୍ଷାଶାସ୍ତ୍ର ବିଭାଗର ନିବେଦିତା କର, ଲକ୍ଷ୍ମୀଧର ପଣ୍ଡା, ଦତ୍ତହରି ବେହେରା, ରଘୁରାମ , ସଦାଶିବ ପରିସରର ସାହିତ୍ୟ ବିଭାଗ ଅଧ୍ୟକ୍ଷ ଡ. ସୁଶାନ୍ତ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ନିମାପଡ଼ା ମହୋତ୍ସବ ଆରମ୍ଭ

ନିମାପଡ଼ା,୨୪।୧୨(ଡି.ଏନ୍.ଏ.)

ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ପଲାଇନ୍ ପକ୍ଷରୁ ୨୫ରୁ ୩ ଦିନ ଧରି ୨୨ତମ ନିମାପଡ଼ା ମହୋତ୍ସବ ଆୟୋଜିତ ହେଉଛି। ସେଥିପାଇଁ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚ ପ୍ରସ୍ତୁତ ହୋଇ ରହିଛି। ସମାରୋହରେ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗଦେବେ। ପ୍ରତ୍ୟହ କମିଟିର ସଭାପତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏଥିରେ ଅଧ୍ୟକ୍ଷତା କରିବେ। ସମାରୋହର ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ସେଠାରେ ଲୋକେ ପଲ୍ଲିଶ୍ରୀ ମେଳା ଓ ବାଲୁକାକଳାର ମଜା ଉଠାଇପାରିବେ। ରାଜ୍ୟ ବାହାରର ବହୁ ଖ୍ୟାତନାମା ଶିଳ୍ପୀ ଓ କଳାକାର ସମାରୋହରେ ନୃତ୍ୟ ସଙ୍ଗୀତ ପରିବେଷଣ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷର ଏହି ମହୋତ୍ସବ ମହୋତ୍ସବର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ରମେଶଚନ୍ଦ୍ର ପରିଡ଼ାଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଛି।

## ଭାଜପା ଜିଲା ପଦାଧିକାରୀ କାର୍ଯ୍ୟକର୍ତ୍ତା ସାଙ୍ଗଠନିକ ବୈଠକ

ପିପିଲି,୨୪।୧୨(ସ୍ୱ.ପ୍ର.)

ଭାରତୀୟ ଜନତା ପାର୍ଟି (ଭାଜପା)ପକ୍ଷରୁ ଶନିବାର ପିପିଲି ସାତଶଙ୍ଖ ନିକଟ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ପୁରୀ ଜିଲା ପଦାଧିକାରୀ କାର୍ଯ୍ୟକର୍ତ୍ତାଙ୍କ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ୍ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାଶ, ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଦଳିତ ମୋର୍ଚ୍ଚା ସଭାପତି ବିଭୂତି ତରାଇ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସତ୍ୟବାଦୀର ବରିଷ୍ଠ ନେତା ଓମ୍‌ପ୍ରକାଶ ମିଶ୍ର, କୃଷ୍ଣ ଜଗଦେବ, ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲାର ଭାଜପା ସଂଗଠନକୁ ଆଗାମୀ ଦିନରେ ମଜଭୁତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ନିର୍ବାଚନରେ ଭାଜପା କିପରି ତା'ର କାୟା ବିସ୍ତାର କରି ପୁରୀ ଜିଲାରେ ୧ନଂ. ହୋଇପାରିବ ସେନେଇ ପଦାଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ପୁରୀ ଜିଲା ୩୮ଟି ମଣ୍ଡଳର ସଭାପତି, ପ୍ରଭାରୀ, ଜିଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟମାନେ ସାମିଲ ହୋଇ ଆଗାମୀ ରଣନୀତି ଆଲୋଚନା ଉପରେ ଅଂଶଗ୍ରହଣ କରିଥିଲେ।

# ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ସୁଗମ ଦର୍ଶନ ଦାବି




ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ସୁଗମ ଦର୍ଶନ ବ୍ୟବସ୍ଥା କରିବା ଦାବିରେ ରାଜ୍ୟ ଦିବ୍ୟାଙ୍ଗ ସଂଘ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଧାରଣା।

ପୁରୀ ଅଫିସ,୨୪।୧୨

ଶ୍ରୀମନ୍ଦିରରେ ଦିବ୍ୟାଙ୍ଗମାନଙ୍କ ସୁଗମ ଦର୍ଶନ ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଶ୍ରୀମନ୍ଦିର ପ୍ରଶାସନ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଶନିବାର ଜିଲା ଦିବ୍ୟାଙ୍ଗ ମହାମଞ୍ଚ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ମଞ୍ଚର ସଦସ୍ୟା ସଦସ୍ୟମାନେ ସାମୂହିକ ଭାବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶନାମାକୁ ସମ୍ମାନ ଓ ସ୍ୱାଗତ ଜଣାଇବା ସହ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ଗଜପତି ମହାରାଜା ଓ ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ର୍‌ୟାମ୍ପ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଥିଲେ। ଦେଶର ପ୍ରାୟ ସମସ୍ତ ପ୍ରମୁଖ ମନ୍ଦିରରେ ଦିବ୍ୟାଙ୍ଗଙ୍କ ପ୍ରବେଶ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ବେଳେ ପୁରୀ ଶ୍ରୀମନ୍ଦିରରେ ସେପରି କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ଦିବ୍ୟାଙ୍ଗ ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଦିବ୍ୟାଙ୍ଗ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ନ ପାରି ମନଦୁଃଖରେ ଫେରୁଛନ୍ତି। ଫଳରେ ସେମାନଙ୍କ ମନରେ ଅସନ୍ତୋଷ ଦେଖାଦେବା ସହ କ୍ଷୋଭ ପ୍ରକାଶ ପାଉଛି। ଏହି ସମସ୍ୟା ଲାଗିରହିଥିବା ବେଳେ ବିଭିନ୍ନ ମହଲରେ ମଧ୍ୟ ଏହି ଘଟଣାରେ ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ, ଗଜପତି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ତେଣୁ ନବବର୍ଷ ୨୦୨୩ରୁ ଦିବ୍ୟାଙ୍ଗଙ୍କ ଦର୍ଶନ ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ମହାମଞ୍ଚ ନିବେଦନ କରିଛି। ଏହି କାର୍ଯ୍ୟକ୍ରମରେ ଜିଲା ଦିବ୍ୟାଙ୍ଗ ମହାମଞ୍ଚର ସଂଗଠନ ସମ୍ପାଦିକା ଗଜଲକ୍ଷ୍ମୀ ରାୟଙ୍କ ସମେତ ପ୍ରଶାନ୍ତ କୁମାର ନାୟକ, କମଳକାନ୍ତ ସାହୁ, ସୁବାସ ଚନ୍ଦ୍ର ଗଉଡ଼, ସସ୍ମିତା ପ୍ରଧାନ, ଜୟନ୍ତୀ ଦାସ, ଆମ୍ବିତା ପଟ୍ଟନାୟକ, ରାଜକିଶୋର ପାତ୍ର ଏବଂ ସତ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।






ବଡ଼ଦିନ ପାଇଁ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ସଜ୍ଜିତ ପ୍ରଭୁ ଯିଶୁଙ୍କ ଜନ୍ମସ୍ଥାନ। (ଫଟୋ: ରାଜକିଶୋର)



ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ ଶ୍ରଦ୍ଧାଳୁ ମହମବତି ଜାଳି ପ୍ରାର୍ଥନା କରୁଛନ୍ତି। (ଫଟୋ: ମନୋରଞ୍ଜନ)

# ଧରାବତରଣ କଲେ ଯିଶୁ

## ସାନ୍ତାଙ୍କୁ ନେଇ ଉତ୍ସାହ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଜନ୍ମ ନେଲେ ପ୍ରଭୁ ଯିଶୁ । ଧୁମ୍‌ଧାମ୍‌ରେ ପାଳନ ହେଉଛି ବଡ଼ଦିନ। ଚଳିତବର୍ଷ କୋଭିଡ୍ କଟକଣା ଉଠି ଯାଇଥିବାରୁ ସବୁଠି ବେଶ୍ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। କେକ୍ ଦୋକାନରେ ଭଳିକି ଭଳି ସୁସ୍ୱାଦୁ କେକ୍ ତିଆରି ହେବା ସହ ଫୁଲ ଦୋକାନରେ ଭିଡ଼, ବିଭିନ୍ନ ହୋଟେଲ, ଅନୁଷ୍ଠାନ ଏବଂ ଚର୍ଚ୍ଚ ସଜେଇ ହୋଇଛି। ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗର ଲାଇଟ ଲାଗିଛି। ସାନ୍ତା ଆସିବେ ଗିଫ୍ଟ ଦେବ। ବିଶେଷ କରି ସାନ୍ତା ହିଁ ବଡ଼ଦିନକୁ ଅଧିକ ସ୍ୱତନ୍ତ୍ର କରିଥାଏ। ଏଭଳି କିଛି ଖୁସି ସହ ପରିବାର, ସାଙ୍ଗସାଥୀ ସହ ସମସ୍ତେ ଏହି ଦିନକୁ ପାଳନ କରିବାକୁ ଅନେଇ ବସିଛନ୍ତି। ରାଜଧାନୀରେ ପ୍ରାୟ ୩୫ରୁ ଅଧିକ ଚର୍ଚ୍ଚରେ ସାଜସଜ୍ଜା ବେଶ୍ ଆକର୍ଷଣୀୟ କରାଯାଇଛି।

ଏଥର କଟକଣା ନ ଥିବାରୁ ଶନିବାରଠାରୁ ଚର୍ଚ୍ଚଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଥିଲା। ସତ୍ୟନଗରଠାରେ ଥିବା ଚର୍ଚ୍ଚରେ ଚଳିତବର୍ଷ ପରିସରକୁ ବଡ଼ କରାଯାଇଛି। ୨ଟି ପ୍ରାର୍ଥନା ଘର କରାଯାଇଛି। ଏକସାଙ୍ଗରେ ବସି ଅଧିକ ଲୋକ ପ୍ରାର୍ଥନା କରିବାର ବ୍ୟବସ୍ଥା କରାଯାଇଛି। ରାତି ପ୍ରାୟ ୧ଟାରେ ମେଣ୍ଢାଗୁହାଳରେ ଯିଶୁଙ୍କ ଜନ୍ମସମୟରେ କେକ୍ କଟାଯାଇଛି। ରାତି ୧୦ଟାରେ ପ୍ରାର୍ଥନା ଶେଷ ହୋଇ ରାତି ୧୨ରୁ ଜାଗରଣୀ ଦିବ୍ୟ ଯଜ୍ଞ କରାଯାଇଥିଲା। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ପ୍ରାର୍ଥନା କରିବା ସହ ପରସ୍ପରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରବିବାର ଗୋଲାପ ଫୁଲ ସମର୍ପଣ ପୂର୍ବକ କ୍ୟାଣ୍ଡେଲ ଜାଳି ଯିଶୁଙ୍କୁ ସ୍ମରଣ କରାଯିବା ସହ ଓଡ଼ିଆ, ହିନ୍ଦୀ, ଇଂଲିଶ, ମାଲାୟାଲମ୍ ଭାଷାରେ ସାମୂହିକ ପ୍ରାର୍ଥନା କରାଯିବ ବୋଲି ଆର୍. ଆର୍. ବିଶପ ଜନ୍ ବରୱା ପ୍ରକାଶ କରିଛନ୍ତି। ସେହିପରି ୟୁନିୟନ ଚର୍ଚ୍ଚରେ ଶନିବାର ରାତି ୧୦ଟା ୩୦ରୁ ୧୫ ମିନିଟ ପର୍ଯ୍ୟନ୍ତ ଓଡ଼ିଆ ଏବଂ ଇଂଲିସରେ ଗାନ ସହ ବାଇବେଲ ବାର୍ତ୍ତା ଦିଆଯାଇଛି। ରବିବାର ସକାଳ ୧୦ରୁ ପ୍ରାର୍ଥନା ଆରମ୍ଭ ହେବ। ଏଥର ଚେନ୍ନାଇରୁ ସ୍ୱତନ୍ତ୍ର ବକ୍ତା ଚାର୍ଲସ୍ ଜୋସେଫ୍ ଯୋଗ ଦେବା ନେଇ ସୂଚନା ରହିଛି।



ଧରାବତରଣ ପରେ ଜଣେ ମହିଳା ଯିଶୁଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି।



କଟକ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ ଅବସରରେ ସାମୂହିକ ପ୍ରାର୍ଥନା।



ସତ୍ୟନଗର ଚର୍ଚ୍ଚରେ ଯିଶୁଙ୍କ ଧରାବତରଣକୁ ଅପେକ୍ଷା କରିଥିବା ଖ୍ରୀଷ୍ଟଧର୍ମାବଲମ୍ବୀ।



ଘୋଡ଼ାଗାଡିରେ ଭୁବନେଶ୍ୱର ପରିକ୍ରମା କରୁଥିବା ସାନ୍ତା। (ଫଟୋ: ବିକାଶ)




ବଡ଼ଦିନ ଅବସରରେ ପୁରୀ ବେଳାଭୂମିରେ ଶନିବାର ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସାନ୍ତା ବାଲୁକା କଳା। (ଫଟୋ: ଯଜ୍ଞେଶ୍ୱର)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନମ



@ ପାର୍ବତୀ



@ ଶଙ୍କର



@ ଅର୍ପିତା



@ ସତ୍ୟଜିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପୃଥିବୀ ପାଇଁ ଭାରତର ସ୍ୱାଧୀନତା ଚାହିଁଥିଲେ ଶ୍ରୀଅରବିନ୍ଦ

ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)

ଶ୍ରୀଅରବିନ୍ଦ ସମଗ୍ର ପୃଥିବୀ ପାଇଁ ଭାରତର ସ୍ୱାଧୀନତା ଚାହିଁଥିଲେ। କୋଲକାତାସ୍ଥିତ ଶ୍ରୀ ଅରବିନ୍ଦ ଭବନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅରବିନ୍ଦ ଭବନରେ 'ଭାରତର ସ୍ୱାଧୀନତା ସଂଗ୍ରାମକୁ ଶ୍ରୀ ଅରବିନ୍ଦଙ୍କ ଅବଦାନ' ଶୀର୍ଷକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରଫେସର ବିଶ୍ୱନାଥ ରାୟ ଏହା କହିଥିଲେ। ସେ କହିଥିଲେ, ଇଂଲଣ୍ଡରେ ଥିବା ସମୟରୁ ଶ୍ରୀ ଅରବିନ୍ଦ ଭାରତର ସ୍ୱାଧୀନତା ସମ୍ପର୍କରେ ଉଦ୍ୟମ ଆରମ୍ଭ କରିଥିଲେ। ସେ ଦେଶପ୍ରେମ, ଜାତୀୟତା ଓ ମାନବତାର ସ୍ଥପତି ଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରି କହିଲେ, ଭାରତର ସ୍ୱାଧୀନତା ଆନ୍ଦୋଳନ ଆମୂଳଚୂଳ ଶ୍ରୀ ଅରବିନ୍ଦଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଭାଗ୍ୟ ଅନ୍ୟ ପ୍ରକାରର ହୋଇଥାନ୍ତା। ସେ ଅହିଂସାର ବିରୋଧୀ ନ ଥିଲେ, ମାତ୍ର ଅତି ଅହିଂସାର ପରିଣତିକୁ ନେଇ ଶଙ୍କାକୁଳ ଥିଲେ ବୋଲି କହିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ପୁଡୁଚେରୀ ଶ୍ରୀ ଅରବିନ୍ଦ ଆଶ୍ରମରୁ ଆସିଥିବା ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ।

ବୈଷୟିକ ଅଧିବେଶନରେ ଡ. ସୌମିତ୍ର ବସୁ, ଡ. ଜନ୍ମେଜୟ ଦ୍ୱିବେଦୀ, ଡ. ଗୋଲକବିହାରୀ ସାହୁ, ଡ. ଦିଲୀପ କୁମାର ରାୟ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ବସନ୍ତ କୁମାର ପଣ୍ଡା ଓ ଦ୍ୱିତୀୟ ଅଧିବେଶନରେ ଡ. ସୁସ୍ମିତା ପାଣି ପୌରୋହିତ୍ୟ କରିଥିଲେ। ପ୍ରଫେସର ଅମର୍ତ୍ତ୍ୟ କୁମାର ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଳକାନନ୍ଦା ରାୟ ଓ ଚନ୍ଦନଲୋକ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।




ଜାତୀୟ ସେମିନାରରେ (ବାମରୁ) ବିଶ୍ୱଜିତ ଗାଙ୍ଗୁଲି, ପ୍ରଫେସର ବିଶ୍ୱନାଥ ରାୟ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ.ହୃଷୀକେଶ ମଲ୍ଲିକ, ପ୍ରଫେସର ଅମର୍ତ୍ତ୍ୟ କୁମାର ଦତ୍ତ ଓ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ।

# ନନ୍ଦନକାନନରେ ପର୍ଯ୍ୟଟକ ନିଖୋଜ

ବାରଙ୍ଗ,୨୪।୧୨(ଡି.ଏନ୍.ଏ.)

ନନ୍ଦନକାନନ ବୁଲିବାକୁ ଆସି ଜଣେ ପର୍ଯ୍ୟଟକ ନିଖୋଜ ହୋଇଥିବା ନନ୍ଦନକାନନ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁକରି ହାତବାନ୍ଧି ବସିଥିବା ନିଖୋଜଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଆଳି ମାଳପାଟଣା ଗ୍ରାମର ହାଡ଼ିବନ୍ଧୁ ଲେଙ୍କା(୪୭) ଭାଇ ସର୍ବେଶ୍ୱର ଲେଙ୍କାଙ୍କ ସହ ସପରିବାର ଶୁକ୍ରବାର ନନ୍ଦନକାନନ ବୁଲିବାକୁ ଆସିଥିଲେ। ସେମାନେ ଅପରାହ୍ନ ୨ଟା ୫ ମିନିଟ୍ ସମୟରେ ନନ୍ଦନକାନନ ଟିକେଟ କରି ବୁଲି ୫ଟା ୭ ମିନିଟ୍ ସମୟରେ ନନ୍ଦନକାନନରୁ ବାହାରିଥିଲେ। ଟିକେଟ କାଉଣ୍ଟର ପାଖରେ ବିକ୍ରି ହେଉଥିବା ଖାଦ୍ୟ ଖାଉଥିବା ସମୟରେ ୨ଟି ଷଣ୍ଢ ହଠାତ୍ ମରାମରି ହୋଇଥିଲେ। ଏଥିଯୋଗୁ ସେଠାରେ ଥିବା ପର୍ଯ୍ୟଟକ ଭୟରେ ଏଣେତେଣେ ପଳାଇ ଯାଇଥିଲେ। ପରେ ଏକାଠି ହେବା ପରେ ହାଡ଼ିବନ୍ଧୁଙ୍କୁ ତାଙ୍କ ପରିବାର ଲୋକେ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ନ ପାଇବାରୁ ପରିବାର ଲୋକେ ନନ୍ଦନକାନନ ମୁଖ୍ୟ ଫାଟକରେ ଥିବା କର୍ମଚାରୀଙ୍କୁ ଅବଗତ କରାଇ ସିସିଟିଭି ଯାଞ୍ଚ କରିବାକୁ କହିଥିଲେ। ନନ୍ଦନକାନନ କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିବାରୁ ଥାନାକୁ ଯାଇ ଅଭିଯୋଗ କରିବାକୁ କର୍ମଚାରୀ ପରାମର୍ଶ ଦେଇଥିଲେ। ପରେ ଭାଇ ନିଖୋଜ ସମ୍ପର୍କରେ ସର୍ବେଶ୍ୱର ସନ୍ଧ୍ୟାରେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇ ହାଡ଼ିବନ୍ଧୁଙ୍କୁ ଖୋଜିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏବେ ପର୍ଯ୍ୟଟନ ଋତୁ ଥିବାରୁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନନ୍ଦନକାନନ ଭିତର ଓ ବାହାରେ ସିସି କ୍ୟାମେରା ଲାଗିଛି। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ଡିସେମ୍ବର, ୨୦୨୨



**ଇଟା ଭାଟିରେ ବିସ୍ଫୋରଣ: ୯ ଶ୍ରମିକ ମୃତ**

ପାଟନା: ବିହାର ପୂର୍ବ ଚମ୍ପାରନ୍ ଜିଲା ଅନ୍ତର୍ଗତ ରାମଗରଓ୍ୱା ଅଞ୍ଚଳରେ ଏକ ଇଟା ଭାଟି ଚିମ୍ନିରେ ଶୁକ୍ରବାର ରାତିରେ ବିସ୍ଫୋରଣ ଘଟି ୯ ଶ୍ରମିକଙ୍କ ମୃତ୍ୟୁ ହେବା ସହ ୧୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ କେତେଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ସଂକ୍ଷେପରେ

### ସାଢ଼େ ୪ ଲକ୍ଷ ଟଙ୍କାର ହେରୋଇନ ଜବତ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ) : ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ଅବକାରୀ ଟିମ୍ ଚଢ଼ାଉ କରି ଜଣେ ନିଶା ବେପାରୀଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ନନ୍ଦନକାନ ଥାନା ଅନ୍ତର୍ଗତ ଗଣ୍ଡରପୁରର ରାଜକିଶୋର ସାହୁ (୩୦) । ତାଙ୍କଠାରୁ ୪୫ ଗ୍ରାମର ହେରୋଇନ ଜବତ କରାଯାଇଛି । ଜବତ ହେରୋଇନର ଆନୁମାନିକ ମୂଲ୍ୟ ସାଢ଼େ ୪ ଲକ୍ଷ ଟଙ୍କା ହେବ । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ହରପାର୍ବତୀ ଯୋଗ ଅନୁଷ୍ଠାନର ବାର୍ଷିକୋତ୍ସବ

ବାଲିପାଟଣା,୨୪।୧୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଲିକୁଦା ପାଟଣା ଦେବୀ ମଣ୍ଡପରେ ଶନିବାର ହରପାର୍ବତୀ ଯୋଗ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ବୈରାଗୀ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଯୋଗ ଶିକ୍ଷାର୍ଥୀମାନେ ହନୁମାନ ଚାଳିଶା, ଗଣେଶ ବନ୍ଦନା ଓ ଭଜନ ସମୂହ ଗାନ କରିଥିଲେ। ଅତିଥିଭାବେ ଯୋଗ ଶିକ୍ଷକ ଗୋକୁଳାନନ୍ଦ ଜେନା, ବିଜ୍ଞାନ ଶିକ୍ଷକ ମାନସ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର, ଯୋଗ ଗୁରୁ ପ୍ରଶାନ୍ତ ପ୍ରଧାନ, କ୍ଷେତ୍ରମୋହନ ଦୀକ୍ଷିତ ପ୍ରମୁଖ ଯୋଗ ସାଧନା ଦ୍ୱାରା ମାନସିକ, ଶାରୀରିକ ଓ ଆଧାତ୍ମିକ ସ୍ତରରେ କିପରି ପରିବର୍ତ୍ତନ ହୁଏ ଆଲୋକପାତ କରିଥିଲେ। ପୂର୍ବତନ ସରପଞ୍ଚ କାଶୀନାଥ ସାହୁ ଅତିଥିଙ୍କ ପରିଚୟ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ ଏବଂ ଅନୁଷ୍ଠାନର ସମ୍ପାଦକ ହେମନ୍ତ କୁମାର ସାହୁ ପରିଚାଳନା କରିଥିଲେ।

### ସାହିତ୍ୟରେ ପଲ୍ଲୀ ଜୀବନକୁ ସ୍ଥାନିତ କରିଥିଲେ ନନ୍ଦକିଶୋର

ଭୁବନେଶ୍ୱର,୨୪।୧୨(ବ୍ୟୁରୋ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୪୭ତମ ଜୟନ୍ତୀ ଶୁକ୍ରବାର ଜୟଦେବ ବିହାର ନିକଟ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ପାଳିତ ହୋଇଯାଇଛି। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଓ ସଂସ୍କୃତିପ୍ରେମୀ ଯୋଗଦେଇ ସ୍ୱର୍ଗତ ବଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନନ୍ଦକିଶୋର ବଳ ସାହିତ୍ୟରେ ପଲ୍ଲୀ ଜୀବନକୁ ସ୍ଥାନିତ କରି ଓଡ଼ିଆ ସାହିତ୍ୟ ଜଗତରେ ଏକ ନୂତନଧାରା ଆରମ୍ଭ କରିଥିଲେ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଗିରିଜା ଶଙ୍କର ମହାପାତ୍ର, ରମେଶ ଚନ୍ଦ୍ର ପାତାଳସିଂହ, ରୁଦ୍ରନାରାୟଣ ସାମନ୍ତରାୟ, ସରୋଜିନୀ ମିଶ୍ର, ରୀତା ମହାନ୍ତି, ସଂଯୁକ୍ତା ମିଶ୍ର, ଅନୁପମା ବେହେରା, ଅବନୀ ଚନ୍ଦ୍ର ଦାସ, ଅମୂଲ୍ୟ କୁମାର ସ୍ୱାଇଁ , ଅଜିତ କୁମାର ସାହୁ, ତପନ ପଟ୍ଟନାୟକ ଏବଂ ଉଇ ଫର୍ ଭୁବନେଶ୍ୱରର ସଦସ୍ୟମାନେ ଯୋଗଦେଇଥିଲେ। ସାମ୍ବାଦିକ ଦୀପକ ମହାପାତ୍ର, ଗବେଷକ ଭକ୍ତିରଞ୍ଜନ ପଲାଇ, ଚିତ୍ତରଞ୍ଜନ ମହାନ୍ତି, ଅର୍ଜୁନ ସାହୁ ଓ ହରିପ୍ରିୟଙ୍କୁ 'ପଲ୍ଲୀକବି ନନ୍ଦକିଶୋର ବଳ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ରାଜ୍ୟ ଗ୍ରନ୍ଥାଗାରରେ ପଲ୍ଲୀକବିଙ୍କ ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।

# ଦେଶର ଆଶା ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ସୈନିକ ସ୍କୁଲର ହୀରକ ଜୟନ୍ତୀ**

ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ






ସୈନିକ ସ୍କୁଲର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଭୁବନେଶ୍ୱର ସୈନିକ ସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଲେ, ସୈନିକ ସ୍କୁଲ ଗୁଣାତ୍ମକ ଶିକ୍ଷା, ଚରିତ୍ର ନିର୍ମାଣ ଏବଂ ବ୍ୟକ୍ତିତ୍ୱ ସମୃଦ୍ଧି କ୍ଷେତ୍ରରେ ଏକ ବେଞ୍ଚମାର୍କ ପାଲଟିଛି। ଏହା କେବଳ ଆମ ଦେଶର ଶ୍ରେଷ୍ଠ ସୈନିକ ସୃଷ୍ଟି କରିନାହିଁ, ବରଂ ଏହାର ବହୁ ସଂଖ୍ୟକ କ୍ୟାଡେଟ୍ ସିଭିଲ ସର୍ଭିସେସ୍, ମେଡିସିନ୍, ଇଞ୍ଜିନିୟରିଂ, ନୌସେନା, ଉଦ୍ୟୋଗୀତା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଆମର ଶିକ୍ଷା ବ୍ୟବସ୍ଥା କେବଳ ଏକାଡେମିକ୍ ଉତ୍କର୍ଷ ଉପରେ ନିର୍ଭର କରେ ନାହିଁ, ଏହା ଜ୍ଞାନ, ଆତ୍ମବିଶ୍ୱାସ, ଦାୟିତ୍ୱ ଏବଂ ସ୍ୱାଧୀନ ଭାବରେ ଜୀବନର ପରିସ୍ଥିତିକୁ ସାମ୍ନା କରିବାର କ୍ଷମତା ସହିତ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିଥାଏ। ଏହି ସ୍କୁଲ ମାତୃଭୂମିର ସେବା କରିବା ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ସାମର୍ଥ୍ୟକୁ ଜାଗ୍ରତ କରିବାକୁ ଚେଷ୍ଟା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ପ୍ରତ୍ୟେକ ସୁଯୋଗକୁ ବ୍ୟବହାର କରି ବିଦ୍ୟାଳୟ ତଥା ଦେଶର ଆଶା ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟ ଅଧ୍ୟକ୍ଷ କର୍ଣ୍ଣେଲ୍ ବାଲୁଭରତ, ଲ୍ୟୁଟ୍‌ନାଲ ଜେନେରାଲ ଜେ.କେ. ମହାନ୍ତି (ଅବସରପ୍ରାପ୍ତ) ଏବଂ ପୁରାତନ ବାଳକ ସଂଘ ସଭାପତି ହରଦମନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଜମ୍ମୁକଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶୌର୍ଯ୍ୟଚକ୍ର (ମରଣୋତ୍ତର) ପୁରସ୍କାର ବିଜେତା କ୍ୟାପ୍‌ଟେନ୍ ଆଶୁତୋଷ କୁମାରଙ୍କ ମାତାପିତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୬୨ ଜାନୁୟାରୀ ୧୫ରେ ସୈନିକ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା। ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକ, ଛାତ୍ର ତଥା ସମସ୍ତ କ୍ୟାଡେଟ୍‌ଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ରାଜଧାନୀରେ ସେକ୍ସ ରାକେଟ

**୩ ଗ୍ରାହକ, ୪ ଯୁବତୀଙ୍କୁ ଧରିଲା ପୋଲିସ**

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ରାଜଧାନୀରେ ଚାଲିଥିଲା ସେକ୍ସ ରାକେଟ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ଭାଗବତ ବସ୍ତିରେ ପୋଲିସ ଶନିବାର ରାତିରେ ଚଢ଼ାଉ କରି ୩ଜଣ ଗ୍ରାହକ ଓ ୪ଜଣ ଯୁବତୀଙ୍କୁ ଧରିଛି। ୪ ଯୁବତୀଙ୍କୁ ସୁଧାର ଗୃହକୁ ପଠାଇବା ସହ ୩ଜଣ ଗ୍ରାହକଙ୍କୁ ଅଟକ ରଖି ଅଧିକ ତଦନ୍ତ ଚାଲିଛି। ଅଟକ ବ୍ୟକ୍ତିମାନେ ହେଲେ ହେଲେ କେନ୍ଦ୍ରାପଡ଼ାର ଚନ୍ଦ୍ରମଣି ସାହୁ, ଜଗତ୍‌ସିଂପୁରର ସନ୍ତୋଷ ପଟ୍ଟନାୟକ ଓ ଖୋର୍ଦ୍ଧାର ଫିରୋଜ ଅନ୍‌ସାରୀ।

ସୂଚନାନୁସାରେ, ଭାଗବତ ବସ୍ତିର ଏକ ଘରେ ଗତ କିଛିଦିନ ହେବ ସେକ୍ସ ରାକେଟ ଚାଲିଥିଲା। ଏନେଇ ପୋଲିସ ବି ଖବର ପାଇବା ପରେ ଚଢ଼ାଉ ପାଇଁ ଯୋଜନା କରିଥିଲା। ଶନିବାର ରାତିରେ ଉକ୍ତ ଘରେ ଦେହ ବ୍ୟବସାୟ ଚାଲୁଥିବା ସୂଚନା ପାଇବା ପରେ ମଞ୍ଚେଶ୍ୱର ଥାନା ପୋଲିସ ସ୍ପେଶାଲ ସ୍କାଡ୍ ସହଯୋଗରେ ଚଢ଼ାଉ କରିଥିଲା। ଏହି ସମୟରେ ଦେହ ବ୍ୟବସାୟରେ ଲିପ୍ତ ଥିବା ୨ଜଣ ଯୁବକଙ୍କୁ ପୋଲିସ ଅସଜ୍ଜିତ ଅବସ୍ଥାରେ ଧରିଥିବାବେଳେ ଅନ୍ୟଜଣେ ଗ୍ରାହକ ଦେହଜୀବୀଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ କାବୁ କରାଯାଇଥିଲା। ଦେହ ବ୍ୟବସାୟରେ ଲିପ୍ତ ଥିବା ସମସ୍ତ ଯୁବତୀଙ୍କ ଘର ଓଡ଼ିଶାରେ ବୋଲି ପୋଲିସ କହିଛି। ତେବେ ଏହି ଦେହ ବ୍ୟବସାୟ କିଏ କେତେ ଦିନ ଧରି ଚଳାଉଥିଲେ, ସେନେଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ସୁଧିର ସାହୁ କହିଛନ୍ତି।

# ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାର କବାଟ କାର୍ଯ୍ୟ ସରିଲା

ପୁରୁଣା ଭୁବନେଶ୍ୱର, ୨୪।୧୨ (ଡି.ଏନ୍.ଏ.)



ଦୀର୍ଘ ଦେଢ଼ମାସ ପରେ ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ମୁଖ୍ୟ କବାଟ କାର୍ଯ୍ୟ ଶନିବାର ଶେଷ ହୋଇଛି। ୧୪ ଫୁଟ ୬ ଇଞ୍ଚ ଲମ୍ବ ଏବଂ ୮ ଫୁଟ ଓସାର ବିଶିଷ୍ଟ ବିଭିନ୍ନ କାରୁକାର୍ଯ୍ୟରେ ଏହି କବାଟ ଶାଗୁଆନ କାଠରେ ନିର୍ମାଣ ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପୁରୀର ଜଣେ ମହାରଣାଙ୍କ ତତ୍ତ୍ୱାବଧାନରେ କୁଶଳୀ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ପୁରୀ ଜଗନ୍ନାଥ ମନ୍ଦିର କବାଟ ନିର୍ମାଣକାରୀ ମହାରଣା ଏହି କାର୍ଯ୍ୟ କରିଥିବା ଏଏସ୍‌ଆଇ ସଂରକ୍ଷଣ ଅଧୀକ୍ଷକ ମାନସ ସାହୁ କହିଛନ୍ତି। ସୂଚନାଥାଉ କି, ଏହି କବାଟ ଗତ ଫନୀ ବାତ୍ୟାରେ ଆଂଶିକ କ୍ଷତି ହୋଇଥିଲା। ଫଳରେ କବାଟ ବଦଳାଇବା ନେଇ ସେବାୟତଙ୍କ ମହଲରେ ଦାବି ହୋଇଆସୁଥିଲା।

**ଲାଗିଲା ପୁରୁଣା ପିତ୍ତଳ କାରୁକାର୍ଯ୍ୟ**

ଚଳିତ ବର୍ଷ କବାଟରେ ରୁପାର କାରୁକାର୍ଯ୍ୟ ଖଚିତ ହେବା ନେଇ ଜଣେ ସରକାରୀ ଅଧିକାରୀ ଏକାମ୍ର ଯୋଜନା କାର୍ଯ୍ୟାରମ୍ଭ ସମୟରେ କହିଥିଲେ। ତେବେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କବାଟରେ ପୁରୁଣା ପିତ୍ତଳ ସଫେଇ କରାଯାଇ ଲଗାଯାଇଛି। ଫଳରେ କବାଟରେ ରୁପା ଲଗାଯିବା ଆଶଙ୍କାରେ ରହିଛି। ଅନ୍ୟପକ୍ଷରେ ରବିବାର ଠାରୁ ସମସ୍ତ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଗୌତମ ନଗରରେ ସ୍ୱଚ୍ଛ ଭାରତ ଅଭିଯାନ

ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)

ଗୌତମ ନଗର ଉନ୍ନୟନ ପରିଷଦ ଓ ବିଏମ୍‌ସି ପକ୍ଷରୁ ଗୌତମ ନଗର ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ନୃପେଶ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସଫେଇ କର୍ମଚାରୀ ଓ ପରିଷଦ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ପରିଷଦ ସଭାପତି ଅଶୋକ କୁମାର ମହାପାତ୍ର ଓ କର୍ମକର୍ତ୍ତାମାନେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# 'ଛାତ୍ରୀଛାତ୍ର ଖେଳକୁ କ୍ୟାରିୟର କରନ୍ତୁ'

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

**ସାଇ ଅଲିମ୍ପିକ୍ସ ଉଦ୍‌ଯାପିତ**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ 'ସାଇ ଅଲିମ୍ପିକ୍ସ'ର ଅଷ୍ଟମ ସଂସ୍କରଣ ଶୁକ୍ରବାର ସାଇ ଇଣ୍ଟରନ୍ୟାଶନାଲ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହା ଡିସେମ୍ବର ୨୧ରୁ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଆଡିଶନାଲ ଡିଜିପି (ସିଆଇଡ଼ି-ସିବି) ତଥା ପରିବହନ କମିଶନର ଅରୁଣ ବୋଥ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଖେଳକୁ ନିଜର କ୍ୟାରିୟର କରିବାକୁ ପରାମର୍ଶ ଦେଇଥିଲେ। ଖେଳକୁଦ ସହ ନିୟମିତ ଶାରୀରିକ ବ୍ୟାୟାମ ଦ୍ୱାରା ଦେହ ଓ ମନ ସୁସ୍ଥ ରହେ। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗନେଇ ଉତ୍କୃଷ୍ଟ ପ୍ରଦର୍ଶନ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ନିଜ ଭିତରେ ଖେଳୁଆଡ଼ ମନୋଭାବ ରହିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଭିତରେ ବିନମ୍ରତା, ଭଦ୍ରତା ଓ କଠିନ ପରିଶ୍ରମ କରିବାର ସଂକଳ୍ପ ବିକଶିତ ହୋଇପାରିବ। ଏହି ଅବସରରେ ଆଜାଦି କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଶେଖ୍ ସମିମ୍ ଓ ସଞ୍ଜୟ ସାହୁ ଖେଳ ପରିଚାଳନା କରିଥିଲେ। ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ୨ଦିନିଆ କଳିଙ୍ଗ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୧୨



ଓଡ଼ିଶା ଆଦିବାସୀ କଳା ସାହିତ୍ୟ ଓ ସଂସ୍କୃତିକୁ ନେଇ ସ୍ଥାନୀୟ ରେଳ ବିହାର ରେଳ ଅଡିଟୋରିୟମଠାରେ ୨ଦିନିଆ କଳିଙ୍ଗ ଉତ୍ସବ-୨୨ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଇନ୍ଦିରା ଗାନ୍ଧୀ ଜାତୀୟ କଳା ଓ ନିର୍ଦ୍ଦେଶକ, କେନ୍ଦ୍ରୀୟ ଡ୍ରାମା ଓ ସଂସ୍କୃତି ବିଭାଗର ଏଚ୍‌ଓଡି ପ୍ରଫେସର ରମେଶ ଚନ୍ଦ୍ର ଗୌର, ସଂସ୍କୃତି ବିଭାଗର ଯୁଗ୍ମ ସଚିବ ସଂଯୁକ୍ତ ମୁଦ୍‌ଗୁଲ, ଆଇଏମ୍‌ଏସ୍‌ର ନିର୍ଦ୍ଦେଶକ ଉପେନ୍ଦ୍ର ପାଢ଼ୀ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଏସ୍. ସି. ବର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମାଟିର ଆଦିବାସୀ ସଂସ୍କୃତିକୁ ପୁନର୍ଜୀବିତ କରିବା ଏବଂ ଏହାକୁ ରାଜ୍ୟର ପରିଚୟର କେନ୍ଦ୍ରବିନ୍ଦୁ ଭାବରେ ସ୍ଥାନିତ କରିବା, ଅନୁସୂଚିତ ଜାତି ସମ୍ପ୍ରଦାୟକୁ ସମର୍ଥନ କରିବା ତଥା ଆଦିବାସୀ କଳାକୁ ଲୋକଲୋଚନକୁ ଆଣିବା କଳିଙ୍ଗ ଉତ୍ସବର ମୂଳଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶେଷକରି ଭାରତ ସରକାରଙ୍କ 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୩୦୦ରୁ ଅଧିକ ବିଦ୍ୟାଳୟ ଏବଂ ଭୁବନେଶ୍ୱରର ୨୦ରୁ ଅଧିକ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ଆଦିବାସୀ ଗୀତ ଏବଂ ସାହିତ୍ୟ ପାଇଁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଦୁଇ ବ୍ୟକ୍ତିଙ୍କ ଆଲୋଚନା ଅଧିବେଶନ କରାଯାଇଛି। ଗଡବା, ଓରାମ, ସାନ୍ତାଳୀ, ଏବଂ ଭୂମିଜ ଭଳି ଆଦିବାସୀ ଗୋଷ୍ଠୀମାନଙ୍କ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଆଦିବାସୀ କଳା, ହସ୍ତଶିଳ୍ପ ଏବଂ ସ୍ୱଦେଶୀ ଉତ୍ପାଦନର ୧୨ଟି ଷ୍ଟଲ୍‌ରେ ବିଭିନ୍ନ ସାମଗ୍ରୀ ଉକ୍ତ ଉତ୍ସବରେ ପ୍ରଦର୍ଶନ କରାଯାଉଛି। ଉକ୍ତ ଉତ୍ସବ ଡିସେମ୍ବର ୨୪ ଓ ୨୫ ଦୁଇଦିନ ଧରି ଅନୁଷ୍ଠିତ ହେବ।

# 'ନିୟମିତ କ୍ରୀଡ଼ାଭ୍ୟାସ ସଫଳ କ୍ରୀଡାବିତ୍ କରାଇବ'

ଭୁବନେଶ୍ୱର,୨୪।୧୨ (ବ୍ୟୁରୋ)

ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶ ବାର୍ଷିକ କ୍ରୀଡା ଉତ୍ସବ ପରିଚାଳନା ସମିତି ସମ୍ପାଦକ ଇନ୍ଦ୍ରମଣି ସେଣ୍ଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ବିଦ୍ୟା ଅର୍ଜନ ସହିତ ଖେଳକୁଦ ଉପରେ ସମସ୍ତେ ଅଭିରୁଚି ରଖିବା ପାଇଁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଜାତୀୟ କ୍ରୀଡା ପ୍ରତିଷ୍ଠାନର ପ୍ରଶିକ୍ଷିକା(ଭଲିବଲ୍)ସୁଷମା ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରମାନେ ନିୟମିତ କ୍ରୀଡା ଅଭ୍ୟାସ କଲେ ଭବିଷ୍ୟତରେ ଜଣେ ଜଣେ ସଫଳ କ୍ରୀଡାବିତ୍ ହୋଇ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧିକରି ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସୁଶ୍ରୀ ଶିବାନୀ ପ୍ରିୟଦର୍ଶିନୀ ଯୋଗ ଦେଇ କୁନିକୁନି କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକ କ୍ରୀଡାର ସଂଯୋଜକ ନନ୍ଦ କିଶୋର ସାହୁ କ୍ରୀଡା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସୁରେଶଚନ୍ଦ୍ର ବେହେରା ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ କେଦାରନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩ଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେ ବିଭିନ୍ନ ବିଭାଗରେ କୃତୀ ତଥା ଶ୍ରେଷ୍ଠ କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ତିନିଦିନ ଧରି ଚାଲିଥିଲା।

**ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ**



ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ନାଟ୍ୟକାର ବିପ୍ଳବଙ୍କୁ ଚଉଷଠି ଯୋଗିନୀ ନାଟ୍ୟ ସମ୍ମାନ

ବାଲକାଟୀ,୨୪।୧୨(ଡି.ଏନ୍.ଏ.)




ଯୋଗିନୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ ନାଟ୍ୟକାର ବିପ୍ଳବ ଶତପଥୀଙ୍କୁ ସମ୍ମାନିତ କରୁଛନ୍ତି।

ରାଜଧାନୀ ଉପକଣ୍ଠ ହୀରାପୁରସ୍ଥିତ ମହାମାୟା ଚଉଷଠି ଯୋଗିନୀ ପୀଠରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଷୋଡ଼ଶ ଚଉଷଠି ଯୋଗିନୀ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ପ୍ରମୁଖ ଅତିଥି ଭାବେ ଗୌରବ ରାଲହନ, ଫିଲ୍ମ ପ୍ରଯୋଜକ ଏଲ.ଏନ୍. ଅଗ୍ରୱାଲ, ଗୁରୁ ଗଜେନ୍ଦ୍ର ପଣ୍ଡା, ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ରବୀନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ଚଳିତ ବର୍ଷର ଚଉଷଠି ଯୋଗିନୀ ନାଟ୍ୟ ସମ୍ମାନ ନାଟ୍ୟକାର ବିପ୍ଳବ ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ରଜନୀ ରଞ୍ଜନ ଅଧ୍ୟକ୍ଷତା କରିଥିଲେ। ପରେ ଶୀତୁଆ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟରେ ଥିଲା ଦଳଗତ ଓଡ଼ିଶୀ ନୃତ୍ୟ। ଗୁରୁ ପୀତାମ୍ବର ବିଶ୍ୱାଳଙ୍କ ସୁରଭି ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ, ଯାହା ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଏହାପରେ ୭ଟି ବାଦ୍ୟକୁ ନେଇ ଗଞ୍ଜାମ ଜିଲାରୁ ଆସିଥିବା କଳାକାର ଆଲୋକ ବିଶୋଇ ଓ ଦଳ ତାଳ ବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। କୋଲକାତାରୁ ଆସିଥିବା ଅଂଶୁମାନ ଗୁପ୍ତା ଓ ଦଳ ପରିବେଷଣ କରିଥିଲେ କଥାକଳି ନୃତ୍ୟ। ଦ୍ୱିତୀୟ ସନ୍ଧ୍ୟାର ଅନ୍ତିମ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା ଗଞ୍ଜାମ ଦିଗପହଣ୍ଡିର କଣ୍ଢେଇ ନାଚ, ଯାହାକୁ ବିଚିତ୍ରା ବର୍ଣ୍ଣାଳୀ ନାଟ୍ୟ ସଂଘ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଲଳିତ ଢଙ୍ଗରେ ମଞ୍ଚ ଉପରେ ସଂଯୋଜନା କରୁଥିଲେ ଇଞ୍ଜିନିୟର ଶ୍ରୀନିବାସ ଘଟୁଆରୀ, ଯାହାଙ୍କ ସଂଯୋଜନା ଦର୍ଶକଙ୍କୁ ଶୀତୁଆ ରାତିରେ ମଞ୍ଚ ପାଖରେ ବାନ୍ଧି ରଖିବାକୁ ଖୋରାକ ଯୋଗାଇଥିଲା।

**ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ଡିସେମ୍ବର, ୨୦୨୨

## ତହସିଲ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବିରେ ଧାରଣା ଜାରି

**ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.):** ଜଗତପୁରରେ ଥିବା ତହସିଲ କାର୍ଯ୍ୟାଳୟକୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟକୁ ସ୍ଥାନାନ୍ତର ଦାବିରେ ଜାରି ରହିଥିବା ଅନଶନ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଗୁରୁବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୧୫ଟି ପଞ୍ଚାୟତର ପ୍ରତିନିଧି ମଣ୍ଡଳୀ, ବୁଦ୍ଧିଜୀବୀଙ୍କ ସମେତ ଶତାଧିକ ଜନସାଧାରଣ ଧାରଣା ଦେଇଥିଲେ। ଜଗତପୁରରୁ ତହସିଲ କାର୍ଯ୍ୟାଳୟ ଟାଙ୍ଗୀକୁ ନ ଆସିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କୋଟସାହି ପଞ୍ଚାୟତ ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ କହିଛନ୍ତି। ତୃତୀୟ ଦିନରେ କୋଟସାହି ପଞ୍ଚାୟତ ସମିତି ସଭ୍ୟା ମଧୁସ୍ମିତା ଚାତାର, ଜ୍ଞାନରଞ୍ଜନ ପଣ୍ଡା, ଦେବାଶିଷ ମଲ୍ଲିକ, ତାପସ କୁମାର ନାୟକ, ଦୁର୍ଗା ମାଧବ ସାହୁ, ଭୁବନାନନ୍ଦ ରାଉତ, ନିରଞ୍ଜନ ବେଉରା ପ୍ରମୁଖ ଯୋଗ ଦେଇଥିଲେ।



## ଆଜି କ'ଣ କେଉଁଠି

କଟକ
- ୧୭ତମ ମହାନଦୀ ଫେଷ୍ଟିଭାଲର ୫ମ ସନ୍ଧ୍ୟା, ନେତାଜୀ ଖେଳପଡ଼ିଆ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା।

ତିଗିରିଆ
- ଆର୍.ପି. ଆବାସିକ ହାୟର ସେକେଣ୍ଡାରି ସ୍କୁଲ୍‌ର ୧୦ମ ବାର୍ଷିକ ଉତ୍ସବ, ବିଧାରପୁର କଲେଜ କ୍ୟାମ୍ପସ୍, ସକାଳ ୯ଟା।

## ପରଲୋକରେ...

### ପୂର୍ବତନ ଅଧ୍ୟାପକ

**କଟକ ଅଫିସ,୨୪।୧୨:** ସ୍ଥାନୀୟ ମହାଜନପୁର ପଞ୍ଚାୟତର ଜଣାଶୁଣା ବ୍ୟକ୍ତି ଚନ୍ଦ୍ରମଣି ସ୍ୱାଇଁଙ୍କ ପରଲୋକ ହୋଇଯାଇଛି। ସେ ହୃଦ୍‌ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ।



ସ୍ଥାନୀୟ ଅଞ୍ଚଳରେ ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ତଥା ପୂର୍ବତନ ଅଧାପକ ଭାବେ ପରିଚିତ ଥିଲେ। ଶେଷଶଯ୍ୟା ନିକଟରେ ସ୍ତ୍ରୀ ପ୍ରତିଭା, ଝିଅ ପ୍ରୀତି, ଭାଇ ଇନ୍ଦ୍ରମଣି ଓ ଅଚ୍ୟୁତାନନ୍ଦ, ନାତି ଆଦିତ୍ୟଙ୍କ ସହ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଚେତନ ମୁଖାଗ୍ନି ଦେଇଥିଲେ।

### ମନ୍ଦିର ପରିଚାଳନା କମିଟି ସଦସ୍ୟ

**ଚୌଦ୍ୱାର,୨୪।୧୨(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ଅଧୀନ ନୂଆସାହିର ଧର୍ମପରାୟଣ ବ୍ୟକ୍ତି ବସନ୍ତ କୁମାର ଦାସ(୭୯)ଙ୍କର ପରଲୋକ ହୋଇଯାଇଛି। ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ସେଠାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିବାବେଳେ ବିଭିନ୍ନ ମନ୍ଦିର ଓ ଧର୍ମାନୁଷ୍ଠାନ ସହିତ ଦୀର୍ଘଦିନ ହେବ ଜଡିତ ରହିଥିଲେ। ଏଥିସହ ସେ ସ୍ଥାନୀୟ ଶିବାନୀ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ନୂଆସାହିସ୍ଥିତ ଶ୍ମଶାନରେ ସତ୍କାର କରାଯାଇଥିଲା।

### ରାଜ୍ୟ ତୈଳିକ ବୈଶ୍ୟ ସମାଜର ପୂର୍ବତନ ସଭାପତି

**ମାଣିଆବନ୍ଧ,୨୪।୧୨(ଡି.ଏନ୍.ଏ.):** ବଡମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମର ଭଜମନ ସାହୁ (୮୯)ଙ୍କ ପରଲୋକ ଘଟିଛି। ସେ ସପ୍ତମ ରାଜ୍ୟ ତୈଳିକ ବୈଶ୍ୟ ସମାଜର ପୂର୍ବତନ ସଭାପତି ଥିଲେ। ସେ ନରସିଂହପୁର ତହସିଲର ମୁଖ୍ୟ କିରାଣି ଭାବେ କାର୍ଯ୍ୟ କରିଥିଲେ। ଅବସର ପରେ କିଛି ବର୍ଷ ପାଇଁ ମାଣିଆବନ୍ଧ ମହାବିଦ୍ୟାଳୟର ମୁଖ୍ୟ କିରାଣି ଭାବେ କାର୍ଯ୍ୟ କରି



ବ୍ୟବସ୍ଥାରେ ସୁଧାର ଆଣିଥିଲେ। ସାହୁଙ୍କ ମୃତ୍ୟୁ ଖବର ପାଇ ମାଣିଆବନ୍ଧ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ପରିଡା ଓ ମାଣିଆବନ୍ଧ ପୂର୍ବତନ ସରପଞ୍ଚ ବୃନ୍ଦାବନ ପାତ୍ର , ମାଣିଆବନ୍ଧ ବରିଷ୍ଠ ନାଗରିକ ସଂଘ ଉପସଭାପତି ବାଞ୍ଛାନିଧି ସାହୁ, ସମ୍ପାଦକ ଗୋବିନ୍ଦଚନ୍ଦ୍ର ମହାପାତ୍ର, ଚାପଧାରୀ ବେହେରା ପ୍ରମୁଖ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ବଜାର ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଦୋକାନ ସବୁ ବନ୍ଦ ରଖାଯାଇଥିଲା ।

# ଓଡ଼ିଆ ଶିଶୁ ସାହିତ୍ୟ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ

## ଓଡ଼ିଶା ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୨୪।୧୨**

ଓଡ଼ିଶା ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ରାଜ୍ୟସ୍ତରୀୟ ଏକବିଂଶତମ ସମାବର୍ତ୍ତନ ଉତ୍ସବ କଟକ ତିନିକୋଣିଆ ବଗିଚାସ୍ଥିତ ଏକ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଏହାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁବାଦକ ନରେନ୍ଦ୍ର ନାରାୟଣ ଦାଶ ଯୋଗଦେଇ ଓଡ଼ିଆ ଶିଶୁ ସାହିତ୍ୟ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡ. ନଟବର ସାହୁଙ୍କୁ ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ନୀଳମଣି ଚାନ୍ଦଙ୍କୁ ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ, ପ୍ରଦୀପ୍ତଭାନୁ ମହାନ୍ତିଙ୍କୁ ସୂର୍ଯ୍ୟମଣି ସାମନ୍ତରାୟ ସ୍ମାରକୀ ସମ୍ପାଦନା ସମ୍ମାନ, ଡ. ସୁରେଶ ଚନ୍ଦ୍ର କରଙ୍କୁ ପ୍ରଫେସର ଜଗମୋହନ ରାଠୋର ଶିଶୁ ସାହିତ୍ୟ ଗବେଷଣା ସମ୍ମାନ, ବସିରନ୍ ବିବିଙ୍କୁ ବିଦ୍ୟୁତ୍‌ଲତା ସଚ୍ଚିଦାନନ୍ଦ ଶିଶୁ ସାହିତ୍ୟ ସମ୍ମାନ, ସୁକୁମାର ସାମଲଙ୍କୁ ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ସଂଗଠନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିନ୍ଦୁସାଗର ଓଝାଙ୍କୁ ଘନଶ୍ୟାମ ପାଣି ଯୁବ ପ୍ରତିଭା ସମ୍ମାନ, ପ୍ରତ୍ୟୁଷ କୁମାରଙ୍କୁ ଶୁକଦେବ ବାରିକ ଶିଶୁ ପ୍ରତିଭା ସମ୍ମାନ, ଶ୍ରେୟା ମହାପାତ୍ରଙ୍କୁ ସାବିତ୍ରୀ ମହାପାତ୍ର ଶିଶୁ ପ୍ରତିଭା ସମ୍ମାନ, ଗାୟତ୍ରୀ ସାମନ୍ତଙ୍କୁ ଲାଲବିହାରୀ ଉତ୍ତରସିଂହ ମେଧା ସମ୍ମାନ, ରାଧାରାଣୀ ରାଜେଶ୍ୱରୀ ସେଠୀଙ୍କୁ ମିହିର ସେନ ସାହସିକ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ରତ୍ନାକର ନାୟକଙ୍କ ଶିଶୁ କବିତା 'ଝରାଫୁଲ ମହକ', ବିଜୟ କୁମାର ନାଥଙ୍କ ଶିଶୁ କବିତା 'ହଡ଼ବଡ଼ ଗଡ଼ବଡ଼', ପ୍ରେମାନନ୍ଦ ସେଠୀଙ୍କ ଶିଶୁ କବିତା 'ଉଡିବା ଟିକିଏ ଶିଖେଇ ଯାଅ', ଡ. ରାମଚନ୍ଦ୍ର ଦେଓଙ୍କ ପୁସ୍ତକ ଏବଂ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କିଶଳୟ' ଉନ୍ମୋଚିତ ହୋଇଥିଲା। ଡ. ସୁନାମଣି ରାଉତ ଅତିଥି ପରିଚୟ, ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉତ୍ସବର ଆଭିମୁଖ୍ୟ, ଅର୍ଚ୍ଚନାରାଣୀ ଭୂୟାଁ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ନଳିନୀପ୍ରଭା ନାୟକ ଧନ୍ୟବାଦ ଦେଇଥିଲେ।

**ଡ. ନଟବର ସାହୁଙ୍କୁ ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ**

# ବୈଦ୍ୟେଶ୍ୱର କପ୍ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ କୁମାରବସ୍ତ



ଅତିଥିଙ୍କ ଗହଣରେ ଖେଳାଳୀମାନେ।

**ବାଙ୍କୀ,୨୪।୧୨(ସ୍ୱ.ପ୍ର.)**

ବୈଦ୍ୟେଶ୍ୱର ଦିଶା ମିନିଷ୍ଟାଡିୟମରେ ଅନୁଷ୍ଠିତ ୧୫ତମ ବୈଦ୍ୟେଶ୍ୱର କପ କ୍ରିକେଟ ଟୁର୍ନାମେଣ୍ଟ ଗ୍ରୁପ 'ଏ'ର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ରାଇଜିଂ ଷ୍ଟାର୍ କୁମାରବସ୍ତ ଓ ମଞ୍ଚେଶ୍ୱର କ୍ଲବ ମଧ୍ୟରେ ଖେଳାଯାଇଥିଲା । ଖେଳକୁ ବୈଦ୍ୟେଶ୍ୱର ଜୁନିୟର କଲେଜର ଅଧକ୍ଷ କୃପାସିନ୍ଧୁ ପଲେଇ ଏବଂ ଶିରିଡି ସାଇ ପେଟ୍ରୋଲ ପମ୍ପ ମାଲିକ ପ୍ରକାଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମଞ୍ଚେଶ୍ୱର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ୍ ହରାଇ ୧୬୩ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟାର କୁମାରବସ୍ତ ୬ ଉଇକେଟ୍ ବିନିମୟରେ ୧୬୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଗଣେଶ୍ୱର ମହାପାତ୍ର ଓ ସୁନୀଲ କୁମାର ବେହେରା ଖେଳ ପରିଚାଳନା କରିଥିବାବେଳେ ସନ୍ତୋଷ କୁମାର ସାହୁ ରେଫରି କାର୍ଯ୍ୟ ତୁଲାଇ ଥିଲେ।

# 'ବିଶ୍ୱନାଥ ଥିଲେ ଆଧୁନିକ ଓଡ଼ିଆ ନବଯୁଗର ବାର୍ତ୍ତାବହ'




ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ, ୨୪।୧୨**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବାଗ୍ମୀ ବିଶ୍ୱନାଥ କର ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଗୀତିକବି ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ କହିଥିଲେ, ଓଡ଼ିଆ ଗଦ୍ୟ ସାହିତ୍ୟ ରଚନାରେ ବାଗ୍ମୀ ବିଶ୍ୱନାଥ ଏକ ନୂତନଧାରା ସୃଷ୍ଟି କରିଛନ୍ତି। ସେ ଥିଲେ ଆଧୁନିକ ଓଡ଼ିଆ ନବଯୁଗର ବାର୍ତ୍ତାବହ। ସେହିପରି ମୁଖ୍ୟବକ୍ତା ଭାବେ ସାରସ୍ୱତସ୍ରଷ୍ଟା ପ୍ରଭାତ କୁମାର କର ଯୋଗଦେଇ କହିଥିଲେ, ବିଶ୍ୱନାଥ ଥିଲେ ଅନନ୍ୟ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ସ୍ମୃତି ସଂସଦ ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ କହିଥିଲେ, ବିଶ୍ୱନାଥ ଥିଲେ ସମାଜ ସଂସ୍କାରକ, ସାହିତ୍ୟ ସାଧକ ଓ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ସାରଦା ପ୍ରସାଦ ମହାନ୍ତି ପ୍ରାରମ୍ଭିକ ସୂଚନା, ଗବେଷକ କମଳ ମାହୁନ୍ତ ସ୍ୱାଗତ ଭାଷଣ, ସ୍ମୃତି ସଂସଦର ସମ୍ପାଦକ ଡ. ମନୋରଞ୍ଜନ ବେହୁରା ବିବରଣୀ ପାଠ, ତପନ କୁମାର ସ୍ୱାଇଁ ମାନପତ୍ର ପାଠ ଓ ସୁକାନ୍ତ ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ।

**ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଉତ୍ସବ**

# ବିଧାୟକଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

## ୯୦ୟୁନିଟ ରକ୍ତ ସଂଗୃହୀତ

**ବାଙ୍କୀ,୨୪।୧୨ (ସ୍ୱ.ପ୍ର.)**

ବାଙ୍କୀ ବିଧାୟକ ତଥା ଛାତ୍ର ବିଜୁ ଜନତା ଦଳ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ୩୫ ତମ ଜୟନ୍ତୀ ଉପଲକ୍ଷେ ବିଜେଡି କାର୍ଯ୍ୟାଳୟରେ ମୋ ପରିବାର ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୯୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କଟକ ରେଡ୍‌କ୍ରସ ଡାକ୍ତର ରାମପ୍ରସାଦ ରାୟ ରକ୍ତ ସଂଗ୍ରହ କରିଥିବା ବେଳେ ସହକାରୀ ସରୋଜ ମହାନ୍ତି, ପ୍ରକାଶ ଜେନା, ସନ୍ତୋଷ ନାୟକ, କବିତା ବେହେରା, ପ୍ରଶାନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାଙ୍କୀ କଲେଜ ରୋଡସ୍ଥିତ ପଙ୍କଜିନୀ ପ୍ରତିଭା ପରିଷଦ କାର୍ଯ୍ୟାଳୟରେ ବିଧାୟକ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ସାହୁ, ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, କୋଷାଧକ୍ଷ ଯାମିନୀକାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଭୁ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ।

# ବିଶ୍ୱନାଥଙ୍କ ସାହିତ୍ୟ, ସମାଜ ସେବା ଚିରସ୍ମରଣୀୟ



**ମାହାଙ୍ଗା, ୨୪।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ବାଗ୍ମୀ ବିଶ୍ୱନାଥ କର ବିଦ୍ୟାଳୟ ପରିସରରେ ବାଗ୍ମୀ ବିଶ୍ୱନାଥ ସ୍ମୃତି ସଂସଦ ଓ ବିଦ୍ୟାଳୟ ପକ୍ଷରୁ କରଙ୍କ ୧୫୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ କୁମାର କର, ଭ୍ରମରବର ରାଉତରାୟ,ପଞ୍ଚାନନ ପଣ୍ଡା, ବିଶ୍ୱଜିତ ସେଠୀ, ଉମେଶ ସାହୁ, ଇଂ.ଜିତେନ କୁମାର ରାଉତରାୟ, ସଚ୍ଚିନ୍ଦ୍ର ସାହୁ, ଅଜୟ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କ ସାହିତ୍ୟ ଓ ସାମାଜିକ ସେବା ଚିରସ୍ମରଣୀୟ ବୋଲି କହିଥିଲେ।

# ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର ଭରତ ମୁନି ଥିଲେ କାଳୀଚରଣ

**ବଡ଼ମ୍ବା,୨୪।୧୨(ଡି.ଏନ୍.ଏ.)**

କବିଚନ୍ଦ୍ର କାଳୀଚରଣ ପାଣିଗ୍ରାହୀ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର ଭରତ ମୁନି ଥିଲେ ବୋଲି ତାଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରାଣଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ ବଡ଼ମ୍ବା ହାଟ ନିକଟସ୍ଥ ଆଡ଼ିଆ ମହାଦେବ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପ୍ରତିଷ୍ଠାନ ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ବୈଜ୍ଞାନିକ ଡ.ଗୌରୀ ଶଙ୍କର ରାୟ, ମୁଖ୍ୟବକ୍ତା ଭାବେ କବି ସରୋଜକାନ୍ତ ବଳିଆରସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ସଞ୍ଚାଳିକା ପ୍ରବୀଣା ମହାନ୍ତି, ଗଣେଶ୍ୱର ରଥ, ବିପିନ ବିହାରୀ ମହାନ୍ତି, କବି ରଘୁନାଥ ମହାଳିକ, କେଦାରନାଥ ଶତ୍ରୁଜିତ୍, ଅମରେଶ ରଥ, ଖଗେଶ୍ୱର ମହାପାତ୍ର ,ପିନାକୀ ସାହୁ ଓ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ନିଜର ମତାମତ ରଖିଥିଲେ। ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଓ ଶିବ ନାରାୟଣ ମିଶ୍ର କୃତଜ୍ଞତା ଅର୍ପଣ କରିଥିଲେ। ଏହି ଅବସରରେ ପଦାର୍ଥ ବୈଜ୍ଞାନିକ ଡ.ଗୌରୀ ଶଙ୍କର ରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମଧ୍ୟରାତ୍ରିରେ ଯିଶୁଙ୍କ ଧରାବତରଣ

## ଆଜି ବଡ଼ଦିନ

**କଟକ ଅଫିସ,୨୩।୧୨**

ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ ପର୍ବ ଖ୍ରୀଷ୍ଟମାସ ପାଳନ ପାଇଁ ଉତ୍ସବ ମୁଖରିତ ହୋଇଛି କଟକ। ରବିବାର ବଡ଼ଦିନ। ଏହା ପୂର୍ବରୁ ଶନିବାର ମଧ୍ୟରାତ୍ରିରେ ପ୍ରଭୁ ଯିଶୁଖ୍ରୀଷ୍ଟ ଧରାବତରଣ କରିଛନ୍ତି। ଏଥିପାଇଁ କଟକ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ, କଟକ ଚଣ୍ଡି ଖ୍ରୀଷ୍ଟିଆନ ସମାଜ ଚର୍ଚ୍ଚ ଏବଂ ମିଶନରୋଡ୍‌ସ୍ଥିତ ବାପ୍‌ଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାାଇଛି। ଏଥିସହ ନୀତିନିୟମ ଅନୁସାରେ ଚର୍ଚ୍ଚଗୁଡିକରେ ଅନେକ କାର୍ଯ୍ୟକ୍ରମ ଜାରି ରହିଛି। ଗୁହାଳରେ ଯିଶୁଖ୍ରୀଷ୍ଟ ଜନ୍ମ ହୋଇଥିବାରୁ କ୍ୟାଥୋଲିକ୍ ଚର୍ଚ୍ଚ ପରିସରରେ ଗୁହାଳ ସଦୃଶ ଗୃହ ନିର୍ମାଣ କରାଯାଇଛି। ବିଳମ୍ବିତ ରାତିରେ ଚର୍ଚ୍ଚରେ ସମୂହ ପ୍ରାର୍ଥନା କରାଯାଇଛି। ଏଥିସହ ହାପି ଖ୍ରୀଷ୍ଟମାସ କହି ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏଥିସହ ଖ୍ରୀଷ୍ଟମାସ ଟ୍ରିରୁ ଉପହାର ସଂଗ୍ରହ କରିବା, ପରସ୍ପରଠାରୁ କେକ୍, ଚକୋଲେଟ ଖାଇବା ଆଦି ମାଧ୍ୟମରେ ସମସ୍ତ ରାଗ, ଅଭିମାନ ଦୂରେଇ ସମସ୍ତେ ଭାଇଚାରାରେ ବାନ୍ଧି ହୋଇଯାଇଛନ୍ତି। ରବିବାର ଦିନତମାମ ବଡ଼ଦିନ ପାଳନ ପାଇଁ ଲୋକମାନେ ଅନେକ ଯୋଜନା କରିଛନ୍ତି। ତେବେ କୋଭିଡ୍ କଟକଣା ହଟିବା ପ୍ରଥମ ଥର ବଡ଼ଦିନ ସହରସାରା ବେଶ ଆନନ୍ଦଉଲ୍ଲାସରେ ପାଳିତ ହେଉଛି।

# ପରଦା ମୁସଲମାନ ମହିଳାଙ୍କ ସୁରକ୍ଷା କବଚ

**ତିଗିରିଆ,୨୪।୧୨(ଡି. ଏନ.ଏ )**

ପଞ୍ଜାବର ଜମାତ୍ ଅହମ୍ମଦିଆ କାଦିଆନଠାରେ ଚାଲିଥବା ଅହମ୍ମଦୀୟା ମୁସଲିମ୍ ଜମାତର ୧୨୭ ତମ ସମ୍ମିଳନୀର ୨ୟ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁନିର ଅହମ୍ମଦ ହାଫିଜାବାଦୀ ପୌରୋହିତ୍ୟ କରିଥିଲେ। ଅଧିବେଶନ ପବିତ୍ର କୋରାନ ପାଠ ସହ ଆରମ୍ଭ ହୋଇଥିଲା । ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମୌଲାନା ମୁହମ୍ମଦ ହମିଦ କୌସର କହିଥିଲେ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିତାନ୍ତ ଆବଶ୍ୟକ । ଏବେ ମୁସଲିମ ମହିଳାଙ୍କୁ ନେଇ ପରଦା ଓ ହିଜାବ ବିଷୟରେ ଟାର୍ଗେଟ କରାଯାଉଛି । କିନ୍ତୁ ଜାଣିବା ଉଚିତ ଯେ, ପରଦା ମୁସଲିମ୍ ମହିଳାଙ୍କ ପାଇଁ ଏକ ସୁରକ୍ଷା କବଚ । ଏହାଦ୍ୱାରା ଜଣେ ମୁସଲିମ ମହିଳା ସମାଜରେ ସୁରକ୍ଷିତ ରହିବା ସହ ଅସାମାଜିକ ବ୍ୟକ୍ତିଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷା ପାଇଥାଏ। ସକଳ ଧର୍ମରେ ପରଦା ନାରୀର ଏକ ଅମୂଲ୍ୟ ସମ୍ପଦ । ସେଥିପାଇଁ ସକଳ ଧର୍ମର ନାରୀମାନେ ଭିନ୍ନଭିନ୍ନ ପ୍ରକାର ପରଦା ପ୍ରଥା ଅବଲମ୍ବନ କରିଥାନ୍ତି । ସମ୍ମାନିତ ଅତିଥି ଭାବେ ମୌଲାନା ମୁଜ୍‌ଫର ଅହମଦ ନାସିର ଯୋଗଦେଇ ଆଲ୍ଲାଙ୍କ ଭକ୍ତିରେ ହିଁ ଶକ୍ତି ମିଳିଥାଏ ବୋଲି କହିଥିଲେ। ସେହିଭଳି ମୌଲାନା ପି.ଏମ.ରସିଦ ଆର୍ଥିକ ଅନୁଦାନର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ମତାମତ ରଖିଥିଲେ। ପରିଶେଷରେ ଜ୍ଞାନୀ ମୁବଶିର ଅହମଦ ଖାଦିମ ଇସଲାମ ଧର୍ମର ବିଶେଷତା ତଥା ଇସଲାମ ଏକ ଶାନ୍ତିପ୍ରିୟ ଧର୍ମ ବୋଲି କହିଥିଲେ। ଶୁକ୍ରବାର ଏହି ଜଲସାରେ ମୌଲାନା ମହମ୍ମଦ କରିମୁଦ୍ଦିନ ସହିଦ ଓ ମୌଲାନା ମହମ୍ମଦ ଇନାମ ଘୋରି ଯୋଗଦେଇ ଜମାତ୍ ଅହମ୍ମଦିଆର ପତାକା ଉତ୍ତୋଳନ କରିଥିଲେ। ଏହି ୩ ଦିନିଆ ଜଲସା ରବିବାର ଉଦ୍‌ଯାପିତ ହେବ। ଏଥିରେ ଓଡ଼ିଶାରୁ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଛନ୍ତି।



ଅହମ୍ମଦୀୟା ମୁସଲିମ୍ ଜମାତର ସମ୍ମିଳନୀର ଯୋଗ ଦେଇଥିବା ମୁସଲିମ୍ ସମ୍ପ୍ରଦାୟର ଲୋକେ।





ଖ୍ରୀଷ୍ଟମାସ ପାଳନ ଉପଲକ୍ଷେ ଶନିବାର କଟକ ମିଶନ ରୋଡସ୍ଥିତ ବାପ୍‌ଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜାଯାଇଛି। କଟକ ଚଣ୍ଡୀ ଖ୍ରୀଷ୍ଟିଆନ ସମାଜ ଚର୍ଚ୍ଚକୁ ସଜ୍ଜିତ କରାଯାଇଛି।

## ସଂକ୍ଷେପରେ

### ୩୮୧ ଶିକ୍ଷୟିତ୍ରୀ, ଶିକ୍ଷକ ପାଇଲେ ପଦୋନ୍ନତି

**ଖୋର୍ଦ୍ଧା ଅଫିସ,୨୪।୧୨:** ଖୋର୍ଦ୍ଧା ଜିଲାର ୧୦ ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଛି। ଏନେଇ ଶୁକ୍ରବାର ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଅମ୍ରିତା ପ୍ରୀତିନନ୍ଦା, ସ୍ନିଗ୍ଧା ମିଶ୍ର ଏବଂ ୧୦ଟି ବ୍ଲକର ଶିକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟରେ ଖାଲିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପଦବୀଗୁଡିକୁ ଚଏସ୍ ଲକିଙ୍ଗ୍ ମାଧ୍ୟମରେ ପଦୋନ୍ନତି ଦିଆଯାଇଛି। ବରିଷ୍ଠତା ଭିତ୍ତିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସ୍ନାତକ କଳାରେ ୨୧୫ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଜ୍ଞାନରେ ୨୩ ପଦୋନ୍ନତି ପାଇଛନ୍ତି। ସେହିପରି ୫ମ 'ବି' ସ୍ତରରେ ଥିବା ୧୩୬ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବରିଷ୍ଠତା ଭିତ୍ତିରେ ୪ର୍ଥ ଏବଂ ଚତୁର୍ଥ ସ୍ତରରୁ ତୃତୀୟ ସ୍ତରକୁ ୭ ପଦୋନ୍ନତି ଦିଆଯାଇଛି। ପଦୋନ୍ନତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ରହିଛି। ପଦୋନ୍ନତିରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ ଲାଗି ଖୋର୍ଦ୍ଧା ଜିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ଅଗାଧୁ ସେଠୀ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମହାପାତ୍ର, ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ଶିକ୍ଷକ ରତ୍ନାକର ରାଉତରାୟ, ସୁରେଶ ବିଶ୍ୱାଳ ଡିଇଓଙ୍କ ପ୍ରଶଂସା କରିବା ସହ ପଦୋନ୍ନତି ପାଇଥିବା ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଦୋନ୍ନତି ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦୀର୍ଘ ଦିନ ଧରି ଦାବିକରି ଆସୁଥିଲେ। ପଦୋନ୍ନତି ପରେ ଶିକ୍ଷକଙ୍କ ମହଲରେ ଆନନ୍ଦ ଖେଳିଯାଇଛି।

### ସାନହନ୍ତୁଆଡ଼ ନ୍ୟୁ ଷ୍ଟାର୍ ଚାମ୍ପିୟନ

**ବାଣପୁର,୨୪।୧୨(ଡି.ଏନ୍.ଏ.):** ନରେନ୍ଦ୍ରପୁର ଖେଳପଡ଼ିଆରେ ଦଶଦିନ ଧରି ଚାଲିଥିବା ପ୍ରକାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସାନହନ୍ତୁଆଡ଼ ନ୍ୟୁ ଷ୍ଟାର କ୍ରିକେଟ ଟିମ୍ ଓ ନରେନ୍ଦ୍ରପୁର କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନରେନ୍ଦ୍ରପୁର ଟିମ୍ ଟସ୍ ଜିତି ୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ସାନହନ୍ତୁଆଡ଼ ନିୟୁ ଷ୍ଟାର ଟିମ୍ ୪ ଉଇକେଟ ହରାଇ ୯୮ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। କାଳୁ ଚରଣ ବେହେରା, ଅଞ୍ଜନ ବେହେରା, ଅମରଜିତ୍ ବଳିୟାରସିଂ ଓ ଅମନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ନରେନ୍ଦ୍ରପୁର ସରପଞ୍ଚ ସବିତା ଦାସ, ବସନ୍ତ କୁମାର ଦଳାଇ, ସମିତିସଭ୍ୟ କନ୍ଦର୍ପ ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୩ ହଜାର ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତପନ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅଶ୍ୱିନୀ କୁମାର ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବସନ୍ତ କୁମାର ଦଳାଇ ଧନ୍ୟବାଦ ଦେଇଥିଲେ।

### ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୪।୧୨(ଡି.ଏନ୍.ଏ.):** ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା'ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ କରିବା ସହିତ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଙ୍ଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ଭଜା ଗହମ, ଭଜା ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ାସ୍ଥିତ ମା' ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଗୋଷ୍ଠୀର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରୀ ଯୋଗଦେଇ ମିଶ୍ରଣ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ଲିନା ମହାପାତ୍ର, ରମାମଣି ନାୟକ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା।

# ଅବହେଳିତ ଅବସ୍ଥାରେ ଶହୀଦ ସ୍ତମ୍ଭ

ଖୋର୍ଦ୍ଧା ଅଫିସ,୨୪।୧୨

■ ପାଇକ ସଂଗ୍ରହାଳୟ କାର୍ଯ୍ୟକ୍ଷମ ନେଇ ପ୍ରଶ୍ନବାଚୀ
■ ସଫା କଲେ, ମରାମତି ପରେ ତାଲା ଝୁଲୁଛି



ଖୋର୍ଦ୍ଧା ପାଇକ ବୀରଙ୍କ ବୀରତ୍ୱ କାହାଣୀ ଏବଂ ସ୍ମୃତିକୁ ସାଉଁଟିବା ଲାଗି ରାଜ୍ୟ ସରକାର ଖୋର୍ଦ୍ଧାରେ ଏକ ପାଇକ ସଂଗ୍ରହାଳୟ ନିର୍ମାଣ ପାଇଁ ଯୋଜନା କରିଥିଲେ। ପାଇକମାନେ ବ୍ୟବହାର କରୁଥିବା ଖଣ୍ଡା, ବର୍ଚ୍ଛା, ଢାଲ, ପାଇକ ବୀରଙ୍କ ତୈଳଚିତ୍ର, ପ୍ରାଚୀନ କୀର୍ତ୍ତିରାଜି ଆଦି ଏହି ସଂଗ୍ରହାଳୟରେ ସ୍ଥାନ ପାଇବ। ଆଗାମୀ ପିଢ଼ିଙ୍କୁ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଅବଗତ କରାଇବା ଏହି ସଂଗ୍ରହାଳୟର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରିବା ସହ ସେଠାରେ ଏହି ପାଇକ ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨୫ଲକ୍ଷ ବ୍ୟୟ ଅଟକଳରେ ଏହି କୋଠା ନିର୍ମାଣ କରାଯାଇଥିଲା। ତେବେ କୌଣସି କାରଣରୁ ଏହି କୋଠା ଉଦ୍‌ଘାଟନ ହୋଇପାରିନାହିଁ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ୨୦୧୯ ଫନି ବାତ୍ୟାରେ ଭାଙ୍ଗିଯାଇଥିଲା। କୋଠା ପରିସର ସାପଙ୍କ ବାସସ୍ଥାନ ପାଲଟିଥିବା ବେଳେ ୧୧ ବର୍ଷ ପରେ ଖୋର୍ଦ୍ଧା ବ୍ଲକ ପକ୍ଷରୁ ଏହାର ପୁନରୁଦ୍ଧାର ଆରମ୍ଭ ହୋଇଥିଲା। ମୁଖ୍ୟ ଫାଟକ ତାଲା ଖୋଲାଯାଇ ଏହାର ଚତୁଃପାର୍ଶ୍ୱ ଅନାବନା ଗଛଲତା ସଫା କରାଯାଇଥିଲା। କୋଠାର ଆବଶ୍ୟକ ମରାମତି, ରଙ୍ଗ ଦିଆଯାଇ ପୁଣିଥରେ ତାଲା ଦିଆଯାଇଛି। ଅନ୍ୟପଟେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ଶହୀଦ ସ୍ତମ୍ଭ ଚାରିପଟେ ବର, ଅଶ୍ୱତ୍ଥ, କଣ୍ଟା ଗଛଲତା ମାଡ଼ିଗଲାଣି। ସ୍ତମ୍ଭରେ ଲାଗିଥିବା ମାର୍ବଲ ଭାଙ୍ଗିରୁଜି ଗଲାଣି। ଏକଦା ଏହି ସ୍ତମ୍ଭ ନିର୍ମାଣ ବେଳେ ଦେଶମାତୃକା ଲାଗି ଜୀବନକୁ ବଳିଦାନ ଦେଇଥିବା ବୀରପୁରୁଷଙ୍କ ନାମଫଳକ ଲଗାଇବା ପାଇଁ ସ୍ଥିର ହୋଇଥିଲା। ତାହା ମଧ୍ୟ ଏପର୍ଯ୍ୟନ୍ତ କାଯ୍ୟକାରୀ ହୋଇପାରିଲା ନାହିଁ। ଜିଲା ସଂସ୍କୃତି ଭବନ ପରିସର ସମେତ ବରୁଣେଇଠାରେ ମଧ୍ୟ ଶହୀଦ ସ୍ତମ୍ଭ ରହିଛି। ତେବେ ଏହା ମଧ୍ୟ ଅବହେଳିତ ଅବସ୍ଥାରେ ଅଛି। ବରୁଣେଇସ୍ଥିତ ଶହୀଦ ସ୍ତମ୍ଭ ଚାରିପଟେ ଅନାବନା ଗଛଲତା ମାଡ଼ିଯାଇଥିବା ବେଳେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସ୍ତମ୍ଭ ଉପରେ ଛିଣ୍ଡାଲୁଗା, ପ୍ଲାଷ୍ଟିକ୍, ପଲିଥିନ, ଅନାବନା ପଡ଼ି ରହୁଥିବା ଦେଖିବାକୁ ମିଳିଛି। ତାପଙ୍ଗ ଦଳବେହେରା ସ୍ମୃତି ସଂସଦ ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଶହୀଦମାନଙ୍କ ପ୍ରତି ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନର ଆନ୍ତରିକତା ନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବାଧକ ସାଜିଛି। ଗବେଷକ ଗୋପାଳକୃଷ୍ଣ ଦାସ କୁହନ୍ତି, ଶହୀଦମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉନାହିଁ। ଏହାର ପନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉ। କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କୁହନ୍ତି, ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ରାଷ୍ଟ୍ରପତି ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରସ୍ତାବିତ ସ୍ଥାନରେ ଖଣ୍ଡେ ଇଟା ପଡ଼ିଲା ନାହିଁ। ଏନେଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କୁହନ୍ତି, ସ୍ମାରକୀ ନିର୍ମାଣ ପାଇଁ ଜମି ବିବାଦ ତୁଟିଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପାଇକ ସଂଗ୍ରହାଳୟର ପୁନରୁଦ୍ଧାର ଲାଗି ବିଭାଗୀୟ ସଚିବ, ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

## ହରପାର୍ବତୀ ଯୋଗ ଅନୁଷ୍ଠାନର ବାର୍ଷିକୋତ୍ସବ

ବାଲିପାଟଣା,୨୪।୧୨(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଲିକୁଦା ପାଟଣା ଦେବୀ ମଣ୍ଡପରେ ଶନିବାର ହରପାର୍ବତୀ ଯୋଗ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ବୈରାଗୀ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଯୋଗ ଶିକ୍ଷାର୍ଥୀମାନେ ହନୁମାନ ଚାଳିଶା, ଗଣେଶ ବନ୍ଦନା ଓ ଭଜନ ସମୂହ ଗାନ କରିଥିଲେ। ଅତିଥିଭାବେ ଯୋଗ ଶିକ୍ଷକ ଗୋକୁଳାନନ୍ଦ ଜେନା, ବିଜ୍ଞାନ ଶିକ୍ଷକ ମାନସ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର, ଯୋଗ ଗୁରୁ ପ୍ରଶାନ୍ତ ପ୍ରଧାନ, କ୍ଷେତ୍ରମୋହନ ଦୀକ୍ଷିତ ପ୍ରମୁଖ ଯୋଗ ସାଧନା ଦ୍ୱାରା ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସ୍ତରରେ କିପରି ପରିବର୍ତ୍ତନ ହୁଏ ଆଲୋକପାତ କରିଥିଲେ। ପୂର୍ବତନ ସରପଞ୍ଚ କାଶୀନାଥ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ ଏବଂ ଅନୁଷ୍ଠାନର ସମ୍ପାଦକ ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେଶପ୍ରେମ ସୃଷ୍ଟିକଲା ନୌସେନା ବ୍ୟାଣ୍ଡ, ସଙ୍ଗୀତ




କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ନୌସେନାର ଅଧିକାରୀମାନେ।

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଭାରତୀୟ ନୌସେନା ବ୍ୟାଣ୍ଡରେ ଝୁମିଲେ ଦର୍ଶକ। ମାର୍ଶାଲ ମ୍ୟୁଜିକ୍, ଦେଶପ୍ରେମ ସଙ୍ଗୀତ ଓ ବାଦ୍ୟଯନ୍ତ୍ରର ଯାଦୁରେ ବାନ୍ଧି ରଖିଥିଲେ ନୌସେନାର ଅଧିକାରୀଗଣ। ଦେଶପ୍ରେମର ଏକ ଅଦ୍ଭୁତ ଜାଗରଣ ସମସ୍ତଙ୍କ ମନରେ ଖେଳି ଉଠିଥିଲା। ଅବସର ଥିଲା ଆଇଏନ୍‌ଏସ ଚିଲିକା ପକ୍ଷରୁ କିଟ୍ ଅଡିଟୋରିୟମଠାରେ ଶନିବାର ଅନୁଷ୍ଠିତ ନୌସେନା ସପ୍ତାହ ଉତ୍ସବ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଲେ, ନୌସେନାର ଏହି ଖୁସି ଅବସରରେ

### ଗୀତଗାଇଲେ ରାଜ୍ୟପାଳ

ବ୍ୟାଣ୍ଡ ବାଜା ତାଙ୍କୁ ଗୀତ ଗାଇବା ପାଇଁ ବାଧ୍ୟ କରିଛି। ଯେତେବେଳେ ବ୍ୟାଣ୍ଡ ବାଜୁଥିଲା ଏହା ପିଲାବେଳର କଥା ମନେ ପକାଇଦେଉଥିଲା। ମୁଁ ମନେ ମନେ ମଧ୍ୟ ଏହାକୁ ଆବୃତ୍ତି କରୁଥିଲି। ନିଜେ ରାଜ୍ୟପାଳ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍‌ର ତନ ସମର୍ପିତ, ମନ ସମର୍ପିତ ସଙ୍ଗୀତ ଗାନ କରିଥିଲେ। ସେହିପରି ଆଇଏନ୍‌ଏସ୍ ଚିଲିକାର କମୋଡର ଏନ୍ ପି ପ୍ରଦୀପ କହିଲେ, ୧୯୭୧ରେ ପାକିସ୍ତାନ ଉପରେ ଭାରତ ବିଜୟ ହାସଲ କରିଥିଲା। ଏଥିରେ ନୌସେନାର ଅଦମ୍ୟ ଭାଗିଦାରୀତା ରହିଥିଲା। ଏଣୁ ସେହି ବିଜୟକୁ ପାଳନ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୪କୁ ନୌସେନା ଦିବସ ଭାବେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ହେଉଛି ସେହି ବିଜୟକୁ ଉପଭୋଗ କରିବାର ଅବସର। କାର୍ଯ୍ୟକ୍ରମକୁ ନିକଟରେ ରିଲିଜ ହୋଇଥିବା ଭାରତୀୟ ନୌସେନାର ଆନ୍ଥେମ୍ 'କଲ୍ ଅଫ୍ ବ୍ଲୁ ୱାଟର' ଗାନ ସହ ସମାପ୍ତ କରାଯାଇଥିଲା। ଅବସରପ୍ରାପ୍ତ ମିଲିଟାରୀ ପର୍ସନାଲ, ଭାରତୀୟ ସଶସ୍ତ୍ର ବାହିନୀ ଓ ଓଡ଼ିଶା ପୋଲିସର ଅଧିକାରୀଗଣ, ଏନ୍‌ସିସି କ୍ୟାଡେଟ, ସ୍କୁଲ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବୋଲଗଡ଼,୨୪।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ଶ୍ରୀରାଧା ମାଧବ ସଂସ୍କୃତ ମହାବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ବସନ୍ତ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅତିଥିଭାବେ ଏମ୍‌ପିଙ୍କ ବେଗୁନିଆ ପ୍ରତିନିଧି ପ୍ରକାଶ ବିଜୁଳି ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କରିବେ ବୋଲି କହିଥିଲେ। ଶିକ୍ଷାବିତ୍ ରତିକାନ୍ତ କହଲସିଂହ, ମହାବିଦ୍ୟାଳୟ ପ୍ରତିଷ୍ଠାତା ଭାଗୀରଥ ସାହୁ ଛାତ୍ରୀଛାତ୍ରଙ୍କୁ ସଂସ୍କୃତ ଭାଷାରେ ବିଦ୍ୟାଧ୍ୟୟନ ଦ୍ୱାରା ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବ୍ୟଙ୍ଗ କଳାକାର ବ୍ରଜବିହାରୀ ସୁବୁଦ୍ଧି ଯୋଗଦେଇଥିଲେ। ଅଧ୍ୟକ୍ଷ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସସ୍ମିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପକ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ।

## ହାଟ ପରିଚାଳନା କମିଟି ବୈଠକ

ନିରାକାରପୁର,୨୪।୧୨(ଡି.ଏନ୍.ଏ.)

ଭୂଷଣ୍ଡପୁର ଏବଂ ବାଲିପାଟପୁର ପଞ୍ଚାୟତର କେନ୍ଦ୍ରସ୍ଥଳରେ ଥିବା ଦୋଳପଡ଼ିଆରେ ଆରମ୍ଭ ହୋଇଥିବା ହାଟ କମିଟିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବିକାଶ ପାଇଁ ଭୂଷଣ୍ଡପୁର ଆଞ୍ଚଳିକ ଉନ୍ନୟନ କମିଟି ନାଁରେ କାର୍ଯ୍ୟ କରାଯିବା ପାଇଁ ସ୍ଥିର ହୋଇଥିଲା। ସଭାପତି ଭାବେ ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ, ଉପସଭାପତି ତ୍ରିନାଥ ବେହେରା, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ପରିଡ଼ା ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ ତ୍ରିନାଥ ସେଠୀ, କୃପାସିନ୍ଧୁ ବେହେରା, ପ୍ରହ୍ଲାଦ ପ୍ରଧାନ, ଅଜୟ ମହାରଣା, ରାଜକିଶୋର ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି।

## ସଶସ୍ତ୍ର ସୀମା ସୁରକ୍ଷା ବଳ ସିଲିଗୁଡ଼ି ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଟାଙ୍ଗୀ(ଖୋର୍ଦ୍ଧା),୨୪।୧୨(ଡି.ଏନ୍.ଏ.)

କୁହୁଡି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ପଞ୍ଜାବ ଫୁଟବଲ କ୍ଲବ ଏବଂ ସଶସ୍ତ୍ର ବଳ ସିଲିଗୁଡି ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ସିଲିଗୁଡି ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ସିଲିଗୁଡ଼ି ଟିମର ୭ନମ୍ବର ଖେଳାଳି ଦିମାଲୁ ମ୍ୟାଚର ୩୯ ମିନିଟରେ ଏକ ଗୋଲ ଦେଇଥିଲେ। ଶିବ ଶଙ୍କର ପଣ୍ଡା, ସୁବ୍ରତ ପୁରୋହିତ, ଶଶିକାନ୍ତ ଦାସିଆ, ପ୍ରଶାନ୍ତ ପାଲ ମ୍ୟାଚ୍ ପରିଚାଳନା କରିଥିଲେ। ଅପର୍ତ୍ତି ବେହେରା ଥିଲେ ମ୍ୟାଚ କମିଶନର। ଅତିଥିଭାବେ ସାମାଜିକ କର୍ମୀ ନୀଳାଦ୍ରି ଭୂଷଣ ହରିଚନ୍ଦନ, କୁହୁଡି ସରପଞ୍ଚ ପ୍ରିୟମ୍ବଦା ବେହେରା, ସମିତିସଭ୍ୟା ମିନତୀ ବାଳା ହରିଚନ୍ଦନ, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ୟଙ୍ଗ ଫୁଟବଲ କ୍ଲବ ପଞ୍ଜାବ ଏବଂ ମା'କାମାକ୍ଷା ଫୁଟ୍‌ବଲ କ୍ଲବ ବିହାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।

# ରଞ୍ଜନ ଦାସ, ଗାୟତ୍ରୀବାଳା ପଣ୍ଡାଙ୍କୁ 'ମହୁରି ସମ୍ମାନ'

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ସାହିତ୍ୟ ପତ୍ରିକା ମହୁରୀ ପକ୍ଷରୁ 'ପଞ୍ଚଦଶ ମହୁରୀ ସମ୍ମାନ ପ୍ରଦାନ ଉତ୍ସବ' ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଲେଖକ ଓ ଗବେଷକ ତଥା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସମ୍ମାନିତ ଅତିଥି କବି ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାସ, ବିଶିଷ୍ଟ ଲେଖିକା ଓ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୧ ବର୍ଷ ପାଇଁ କବି ଡ. ଗାୟତ୍ରୀବାଳା ପଣ୍ଡା ଓ ୨୦୨୨ ବର୍ଷ ପାଇଁ ଡ. ରଞ୍ଜନ କୁମାର ଦାସଙ୍କୁ ମର୍ଯ୍ୟାଦାଜନକ 'ମହୁରି ସମ୍ମାନ' ପ୍ରଦାନ କରାଯାଇଥିଲା। କବି ତଥା ମହୁରିର ମୁଖ୍ୟ ସମ୍ପାଦକ ଡ. ଭବାନୀଶଙ୍କର ନିଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଗାଳ୍ପିକ ତଥା ମହୁରିର ସମ୍ପାଦକ ସୁକାନ୍ତ ସାହୁ ଅତିଥି ପରିଚୟ ଦେଇଥିଲେ। କବି ଓ ଗବେଷକ ଡ. ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଦଶଜଣ ଯୁବକବିଙ୍କୁ ନେଇ 'ତରୁଣ ଅରୁଣ - କବି ଦଶଜଣ' ନାମକ ସ୍ୱତନ୍ତ୍ର କାବ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଓ ଲେଖିକା ମମତା ଦାଶ ଓ ସମ୍ମାନିତ ଅତିଥି ଭାବେ ଲେଖକ ରାଜକିଶୋର ଦାସ ଉପସ୍ଥିତ ଥିଲେ। ଯୁବକବି ଶିବାନନ୍ଦ ବାରିକଙ୍କ ସଂଯୋଜନାରେ ରାଧାରାଣୀ ସରକାର, ନାରାୟଣ ସାହୁ, ମନୀଷା ବିଶ୍ୱାଳ, ଅଂଶୁମାନ ସାହୁ, ସତ୍ୟଶିବ ସୁନ୍ଦର ଦାସ, ଐଶ୍ବର୍ଯ୍ୟା ରାଉତ, ବୀରେନ୍ଦ୍ର ନାୟକ, ସଂଗ୍ରାମ ମହାରଣା, ଗୌରୀ ସାହୁ, ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଓ ଦେବାଶିଷ ରାଉତ ପ୍ରମୁଖ କବିତା ପାଠ କରିଥିଲେ। ଯୁବଲେଖକ ତଥା ସାମ୍ବାଦିକ ସୁଶୀଲ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶର ଆଶା ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ସୈନିକ ସ୍କୁଲର ହୀରକ ଜୟନ୍ତୀ**

ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ






ସୈନିକ ସ୍କୁଲର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଭୁବନେଶ୍ୱର ସୈନିକ ସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଲେ, ସୈନିକ ସ୍କୁଲ ଗୁଣାତ୍ମକ ଶିକ୍ଷା, ଚରିତ୍ର ନିର୍ମାଣ ଏବଂ ବ୍ୟକ୍ତିତ୍ୱ ସମୃଦ୍ଧି କ୍ଷେତ୍ରରେ ଏକ ବେଞ୍ଚମାର୍କ ପାଲଟିଛି। ଏହା କେବଳ ଆମ ଦେଶର ଶ୍ରେଷ୍ଠ ସୈନିକ ସୃଷ୍ଟି କରିନାହିଁ, ବରଂ ଏହାର ବହୁ ସଂଖ୍ୟକ କ୍ୟାଡେଟ୍ ସିଭିଲ ସର୍ଭିସେସ୍, ମେଡିସିନ୍, ଇଞ୍ଜିନିୟରିଂ, ନୌସେନା, ଉଦ୍ୟୋଗୀତା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଆମର ଶିକ୍ଷା ବ୍ୟବସ୍ଥା କେବଳ ଏକାଡେମିକ୍ ଉତ୍କର୍ଷ ଉପରେ ନିର୍ଭର କରେ ନାହିଁ, ଏହା ଜ୍ଞାନ, ଆତ୍ମବିଶ୍ୱାସ, ଦାୟିତ୍ୱ ଏବଂ ସ୍ୱାଧୀନ ଭାବରେ ଜୀବନର ପରିସ୍ଥିତିକୁ ସାମ୍ନା କରିବାର କ୍ଷମତା ସହିତ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିଥାଏ। ଏହି ସ୍କୁଲ ମାତୃଭୂମିର ସେବା କରିବା ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ସାମର୍ଥ୍ୟକୁ ଜାଗ୍ରତ କରିବାକୁ ଚେଷ୍ଟା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ପ୍ରତ୍ୟେକ ସୁଯୋଗକୁ ବ୍ୟବହାର କରି ବିଦ୍ୟାଳୟ ତଥା ଦେଶର ଆଶା ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟ ଅଧ୍ୟକ୍ଷ କର୍ଣ୍ଣେଲ୍ ବାଲୁଭରତ, ଲ୍ୟୁଟେନାଲ ଜେନେରାଲ ଜେ.କେ. ମହାନ୍ତି (ଅବସରପ୍ରାପ୍ତ) ଏବଂ ପୁରାତନ ବାଳକ ସଂଘ ସଭାପତି ହରଦମନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଜମ୍ମୁକଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶୌର୍ଯ୍ୟଚକ୍ର (ମରଣୋତ୍ତର) ପୁରସ୍କାର ବିଜେତା କ୍ୟାପ୍‌ଟେନ୍ ଆଶୁତୋଷ କୁମାରଙ୍କ ମାତାପିତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୬୨ ଜାନୁୟାରୀ ୧୫ରେ ସୈନିକ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା। ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକ, ଛାତ୍ର ତଥା ସମସ୍ତ କ୍ୟାଡେଟ୍‌ଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ପୁରୀ ଅଫିସ:** ହେରାଗୋହରୀ ସାହିସ୍ଥିତ ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୨୨ ଶିକ୍ଷାନୁଷ୍ଠାନ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉମାକାନ୍ତ ନାୟକ, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ଚନ୍ଦ୍ର ଦାସ, ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ମହାପାତ୍ର, ବିଦ୍ୟାଳୟର ଆଚାର୍ଯ୍ୟ ଦୀପ୍ତିକାନ୍ତି ମହାପାତ୍ର, ଅନିତା ମଣ୍ଡଳ, ମମତା ବିଶ୍ୱାଳ, ମିନତୀ ରଥ, ରଶ୍ମିତା ପଣ୍ଡା, ସଂଯୁକ୍ତା ରଥ, ବିନୋଦିନୀ ଦେଈ, ଟୁନିମଣି ଦାସ, ରଙ୍ଗଲତା ଖୁଣ୍ଟିଆ ଓ ଯଶୋଦା ଦେଈ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ସହ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କ୍ରୀଡ଼ା ପତାକା ଅବତରଣ କରିଥିଲେ।



## ସଂକ୍ଷେପରେ

### ଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟରୁ ୨ ସ୍ୱର୍ଣ୍ଣ ପଦକ

କଣାସ,୨୪।୧୨(ସ୍ୱ.ପ୍ର.)- କଣାସ ବ୍ଲକ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ଛାତ୍ରୀ ପ୍ରଗତି ଶ୍ରୀଚନ୍ଦନ କଳା ଟପ୍ପର ତଥା ଭୂଗୋଳ ସମ୍ମାନ ଟପ୍ପର ହୋଇ ୨ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ସମାରୋହରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କୁଳପତି ସବିତା ଆଚାର୍ଯ୍ୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ଭି. ଗୋପାଳଗୌଡ଼ା ପ୍ରମୁଖ ପ୍ରଗତିଙ୍କୁ ସ୍ୱର୍ଣ୍ଣ ପଦକ ସହ ପ୍ରମାଣପତ୍ର, ଉତ୍ତରୀୟ ପ୍ରଦାନ କରିଥିଲେ।

### ଭକ୍ତ ଦାସିଆ ପୀଠରେ ଚକ୍ଷୁ ପରୀକ୍ଷା ଶିବିର

ପିପିଲି,୨୪।୧୨(ଡି.ଏନ୍.ଏ.)- ଭକ୍ତ ଦାସିଆଙ୍କ ଜନ୍ମସ୍ଥାନ ଓ ସାଧନା ପୀଠ, ପୁରୀ ଜିଲା ବାଲିଗାଁଠାରେ ଭିଜନ୍ ଆଇ କେୟାର ସଂସ୍ଥା ପିପିଲି ଶାଖା ପକ୍ଷରୁ ଏକ ମୁକ୍ତ ଚକ୍ଷୁ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଆସି ୫୦ ଜଣ ଚକ୍ଷୁ ରୋଗୀ ଏଠାରେ ଚକ୍ଷୁ ପରୀକ୍ଷା କରାଇଥିଲେ। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ କ୍ୱାସିକ ଅକ୍ତାର, ନିର୍ଦ୍ଦେଶକ ପୁଷ୍ପାଞ୍ଜଳି ଦାସ, ଅପ୍‌ଟୋମେଟ୍ରିଷ୍ଟ- ବାଦଲ ମହାନ୍ତି ତଥା ଅନ୍ୟ ସହଯୋଗୀ କର୍ମଚାରୀ ସ୍ୱପ୍ନାରାଣୀ ସ୍ୱାଇଁ, ଏସ୍‌କେ ତାବରେଜ୍ ଅଲ୍ଲି, ରୁମିନା ବେଗମ୍ ଓ ମେହବୁବ ଆଲ୍ଲାନୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଚକ୍ଷୁ ରୋଗୀଙ୍କୁ ପରୀକ୍ଷା କରିବା ସହ ୫ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରି ମାଗଣାରେ ଅସ୍ତ୍ରୋପଚାର କରାଯାଇଥିଲା। ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ସମସ୍ତ ରୋଗୀଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ଅନୁରୋଧ କରିଥିଲେ।

### 'ମହିଳାଙ୍କୁ ସଶକ୍ତ କରିବା କେନ୍ଦ୍ର ସରକାରଙ୍କ ମୂଳମନ୍ତ୍ର'

ନିମାପଡ଼ା,୨୪।୧୨(ଡି.ଏନ୍.ଏ.)- ଦେଶରେ କେନ୍ଦ୍ର ସରକାରଙ୍କ ପୋଷଣ ଯୋଜନା କିଶୋରୀମାନଙ୍କ ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ। ମହିଳା, କିଶୋରୀମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ସରକାର ବହୁବିଧ ଯୋଜନା ପ୍ରଣୟନ କରିଥିବା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ପ୍ରତିନିଧି ତଥା ଦିଲ୍ଲୀ ମହିଳା ମୋର୍ଚ୍ଚାର ରାଜ୍ୟ ସଭାପତି ଯୋଗିତା ସିଂ କହିଛନ୍ତି। ନିମାପଡ଼ାରେ ବାସୁଦେବ ଏକାଡେମୀ ଶିକ୍ଷାନୁଷ୍ଠାନରେ ଆୟୋଜିତ ସମାରୋହରେ ପ୍ରମୁଖ ଅତିଥି ଭାବେ ନେତ୍ରୀ ସିଂ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଯୋଗଦେଇ କେନ୍ଦ୍ର ସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନା, ଆୟୁଷ୍ମାନ ଯୋଜନା କରିବା ସହ ୧୮ରୁ ୨୫ବର୍ଷର ମହିଳା କିଭଳି ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବି ହେବେ ସେଦିଗରେ ପରିଡ଼ା ଗୁରୁତ୍ୱାରୋପ କରିଥିଲେ। ଏଥିସହ କେନ୍ଦ୍ରର ଯୋଜନା ସବୁ ପ୍ରତି ଗାଁର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀମାନଙ୍କୁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥି ଭାବେ ମହିଳା ମୋର୍ଚ୍ଚାର ଜିଲା ସଭାପତି ଜ୍ୟୋତି ମହାପାତ୍ର, ସାଧାରଣ ସମ୍ପାଦକ ମିନଲତା ମହାନ୍ତି, ଶୁଭାସିନୀ ପୃଷ୍ଟି, ଚୌଧୁରୀ ମନସ୍ୱିନୀ ଦାଶ, ଜୟନ୍ତୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଦିଲ୍ଲୀର ମହିଳା ନେତ୍ରୀ ସିଂ ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ପରେ ଗୋପାଳପୁର ଗ୍ରାମରେ ଥିବା ଭୋଳାନାଥ ହସ୍ତଶିଳ୍ପ କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ରର ମୁଖ୍ୟ ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ଶରତ ପ୍ରଧାନ, ସୌଦାମିନୀ ସ୍ୱାଇଁ ଓଡ଼ିଶାର ଏକ ପଟଚିତ୍ର ଯୋଗିତା ସିଂଙ୍କୁ ପ୍ରଦାନ କରିଥିଲେ।

# ପାର୍କିଂ, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

### ଚନ୍ଦ୍ରଭାଗା ମାଘସପ୍ତମୀ ମେଳା ନିମନ୍ତେ ପ୍ରଥମ ସମନ୍ୱୟ ବୈଠକ

କୋଣାର୍କ,୨୪।୧୨(ଡି.ଏନ୍.ଏ.)

ଜାନୁୟାରୀ ୨୮ରେ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ଅନୁଷ୍ଠିତ ହେବ। ତେବେ ଏହି ମେଳା ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ପ୍ରଥମ ସମନ୍ୱୟ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଖବର ଅନୁଯାୟୀ, ପୁରୀ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ରଥଯାତ୍ରା ପରେ ପୁରୀ ଜିଲାର ସର୍ବବୃହତ୍ ଦ୍ୱିତୀୟ ମେଳା ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ନିମନ୍ତେ ତୀର୍ଥଯାତ୍ରୀଙ୍କ ନିମନ୍ତେ ପାର୍କିଂ ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମାଧପୁରର ତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁର ଗ୍ରାମର ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ସ୍ନାନ କାର୍ଯ୍ୟ, ବର୍ଣ୍ଣାଢ଼୍ୟ ଆଲୋକ ବ୍ୟବସ୍ଥା ଓ ଶୋଭାଯାତ୍ରା, ପାର୍କିଂ ସ୍ଥାନ ନିରୂପଣ, ଶାନ୍ତିଶୃଙ୍ଖଳା ରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ, ମେଳା ପଡ଼ିଆରେ ନଳକୂପ ଖନନ, ଟ୍ୟାଙ୍କର ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ତୀର୍ଥ ପୁଷ୍କରିଣୀ ଖନନ ନେଇ ଆଲୋଚନା ହୋଇଥିଲା। ଏଥିସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪ଟି ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର, ଆମ୍ବୁଲାନ୍ସ ସେବା ଓ ତୀର୍ଥଯାତ୍ରୀଙ୍କ ଚିକିତ୍ସା ସୁବିଧା ପାଇଁ କୋଣାର୍କ, ଗୋପ ଓ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା, ମେଳା ପଡ଼ିଆରେ ମାଘ ଷଷ୍ଠୀଠାରୁ ୨ ଦିନ ମଦ ଦୋକାନ ବନ୍ଦ ରହିବା ସହ ଚୋରା ମଦ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୧୦୦ଟି ଅସ୍ଥାୟୀ ପାଇଖାନା ନିର୍ମାଣ, ସ୍ୱେଚ୍ଛାସେବୀ ମୁତୟନ, ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ପାର୍କିଂ ସ୍ଥାନ ଓ ରାସ୍ତା ମରାମତି, ଖବରଦାତାଙ୍କ ନିମନ୍ତେ ଷ୍ଟଲ୍ ନିର୍ମାଣ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏକ ସବ୍‌କମିଟି ଗଠନ କରାଯାଇ ୩ ଠାକୁରଙ୍କ ନୀତିକାନ୍ତି, ସ୍ନାନକାର୍ଯ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ପାଇଁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଏଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ଗୋପ ତହସିଲଦାର ଏସ୍.କେ. ସାଗିର, କାକଟପୁର ବ୍ଲକ ବିଡିଓ ତୁଷାର ଜ୍ୟୋତି ରଞ୍ଜନ, କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ରଙ୍କ ସମେତ ଅସ୍ତରଙ୍ଗ ଓ ନିମାପଡ଼ା ତହସିଲଦାର, ତିନି ଠାକୁରଙ୍କ ସେବାୟତ, ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଥମ ସମନ୍ୱୟ ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

## ମିଟର ରିଡିଂ କର୍ମଚାରୀ ସଂଘର ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ,୨୪।୧୨

ଜିଲାରେ ବିଭିନ୍ନ ଏଜେନ୍ସି ମାଧ୍ୟମରେ କାର୍ଯ୍ୟ କରୁଥିବା ବିଦ୍ୟୁତ୍ କର୍ମଚାରୀମାନଙ୍କୁ ରେଗୁଲାର କରିବା ଏବଂ ସମାନ କାମ ପାଇଁ ସମାନ ଦରମା ପ୍ରଦାନ ନିମନ୍ତେ ଦାବିକରି ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ୍ କର୍ମଚାରୀ ସଂଘ ପୁରୀ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଦାବି ଯେ, ପୁରୀ ବିଦ୍ୟୁତ୍ ବିଭାଗ ଅଧୀନରେ ମିଟର ରିଡିଂ, ବିଲ୍ ଆଦାୟ, ରକ୍ଷଣାବେକ୍ଷଣ, ମିଟର ବସାଇବା ଭଳି ବିଭିନ୍ନ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଅଲଗା ଅଲଗା ଏଜେନ୍ସି ମାଧ୍ୟମରେ ୨୦୦୯ରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକରି ଆସୁଛନ୍ତି। ପ୍ରତିବର୍ଷ ନୂଆ ନୂଆ ଏଜେନ୍ସି ମାଧ୍ୟମରେ ଏହି କର୍ମଚାରୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବା ଦ୍ୱାରା ଏମାନଙ୍କ ଭବିଷ୍ୟତ ଅନ୍ଧାର ହେଉଛି। ଫଳରେ ଏହି କର୍ମଚାରୀମାନେ ବିଭିନ୍ନ ପ୍ରକାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଯେପରିକି ଗ୍ରାଚ୍ୟୁଇଟି, ବୋନସ୍ ଭଳି ସୁବିଧା ପାଉନାହାନ୍ତି। କିଛି କମ୍ପାନୀ କର୍ମଚାରୀମାନଙ୍କ ଇପିଏଫ୍ ଟଙ୍କା ଡିପୋଜିଟ ନ କରି ପଳାଇଛି। ଏଥିପାଇଁ ୟୁନିୟନ ବାରମ୍ବାର ଦଉଡୁଛି। ଓଡ଼ିଶା ସରକାରଙ୍କ ଅଧୀନରେ କାମ କରୁଥିବା ୫୭,୦୦୦ କର୍ମଚାରୀଙ୍କ ରେଗୁଲାର କରିବା ସହିତ ଫ୍ରାଞ୍ଚାଇଜ୍ ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି ସରକାର। ତେବେ ବିଦ୍ୟୁତ୍ ବିଭାଗ ଏକ ଅତ୍ୟାବଶ୍ୟକ ସେବାସଂସ୍ଥା ହୋଇଥିବାରୁ ଏହି ବିଭାଗରେ ପୁରୀ ଜିଲାରେ ବିଭିନ୍ନ ଏଜେନ୍ସି ମାଧ୍ୟମରେ ୫୫୦ରୁ ଅଧିକ କାମ କରୁଥିବା କର୍ମଚାରୀଙ୍କ ପରିବାରର ଦୁଃଖକୁ ନଜର ରଖି ସେମାନଙ୍କୁ ରେଗୁଲାର କରାଯାଉ। ସେହିପରି ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ଉପସଭାପତି ତଥା ଶ୍ରମିକ ନେତା ଶ୍ରୀକାନ୍ତ ପରିଜା, ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ସଭାପତି ନବକିଶୋର ମହାନ୍ତି ଓ କୋଷାଧ୍ୟକ୍ଷ ଶେଖ୍ ଆଜାଦ୍‌ଙ୍କ ନେତୃତ୍ୱରେ ୟୁନିୟନ୍‌ର ଶରତ ଚନ୍ଦ୍ର ଦାଶ, ଲୋକନାଥ ଗଡ଼ନାୟକ, ସୂର୍ଯ୍ୟ ନାରାୟଣ ଦାଶ, ପୁରୁଷୋତ୍ତମ ମିଶ୍ର, ଅମିୟ ରଞ୍ଜନ ମହାନ୍ତି, ପି. ଲିଙ୍ଗରାଜ, ବାପିନା ନାୟକ, ରବୀନ୍ଦ୍ର ରଥ ଆଦି କର୍ମଚାରୀ ଉପସ୍ଥିତ ଥିଲେ।


ପୁରୀ ମୁକ୍ତାକାଶ ରଙ୍ଗ ମଞ୍ଚରେ ଲିଙ୍ଗରାଜ କଳା ନିକେତନର ବାର୍ଷିକୋତ୍ସବ ଓ ଶ୍ରୀଜଗନ୍ନାଥ ଶରଣ ଅବସରରେ ଶନିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଆକାଶବାଣୀର ଶୀତ କବିତା ଆସର 'ଆ ରେ ଶୀତ ଆ'

ପୁରୀ ଅଫିସ,୨୪।୧୨

ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ମନୋରଞ୍ଜନ ଏବଂ ଶିକ୍ଷାର ପ୍ରସାର କ୍ଷେତ୍ରରେ ଆକାଶବାଣୀ ପୁରୀ ୧୦୩.୪ ଏଫ୍.ଏମ୍ କାର୍ଯ୍ୟ କରିଆସୁଛି। ଶୀତ ଋତୁର ଆଗମନ ରୋମାଞ୍ଚିତ କରେ କବିପ୍ରାଣଙ୍କୁ। ଫଳରେ କଲମ ମୁନରୁ ଆପେ ଆପେ ଝରି ଆସେ ଶୀତର କବିତା। ଓଡ଼ିଶାର ବିଭିନ୍ନ ଅଞ୍ଚଳର କବିମାନଙ୍କର ଏଭଳି କିଛି କବିତାକୁ ନେଇ ପୁରୀ ଏଫ୍‌ଏମ୍ ରେଡିଓରୁ ସାହିତ୍ୟସୁଧା କାର୍ଯ୍ୟକ୍ରମରେ ପ୍ରସାରିତ ହେବ ବିଶେଷ ଶୀତ କବିତା ଆସର 'ଆ ରେ ଶୀତ ଆ'। ୨୭ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଏହାର ପ୍ରଥମ ଭାଗ ପ୍ରସାରିତ ହେବ। କବିତାର ଦ୍ୱିତୀୟ ଭାଗ ୧୦ ଜାନୁୟାରୀ ପୂର୍ବାହ୍ନ ୧୦ଟାରେ ପ୍ରସାରିତ ହେବ। ଶୀତ କବିତା ଆସରରେ ବରଗଡ଼ର ଶର୍ମିଷ୍ଠା ସାହୁ, ବଲାଙ୍ଗୀରର ପ୍ରହ୍ଲାଦ ଶତପଥୀ, କୋରାପୁଟର ରବି ଶତପଥୀ ଓ ପ୍ରୀତିଧାରା ସାମଲ। ସେହିପରି ପୁରୀରୁ ସୁଚେତା ମିଶ୍ର, ବଦ୍ରି ମିଶ୍ର ଏବଂ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଦିଲୀପ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପଠନ କରିବେ। ଏହି ଆସରକୁ ବଦ୍ରି ମିଶ୍ର ସଂଯୋଜନା କରିଛନ୍ତି। ସାହିତ୍ୟ ସୁଧାର ଏହି ବିଶେଷ ଶୀତ କବିତା ଆସର 'ଆ ରେ ଶୀତ ଆ' କାର୍ଯ୍ୟକ୍ରମ ଉପସ୍ଥାପନା ସ୍ୱପ୍ନା ଷଡ଼ଙ୍ଗୀ କରିଥିବାବେଳେ କାର୍ଯ୍ୟକ୍ରମ ପ୍ରଯୋଜନା କରିଛନ୍ତି ମାନସ ରଞ୍ଜନ ନାୟକ। ନ୍ୟୁଜମେୟାର ଆପ୍ ମାଧ୍ୟମରେ ଶ୍ରୋତା ଶୁଣିପାରିବେ।

## 'ଫାର୍ମାସୀ ପ୍ରତି ଜିଜ୍ଞାସା ରହିଲେ ଭଲ ଫାର୍ମାସିଷ୍ଟ ହେବ'

### କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ଅନ୍ତର୍ଜାତୀୟ ଆଲୋଚନାଚକ୍ର

ପୁରୀ ଅଫିସ,୨୪।୧୨

ଏପିପି ଆମେରିକାନ୍ ଇଣ୍ଟରନ୍ୟାଶନାଲ ଶାଖା ଓ ଏପିପି ବାୟୋଟେକ୍ ଡିଭିଜନ ସହଯୋଗିତାରେ ବାଲିଗୁଆଲିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ଓ ଆସୋସିଏଶନ ଅଫ୍ ଫାର୍ମାସୀ ପ୍ରଫେସନାଲ୍‌ସ ଓଡ଼ିଶା ଶାଖା ଦ୍ୱାରା ପୌର ସଦନରେ ୨୨ତମ ଇଣ୍ଡୋ-ୟୁଏସ୍ ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସ ଗ୍ଲୋବାଲ ଆଡ୍‌ଭାନ୍‌ସେସ୍ ଆଣ୍ଡ ଚ୍ୟାଲେଞ୍ଜସ୍ ଇନ୍ ଫାର୍ମାକଲୋଜି ଆଣ୍ଡ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ଶୀର୍ଷକ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ର.(ଡ) ଅମିୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ସାପିଜେନ୍ ବାୟୋଟେକ୍ସ ପ୍ରା.ଲିଃର ମୁଖ୍ୟ ପରିଚାଳକ ଅଫିସର ରଶ୍ମିରଞ୍ଜନ ପାତ୍ର ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆବଶ୍ୟକ ପଡ଼ିଲେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ସମ୍ପୂର୍ଣ୍ଣ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଲାଇଫ୍ ସାଇନ୍‌ସେସ୍‌ର ସାଇଣ୍ଟିଷ୍ଟ-ଏଫ୍ ଡ. ସଞ୍ଜୀବ କୁମାର ସାହୁ ଯୋଗଦେଇ କହିଥିଲେ, ସାରା ବିଶ୍ୱରେ ଆମ ଦେଶ ଫାର୍ମାସୀ କ୍ଷେତ୍ରରେ ସଫଳତା ହାସଲ କରିଥିବାରୁ ବିକାଶଶୀଳ ଦେଶ ସମୂହ ଆମ ଦେଶର ଉତ୍ପାଦିତ ଫାର୍ମାସୀ ଦ୍ରବ୍ୟ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ସମ୍ମାନିତ ଅତିଥି ଭାବେ ବିପିୟୁଟି, ରାଉରକେଲାର ଡିନ୍ ଫାର୍ମାସୀ ଓ ଏପିପି ଓଡ଼ିଶା ଶାଖାର ଉପସଭାପତି ଡ. ସନ୍ତୋଷ ମହାପାତ୍ର ଓ ଭୁବନେଶ୍ୱରସ୍ଥିତ ଫାର୍ମାସୀ କଲେଜ ଆଇଜିଆଇପିଏସ୍‌ର ଅଧ୍ୟକ୍ଷ ଡ. ଜି.କେ. ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ୍ ଅନିମା ଦାଶ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଫାର୍ମାସୀ ପାଠ୍ୟକ୍ରମ ପ୍ରତି ଜିଜ୍ଞାସା ଭାବ ରଖି ନିଜକୁ ଶ୍ରେଷ୍ଠ ଫାର୍ମାସିଷ୍ଟ ରୂପେ ଗଢ଼ି ତୋଳିବା ପାଇଁ ଉପଦେଶ ଦେବା ସହ ପିଲାଙ୍କର ଏ କ୍ଷେତ୍ରରେ ଜ୍ଞାନ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଟ୍ଟଯୋଶୀ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ ସଞ୍ଜୟ ନାୟକ, ସୁନୀତା ମିଶ୍ର, ନିକୁଞ୍ଜ କିଶୋର ମିଶ୍ର, ଚିନ୍ମୟ କେଶରୀ ସାହୁ, ବସନ୍ତ ବେହେରା, ଭକ୍ତବନ୍ଧୁ ଜେନା, ରଞ୍ଜନ ଜେନା ଓ ଅସିତ୍ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ୟୁଡିପିଏସ୍‌ର ଅଧ୍ୟାପକ ସୁନୀତ୍ ସାହୁ ଧନ୍ୟବାଦ ଦେଇଥିଲେ।

# ଲିଙ୍ଗରାଜ କଳା ନିକେତନର ବାର୍ଷିକ ଉତ୍ସବ

### ତିଳକ ଗୁରୁଙ୍କୁ ଆର୍ତ୍ତତ୍ରାଣ ଶତପଥୀ, ଗାୟତ୍ରୀ ରଣବୀରଙ୍କୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନ

ପୁରୀ ଅଫିସ, ୨୪।୧୨

ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ମୁକ୍ତାକାଶ ରଙ୍ଗମଞ୍ଚରେ ଲିଙ୍ଗରାଜ କଳା ନିକେତନର ୩୨ତମ ବାର୍ଷିକ ଉତ୍ସବ ଓ ଶ୍ରୀଜଗନ୍ନାଥ ଶରଣ (ନୃତ୍ୟ ସଙ୍ଗୀତ ସମାରୋହ) ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ କୈଳାସ ଚନ୍ଦ୍ର ନାଏକ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ସମାଜସେବୀ ସନାତନ ଦାସ, ରାଜ୍ୟ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଗୁରୁ ଦୁର୍ଗା ଚରଣ ରଣବୀର, ରାଜ୍ୟ ତଥା କେନ୍ଦ୍ର ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁମା ଆରତି ରଣବୀର, ନାଟ୍ୟ ନିର୍ଦ୍ଦେଶକ ଭାରତ ନାଏକ, ଶ୍ରୀମନ୍ଦିର ସେବାୟତ ଭଗବାନ ସୁଆର, କିରଣ ସୁଆର, ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଧବଳେଶ୍ୱର ମିଶ୍ର, ଗଣେଶ୍ୱର ପ୍ରହରାଜ ଓ ଉପାଧ୍ୟକ୍ଷ ଲୋକନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ତିଳକ ଗୁରୁଙ୍କୁ ଆର୍ତ୍ତତ୍ରାଣ ଶତପଥୀ ଏବଂ ନୃତ୍ୟ ଗୁରୁ ଗାୟତ୍ରୀ ରଣବୀରଙ୍କୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ମନୋଜ ପ୍ରଧାନ ଓ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ପ୍ରକାଶ ରଥଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ଚମ୍ପୁ, ଚାନ୍ଦ, ଭଜନ ଓ ପଲ୍ଲୀ ଗୀତ ପରିବେଷଣ କରାଯାଇଥିଲା। ଉଦଘୋଷକ ଶ୍ୟାମ ପ୍ରକାଶ ସେନାପତି ଏବଂ ସଂସ୍କୃତିପ୍ରେମୀ ଗଣେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

# ଖାଉଟି ସଚେତନ ହେଲେ ସୁଫଳ ମିଳିବ

ପୁରୀ ଅଫିସ,୨୪।୧୨

ଜିଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଶନିବାର ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ଉପଭୋକ୍ତାମାନଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ ହେଉଥିବା କହିଥିଲେ। ୧୯୮୬ ମସିହା ଆଜିର ଦିବସରେ ଖାଉଟି ସୁରକ୍ଷା ଆଇନ ପ୍ରଣୟନ ହୋଇଥିବା ବେଳେ ୨୦୦୨ରେ ସଂଶୋଧନ କରାଯାଇଥିଲା। ବର୍ତ୍ତମାନ ୨୦୧୯ ଆଇନ ଅନୁସାରେ ଖାଉଟି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ସରକାରଙ୍କ ପକ୍ଷରୁ ଖାଉଟିମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସରକାରୀ, ସ୍ୱେଚ୍ଛାସେବୀସ୍ତରରେ ବିଭିନ୍ନ କର୍ମଶାଳା ଓ ଆଲୋଚନା କରାଯାଉଛି। ଚଳିତବର୍ଷର ବିଷୟବସ୍ତୁ ଉପଭୋକ୍ତା ଆୟୋଗର ମାମଲାଗୁଡ଼ିକର ଫଳପ୍ରଦ ଫଇସଲାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ। ବିଶ୍ୱର ପ୍ରତିଟି ବ୍ୟକ୍ତି ଜଣେ ଜଣେ ଖାଉଟି। ତେବେ କିଛି ଅସାଧୁ ବ୍ୟକ୍ତିମାନଙ୍କ ପାଇଁ ସମଗ୍ର ବ୍ୟବସ୍ଥା ପ୍ରଭାବିତ ହୋଇ ଖାଉଟି କ୍ଷତିଗ୍ରସ୍ତ ହେଉଥିବା ବେଳେ ଏଥିପାଇଁ ଖାଉଟି ନିଜେ ସଚେତନ ହେଲେ ଏହାକୁ ରୋକାଯାଇପାରିବ ବୋଲି କହିଥିଲେ। ଜିଲା ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟ ବିଜୟାନନ୍ଦ ମିଶ୍ର ଖାଉଟି ସୁରକ୍ଷା ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିଲେ ମଧ୍ୟ ଖାଉଟି ସଚେତନ ହେଲେ ହିଁ ଏହାର ପ୍ରକୃତ ସୁଫଳ ମିଳିପାରିବ ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ ଆଇନର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ନ୍ୟାଶନାଲ ଇଣ୍ଟିଗ୍ରେଟେଡ୍ ଡେଭେଲପମେଣ୍ଟ ଏଜେନ୍ସି ସଂଗଠନର ସମ୍ପାଦକ ଭକ୍ତ ବିହାରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ବୈଧ ମାପ ବିଭାଗର ଉପନିୟନ୍ତ୍ରକ ପ୍ରଗତି ନାୟକ, ସାମାଜିକ କର୍ମୀ ସନ୍ଦୀପ ସେନ୍ ଓ ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।


ବଡ଼ ଦିନ ପାଇଁ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ଲାଗି ମୀନାବଜାର ପଡ଼ିଛି।

# ପିପିଡବ୍ଲୁଓ ପକ୍ଷରୁ ଆଇନ ସଚେତନତା ଶିବିର

### ଜିଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ପାଳିତ

ନିମାପଡ଼ା,୨୪।୧୨(ଡି.ଏନ୍.ଏ.)

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲୁଓ) କାର୍ଯ୍ୟାଳୟଠାରେ ଏକ ଆଇନ ସଚେତନତା ଓ ଅଧିକାର ଶୀର୍ଷକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପିପିଡବ୍ଲୁଓ ଏବଂ ଚେନ୍ନାଇସ୍ଥିତ ଦିବ୍ୟାଙ୍ଗଙ୍କ ନିମନ୍ତେ ଥିବା ଜାତୀୟ ସଂସ୍ଥାନ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଦିଲୀପ ପଟ୍ଟନାୟକ, ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ନାୟକ, ସଂଗଠନ ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ତଫସିଲଭୁକ୍ତ ଜାତି ନିମନ୍ତେ ଥିବା ବିଭିନ୍ନ ଆଇନ, ସରକାରଙ୍କ ବିଭିନ୍ନ ଯୋଜନା, ସେମାନଙ୍କ ମୌଳିକ ଅଧିକାର ସମ୍ପର୍କରେ ଓ ଚେନ୍ନାଇର ସେବାସମୂହ ଦିଗରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ତଫସିଲଭୁକ୍ତ ଜାତିର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରମାଣପତ୍ର, ଆଇନକାନୁନ ଯୋଜନା ସଂକ୍ରାନ୍ତୀୟ ନିୟମାବଳୀ ପୁସ୍ତକ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଦାଶରଥି ନାୟକ, ତୋଫାନ ବିଶ୍ୱାଳ, ରିଜୱାନ୍ କରିମ୍, ପ୍ରଭାତ ବେହେରା, ସୁମନ୍ତ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ତଫସିଲଭୁକ୍ତ ଜାତିର ମହିଳା ଓ ନେତା ଯୋଗଦେଇଥିଲେ।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ ଜଣେ ମହିଳାଙ୍କୁ ପ୍ରମାଣ ପତ୍ର ଦେଉଛନ୍ତି।

# ସତ୍ୟବାଦୀ ସଙ୍ଗୀତ, ନୃତ୍ୟ ଉତ୍ସବ ଉଦ୍‌ଘାଟିତ

### ମର୍ଦ୍ଦଳଗୁରୁ ସଚ୍ଚିଦାନନ୍ଦଙ୍କୁ ସତ୍ୟବାଦୀ ସମ୍ମାନ

ସାକ୍ଷୀଗୋପାଳ,୨୪।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ୨ଦିନିଆ ସତ୍ୟବାଦୀ ସଙ୍ଗୀତ ଓ ନୃତ୍ୟ ଉତ୍ସବ ସାକ୍ଷୀଗୋପାଳ ପାନ୍ଥଶାଳାରେ ଶନିବାର ଆରମ୍ଭ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ସଙ୍ଗୀତ, ପଲ୍ଲୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ ଓ ମେଳ ଗାୟନ କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ବିଧାନସଭାର ଅବସରପ୍ରାପ୍ତ ଯୁଗ୍ମ ସଚିବ ପଣ୍ଡିତ ଜଗନ୍ନାଥ ପାଣିଗ୍ରାହୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଶ୍ରୀମନ୍ଦିର ଭଳି ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳ ଓ ଐତିହାସିକ ବକୁଳବନ ଆକର୍ଷଣୀୟ ହେବ ବୋଲି କହିଥିଲେ। ସେହିପରି ପଞ୍ଚସଖା ଖେଳପଡ଼ିଆର ସମ୍ପ୍ରସାରଣ ନିମନ୍ତେ ୨.୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦେଇଥିଲେ। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ବାକିଥିବା ଉନ୍ନୟନମୂଳକ କାର୍ଯ୍ୟ ଶେଷ କରାଯିବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଯୋଗଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ଓ ଗୁରୁ ଯୋଗେଶ କୁମାର ଦତ୍ତ ସିତାର ବାଦନ କରିଥିଲେ। ସଭାପତି ଗୁରୁ ଦୁର୍ଗାପ୍ରସାଦ ମହାପାତ୍ର ଏବଂ ଉପସଭାପତି ବ୍ରଜକିଶୋର ମହାପାତ୍ର ତବଲାରେ ସହଯୋଗ କରିଥିଲେ। ପଣ୍ଡିତ ଜଗନ୍ନାଥ ପାଣିଗ୍ରାହୀ ଗୀତ ଗୋବିନ୍ଦ ଓ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିଥିଲେ। ଗୁରୁ ଅଚ୍ୟୁତ ମହାରଣାଙ୍କ ନିର୍ଦ୍ଦେଶନାରେ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଶୋକ ସାହୁ, ଅଜିତ ମିଶ୍ର, ନିରଞ୍ଜନ ଦୀକ୍ଷିତ, ସୁପ୍ରଭା ପଟ୍ଟନାୟକ, ଅର୍ଚ୍ଚନା ମିଶ୍ର, କମଳିନୀ ରଥ, ଚାରୁଲତା ମିଶ୍ର ଓ ଦୀପା ସାହୁ ଓଡ଼ିଶୀ ସଙ୍ଗୀତ 'କି ଶୋଭା ଗୋ କୁଞ୍ଜେ ମଦନ ମୋହନ' ପରିବେଷଣ କରିଥିବା ବେଳେ ମର୍ଦ୍ଦଳଗୁରୁ ମାନସ ଷଡ଼ଙ୍ଗୀ ଓ ବେହେଲାରେ ସହଯୋଗ କରିଥିଲେ ପ୍ରସନ୍ନ ବେହେରା। ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଅନ୍ୟମାନେ ମର୍ଦ୍ଦଳ ବାଦନ କରିଥିଲେ। ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନିର୍ଦ୍ଦେଶନାରେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ମନୋଜ ପ୍ରଧାନ ଏକକ ଓଡ଼ିଶୀ ନୃତ୍ୟ ଦଶ ମହାବିଦ୍ୟା ଉପସ୍ଥାପନ କରିଥିଲେ। ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆ, ମୀରା ଦାସ ଓ ରାଜେଶ ସାହୁ ଓଡ଼ିଶୀ ଅଭିନୟରେ ରାମାୟଣର କଥା ବସ୍ତୁ ସୀତା ବଲ୍ଲଭ ଉପସ୍ଥାପନ କରିଥିଲେ। ଏହି ଅବସରରେ ମର୍ଦ୍ଦଳଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ସତ୍ୟବାଦୀ ସମ୍ମାନ ଏବଂ ସିତାର ବାଦକ ଯୋଗେଶ ଦତ୍ତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆଡ୍‌ଭୋକେଟ ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା ଓ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



# ଉନ୍ମେଷ

**ଏକ ନୂଆ ବର୍ଷକୁ ସ୍ୱାଗତ ଜଣାଇ ଖୁବ୍ ଶୀଘ୍ର ଆମ ଗହଣରୁ ବିଦାୟ ନେବ ବର୍ଷ ୨୦୨୨। ଏହି ବର୍ଷରେ 'ଆଗାମୀ ଆଶା' ପୃଷ୍ଠାରେ ପ୍ରକାଶିତ ବିଭିନ୍ନ ପ୍ରସଙ୍ଗ ମଧ୍ୟରୁ ନିର୍ବାଚିତ କେତେକ ବିଷୟ ଏବଂ ଯୁବପ୍ରତିଭାଙ୍କ ସମ୍ପର୍କରେ...**




## ଯୁବ ପ୍ରତିଭା

### ଜଗନ୍ନାଥ ମହାନ୍ତ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମର ଶକୁନ୍ତଳା ଏବଂ ଶ୍ୟାମ ସୁନ୍ଦର ମହାନ୍ତଙ୍କ ପୁତ୍ର ଜଗନ୍ନାଥ। 'ଭାରତୀୟ ସାହସିକ ସଂସ୍ଥାନ (IAF)' ସର୍ବଭାରତୀୟ ସ୍ତରରୁ ଆୟୋଜିତ ପର୍ବତାରୋହଣ କାର୍ଯ୍ୟକ୍ରମରେ ହିମାଳୟ ପର୍ବତମାଳାର ୧୨,୫୦୦ ଫୁଟ୍ ଉଚ୍ଚତାରେ–୧୬ ଡିଗ୍ରୀ ତାପମାତ୍ରାରେ ରହି ୨୮୦ ମିଟର ଲମ୍ବର ଜାତୀୟ ପତାକା ଉଡ଼ାଇ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍, ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ନାମ ପଞ୍ଜୀକରଣ କରିସାରିଛନ୍ତି। କେବଳ ଏତିକି ନୁହେଁ, ସମାଜସେବା କ୍ଷେତ୍ରରେ ମଧ୍ୟ ତାଙ୍କର ଢେର ଅବଦାନ ଲାଗି ତାଙ୍କୁ ରାଷ୍ଟ୍ରୀୟ ପ୍ରେରଣା ଦୂତ ସମ୍ମାନ –୨୦୨୧, ପ୍ରାଇଡ୍ ଅଫ୍ ୟଙ୍ଗ୍ ହିନ୍ଦୁସ୍ତାନ ଆୱାର୍ଡ –୨୦୨୧ରେ ସମ୍ମାନିତ କରାଯାଇଛି।


ଶୁଭ୍ରାଂଶୁ


ପ୍ରଶାନ୍ତ


ମୁସ୍କାନ


ମନୀଷା

### ଶୁଭ୍ରାଂଶୁ ଶତପଥୀ

ସେ ସର୍ବଦା ପରିବେଶ ସୁରକ୍ଷା ପ୍ରତି ସଚେତନ। ପକ୍ଷୀଙ୍କ ଶୋଷ ମେଣ୍ଟାଇବା ପାଇଁ ସେ ପ୍ରାୟ ୩୧ ହଜାରରୁ ଅଧିକ ମାଟିପାତ୍ର ପ୍ରଦାନ କରି ରାଜ୍ୟପାଳଙ୍କଠାରୁ 'ବାର୍ଡମ୍ୟାନ' ସମ୍ମାନ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ଢେଙ୍କାନାଳ ଜିଲାର ମା' ରାଜଲକ୍ଷ୍ମୀ ଏବଂ ବାପା ଉଦୟନାଥ ଶତପଥୀଙ୍କ ପୁଅ ଶୁଭ୍ରାଂଶୁ। ସେ ବହୁ ବର୍ଷ ଧରି ବିଭିନ୍ନ ମଞ୍ଜି ସଂଗ୍ରହ କରି ଏହାକୁ ମାଟିଗୁଳାରେ ଭର୍ତ୍ତିକରି ସିଡ୍ ବଲ ପ୍ରସ୍ତୁତ କରି ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଜଙ୍ଗଲକୁ ଫିଙ୍ଗିଥାନ୍ତି। ସେ ରାଜ୍ୟରେ ପ୍ରଥମ ଥର ଡ୍ରୋନ୍ ଯୋଗେ ସିଡ୍ ବଲ୍ ଅପହଞ୍ଚ ଇଲାକାରେ ପହଞ୍ଚାଇ ପାରିଛନ୍ତି। ୨୦୧୦ରେ ସେ 'ଦେ ରିଏଲି ନିଡ୍ ଅସ୍' ନାମକ ପରିବେଶ ସୁରକ୍ଷାଭିତ୍ତିକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରି ୨୦୧୨ ବସୁଧା ନ୍ୟାଶନାଲ୍ ଫେଷ୍ଟିଭାଲ୍‌ରେ ଏବଂ ଇଣ୍ଟରନ୍ୟାଶନାଲ୍ ଷ୍ଟୁଡେଣ୍ଟ୍ସ ଫିଲ୍ମ ଫେଷ୍ଟିଭାଲରେ ବେଷ୍ଟ ଡାଇରେକ୍ଟର ଆୱାର୍ଡ ପାଇଛନ୍ତି। ୫ମ ଦାଦାସାହେବ ଫିଲ୍ମ ଫେଷ୍ଟିଭାଲ୍–୨୦୧୬ରେ ତାଙ୍କୁ ସ୍କ୍ରିନିଂ ଆୱାର୍ଡ ମିଳିଛି। ସେହିପରି ୨୦୧୪ରେ 'ଲେଟ୍ ଦେମ୍ ବ୍ରିଥ୍' ନାମକ ଆଉ ଏକ ଫିଲ୍ମ ପାଇଁ ପୁରସ୍କୃତ ହୋଇପାରିଛନ୍ତି।

### ଆଶୁତୋଷ ପଟ୍ଟନାୟକ

ଓଡ଼ିଶା ମଡେଲିଂ ଦୁନିଆରେ ନିଜକୁ ପ୍ରତିଷ୍ଠିତ କରିବା ଲାଗି ୬ ବର୍ଷ ଉଦ୍ୟମ କରିବା ପରେ ଓଡ଼ିଶା ମିଷ୍ଟର ଫ୍ୟାଶନ ଆଇକନ୍ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହାପରେ ମିଷ୍ଟର୍ ଓଡ଼ିଶା ସୁପର ମଡେଲ ୨୦୨୧, ଦିଲ୍ଲୀ ଟ୍ରେଣ୍ଡ ଫ୍ୟାଶନ ଶୋ'ରେ ୧ମ ରନର୍ସ ଅପ୍ ହେବା ସହ ମିଷ୍ଟର ଟିଆରା ଇଣ୍ଡିଆ ଫାଇନାଲରେ ବେଷ୍ଟ ର୍ୟାମ୍ପ୍ ୱାକ୍ ପାଇଁ ପୁରସ୍କୃତ ହେଲେ। ଏହି ଉଦୀୟମାନ ମଡେଲ୍ ହେଉଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ବାଙ୍କୋଇରେ ରହୁଥିବା ମାଆ ଚନ୍ଦ୍ରକାନ୍ତି ଏବଂ ବାପା ପ୍ରମୋଦ କୁମାର ପଟ୍ଟନାୟକଙ୍କ ପୁଅ ଆଶୁତୋଷ। ବର୍ତ୍ତମାନ ସେ ମଡେଲ୍ସ ହବ୍ ନାଁରେ ଏକ ମଡେଲିଂ ଏକାଡେମୀ ଖୋଲି କିଡ୍ସ ଏବଂ ୟୁଥ୍‌ମାନଙ୍କୁ ଏ ଦିଗରେ ତାଲିମ ଦେଉଛନ୍ତି। ସେ ନିଜସ୍ୱ ଉଦ୍ୟମରେ ମିଷ୍ଟର ଆଣ୍ଡ ମିସ୍ କଳିଙ୍ଗ ସିଜନ୍– ୧ ଏବଂ ଓଡ଼ିଶା ଫ୍ୟାଶନ୍ ରନ୍‌ୱେ ୱିକ୍ ସିଜନ୍– ୧ ନାମକ ଦୁଇଟି ମଡେଲିଂ ଶୋ ମଧ୍ୟ କରିସାରିଛନ୍ତି। ସେ ଦୁଇଟି ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ 'କେମିତି କହିବି କହ' ଏବଂ 'ଭାଗ୍ୟ ହାତେ ଡୋରି' ଭଳି ମେଗା ଧାରାବାହିକରେ ମଧ୍ୟ କାମ କରି ସାରିଛନ୍ତି।

### ପ୍ରୟତାତ୍ମା ରଥ

ନିଜ କଣ୍ଠର ଯାଦୁକରି ସ୍ୱର୍ଶରେ ଓଡ଼ିଶାର ଅଗଣିତ ଶ୍ରୋତାଙ୍କ ହୃଦୟରେ ଘର କରିଛନ୍ତି ନୟାଗଡ଼ ଜିଲା ଅନ୍ତର୍ଗତ ଖଣ୍ଡପଡ଼ା ଗ୍ରାମରେ ରହୁଥିବା ଅନସୂୟା ଏବଂ ଚଣ୍ଡୀ ଚରଣ ରଥଙ୍କ ପୁଅ ପ୍ରୟତାତ୍ମା। ସେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ସଙ୍ଗୀତ ବିଶାରଦ ଉପାଧି ଲାଭ କରିଛନ୍ତି । ୨୦୧୦, ୨୦୧୧, ୨୦୧୪ ମସିହାରେ ସୁରଭି ସଙ୍ଗୀତ ପ୍ରତିଯୋଗିତାରେ ଜିଲାସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରରୁ ପୁରସ୍କୃତ ହୋଇଛନ୍ତି । ରାଜ୍ୟସ୍ତରୀୟ ସାମନ୍ତ ଜୟନ୍ତୀ ଅବସରରେ ପଠାଣି ସାମନ୍ତ ମେମୋରିଆଲ୍ ପରିଷଦ ତରଫରୁ ୨୦୦୮–୨୦୧୨ ମସିହା ପର୍ଯ୍ୟନ୍ତ 'ଶିଶୁପଣ୍ଡିତ' ଉପାଧିରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ରାଜ୍ୟସ୍ତରୀୟ କଳା ସମ୍ମାନ ମଧ୍ୟ ସେ ପାଇଛନ୍ତି ।

### ମୁସ୍କାନ୍ ତେହସିନ

କିଛି ଭିନ୍ନ କରି ନିଜର ପରିଚୟ ଗଢ଼ିବାକୁ ସେ ସର୍ବଦା ଉଦ୍ୟମରତ ଜଟଣୀ ବ୍ଲକ ତରାବୋଇ ଗ୍ରାମର ମା' ସଞ୍ଜିତା ବାନୋ ଏବଂ ବାପା ଶେଖ୍ ସମ୍‌ସେରଙ୍କ ଝିଅ ମୁସ୍କାନ୍ ତେହସିନ। ସେ ଜଣେ ମେଧାବୀ ଛାତ୍ରୀ ହେବା ସହ ଦୁଇ ହାତରେ କଲମ ଧରି ଏକ ସମୟରେ ନିର୍ଭୁଲ ଭାବେ ୨ଟି ଭାଷାରେ ସୁନ୍ଦର ଭାବେ ଲେଖିପାରନ୍ତି। ଜାତୀୟ ସଙ୍ଗୀତକୁ ସେ ୫ଟି ଭାଷାରେ ଉଭୟ ହାତରେ ଏବଂ ମିରର ରାଇଟିଂ (ଦର୍ପଣରେ ଓଲଟା ଲେଖା) ଲେଖି ଏବେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି।

### ପ୍ରଶାନ୍ତ କୁମାର ରଣା

ନୟାଗଡ଼ ଜିଲା ଭାପୁର ବ୍ଲକ ମାଧପୁର ଗାଁର ମାଆ ଲକ୍ଷ୍ମୀ ଏବଂ ବାପା ସନାତନ ରଣାଙ୍କ ପୁଅ ପ୍ରଶାନ୍ତ କୁମାର(୨୫)। ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଉଚ୍ଚଶିକ୍ଷା କରିବାରୁ ବଞ୍ଚିତ ହୋଇଥିଲେ। କ୍ରିକେଟ୍ ଖେଳ ପ୍ରତି ପିଲାବେଳୁ ଆଗ୍ରହ ଥିବାରୁ ଘରେ କାହାକୁ ନ ଜଣାଇ କାମ ଖୋଜିବା ବାହାନାରେ କଟକ ଆସି ୟୁନିୟନ ସ୍ପୋର୍ଟିଂ କ୍ଲବରେ ଆଡ୍‌ମିଶନ କଲେ। ଚଳିତବର୍ଷ ୨୫ ବର୍ଷରୁ କମ୍ ରଣଜୀ ଦଳରେ ସୁଯୋଗ ମିଳିପାରିଲା। ଓଡ଼ିଶାର ଜଣେ ଆଗଧାଡ଼ିର ପେସ୍ ବୋଲର ଭାବେ ପରିଚିତ ପ୍ରଶାନ୍ତ ଓଡ଼ିଶା ପାଇଁ କୌଣସି ଜୁନିୟର କ୍ରିକେଟ ମ୍ୟାଚ୍ ନ ଖେଳି ରଣଜୀ ଦଳରେ ସାମିଲ ହୋଇଛନ୍ତି।

### ସତ୍ୟବ୍ରତ ଜେନା

ଜଗନ୍ନାଥଙ୍କ ଏକ ଭଜନ ଗାଇ ସେ ସୋସିଆଲ୍ ମିଡିଆରେ ଲକ୍ଷାଧିକ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିଛନ୍ତି ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଡିଆ ଗ୍ରାମର ମା' କାଞ୍ଚନ ଓ ବାପା ଗଣେଶ୍ୱର ଜେନାଙ୍କ ପୁଅ ସତ୍ୟବ୍ରତ। ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡିଗଡ଼ର ନୀଳଗିରି ଶାଖାରେ ସଙ୍ଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି। ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲାପାଳ ଏବଂ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ସେ ସୁରଭି କାର୍ଯ୍ୟକ୍ରମରେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ୨୦୧୮ରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇ ନୀଳଗିରି ବ୍ଲକ୍‌ରୁ ନିଜ ରାଜ୍ୟ ସହ ଅନ୍ୟ ରାଜ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

### ମନୀଷା କୁମାରୀ

ଜଣେ ଜଗନ୍ନାଥପ୍ରେମୀ ଭାବେ ପ୍ରଥମେ ଜଗନ୍ନାଥ ଚିତ୍ର ଆଙ୍କିବାକୁ ଭଲପାଆନ୍ତି ସେ। ଆଉ ଏହି ନିଶା ପାଇଁ ସେ ନ୍ୟାଶନାଲ୍ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମକୁ ସାମିଲ କରିବାରେ ସକ୍ଷମ ହୋଇଛନ୍ତି। ସେ ହେଉଛନ୍ତି ବ୍ରହ୍ମପୁର ସହର ଆମ୍ବପୁଆ ମାରୁତି ନଗର ଅଞ୍ଚଳର ମା' ନକ୍ଷତ୍ରମାଳା ଓ ପିତା ନୀଳମାଧବ ପଣ୍ଡାଙ୍କ ଝିଅ ମନୀଷା କୁମାରୀ। ଗତ ଲକ୍‌ଡାଉନ ସମୟରେ ଏକ କାଗଜ ପ୍ଲେଟରେ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରିବା ସହ ପ୍ଲାଷ୍ଟିକ ଚାମଚ, ପ୍ଲେଟ, ହରଡ଼ ଡାଲି, ମାଟିପାତ୍ର, ଔଷଧ ଷ୍ଟ୍ରିପ, ବୋତଲ, କଉଡ଼ି, ମାଟିହାଣ୍ଡି, ଆଲ୍‌ମଣ୍ଡ, ଅବଢ଼ା ହାଣ୍ଡି, ଅଶ୍ୱତ୍ଥ ପତ୍ର, ପଥର, ଶାଳଗ୍ରାମ ଆଦିରେ ଜଗନ୍ନାଥ କଳାକୃତି ଆଙ୍କି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହାକୁ ସେ ନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସ ନିମନ୍ତେ ଆବେଦନ କରିଥିଲେ ଏବଂ ରେକର୍ଡ୍ସରେ ସ୍ଥାନ ମଧ୍ୟ ପାଇଥିଲେ। ଏଥିପାଇଁ ମନୀଷାଙ୍କୁ ଅଫିସିଆଲ ଇଣ୍ଡିଆ, ଅଡୁରା ଲ୍ୟାଣ୍ଡ, ମଣିକର୍ଣ୍ଣିକା ଆର୍ଟ ଗାଲେରିରୁ ଜଣେ ଦକ୍ଷ ଚିତ୍ରଶିଳ୍ପୀ ରୂପେ ସମ୍ବର୍ଦ୍ଧିତ କରାଯାଇଛି।

### ସ୍ୱସ୍ତିଦୀପା ପଟ୍ଟନାୟକ

ଭୁବନେଶ୍ୱର ନୟାପଲ୍ଲୀରେ ରହୁଥିବା ମାଆ ସୌମ୍ୟାସ୍ମିତା ଏବଂ ବାପା ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଝିଅ ସ୍ୱସ୍ତିଦୀପା। ବର୍ତ୍ତମାନ ସୁଦ୍ଧା ସେ ଅଭିନ୍ନ କଳାକ୍ଷେତ୍ର, ସାଇ କଳା ସଂସଦ, ପିକକ୍ ସଂସ୍କୃତି ସମ୍ମାନ ଏବଂ ଆହୁରି ଅନେକ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ୨୦୧୯ ମସିହାରେ ଓଡ଼ିଶୀ ନୃତ୍ୟରେ ଜାତୀୟ ମେଧାବୃତ୍ତି ମଧ୍ୟ ପାଇଛନ୍ତି। ସେ ଜାତୀୟ ସ୍ତରରେ ପୁରସ୍କାର ପାଇଥିବା ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଆ', 'ସିନ୍ଦୂର'ରେ ଅଭିନୟ କରି ନିଜର ଅଭିନୟ କଳାରେ ପାରଦର୍ଶିତା ଦେଖାଇ ସାରିଛନ୍ତି।

### ଦିବ୍ୟାଂଶୀ ମହାନ୍ତି

ବ୍ରହ୍ମପୁର ସହରସ୍ଥ ଶରଧାବାଲି ଅଞ୍ଚଳର ମା' ସ୍ୱାଗତିକା ଦାସ ଏବଂ ବାପା ହିମାଂଶୁ ଶେଖର ମହାନ୍ତିଙ୍କ ଝିଅ ଦିବ୍ୟାଂଶୀ। ସେ ଚଳିତ ବର୍ଷ ମେ ୯ ତାରିଖରେ ମୁମ୍ବାଇ ଗ୍ଲୋବାଲ ଦ୍ୱାରା ପ୍ରେଜେଣ୍ଟ ମିସ୍ ହିନ୍ଦୁସ୍ତାନୀ ୨୦୨୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏଥିରେ ସେ ମିସ୍ ଟ୍ୟାଲେଣ୍ଟେଡ ଆୱାର୍ଡ ମଧ୍ୟ ପାଇଛନ୍ତି। ଏଥିପୂର୍ବରୁ ୨୦୧୮ରେ ବେଷ୍ଟ ଅଫ୍ ବ୍ରହ୍ମପୁର ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ୨୦୨୧ରେ ବ୍ରହ୍ମପୁରଠାରେ ମିସ୍ ଓଡ଼ିଶା ପ୍ରତିଯୋଗିତାରେ ବ୍ରହ୍ମପୁର ସ୍ପେକ୍ଟାକୁଲାର ଆଇ ଆୱାର୍ଡ ପାଇଥିଲେ। ସେ ଓଡ଼ିଶୀ ବିଶାରଦ କରିଥିବା ବେଳେ ହିନ୍ଦୁସ୍ତାନୀ ଭୋକାଲରେ ଡିପ୍ଲୋମା କରିଛନ୍ତି। ବର୍ତ୍ତମାନ ଦେବାଂଶୀ ଡ୍ୟାନ୍ସ କ୍ୟୁପିଡ ନାମରେ ଏକ ୟୁଟ୍ୟୁବ ଚାନେଲ ଖୋଲିବା ସହ ନିଜ ଘରେ ଡ୍ୟାନ୍ସ ୱିଥ୍ ଦେବାଂଶୀ ନାମକ ଏକ ଇନ୍‌ଷ୍ଟିଚ୍ୟୁଟ ଆରମ୍ଭ କରିଛନ୍ତି।

### ସ୍ନେହାଶ୍ରୀ ସୋରେନ୍

ପେସାରେ ଜଣେ ଶିକ୍ଷୟିତ୍ରୀ। ହେଲେ ନିଶା ତାଙ୍କର ସାପ ଧରିବା। ଯେଉଁଥିପାଇଁ ଜଣେ ପ୍ରାଣୀ ସୁରକ୍ଷାକାରୀ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତା। ସେ ହେଉଛନ୍ତି ମୟୂରଭଞ୍ଜ ଜିଲାରେ ରହୁଥିବା ସ୍ନେହାଶ୍ରୀ ସୋରେନ୍। ବର୍ତ୍ତମାନ ସୁଦ୍ଧା ସେ ବହୁ ସଂଖ୍ୟାରେ ସାପ ଧରିଥିବା ବେଳେ କେବଳ ୨୦୧୧ ମସିହାରୁ ପ୍ରାୟ ୧ହଜାର ସାପ ଧରି ସାରିଛନ୍ତି। ତେବେ ସେ ଜଣେ ଯୁବତୀ ହୋଇ ଏଭଳି ବିପଦପୂର୍ଣ୍ଣ କାମ କରି ମାଲକାନଗିରି ଜିଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଅନେକ ସ୍ଥାନରେ ପ୍ରଶଂସିତ ହୋଇପାରିଛନ୍ତି।

### ସନ୍ତୋଷ ପ୍ରଧାନ

**କେ**ତେବେଳେ ସେ ମୀରା ହୋଇ ଶ୍ରୀକୃଷ୍ଣଙ୍କୁ ଖୋଜନ୍ତି ତ ଆଉ କେତେବେଳେ କାଳୀ, ଅର୍ଦ୍ଧନାରୀଶ୍ୱର, ଶିବତାଣ୍ଡବ, ଶ୍ରୀକୃଷ୍ଣ ରାସରେ ଦର୍ଶକଙ୍କୁ ବିମୋହିତ କରନ୍ତି। ଆଉ ଏହି ସୁନ୍ଦର ନୃତ୍ୟାଭିନୟ ତାଙ୍କୁ ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ଶ୍ରୀକ୍ଷେତ୍ର ମାଟିରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ସେ ହେଉଛନ୍ତି ପୁରୀ ଜିଲା ବ୍ରହ୍ମଗିରି ଗୌଡ଼ବନ୍ଧ ଗ୍ରାମର ଶାନ୍ତିଲତା ଓ ରାଜ କିଶୋର ପ୍ରଧାନଙ୍କ ପୁଅ ସନ୍ତୋଷ। ପିଲାବେଳୁ କଳା ପ୍ରତି ତାଙ୍କର ରୁଚି ରହିଥିଲା। କଲେଜ ଶିକ୍ଷା ପରେ ପୁରୀ କୋର୍ଟରେ ଓକିଲ ମନୋଜ ମହାପାତ୍ରଙ୍କ ନିକଟରେ ରହି ମୋହରିର କାମ ଆରମ୍ଭ କରିଥିଲେ। ଓଡ଼ିଶୀ ପାଇଁ ସେ ମୋହରିର କାମ ଛାଡ଼ି ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ନିକଟରେ ନିୟମିତ ନୃତ୍ୟାଭ୍ୟାସ ଜାରି ରଖିଲେ। ୨୦୧୬ରେ ପୁରୀରେ ଅନନ୍ୟା କଳା ମନ୍ଦିର ଗଠନ କରି ଓଡ଼ିଶୀ ପ୍ରତି ଆଗ୍ରହ ରଖୁଥିବା ଶିଶୁ ଏବଂ ଯୁବବର୍ଗଙ୍କୁ ନୃତ୍ୟଶିକ୍ଷା ଦେଉଛନ୍ତି। ଓଡ଼ିଶା ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି।


ସ୍ନେହାଶ୍ରୀ


ଆଶୁତୋଷ


ସନ୍ତୋଷ


ଜଗନ୍ନାଥ


ପ୍ରୟତାତ୍ମା


ଦିବ୍ୟାଂଶୀ


ସ୍ୱସ୍ତିଦୀପା


ସତ୍ୟବ୍ରତ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୫ ଡିସେମ୍ବର, ୨୦୨୨ Bhubaneswar, Sunday, December 25/2022


ଆକାଶ ମାର୍ଗରୁ ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମର ଦୃଶ୍ୟ।


ଜୟଦେବ ବିହାର ଛକରେ ନିର୍ମିତ ହକି କଳାକୃତି ନିକଟରେ ପ୍ରଶଂସକମାନେ ସେଲ୍‌ଫି ନେଉଛନ୍ତି। (ଫଟୋ: ବିକାଶ ନାୟକ)

# ହକି ବିଶ୍ୱକପ୍ ଟ୍ରଫି ଆଜି ଭୁବନେଶ୍ୱରରେ ପହଞ୍ଚିବ

ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମଥର ପାଇଁ ପ୍ରତିଯୋଗିତା ୨ଟି ଭେନ୍ୟୁରେ ହେବାକୁ ଯାଉଛି। ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍), ହକି ଇଣ୍ଡିଆ ଓ ଓଡ଼ିଶା ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ପ୍ରଥମ ଥର ପାଇଁ ପରିକଳ୍ପନା କରାଯାଇଥିବା ହକି ବିଶ୍ୱକପ୍ ଟ୍ରଫି ଟୁର୍ ଇତିମଧ୍ୟରେ ଅନେକ ରାଜ୍ୟ ପରିକ୍ରମା କରିସାରିଛି। ରବିବାର ପୂର୍ବାହ୍ନ ୧୧ଟା ୩୦ରେ ଟ୍ରଫି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ମେୟର ସୁଲୋଚନା ଦାସ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ଟ୍ରଫିକୁ ସ୍ୱାଗତ କରିବେ। ବିମାନବନ୍ଦରରୁ ୧୧.୫୦ରେ ବାହାରି ମଧ୍ୟାହ୍ନ ୧୨ଟାରେ ବିମାନବନ୍ଦର ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପାଖରେ ରହିବ। ଯୋଡି ଶଙ୍ଖ, ମହୁରୀ, ଢୋଲ ସହିତ ରଙ୍ଗୋଲୀ ଏବଂ ଶୋଭାଯାତ୍ରା ସହ ବାଇକ୍ ର୍‍ୟାଲି କରି ଟ୍ରଫିକୁ ସ୍ୱାଗତ କରାଯିବ।



୧୨.୩୦ରେ ସେଠାରୁ ବାହାରି ନୂଆ ଏୟାରପୋର୍ଟ ଛକଦେଇ ଶିଶୁଭବନ ଛକ, ମାଉସୀମା ଓଭରବ୍ରିଜ୍ ଏବଂ ରଥରୋଡ୍ ଦେଇ ୧୨.୫୦ରେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚିବ। ସେଠାରେ ପୁରୀରୁ ଆସିଥିବା ୧ଶହ ପଣ୍ଡିତଙ୍କ ମନ୍ତ୍ରପାଠରେ ଟ୍ରଫିକୁ ସ୍ୱାଗତ କରାଯିବ। ୧.୨୦ରେ ମନ୍ଦିରରୁ ବାହାରି ରଥରୋଡ୍ ଦେଇ କଳ୍ପନା ଛକ, ପୁରୀ କଟକ ରୋଡ୍ ଦେଇ ୧.୫୦ରେ ଏସ୍‌ପ୍ଲାନେଡ୍ ମଲ୍‌ରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ୨.୨୦ରୁ ବାହାରି

## ଡିସେମ୍ବର ୫ରୁ ଆରମ୍ଭ ହୋଇଥିଲା ଯାତ୍ରା

ରସୁଲଗଡ଼ ଛକ ଦେଇ ଏନ୍‌ଏଚ୍-ଫାୟାର ଷ୍ଟେସନ ଛକ ଦେଇ ପଟାସ ବନ ଛକ, କଳିଙ୍ଗ ଷ୍ଟୁଡିଓ ଛକ, ସମ୍ ହସ୍ପିଟାଲ ଛକଦେଇ ସୋଆ ନୂତନ ଖେଳ ପଡ଼ିଆରେ ୨.୫୦ରେ ପହଞ୍ଚିବ। ୩.୨୦ରେ ସୋଆରୁ ବାହାରି ସମ୍ ହସ୍ପିଟାଲ ଛକ ଦେଇ କଳିଙ୍ଗ ଷ୍ଟୁଡିଓ ଛକ, ପଟାସବନ ଛକ, ଫାୟାରଷ୍ଟେସନ ଛକ, ଜୟଦେବ ବିହାର ଛକ ଦେଇ କିଟ୍ ଛକ ଏବଂ ପରେ କିଟ୍ ବିଶ୍ୱବିଦ୍ୟାଳୟ ପଡିଆ (ଗେଟ୍ ନଂ ୨)ରେ ଅପରାହ୍ନ ୪ଟାରେ ପହଞ୍ଚିବ। ସେଠାରୁ ୪.୩୦ରେ ନୟାଗଡ଼ ଯିବାପାଇଁ ଟ୍ରଫିକୁ ପଠାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରଫିକୁ ଯେଉଁ ଯେଉଁ ଛକଦେଇ ନିଆଯିବ ସେଠାରେ ରଙ୍ଗୋଲି, ଫୁଲ, ରକ୍‌ବ୍ୟାଣ୍ଡ ସହିତ ସ୍କୁଲ, କଲେଜ ପିଲା, ଏସ୍‌ଏଚ୍‌ଜି ମହିଳା, ଯୁବପିଢ଼ୀ ଏବଂ ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ସ୍ୱାଗତ କରାଯିବ।

ଓଡ଼ିଶାର ସମସ୍ତ ଜିଲାରେ ଏହି ଟ୍ରଫି ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ହକିର ଅନ୍ତୁଡ଼ିଶାଳ କୁହାଯାଉଥିବା ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକରେ ଏହି ଟ୍ରଫି ଭ୍ରମଣ କରିବ। ଟୁର୍‌ର ଶେଷ ଚରଣ ରାଉରକେଲାରେ ହେବା ପରେ ଟ୍ରଫି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଫେରିବ। ପ୍ରକାଶଯୋଗ୍ୟ, ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ବିଶ୍ୱକପ୍ ଟ୍ରଫିକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିବା ପରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂର୍ବ ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ୨୧ ଦିନିଆ ଟୁର୍ ମଧ୍ୟରେ ଟ୍ରଫି ପଶ୍ଚିମବଙ୍ଗ, ମଣିପୁର, ଆସାମ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ନୂଆଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, କର୍ଣାଟକ ଓ ଛତିଶଗଡ଼ ଆଦି ରାଜ୍ୟ ଭ୍ରମଣ କରିବା ପରେ ଭୁବନେଶ୍ୱର ଫେରୁଛି। ଜାନୁୟାରୀ ୧୩ରେ ଭାରତ ପୁଲ୍ 'ଡି'ରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଏହି ପୁଲ୍‌ର ଅନ୍ୟ ଦଳଗୁଡ଼ିକ ହେଲେ ଇଂଲଣ୍ଡ ଓ ୱେଲ୍ସ। ପୁଲ୍ 'ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ପୁଲ୍ 'ବି'ରେ ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ ଏବଂ ପୁଲ୍ 'ସି'ରେ ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି ସ୍ଥାନ ପାଇଛି। ଜାନୁୟାରୀ ୨୯ରେ ପ୍ରତିଯୋଗିତାର ଫାଇନାଲ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପୂର୍ବରୁ ଏଠାରେ ୨୦୧୮ରେ ହକି ବିଶ୍ୱକପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ଅବଗଣନା ଆରମ୍ଭ

ହକି ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ମେଗା ପ୍ରତିଯୋଗିତା ଲାଗି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ନବୀକରଣ କରାଯାଇ ଥିବାବେଳେ ରାଉରକେଲାରେ ନିର୍ମାଣ ହୋଇଛି ବିର୍ସାମୁଣ୍ଡା ହକି ଷ୍ଟାଡିୟମ। ଇତିମଧ୍ୟରେ ଦେଶର ବିଭିନ୍ନ ରାଜ୍ୟରେ ହକି ବିଶ୍ୱକପ ଟ୍ରଫି ଟୁର ପରିକ୍ରମା କରିବା ପରେ ରବିବାର ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ବଢ଼ିଛି ହକି ଉଷ୍ମତା। ଏହି ଅବସରରେ 'ଧରିତ୍ରୀ' ପକ୍ଷରୁ ଆରମ୍ଭ ହୋଇଛି ହକି ବିଶ୍ୱକପ୍ ଅବଗଣନା। ଏଥିରେ ହକି ବିଶ୍ୱକପ୍‌ର ଇତିହାସ ସହିତ ପ୍ରତିଯୋଗିତା ଆରମ୍ଭ ପର୍ଯ୍ୟନ୍ତ ଅପ୍‌ଡେଟ୍ ଖବର ସ୍ଥାନ ପାଇବ। ଇତିମଧ୍ୟରେ ହକି ବିଶ୍ୱକପ୍‌ର ୧୪ଟି ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ଏହା ୧୯୭୧ରେ ଆରମ୍ଭ ହୋଇଥିଲା। ଏହାପରେ ପ୍ରତି ୪ ବର୍ଷରେ ଏହା ଅନୁଷ୍ଠିତ ହୋଇ ଆସୁଛି। ଟୁର୍ନାମେଣ୍ଟ ଇତିହାସରେ ପାକିସ୍ତାନ ସବୁଠାରୁ ସଫଳ ଦଳଭାବେ ୪ ଥର ଟାଇଟଲ ବିଜୟୀ ହୋଇଛି। ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ ଥର ଲେଖାଏ, ଜର୍ମାନୀ ୨ଥର ଏବଂ ଭାରତ ଓ ବେଲ୍‌ଜିୟମ ଥରେ ଲେଖାଏ ଚାମ୍ପିୟନ ହୋଇଛନ୍ତି। ପୂର୍ବ ବିଶ୍ୱକପ୍ ୨୦୧୮ ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ନେଦରଲାଣ୍ଡ୍ସକୁ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲରେ ହରାଇ ବେଲଜିୟମ ଚାମ୍ପିୟନ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ଡ୍ର ରହିଥିଲା। ୨୦୧୮ ବିଶ୍ୱକପ୍‌ରୁ ପ୍ରତିଯୋଗିତାରେ ୧୬ଟି ଲେଖାଏ ଦଳ ଅଂଶଗ୍ରହଣ କରି ଆସୁଛନ୍ତି। ୨୦୨୩ ବିଶ୍ୱକପ୍‌ରେ ମଧ୍ୟ ୫ଟି କନ୍‌ଫେଡେରେଶନରୁ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏଥର ବିଶ୍ୱକପରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ଭାରତ, ସ୍ପେନ୍, ଇଂଲଣ୍ଡ, ୱେଲ୍ସ, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି।

### ହକି ବିଶ୍ୱକପ୍




### ଆଉ ୧୯ ଦିନ

# ଦକ୍ଷିଣ କୋରିଆକୁ ୫-୦ରେ ହରାଇଲା ଭାରତ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

## ଅଭ୍ୟାସ ମ୍ୟାଚରେ ଲାଲାଗେ ଓ ଉତ୍ତମଙ୍କ ଡବଲ ଗୋଲ

୨୦୨୩ ହକି ପୁରୁଷ ବିଶ୍ୱକପ ପୂର୍ବରୁ ରାଉରକେଲାର ନବନିର୍ମିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ନୂଆ ଟର୍ଫ ଉପରେ ଅଭ୍ୟାସ ମ୍ୟାଚ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଶନିବାର ଅନୁଷ୍ଠିତ ମ୍ୟାଚରେ ଭାରତୀୟ ଜୁନିୟର ହକି ଦଳ ୫-୦ ଗୋଲରେ ଦକ୍ଷିଣ କୋରିଆ ଜୁନିୟର ହକି ଦଳକୁ ପରାସ୍ତ କରିଛି। ଭାରତୀୟ ଦଳ ପକ୍ଷରୁ ମ୍ୟାଚର ୭ମ ମିନିଟରେ ଅବଦୁଲ ଆହାଦ ଓ ୧୪ତମ ମିନିଟରେ ଆଦିତ୍ୟ ଲାଲାଗେ ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଦଳକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିବାବେଳେ ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୪୧ତମ ମିନିଟରେ ଲାଲାଗେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ୪୨ତମ ମିନିଟରେ ଅଧିନାୟକ ଉତ୍ତମ ସିଂ ଗୋଟିଏ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୪-୦ରେ ପହଞ୍ଚାଇଥିଲେ। ଅନ୍ତିମ କ୍ୱାର୍ଟରରେ ମ୍ୟାଚର ୫୭ତମ ମିନିଟରେ ଉତ୍ତମ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଭାରତ ପକ୍ଷରୁ ୫ମ ଗୋଲଟି ସ୍କୋର କରିଥିଲେ। ଅଭ୍ୟାସ ମ୍ୟାଚ ଅବସରରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ଆର୍. ଭିନିଲ କ୍ରୀଷ୍ଣା, ଇଡକୋ ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ, ସୁନ୍ଦରଗଡ଼ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲି, ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଶୁଭଙ୍କର ମହାପାତ୍ର ଏବଂ ରାଉରକେଲା ଏସପି ମୁକେଶ ଭାମୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଶନିବାର ଅଭ୍ୟାସ ମ୍ୟାଚ ପୂର୍ବରୁ ଭାରତ ଓ କୋରିଆ ଜୁନିୟର ଦଳର ଖେଳାଳିମାନେ ଅଫିସିଆଲଙ୍କ ସହ।

# ସେମିରେ ସୁନ୍ଦରଗ୍ରାମ

କଣ୍ଟାପଡ଼ା, ୨୪।୧୨ (ଡି.ଏନ୍.ଏ.)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋସ୍ଥିତ ହାଇସ୍କୁଲ ପଡ଼ିଆରେ ଭୁବନେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ନିରଞ୍ଜନ-ବିଶ୍ୱନାଥ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏସ୍‌ୟୁଏସ୍ ସ୍ପୋର୍ଟିଂ ସାଲେପୁରକୁ ୭୫ ରନରେ ହରାଇ ଏସ୍ ଜି ସ୍ପୋର୍ଟିଂ ସୁନ୍ଦରଗ୍ରାମ ଦ୍ୱିତୀୟ ଦଳଭାବେ ସେମିରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ସୁନ୍ଦରଗ୍ରାମ ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ କରିଥିଲା। ଦଳ ପକ୍ଷରୁ ଅନିଲ ସାସମଲ ୩୮ ବଲରୁ ୫୨ରନ ଓ ଦିଲୀପ ରାଉତ ୧୯ ବଲରୁ ବିସ୍ଫୋରକ ୫୧ ରନ କରିଥିଲେ। ବିପକ୍ଷ ଦଳର ଅମନ ୨୫ ରନ ବିନିମୟରେ ୪ଉଇକେଟ ନେଇଥିଲେ। ଜବାବରେ ସାଲେପୁର ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ କରିଥିଲା। ଦଳ ପକ୍ଷରୁ ସରୋଜ ୪୭ ବଲରୁ ୫୨ ରନ କରିଥିଲେ। ବିଜୟୀ ଦଳର ଉପେନ୍ଦ୍ର ସିଂ ୧୩ ରନ ବିନିମୟରେ ୬ ଉଇକେଟ ନେଇଥିଲେ। ଆୟୋଜକ ଟିମର ପୂର୍ବତନ ଅଧିନାୟକ ପ୍ରଦୀପ୍ତ ମିଶ୍ର ଯୋଗଦେଇ ଉପେନ୍ଦ୍ରଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ଦେଇଥିଲେ। ତୁଷାର ଓ ପପୁ ମ୍ୟାଚ ପରିଚାଳନା କରିଥିଲେ।

# ଶୀର୍ଷକୁ ଫେରିଲା ମୁମ୍ବାଇ ସିଟି

**ମୁମ୍ବାଇ, ୨୪।୧୨ (ପି.ଟି.):** ଚେନ୍ନାଇନ୍ ଏଫ୍‌ସିକୁ ୨-୧ ଗୋଲ୍‌ରେ ପରାସ୍ତ କରି ମୁମ୍ବାଇ ସିଟି ଏଫ୍‌ସି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଫେରିଛି। ଶନିବାର ସ୍ଥାନୀୟ ମୁମ୍ବାଇ ଫୁଟ୍‌ବଲ ଆରେନାଠାରେ ଖେଳାଯାଇଥିବା ଏହି ମ୍ୟାଚର ୩୪ତମ ମିନିଟ୍‌ରେ ପିଟର ସ୍ଲିସ୍‌କୋଭିଚ୍‌ଙ୍କ ଗୋଲରେ ଚେନ୍ନାଇନ୍ ଏଫ୍‌ସି ପ୍ରଥମେ ଅଗ୍ରଣୀ ଲାଭ କରିଥିଲା। ଏହାର ୪ ମିନିଟ୍ ପରେ ଲାଲଲିଆନଜୁଆଲା ଚାଙ୍ଗଟେ ଏକ ଗୋଲ୍ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ୫୭ତମ ମିନିଟ୍‌ରେ ଗ୍ରେଗ୍ ଷ୍ଟିୱାର୍ଟଙ୍କ ଗୋଲ୍‌ରେ ମୁମ୍ବାଇ ସିଟି ଏଫ୍‌ସି ୨-୧ରେ ବିଜୟୀ ହୋଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ